- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

◆VOLUME- 44 ◆ISSUE-24 ◆SATURDAY ◆18 JULY 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୨୪ ◆ଶନିବାର ◆୧୮ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




# ଗୁଣ୍ଡିଚା ଦୁଆରେ ତିନି ରଥ

■ ପୁରୀ, ୧୭।୭ (ସମିସ): ନବଦିନାତ୍ମକ ଯାତ୍ରାରେ ବାହାରି ବଡଦାଣ୍ଡରେ ଭାଇଭଉଣୀଙ୍କ ସହ ଅଟକି ରହିଥିଲେ କାଳିଆ ଠାକୁର। ରାତିରେ ରଥାରୂଢ ଠାକୁରଙ୍କୁ ମନଲୋଭା ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଶୁକ୍ରବାର ସକାଳୁ ନିର୍ଘଣ୍ଟ ନୀତିକାନ୍ତି ପରେ ପୁନଶ୍ଚ ଆରମ୍ଭ ହୋଇଥିଲା ରଥଟଣା। ମେଘଭରା ଆକାଶ ସାଙ୍ଗକୁ ଅନୁକୂଳ ପାଗ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଭରିଥିଲା। ଜୟ ଜଗନ୍ନାଥ ଧ୍ୱନିରେ ରଥ ଟାଣିଥିଲେ ହଜାର ହଜାର ଶ୍ରଦ୍ଧାଳୁ। ଏବେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ପହଞ୍ଚି ଯାଇଛନ୍ତି ତିନିରଥ। ରଥାରୂଢ ଠାକୁରଙ୍କୁ ଦର୍ଶନ କରୁଛନ୍ତି ଭକ୍ତ। ଶୁକ୍ରବାର ରାତି ଏବଂ ଶନିବାର ଦିନବ୍ୟାପୀ ଭକ୍ତଙ୍କୁ ଦର୍ଶନ ଦେବା ପରେ ଅପରାହ୍ଣରେ ଚତୁର୍ଦ୍ଧାବିଗ୍ରହ ଜନ୍ମବେଦୀ ତଥା ଆଡପ ମଣ୍ଡପକୁ ବିଜେ କରିବେ।

## ଆଜି ଆଡ଼ପ ମଣ୍ଡପ ବିଜେ

ଆଷାଢ଼ ଶୁକ୍ଳ ଦ୍ୱିତୀୟା ଥିଲା ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା। ଗୁରୁବାର ନିର୍ଘଣ୍ଟ ସମୟରେ ଚାଲିଥିଲା ନୀତିକାନ୍ତି। ଧାର୍ଯ୍ୟ ସମୟ ପୂର୍ବରୁ ଆରମ୍ଭ ହୋଇଥିବା ପହଣ୍ଡି କିନ୍ତୁ ଶେଷ ହେବା ବେଳକୁ ଦେଢଘଣ୍ଟା ବିଳମ୍ବ ହୋଇଥିଲା। ରଥଟଣା ବି ଘଣ୍ଟାଏ ବିଳମ୍ବ ହୋଇଥିଲା। ଶ୍ରୀବଳଭଦ୍ରଙ୍କ ରଥ ଏବଂ ଦେବୀ ସୁଭଦ୍ରାଙ୍କ ରଥ କିଛି ବାଟ ଗଡିଥିଲେ ବି ସିଂହଦ୍ୱାରରୁ ଟଙ୍କି ନ ଥିଲା ଶ୍ରୀଜଗନ୍ନାଥଙ୍କ ରଥ। ସନ୍ଧ୍ୟା ୭ଟା ୨୫ରେ ରଥଟଣା ବନ୍ଦ ବେଳକୁ ତାଳଧ୍ୱଜ ରଥ ମାର୍କେଟ ଛକ, ଦର୍ପଦଳନ ରଥ ମରୀଚିକୋଟ ଛକରେ ଅଟକି ଥିବା ବେଳେ ନନ୍ଦିଘୋଷ ରଥ କେବଳ ବିଧି ରକ୍ଷା ଉଦ୍ଦେଶ୍ୟରେ ମାତ୍ର ଦୁଇହାତ ଗଡି ସେହି ସିଂହଦ୍ୱାରରେ ଅଟକି ରହିଥିଲା। ରଥାରୂଢ ଠାକୁରଙ୍କୁ ବିଳମ୍ବିତ ରାତି ଯାଏ ମନଭରି ଦର୍ଶନ କରିଥିଲେ ଭକ୍ତ।

ଶୁକ୍ରବାର ସକାଳ ୭ଟା ୨୦ରୁ ୮ଟା ମଧ୍ୟରେ ତିନିରଥ ଉପରେ ମଙ୍ଗଳ ଆଳତି ଓ ୯ଟା ୨୫ରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ସକାଳ ୯ଟା ୪୦ରେ ରଥଟଣା ଆରମ୍ଭ ହୋଇଥିଲା। ଡାହୁକର ଡାକ ଓ ଘଣ୍ଟୁଆଙ୍କ ଘଣ୍ଟର ତାଳେ ତାଳେ ତାଳଧ୍ୱଜ, ଦର୍ପଦଳନ ଓ ନନ୍ଦିଘୋଷ ରଥ ଆଗକୁ ଆଗକୁ ମାଡି ଚାଲିଥିଲା। ସବୁଠୁ ବଡ଼ କଥା ଥିଲା ଶୁକ୍ରବାର ପାଗ ବେଶ୍ ଅନୁକୂଳ ରହିଥିଲା। ଆଦୌ ଖରା ନ ଥିଲା। ଆକାଶ ମେଘାଛନ୍ନ ଥିଲା କିନ୍ତୁ ଗୁରୁବାର ଭଳି ମେଘ ବରଷୁ ନ ଥିଲା। ଶ୍ରଦ୍ଧାଳୁମାନେ ଖୁସିରେ ରଥ ଟାଣୁଥିଲେ। ଅବଶ୍ୟ ବାଟରେ କିଛି ଜାଗାରେ ରଥ ମୋଡ଼ ନେଇଥିଲା। ହେଲେ ସେମିତି ବେଶୀ ▶ପୃଷ୍ଠା-୭

# ଦୌଡ଼ିଲା ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍



■ ନୂଆଦିଲ୍ଲୀ, ୧୭।୭ (ଏଜେନ୍ସି): ଭାରତୀୟ ସେବା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ଦେଶର ପ୍ରଥମ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଇଡ୍ରୋଜେନ୍ ଚାଳିତ ଟ୍ରେନ। ହରିୟାଣାର ଜିନ୍ଦ-ସୋନିପତ ରେଳପଥରେ ଆଜି ଏହି ଟ୍ରେନର ପରୀକ୍ଷାମୂଳକ ପ୍ରଚଳନ ଆରମ୍ଭ ହୋଇଛି। ଏହାସହିତ ବିଶ୍ୱର ସେହି କେତେକ ସୀମିତ ଦେଶ ମଧ୍ୟରେ ଭାରତ ସାମିଲ ହୋଇଛି, ଯେଉଁମାନେ ମହାକାଶ ଓ ପରିବହନ କ୍ଷେତ୍ରରେ ହାଇଡ୍ରୋଜେନ୍ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏହାର ଶୁଭାରମ୍ଭ କରିଛନ୍ତି। ହରିୟାଣାର ଜିନ୍ଦ-ସୋନିପତ ରୁଟ୍‌ରେ ଆରମ୍ଭ ହୋଇଥିବା ଭାରତର ଏହି ଅତ୍ୟାଧୁନିକ ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍‌ର ଟିକେଟ୍ ମୂଲ୍ୟ ସାଧାରଣ ଜନତାଙ୍କ ପାଇଁ ଅତ୍ୟନ୍ତ ସୁଲଭ ରଖାଯାଇଛି। ଏହାର ନିମ୍ନତମ ଭଡ଼ା ୫ ଟଙ୍କା ଓ ସର୍ବାଧିକ ଭଡ଼ା ୨୫ଟଙ୍କା (ଯାତ୍ରାର ଦୂରତା ଅନୁଯାୟୀ) ରଖାଯାଇଛି।

## ଭଡ଼ା ମାତ୍ର ୫ ଟଙ୍କାରୁ ଆରମ୍ଭ

ରେଳ ଅଧିକାରୀଙ୍କ ମୁତାବକ, ୧୦ଟି ବଗି ବିଶିଷ୍ଟ ଏହି ଟ୍ରେନ୍ ବିଶ୍ୱର ସବୁଠାରୁ ଦୀର୍ଘ ଏବଂ ଶକ୍ତିଶାଳୀ ହାଇଡ୍ରୋଜେନ୍ ଟ୍ରେନ୍। ସାଧାରଣ ଡିଜେଲ୍ କିମ୍ବା ବିଦ୍ୟୁତ ଚାଳିତ ଟ୍ରେନ୍ ଭଳି ଏଥିରେ ବାହ୍ୟ ଶକ୍ତିର ଆବଶ୍ୟକତା ପଡ଼େନାହିଁ। ଏହି ଟ୍ରେନ୍ ନିଜ ଭିତରେ ହିଁ ବିଦ୍ୟୁତ ଶକ୍ତି ଉତ୍ପନ୍ନ କରିଥାଏ। ଟ୍ରେନର ମୁଖ୍ୟ ଶକ୍ତି ହେଉଛି ୧,୨୦୦ କିଲୋୱାଟ୍ ବିଶିଷ୍ଟ ଏକ ପ୍ରୋଟନ୍ ଏକ୍ସଚେଞ୍ଜ ମେମ୍ବ୍ରେନ୍ ଫ୍ୟୁଏଲ୍ ସେଲ୍‌ଫ। ଟ୍ରେନରେ ଥିବା ଉଚ୍ଚ ଚାପଯୁକ୍ତ ସିଲିଣ୍ଡରରୁ ହାଇଡ୍ରୋଜେନ୍ ଗ୍ୟାସ ଏବଂ ବାୟୁମଣ୍ଡଳରୁ ଅମ୍ଳଜାନ ମଧ୍ୟରେ ଏକ ସ୍ୱତନ୍ତ୍ର ରାସାୟନିକ ପ୍ରକ୍ରିୟା ଘଟାଇ ବିଦ୍ୟୁତ ଶକ୍ତି ପ୍ରସ୍ତୁତ କରାଯାଏ। ଫ୍ୟୁଏଲ୍ ସେଲ୍‌ଫ ଦ୍ୱାରା ଉତ୍ପନ୍ନ ଏହି ବିଦ୍ୟୁତ ଶକ୍ତି ଟ୍ରେନର ମୋଟରକୁ ଚଳାଇବା ସହ ଏଥିରେ ଲାଗିଥିବା ଲିଥିୟମ୍ ଆଇରନ୍ ଫସଫେଟ୍ ▶ପୃଷ୍ଠା-୭

ଇରାନ ଉପରେ ଆମେରିକାର ଆକ୍ରମଣ


# ଟାର୍ଗେଟରେ ବେସାମରିକ ପ୍ରତିଷ୍ଠାନ

## ସେତୁ, ବିମାନବନ୍ଦର, ରେଳ ଷ୍ଟେସନ ଧ୍ୱଂସ, ୭ ମୃତ

■ ୱାସିଂଟନ, ତେହେରାନ, ୧୭।୭ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ସ୍ଥିତି ଅତି ଭୟାନକ ରୂପ ଧାରଣ କରିଛି। ଆକ୍ରମଣରେ ଇରାନର ସାମରିକ ଶକ୍ତି ଧ୍ୱସ୍ତ ହୋଇଯାଇଛି ବୋଲି ଆମେରିକା ଦାବି କରୁଥିବା ବେଳେ ଇରାନ କିନ୍ତୁ କଡ଼ା ପ୍ରହାର କରିବାରେ ଲାଗିଛି। ଏଥିରେ ହତୋତ୍ସାହିତ ହୋଇ ଆମେରିକା ଏବେ ଇରାନର ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିବା ଆରମ୍ଭ କରିଛି। କ୍ରମାଗତ ଷଷ୍ଠ ରାତି ପାଇଁ ଆମେରିକା ପକ୍ଷରୁ ଇରାନର ବିଭିନ୍ନ ବେସାମରିକ ପ୍ରତିଷ୍ଠାନ ଉପରେ ତୀବ୍ର ଆକ୍ରମଣ କରାଯାଇଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ ସୂଚନା ଦେଇଛି ଯେ ସେମାନଙ୍କ ଯୁଦ୍ଧବିମାନ, ଡ୍ରୋନ ଏବଂ ଯୁଦ୍ଧଜହାଜ ଗୁଡ଼ିକ ଇରାନର ଦକ୍ଷିଣ ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ୍ କରିଛନ୍ତି। ଇରାନର ହୋର୍ମୋଜଗାନ ପ୍ରଦେଶରେ ଥିବା ବନ୍ଦର-ଏ-ଖମିର ନିକଟସ୍ଥ ତିନୋଟି ବ୍ରିଜ୍, ବନ୍ଦର ଅବ୍ବାସର ଏକ ରେଳ ଜଙ୍କସନ ଷ୍ଟେସନ ଏବଂ ଦକ୍ଷିଣ-ପୂର୍ବରେ ଅବସ୍ଥିତ ଇରାନସହର ବିମାନବନ୍ଦର ଉପରେ ଆମେରିକା କ୍ଷେପଣାସ୍ତ୍ର ମାଡ଼ କରିଛି। ଏହି କାରଣରୁ ଅନେକ ସ୍ଥାନରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଛି। ଏହି ଆକ୍ରମଣରେ ଅତିକମରେ ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି।

## ଜୋର୍ଡାନରେ ଆରେମିକା ଘାଟିକୁ ଧ୍ୱଂସ କଲା ଇରାନ

ଅନ୍ୟପକ୍ଷରେ ଇରାନ ଆଜି ଦାବି କରିଛି ଯେ ଏହାର ସେନା ପକ୍ଷରୁ ଆଜି ପାଲଟା ଆକ୍ରମଣ କରାଯାଇଛି। ଜର୍ଡାନରେ ଥିବା ଆମେରିକାର ସାମରିକ ଘାଟିକୁ ଉଡ଼ାଇ ଦିଆଯାଇଛି। ଏଥିରେ ଆମେରିକାର ଲଢୁଆ ବିମାନ ଏବଂ ରିଫୁଏଲିଂ ବିମାନ ମଧ୍ୟ ରହିଛି। ଇରାନ ପକ୍ଷରୁ ବାଲିଷ୍ଟିକ କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣରେ ଘାଟି କ୍ଷତିଗ୍ରସ୍ତ ହୋଇଥିବା ଜୋର୍ଡାନ ସ୍ୱୀକାର କରିଛି। ଏହାପୂର୍ବରୁ ୟୁଏଇ, କୁଏତ ଏବଂ ସିରିଆରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନକୁ ମଧ୍ୟ ଆକ୍ରମଣ କରିଥିଲା ଇରାନ।



# ଭୋଟର ତାଲିକାରୁ ନାମ କଟିଲେ ନାଗରିକତ୍ୱ ଯିବନାହିଁ: ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧୭।୭(ଏଜେନ୍ସି): ଭୋଟର ତାଲିକାରୁ କାହାର ନାମ କାଟି ଦିଆଗଲେ ସେମାନଙ୍କର ଭାରତୀୟ ନାଗରିକତ୍ୱ ରଦ୍ଦ ହୋଇଯାଏ ନାହିଁ। ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ସମୟରେ ସୁପ୍ରିମକୋର୍ଟ ଆଜି ଏହା ସ୍ପଷ୍ଟ କରିଛନ୍ତି। ଭୋଟର ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍) ଅଧୀନରେ ଭୋଟର ତାଲିକାରୁ ନାମ କଟିଯାଇଥିବା ଲୋକଙ୍କ ନାଗରିକତ୍ୱ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ସରକାରୀ ଜନକଲ୍ୟାଣକାରୀ ଯୋଜନାର ସମସ୍ତ ସୁବିଧା ପ୍ରଦାନ କରିବାକୁ ନେଇ ଦାଖଲ ହୋଇଥିବା ଏକ ଆବେଦନ ଉପରେ କୋର୍ଟ ଏହା କହିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚି ଏବଂ ବିଚାରପତି ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ନିର୍ବାଚନ କମିସନ ଏବଂ ପଶ୍ଚିମବଙ୍ଗ ସରକାରଙ୍କୁ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ନାଗରିକତ୍ୱ ସନେଦହରେ ଯାହାର ନାମ ଭୋଟର ତାଲିକାରୁ ବାଦ୍ ପଡ଼ିଛି ସେମାନଙ୍କ ସଂପର୍କରେ ଯାଞ୍ଚ ପାଇଁ କମିସନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଜଣାଇବା ଉଚିତ।



ପଶ୍ଚିମବଙ୍ଗ କଂଗ୍ରେସ ନେତା ପ୍ରସେନଜିତ ବୋଷଙ୍କ ପକ୍ଷରୁ ଦାଖଲ ଆବେଦନରେ ଦର୍ଶାଯାଇଛି ଯେ, ଯେଉଁମାନଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିଛି ସେମାନଙ୍କୁ ପଶ୍ଚିମବଙ୍ଗ ସରକାର ରାସନ (ପିଡିଏସ୍), 'ଅନ୍ନପୂର୍ଣ୍ଣା ଯୋଜନା' ଏବଂ ଜାତିଗତ ପ୍ରମାଣପତ୍ର ଆଦି ସରକାରୀ ସେବାରୁ ବଞ୍ଚିତ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୪ ଲକ୍ଷ ଆବେଦନ ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି, କିନ୍ତୁ ମାତ୍ର ୩୮୦୦୦ ଆବେଦନ ଉପରେ ହିଁ ନିଷ୍ପତ୍ତି ନିଆଯାଇଛି। ସାରା ▶ପୃଷ୍ଠା-୭

# ଦାରିଦ୍ର୍ୟ ଛଡ଼ାଇନେଲା ମମତା

## ମା' କୋଳରୁ ଛଡ଼ାଇ ନେଇ ୪ ବର୍ଷର ଶିଶୁପୁତ୍ରକୁ ହାଣିଦେଲା ବାପା

■ କପ୍ତିପଦା, ୧୭।୭ (ସମିସ): ସରକାରଙ୍କ ମାଳ ମାଳ ଯୋଜନା; ତଥାପି ଗରିବୀ ପିଛା ଛାଡୁନି। ସମାଜର ତଳସ୍ତରରେ ଯେ ପହଞ୍ଚିପାରୁନି ଜନକଲ୍ୟାଣକାରୀ ଯୋଜନା ତାହା ହାତେ ହାତେ ପ୍ରମାଣିତ। ପୋଷିପାରିଲାନି ବୋଲି ପୁଅକୁ ମାରିଦେଲା ବାପା। ଗତକାଲି ମୟୂରଭଞ୍ଜ ଜିଲ୍ଲା ଉଦଳାର ପୁରୁଣାପାଣି ଗାଁରେ ବାପା ଜଣେ ୪ ବର୍ଷର ଶିଶୁପୁଅକୁ କଟୁରୀରେ ହାଣି ହତ୍ୟା କରିଥିଲା। ଘଟଣାରେ ଖୋଳତାଡ଼ କରି ପୋଲିସ ପଦାକୁ ଆଣିଛି ଏହି ବିସ୍ଫୋରକ ସତ୍ୟ। ପାରିବାରିକ ଦାରିଦ୍ର୍ୟ କାରଣରୁ ମା' କୋଳରୁ ପୁଅକୁ ଛଡାଇ ନେଇ କଟୁରୀରେ ହାଣି ବାପା ହତ୍ୟା କରିଛି ବୋଲି କହିଛନ୍ତି ସ୍ଥାନୀୟ ଶରତ ଥାନା ଅଧିକାରୀ। ଶରତ ଥାନା ପୁରୁଣାପାଣି ଗାଁର ସୋହନ ସିଂ ନିଜର ୪ ବର୍ଷର ପୁଅ ଦୁମ୍ବି ସିଂକୁ ଗତକାଲି ମା' କୋଳରୁ ଛଡାଇ ନେଇ କଟୁରୀରେ ହାଣି ହତ୍ୟା କରିଥିଲା। ତାଙ୍କର ୫ ଜଣ ପିଲା ଥିବାବେଳେ ସେମାନଙ୍କୁ ନେଇ ପରିବାର ଚଳାଇବା କଷ୍ଟ ହେବାରୁ ପୁଅକୁ ହତ୍ୟା କରିଥିବା ଗିରଫ ଅଭିଯୁକ୍ତ ସୋହସ ସିଂ ପୁଲିସ ଆଗରେ ମାନିଥିବା କହିଛନ୍ତି ଥାନା ଅଧିକାରୀ ରମାକାନ୍ତ ପାତ୍ର। ଏପରି ଏକ ସମ୍ବେଦନଶୀଳ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବାବେଳେ ରାଜ୍ୟ ସରକାରଙ୍କ ଯୋଜନାର ଲୋକେ ସୁଫଳ ପାଉନାହାଁନ୍ତି ବୋଲି ପ୍ରମାଣିତ ହୋଇଛି।

### ସିଆର୍‌ଏଫ୍‌ଏମ୍ ଯୋଜନାରେ ବିହନ, ସାର ଓ ଔଷଧ ହେରଫେର ଘଟଣା

# ଏଏଓ ନିଲମ୍ବିତ; ଦୁଇ କର୍ମଚାରୀ ଚାକିରିରୁ ବିଦା

■ ଭୁବନେଶ୍ୱର, ୧୭।୭ (ସମିସ): କୃଷକଙ୍କ ପାଇଁ ହୋଇଥିବା ଯୋଜନାକୁ ହଡ଼ପ କରୁଥିବା ଅଧିକାରୀଙ୍କ ଉପରେ ବାଜିଛି ସରକାରୀ ଛାଟ। ସିଆର୍‌ଏଫ୍ ଯୋଜନାରେ ଆସିଥିବା ବିହନ, ସାର ଓ ଔଷଧକୁ ବାଟମାରଣା କରିଥିବା ଅଭିଯୋଗରେ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ୍‌ର ସହକାରୀ କୃଷି ଅଧିକାରୀ (ଏଏଓ) ନିଲମ୍ବିତ ହୋଇଛନ୍ତି। ସେହିପରି ଦୁର୍ନୀତିରେ ସହଯୋଗ କରିଥିବା ଜଣେ ବ୍ଲକ୍ ଏଗ୍ରିକଲଚର୍ ଟେକ୍ନିକାଲ୍ ମ୍ୟାନେଜର (ଏଟିଏମ୍) ଏବଂ ଏଏଫ୍‌ସିର ବ୍ଲକ୍ ସଂଯୋଜକଙ୍କ ନାମରେ ଥାନାରେ ମାମଲା ହେବା ସହ ଉଭୟଙ୍କୁ ଚାକିରିରୁ ହଟାଯାଇଛି। ଫଳରେ କୃଷି ବିଭାଗରେ କମ୍ପନ ସୃଷ୍ଟି ହୋଇଥିବାବେଳେ ଦୁର୍ନୀତିଗ୍ରସ୍ତଙ୍କ ମଧ୍ୟରେ ଛନକା ପସିଛି।

## ଏଟିଏମ୍ ଏବଂ ଏଏଫ୍‌ସି ବ୍ଲକ୍ ସଂଯୋଜକଙ୍କ ନାମରେ ଥାନାରେ ମାମଲା

ବ୍ୟାପକ ପରିମାଣରେ ବିହନ ହେରଫେର ସହିତ ଚାଷୀଙ୍କୁ ବାଣ୍ଟିବାକୁ ଆସିଥିବା ସାର ଓ ଔଷଧକୁ ବେପାରୀକୁ ବିକ୍ରି କରି ଦେଇଥିବାର ଅଭିଯୋଗ ହୋଇଥିଲା। ଅନୁଗୋଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ (ସିଡିଏଓ)ଙ୍କ ନିର୍ଦ୍ଦେଶକ୍ରମେ ଏକ ଉଚ୍ଚସ୍ତରୀୟ କମିଟି ତଦନ୍ତ କରିବା ସହ କୃଷି ବିଭାଗକୁ ରିପୋର୍ଟ ଦେଇଛି। ସେହି ରିପୋର୍ଟ ଆଧାରରେ ବ୍ଲକର ଏଏଓ ଦୀପ୍ତିମୟୀ ସିଂଙ୍କୁ ସରକାର ନିଲମ୍ବିତ କରିଛନ୍ତି। ତାଙ୍କୁ ସହଯୋଗ କରିଥିବା ଅଭିଯୋଗରେ ଏଗ୍ରିକଲଚର ଟେକ୍ନିକାଲ୍ ମ୍ୟାନେଜର (ଏଟିଏମ୍) ▶ପୃଷ୍ଠା-୭

### ସ୍କୁଲ ଗାଡ଼ିକୁ ଧକ୍କା ଦେଲା ଟ୍ରେନ୍

# ୩ ସ୍କୁଲ୍ ପିଲାଙ୍କ ମୃତ୍ୟୁ

■ ମୁର୍ଶିଦାବାଦ, ୧୭।୭ (ଏଜେନ୍ସି): ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାରେ ଶୁକ୍ରବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦ୍ରୁତଗାମୀ 'ନିମତିତା-କାଟୱା' ପାସେଞ୍ଜର ଟ୍ରେନ୍ ରେଳକ୍ରସିଂ ନିକଟରେ ଏକ ସ୍କୁଲ ଗାଡ଼ି ଏବଂ ଜଣେ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ୩ ଜଣ ସ୍କୁଲ୍ ଛାତ୍ର ଏବଂ ଜଣେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ମୋଟ ୪ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ବେହରାମପୁର ଥାନା ଅନ୍ତର୍ଗତ କର୍ଣ୍ଣସୁବର୍ଣ୍ଣ ଏବଂ ଗୋବିନ୍ଦପୁର ରେଳ ଷ୍ଟେସନ ମଧ୍ୟରେ ଥିବା ଗେଟ୍ ନମ୍ବର ୨୪ଏ/୨ ନିକଟରେ ସକାଳ ପ୍ରାୟ ୭ଟା ସମୟରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ସମୟରେ ସ୍କୁଲ ଗାଡ଼ିରେ ମୋଟ ୧୦ ଜଣ ଛାତ୍ରଛାତ୍ରୀ ଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗୋଟିଏ ଟ୍ରେନ୍ ଅତିକ୍ରମ କରିବା ପରେ ଗେଟକିପର୍ ରେଳ ଗେଟ୍‌ଟିକୁ ଖୋଲି ଦେଇଥିଲେ। ଗେଟ୍ ଖୋଲିବା ମାତ୍ରେ ସ୍କୁଲ ଗାଡ଼ି ଓ ଅନ୍ୟମାନେ ଟ୍ରାକ୍ ପାର୍ ହେଉଥିବା ବେଳେ ହଠାତ୍ ଅନ୍ୟ ପଟୁ ଆସୁଥିବା ଏହି ପାସେଞ୍ଜର ଟ୍ରେନ୍‌ଟି ଦ୍ରୁତ ଗତିରେ ସେମାନଙ୍କୁ ଧକ୍କା ଦେଇଥିଲା। ଗେଟକିପରଙ୍କ ଚରମ ଅବହେଳା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଦର୍ଶାଇ ▶ପୃଷ୍ଠା-୭

# ପରିସ୍ରା କରୁଥିବା ବେଳେ ଚଢ଼ିଗଲା ହାଇୱା; ୨ ମୃତ



■ ଭଦ୍ରକ, ୧୭।୭ (ସମିସ): ଭଣଜାର ଜନ୍ମ ପ୍ରମାଣପତ୍ର ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ପ୍ରମାଣପତ୍ର ହୋଇପାରିନଥିଲା, ଏଣୁ ଘରକୁ ଫେରୁଥିଲେ। ଫେରିବା ବାଟରେ ୧୬ନମ୍ବର ଜାତୀୟ ରାଜପଥ କଡ଼ରେ ବାଇକ୍ ରଖି ପରିସ୍ରା କରୁଥିଲେ। ହେଲେ ଏକ ଦ୍ରୁତଗାମୀ ହାଇୱା ଚାପି ଦେଇଥିଲା। ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଗଲା। ଏଭଳି ଏକ ଦୁଃଖଦ ଘଟଣା ଆଜି ମଧ୍ୟାହ୍ନରେ ଭଦ୍ରକଠାରେ ଘଟିଛି।

ବନ୍ତ ବ୍ଲକ୍ କେନ୍ଦୁଆପଦା ଅଞ୍ଚଳର ୩ଜଣ ଯୁବକ ଗୋଟିଏ ବାଇକ୍‌ରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଜର ଭଣଜାର ଜନ୍ମପ୍ରମାଣପତ୍ର ନିମନ୍ତେ ଆସିଥିଲେ। ଫେରିବା ବାଟରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଗୋପବନ୍ଧୁପୁର ଛକ ନିକଟରେ ରାସ୍ତାକଡ଼ରେ ବାଇକ୍ ▶ପୃଷ୍ଠା-୭

### ରାତିରେ ପତ୍ନୀଙ୍କ ଜନ୍ମଦିନ ପାଳିଲେ; ସକାଳେ ମିଳିଲା ମୃତଦେହ

# ପତ୍ନୀଙ୍କ ଭଡ଼ାଘରୁ ଯନ୍ତ୍ରୀଙ୍କ ମୃତଦେହ ଉଦ୍ଧାର

■ ବାଲେଶ୍ୱର, ୧୭।୭ (ସମିସ): ପତ୍ନୀଙ୍କ ଜନ୍ମଦିନ ପାଳିବାକୁ କଟକରୁ ବାଲେଶ୍ୱର ଆସିଥିଲେ ଇଞ୍ଜିନିୟର ସ୍ୱାମୀ। ହେଲେ ଜନ୍ମଦିନ ଉତ୍ସବ ପାଳିବାର କିଛି ଘଣ୍ଟା ମଧ୍ୟରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ପୂର୍ତ୍ତ ବିଭାଗ କଟକ ଡିଭିଜନର ଯନ୍ତ୍ରୀ ରଶ୍ମିରଞ୍ଜନ ସେଠୀ। ପ୍ରାରମ୍ଭିକ ଭାବେ ଏହାକୁ ଫାଶୀ ଲଗାଇ ଆତ୍ମହତ୍ୟା କୁହାଯାଉଥିବା ବେଳେ ରଶ୍ମିରଞ୍ଜନଙ୍କ ପରିବାର ଲୋକେ ଏହାକୁ ଖଣ୍ଡନ କରି ହତ୍ୟା ଅଭିଯୋଗ ଆଣିଛନ୍ତି।

ବାଲେଶ୍ୱର ସହରର ସହଦେବଖୁଣ୍ଟା ଥାନା ଅଧୀନ ଆଜିମାବାଦ ବିଜୁ ପଟ୍ଟନାୟକ କଲୋନୀରେ ଜଣେ ସରକାରୀ ଯନ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏନ୍‌ଏଚଏମ୍‌ରେ କାର୍ଯ୍ୟରତ ଜଣେ ମହିଳା ଯନ୍ତ୍ରୀଙ୍କ ଭଡ଼ାଘର ଭିତରୁ ତାଙ୍କ ସ୍ୱାମୀ ତଥା ପୂର୍ତ୍ତ ବିଭାଗ କଟକ ଡିଭିଜନର ଯନ୍ତ୍ରୀ ରଶ୍ମିରଞ୍ଜନଙ୍କ ମୃତଦେହ ଉଦ୍ଧାର ହେବା ପରେ ଏହା ଯୋଜନାବଦ୍ଧ ହତ୍ୟା ବୋଲି ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏହାକୁ ନେଇ ସହଦେବଖୁଣ୍ଟା ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଘଟଣା ପଛରେ ପାରିବାରିକ ବିବାଦ, ପରକୀୟା ସମ୍ପର୍କ ଓ



## ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ଅପରାଧିକ ଷଡ଼ଯନ୍ତ୍ରର ଆଶଙ୍କାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ମୃତକ ରଶ୍ମିରଞ୍ଜନ ସେଠୀ ଜଗତସିଂହପୁର ଜିଲ୍ଲାର ବାସିନ୍ଦା ହୋଇଥିବା ବେଳେ ସେ ପୂର୍ତ୍ତ ବିଭାଗର କଟକ ଡିଭିଜନରେ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ସ୍ତ୍ରୀ ବାଲେଶ୍ୱର ଏନ୍‌ଏଚଏମ୍‌ରେ ଯନ୍ତ୍ରୀ ଭାବେ କାମ କରୁଛନ୍ତି। ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆରେ ସେ କାର୍ଯ୍ୟରତ ଥିଲେ। କିଛି ମାସ ପୂର୍ବରୁ ତାଙ୍କର ବାଲେଶ୍ୱରକୁ ବଦଳି ହୋଇଥିଲା।

ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଦୀର୍ଘଦିନ ଧରି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ହୋଇପଡ଼ିଥିଲା। ସ୍ତ୍ରୀ କରଞ୍ଜିଆରେ କାର୍ଯ୍ୟରତ ଥିବା ସମୟରେ ଜଣେ ପୁରୁଷ ସହକର୍ମୀଙ୍କ ସହ ଘନିଷ୍ଠ ସମ୍ପର୍କ ଗଢ଼ିଉଠିଥିଲା ବୋଲି ସେମାନେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ରଶ୍ମି ରଞ୍ଜନ ମାନସିକ ଭାବେ ଅତ୍ୟନ୍ତ ଭାଙ୍ଗି ପଡ଼ିଥିଲେ। ସେପଟେ ଘଟଣା ଦିନ ସ୍ତ୍ରୀଙ୍କ ଭଡ଼ାଘରକୁ ଯିବା ପରେ କ'ଣ ଘଟିଲା, କିଏ ସେଠାରେ ଉପସ୍ଥିତ ଥିଲା, କେଉଁ ପରିସ୍ଥିତିରେ ତାଙ୍କ ମୃତ୍ୟୁ ହେଲା ଏସବୁ ପ୍ରଶ୍ନର ଉତ୍ତର ଏବେ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଏହି କାରଣରୁ ପରିବାର ଲୋକେ ସହଦେବଖୁଣ୍ଟା ଥାନାରେ ଲିଖିତ ଏତଲା ଦାଖଲ କରି ସ୍ତ୍ରୀ ଓ ତାଙ୍କ କଥିତ ପୁରୁଷ ବନ୍ଧୁ ମିଶି ଯୋଜନାବଦ୍ଧ ଭାବେ ହତ୍ୟା କରିଥିବାର ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ସହଦେବଖୁଣ୍ଟା ପୁଲିସ ମୃତଦେହକୁ ଜବତ କରି ▶ପୃଷ୍ଠା-୭




ସକାଳ THE SAKALA
www.sakalaepaper.com

# ୟୁକେର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ଆଣ୍ଡି ବର୍ନହ୍ୟାମ୍

ଲଣ୍ଡନ, ୧୭ ।୭ (ଏଜେନ୍ସି): ଗ୍ରେଟର ମାଞ୍ଚେଷ୍ଟରର ପୂର୍ବତନ ମେୟର ଆଣ୍ଡି ବର୍ନହ୍ୟାମ୍ ବ୍ରିଟେନର ଶାସକ 'ଲେବର ପାର୍ଟି'ର ନୂଆ ନେତା ହେବାକୁ ଯାଉଛନ୍ତି । ଏହି ନିଯୁକ୍ତି ସହିତ ସେ ଆସନ୍ତା ସୋମବାର କିର୍ ଷ୍ଟାର୍ମରଙ୍କ ସ୍ଥାନରେ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ । ୫୬ ବର୍ଷୀୟ ବର୍ନହ୍ୟାମ୍ ଦୁଇ ଦୁଇ



ଥର ଦଳର ସର୍ବୋଚ୍ଚ ପଦ ପାଇଁ ଅସଫଳ ପ୍ରୟାସ କରିବା ପରେ ତୃତୀୟ ଚେଷ୍ଟାରେ ଏହି ସଫଳତା ପାଇଛନ୍ତି । ବିଗତ ୯ ବର୍ଷ ଧରି ମାଞ୍ଚେଷ୍ଟରର ମେୟର ଭାବେ କାର୍ଯ୍ୟ କରି ସେ ବେଶ୍ ଜନପ୍ରିୟତା ହାସଲ କରିଛନ୍ତି । ନିଜ ଅଞ୍ଚଳର ଅଧିକାର ପାଇଁ ସ୍ୱର ଉତ୍ତୋଳନ କରୁଥିବାରୁ ତାଙ୍କୁ ଲୋକେ ଆଦରରେ 'କିଙ୍ଗ୍ ଅଫ୍ ଦି ନର୍ଥ' ବୋଲି କୁହନ୍ତି । ୨୦୦୧ ରୁ ୨୦୧୭ ପର୍ଯ୍ୟନ୍ତ ସେ ସଂସଦର ସଦସ୍ୟ ଥିଲେ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ଓ ଗର୍ଡ଼ନ ବ୍ରାଉନଙ୍କ ସରକାରରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦ ସମ୍ଭାଳିଥିଲେ । ବର୍ନହ୍ୟାମ୍ ନିଜକୁ ଏକ ବ୍ୟବସାୟ ଅନୁକୂଳ ସମାଜବାଦୀ ନେତା ଭାବେ ଗଢ଼ି ତୋଳିଛନ୍ତି, ଯାହାକୁ 'ମାଞ୍ଚେଷ୍ଟରିଜମ୍' କୁହାଯାଏ । ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଭାବେ ଦେଶର ରାଜନୀତିକୁ ଏକ ନୂଆ ଦିଗ ଦେବା ସହ ବିରୋଧୀ ଦଳଗୁଡ଼ିକର କଡ଼ା ମୁକାବିଲା କରିବା ତାଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେବ ।

# ବେଲୁଚ୍ ବିଦ୍ରୋହୀଙ୍କ ଆକ୍ରମଣ, ୪୫ ପାକ୍ ସୈନ୍ୟ ନିହତ

କ୍ୱେଟା, ୧୭ ।୭ (ଏଜେନ୍ସି): ପାକିସ୍ତାନର ଅଶାନ୍ତ ବାଲୋଚିସ୍ତାନ ପ୍ରଦେଶରେ ସୁରକ୍ଷା ବାହିନୀ ଉପରେ ପୁଣି ଏକ ବଡ଼ ଧରଣର ଆକ୍ରମଣ ହୋଇଛି । ପ୍ରତିବନ୍ଧିତ ବିଦ୍ରୋହୀ ସଂଗଠନ 'ବାଲୋଚ୍ ଲିବରେସନ୍ ଆର୍ମି' (ବିଏଲ୍ଏ) ଏକ ସାମରିକ ଗାଡ଼ି ବହର



ଉପରେ ଭୟାବହ ଆକ୍ରମଣ କରି ୪୫ରୁ ଅଧିକ ପାକିସ୍ତାନୀ ସୈନ୍ୟଙ୍କୁ ହତ୍ୟା କରିଥିବା ଏବଂ ଅନେକଙ୍କୁ ଆହତ କରିଥିବା ଦାବି କରିଛି । ଏହି ରକ୍ତାକ୍ତ ସଂଘର୍ଷ ବାଲୋଚିସ୍ତାନର ମାଷ୍ଟୁଙ୍ଗ ଜିଲ୍ଲା ଅନ୍ତର୍ଗତ କୋଏଟା-କରାଚି ଜାତୀୟ ରାଜପଥରେ ଘଟିଛି । ସୂଚନା ଅନୁଯାୟୀ, ସେନା କର୍ମଚାରୀଙ୍କୁ ନେଇ ଯାଉଥିବା ଗାଡ଼ିଗୁଡ଼ିକୁ ଟାର୍ଗେଟ କରି ବିଏଲ୍ଏର ବିଶେଷ ସ୍କ୍ୱାଡ୍ ଏହି ଯୋଜନାବଦ୍ଧ ଆକ୍ରମଣ କରିଥିଲା । ଆକ୍ରମଣ ସମୟରେ ଘଟଣାସ୍ଥଳକୁ ସହାୟତା ପାଇଁ ଆସିଥିବା ଅତିରିକ୍ତ ସେନା ବଳକୁ ମଧ୍ୟ ବିଦ୍ରୋହୀମାନେ ଚତୁରତାର ସହ ଘେରି ଯାଇ ଗୁଳିଚାଳନା କରିଥିଲେ । ପାକିସ୍ତାନ ସେନା ପକ୍ଷରୁ ଏହି ଆକ୍ରମଣ ସମ୍ପର୍କରେ ସ୍ପଷ୍ଟୀକରଣ ଦିଆଯାଇଥିଲେ ହେଁ ସୈନ୍ୟମାନଙ୍କ ମୃତ୍ୟୁ ସଂଖ୍ୟା ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ରିପୋର୍ଟ ପ୍ରକାଶ କରାଯାଇନାହିଁ । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ସେନା ଓ ବିଦ୍ରୋହୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି, ଯାହାଫଳରେ ମୃତାହତଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି । ବାରମ୍ବାର ଘଟୁଥିବା ଏଭଳି ସାମରିକ ଆକ୍ରମଣ ପାକିସ୍ତାନ ସରକାର ଓ ସେନାର ସୁରକ୍ଷା ବ୍ୟବସ୍ଥା ଉପରେ ପୁଣି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଆମେରିକା ଆକ୍ରମଣରେ ଭାରତ ନିର୍ମିତ ଚାବାହାର ବନ୍ଦର କ୍ଷତିଗ୍ରସ୍ତ

ୱାସିଂଟନ/ତେହରାନ, ୧୭ ।୭ (ଏଜେନ୍ସି): ଇରାନ ବିରୋଧରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ମଧ୍ୟରେ ଏକ ବଡ଼ ଖବର ସାମ୍ନାକୁ ଆସିଛି । ଶୁକ୍ରବାର ଲଗାତାର ଷଷ୍ଠ ରାତି ପାଇଁ ଆମେରିକା



ପକ୍ଷରୁ ଇରାନ ଉପରେ ଜୋରଦାର ବିମାନ ଆକ୍ରମଣ କରାଯାଇଛି । ଏହି ଆକ୍ରମଣରେ ଭାରତୀୟ ପୁଞ୍ଜିନିବେଶରେ ବିକଶିତ ହୋଇଥିବା ରଣନୀତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚାବାହାର ବନ୍ଦର ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି । ଆକ୍ରମଣ ପରେ ବନ୍ଦର ପରିସରରୁ କଳା ଧୂଆଁ ବାହାରୁଥିବା ଦେଖିବାକୁ ମିଳିଛି ଏବଂ ଏହାର ନିୟନ୍ତ୍ରଣ ଗୃହ ବା କଣ୍ଟ୍ରୋଲ ଟାୱାର ବିଶେଷ ଭାବେ ନଷ୍ଟ ହୋଇଯାଇଛି । ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ କ୍ଷତିଗ୍ରସ୍ତ ନିୟନ୍ତ୍ରଣ ଗୃହର ଚିତ୍ର ଜାରି କରିଥିବା ବେଳେ ଇରାନର ସମ୍ବାଦ ସଂସ୍ଥା ମେହେର ମଧ୍ୟ ଏହି ଆକ୍ରମଣକୁ ସ୍ୱୀକାର କରିଛି । ସୂଚନା ଅନୁସାରେ, ଗତ ଏକ ସପ୍ତାହ ମଧ୍ୟରେ ଏହି ନିୟନ୍ତ୍ରଣ ଗୃହ ଉପରେ ଏହା ତୃତୀୟ ଆକ୍ରମଣ । ଆମେରିକାର କେନ୍ଦ୍ରୀୟ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଯୁଦ୍ଧବିମାନ, ଡ୍ରୋନ୍ ଏବଂ ନୌସେନା ବାହିନୀ ସାହାଯ୍ୟରେ ଇରାନର ଏକାଧିକ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରାଯାଇଛି । ଏଥିମଧ୍ୟରେ ଉପକୂଳ ଜଗୁଆଳି କେନ୍ଦ୍ର, ଆକାଶ ମାର୍ଗ ପ୍ରତିରକ୍ଷା ବ୍ୟବସ୍ଥା ଏବଂ ନୌସେନା ଘାଟି ଅନ୍ତର୍ଭୁକ୍ତ ରହିଛି । ଭାରତ ପାଇଁ ଚାବାହାର ବନ୍ଦର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ମାଧ୍ୟମରେ ଭାରତ ପାକିସ୍ତାନକୁ ଏଡ଼ାଇ ଆଫଗାନିସ୍ତାନ ଏବଂ ମଧ୍ୟ ଏସିଆ ସହ ସହଜରେ ବାଣିଜ୍ୟ କାରବାର କରିଥାଏ । ଭାରତୀୟ ସରକାରୀ ସଂସ୍ଥା 'ଇଣ୍ଡିଆ ପୋର୍ଟସ ଗ୍ଲୋବାଲ ଲିମିଟେଡ' ଏହି ବନ୍ଦରର ପରିଚାଳନା କରୁଛି ।

# ୨୨ କୋଟି ଭୋଟରଙ୍କ ଗୁପ୍ତ ତଥ୍ୟ ଚୋରି କରିଛି ଚୀନ୍: ଟ୍ରମ୍ପ

ୱାସିଂଟନ, ୧୭ ।୭ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ବିରୋଧରେ ଦେଶର ଇତିହାସରେ ସବୁଠାରୁ ବଡ଼ ନିର୍ବାଚନ ସମ୍ବନ୍ଧୀୟ ତଥ୍ୟ ଚୋରିର ଅଭିଯୋଗ ଆଣିଛନ୍ତି । ଚୀନ୍ ବେଆଇନ ଭାବେ ଆମେରିକାର ପ୍ରାୟ ୨୨ କୋଟି ଭୋଟରଙ୍କ ନାମ, ଠିକଣା, ଫୋନ୍ ନମ୍ବର ଏବଂ ରାଜନୈତିକ ପସନ୍ଦ ଭଳି ଗୁପ୍ତ ସୂଚନା ହାସଲ କରିଛି ବୋଲି ସେ ଏକ ସମ୍ବୋଧନରେ ଦାବି କରିଛନ୍ତି । ଟ୍ରମ୍ପଙ୍କ ଅନୁଯାୟୀ, ଚୀନର ଏହି ସାଇବର ଗୁପ୍ତଚର ବୃତ୍ତି ଆମେରିକାର ଗଣତନ୍ତ୍ର ଏବଂ ନିର୍ବାଚନ ସୁରକ୍ଷା ପ୍ରତି ଏକ ବଡ଼ ବିପଦ । ତେବେ ରାଷ୍ଟ୍ରପତିଙ୍କ ଏହି ବୟାନକୁ ଦେଶର ବିରୋଧୀ ଏବଂ ପ୍ରମୁଖ ଗଣମାଧ୍ୟମଗୁଡ଼ିକ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି ।


ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ଯେ, ଆଗାମୀ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଯଦି ଶାସକ ଦଳର ପରାଜୟ ହୁଏ, ତେବେ ଫଳାଫଳ ଉପରେ ପ୍ରଶ୍ନ ଉଠାଇବା ପାଇଁ ଟ୍ରମ୍ପ ଏବେଠାରୁ ହିଁ ଏଭଳି ପରିବେଶ ସୃଷ୍ଟି କରୁଛନ୍ତି । ଏହି କାରଣରୁ ଅନେକ ବଡ଼ ଟେଲିଭିଜନ ଚ୍ୟାନେଲ ତାଙ୍କର ଏହି ଭାଷଣକୁ ସିଧା ପ୍ରସାରଣ କରିବାକୁ ମଧ୍ୟ ମନା କରିଦେଇଥିଲେ । ସୁରକ୍ଷା ବିଶେଷଜ୍ଞ ଏବଂ ଗୋଇନ୍ଦା ଅଧିକାରୀଙ୍କ ମତରେ, ଆମେରିକାରେ ମୋଟ ପଞ୍ଜୀକୃତ ଭୋଟରଙ୍କ ସଂଖ୍ୟା ୨୨ କୋଟିରୁ ଯଥେଷ୍ଟ କମ୍ ଥିବାରୁ ଟ୍ରମ୍ପଙ୍କ ଦାବି ସମ୍ପୂର୍ଣ୍ଣ ଭୁଲ୍ । ନିର୍ବାଚନ ପୂର୍ବରୁ କୌଣସି ପ୍ରମାଣ ନଥାଇ ଏଭଳି ସାଂଘାତିକ ଅଭିଯୋଗ ଆଣିବା ଦ୍ୱାରା ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ଉପରୁ ସାଧାରଣ ଜନତାଙ୍କ ଭରସା ତୁଟିଯିବାର ଆଶଙ୍କା ରହିଛି ।



ତେବେ ଚୀନ ପକ୍ଷରୁ ଏଭଳି ଅଭିଯୋଗକୁ ଖଣ୍ଡନ କରାଯାଇଛି । ଚୀନ ମୁଖପାତ୍ର କହିଛନ୍ତି ଯେ ଟ୍ରମ୍ପ ଏଭଳି ଅଭିଯୋଗ ଆଣି ନିଜେ ଲୋକହସା ହେଉଛନ୍ତି । କାରଣ ସମଗ୍ର ବିଶ୍ୱ ଜାଣୁଛି କିଏ ଅନ୍ୟ ଦେଶ ବ୍ୟାପାରରେ ମୁଣ୍ଡ ପୂରାଏ । ଅନ୍ୟ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ଚୀନ କେବେ ହେଲେ ହସତତକ୍ଷେପ କରେନାହିଁ ।

# ଅଟକିଲା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ବହିଷ୍କାର ବିଲ୍

ନୂଆଦିଲ୍ଲୀ, ୧୭।୭ (ଏଜେନ୍ସି): ସଂସଦର ଆସନ୍ତା ମୌସୁମୀ ଅଧିବେଶନରେ ଆସିବ ନାହିଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ବହିଷ୍କାର ସଂକ୍ରାନ୍ତ ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍ । ଏହି ବିଲ୍ ଏବେ ଯୁଗ୍ମ ସଂସଦୀୟ କମିଟି (ଜେପିସି)ର ବିଚାରାଧୀନ ଥିବା ବେଳେ ଏହା ଉପରେ ଅଧିକ ବିଚାରବିମର୍ଶର ଆବଶ୍ୟକତା ଥିବାରୁ ଏହାକୁ ଏବେ ଆଗତ ନକରିବା ଲାଗି ସ୍ଥିର କରାଯାଇଛି । ଜେପିସି ଅଧ୍ୟକ୍ଷା ତଥା ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି ଯେ, ଏହା ଏକ ଜାତୀୟ ପ୍ରସଙ୍ଗ ଏବଂ ଏଥିପାଇଁ ବିଭିନ୍ନ ପକ୍ଷଙ୍କ ସହ ଅଧିକ ପରାମର୍ଶ ତଥା ବ୍ୟାପକ ସହମତିର ଆବଶ୍ୟକତା ରହିଛି । ଗତବର୍ଷ ଅଗଷ୍ଟରେ ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ଆଗତ ଏହି ବିଲ୍‌ରେ ପ୍ରସ୍ତାବ ଦିଆଯାଇଛି ଯେ, ଯଦି କୌଣସି ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ୫ ବର୍ଷ ବା ତା'ଠାରୁ ଅଧିକ ଜେଲ୍ ଦଣ୍ଡାଦେଶ ଥିବା କୌଣସି ଗୁରୁତର ଅପରାଧିକ ମାମଲାରେ ଗିରଫ ହୁଅନ୍ତି ଏବଂ ଲଗାତାର ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରୁହନ୍ତି, ତେବେ ସେମାନଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରାଯାଇପାରିବ ।



ତେବେ ଏହି ଅଧିବେଶନରେ ସରକାର ୭ଟି ବିଲ୍ ଆଗତ କରିବାକୁ ଯୋଜନା କରିଛନ୍ତି । ଏଥିରେ ରହିଛି ଜାତୀୟ ସଙ୍ଗୀତ ଅବମାନନା ନିରୋଧ ବିଲ୍, ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା ବୃଦ୍ଧି (୩୩ରୁ ୩୭) ବିଲ୍, ଆୟକର ସଂଶୋଧନ ବିଲ୍, ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ସଂଶୋଧନ ବିଲ୍ । ବିଳମ୍ବରେ ଜନ୍ମ କିମ୍ବା ମୃତ୍ୟୁ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ କଡ଼ାକଡ଼ି କରିବା ଲାଗି ଜନ୍ମ ମୃତ୍ୟୁ ସଂଶୋଧନ ବିଲରେ ବ୍ୟବସ୍ଥା କରାଯିବ । ଏହାସହିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ମଧ୍ୟ ଆଗତ ହେବ । ଉଚ୍ଚଶିକ୍ଷା କ୍ଷେତ୍ରରେ ବଡ଼ ସଂସ୍କାର ଆଣିବା ପାଇଁ ଏବଂ ୟୁଜିସି ଓ ଏଆଇସିଟିଇ ସ୍ଥାନରେ ଏକ ନୂଆ ଶିକ୍ଷା ଆୟୋଗ ଗଠନ କରିବା ପାଇଁ ଏହି ବିଲ୍ ଆସିବ ।

ଏହାସହ ସରକାର ସୀମା ନିର୍ଦ୍ଧାରଣ ବିଲ୍‌କୁ ପୁଣି ଥରେ ଆଣିବା ପାଇଁ ପ୍ରସ୍ତୁତି ଚଳାଇଥିବା ଚର୍ଚ୍ଚାରେ ରହିଛି । ଏହି ପ୍ରସ୍ତାବିତ ବିଲ୍‌ରେ ମହିଳା ସଂରକ୍ଷଣର ବ୍ୟବସ୍ଥା ମଧ୍ୟ ଯୋଡ଼ି ଦିଆଯାଇଛି । ପୂର୍ବରୁ ଆବଶ୍ୟକୀୟ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ନମିଳିବା କାରଣରୁ ଏହି ସଂଶୋଧନ ବିଲ୍ ସଂସଦରେ ପାସ୍ ହୋଇପାରି ନଥିଲା ।




# କାହିଁକି ଇସ୍ରୋ ଛାଡୁଛନ୍ତି ବୈଜ୍ଞାନିକ

ନୂଆଦିଲ୍ଲୀ, ୧୭ ।୭ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ବର୍ତ୍ତମାନ ଏକ ବଡ଼ ସମସ୍ୟାର ସମ୍ମୁଖୀନ ହୋଇଛି । ଗତ କିଛି ମାସ ମଧ୍ୟରେ ୧୦୦ରୁ ଅଧିକ ଅଭିଜ୍ଞ ବୈଜ୍ଞାନିକ ଇସ୍ରୋରୁ ଇସ୍ତଫା ଦେଇଛନ୍ତି କିମ୍ବା ସ୍ୱେଚ୍ଛାକୃତ ଅବସର ନେଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ମହାକାଶ ବିଭାଗ ଗଗନଯାନ ଭଳି ଗୁରୁତ୍ୱପୂର୍ଣ୍ଣ ମିଶନରେ କାର୍ଯ୍ୟ

**ଅଧିକ ଦରମା, ଉନ୍ନତ ସୁଯୋଗର ପ୍ରଲୋଭନ**

କରୁଥିବା କର୍ମଚାରୀଙ୍କ ପାଇଁ ଚାକିରି ଛାଡ଼ିବା ନିୟମକୁ ଅଧିକ କଡ଼ାକଡ଼ି କରିଛି । ୨୦୨୦ ମସିହାରୁ ମହାକାଶ କ୍ଷେତ୍ରରେ ଘରୋଇ କମ୍ପାନୀଗୁଡ଼ିକର ପ୍ରବେଶ ପରେ ଅନେକ ନୂଆ ଷ୍ଟାର୍ଟଅପ୍ ଗଢ଼ି ଉଠିଛି । ଏହି କମ୍ପାନୀଗୁଡ଼ିକ ବୈଜ୍ଞାନିକମାନଙ୍କୁ ଅଧିକ ଦରମା, ଉନ୍ନତ କାର୍ଯ୍ୟ ପରିବେଶ ଏବଂ ଶୀଘ୍ର ପଦୋନ୍ନତିର ସୁଯୋଗ ଦେଉଛନ୍ତି । ସଂଗଠନ ମଧ୍ୟରେ କେନ୍ଦ୍ରୀଭୂତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଯୋଗୁଁ କାର୍ଯ୍ୟରେ ନମନୀୟତା କମିଯାଇଛି ଏବଂ ଅନେକ ପ୍ରକଳ୍ପର ସମୟସୀମା ବିଳମ୍ବ ହେଉଛି । ବିଶେଷଜ୍ଞଙ୍କ ମତରେ ଇସ୍ରୋକୁ ନାସା ଭଳି ବିଦେଶୀ ସଂସ୍ଥା ଅନୁସରଣରେ ପ୍ରକଳ୍ପଭିତ୍ତିକ ନିଯୁକ୍ତି ପ୍ରକ୍ରିୟା ଆପଣାଇବାକୁ ହେବ । ସଂକ୍ଷେପରେ କହିବାକୁ ଗଲେ, ପୂର୍ବରୁ ମହାକାଶ ଇଞ୍ଜିନିୟରମାନଙ୍କ ପାଇଁ ଇସ୍ରୋ ଏକମାତ୍ର ବିକଳ୍ପ ଥିବାବେଳେ, ଏବେ ଘରୋଇ କମ୍ପାନୀଗୁଡ଼ିକର ଆକର୍ଷଣୀୟ ଅଫର ଯୋଗୁଁ ବୈଜ୍ଞାନିକମାନେ ସେଠାକୁ ମୁହାଁଉଛନ୍ତି, ଯାହା ଇସ୍ରୋ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି ।

# ଦେଶର ୬୦% ଅଞ୍ଚଳରେ ପହଞ୍ଚିଲା ମୌସୁମୀ

ନୂଆଦିଲ୍ଲୀ, ୧୭ ।୭ (ଏଜେନ୍ସି): ଭାରତରେ ମୌସୁମୀ ବାୟୁ ପୁଣି ଥରେ ସକ୍ରିୟ ହୋଇଛି । ଦେଶର ପ୍ରାୟ ୫୦ ରୁ ୬୦ ପ୍ରତିଶତ ଅଞ୍ଚଳ ବର୍ତ୍ତମାନ ମେଘାଚ୍ଛନ୍ନ ରହିଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏକ ଲଘୁଚାପ ବଳୟ ଯୋଗୁଁ ଏହି ବର୍ଷାର ପରିମାଣ ବୃଦ୍ଧି ପାଇଛି । ଏହି ସକ୍ରିୟ ପାଣିପାଗ ବ୍ୟବସ୍ଥା ଯୋଗୁଁ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶ, ବିହାର ଏବଂ ଉତ୍ତର-ପୂର୍ବ ଭାରତରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଏହା ସହିତ ବିଷୁବରେଖା ନିକଟରେ ଆଉ ଏକ ପାଣିପାଗ ବଳୟ ସୃଷ୍ଟି ହେଉଛି । ଏହି ଦୁଇଟି ପ୍ରଭାବ ଯୋଗୁଁ ଆସନ୍ତା ଜୁଲାଇ ୨୦ରୁ ୩୦ ତାରିଖ ମଧ୍ୟରେ ମଧ୍ୟ ପ୍ରଦେଶ ସମେତ ସମଗ୍ର ଉତ୍ତର ଏବଂ ମଧ୍ୟ ଭାରତରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଜୁଲାଇ ପ୍ରଥମ ସପ୍ତାହରେ ମୌସୁମୀ ଆସିବା ପରଠାରୁ ଜମ୍ମୁ-କାଶ୍ମୀରରେ ପ୍ରକୃତିର ତାଣ୍ଡବ ଦେଖିବାକୁ ମିଳିଛି । ଗତ ୧୫ ଦିନ ମଧ୍ୟରେ ସେଠାରେ ୧୬ଟି ବାଦଲଫଟା ବର୍ଷା ରେକର୍ଡ କରାଯାଇଛି । ଆଗାମୀ ଦିନରେ ଏଭଳି ସାଙ୍ଘାତିକ ପାଣିପାଗ ପରିସ୍ଥିତି ଆହୁରି ବଢ଼ିପାରେ ବୋଲି ସ୍ଥାନୀୟ ପାଣିପାଗ କେନ୍ଦ୍ର ଚେତାବନୀ ଦେଇଛି ।

- **ଆସନ୍ତା ୭ ଦିନ ୟୁପି, ବିହାରରେ ପ୍ରବଳ ବର୍ଷା ସମ୍ଭାବନା**
- **ଜମ୍ମୁ-କାଶ୍ମୀରରେ ୧୫ ଦିନରେ ୧୬ଟି ବାଦଲଫଟା ବର୍ଷା**

ଅନ୍ୟପଟେ ଦକ୍ଷିଣ ଭାରତର ତାମିଲନାଡୁରେ 'ଏଲ୍ ନିନୋ' ପ୍ରଭାବ ଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଇଛି । ଫଳରେ ସେଠାରେ ଗ୍ରୀଷ୍ମ ପ୍ରବାହ ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଆଗାମୀ ଦୁଇ ଦିନରେ ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ଉତ୍ତର ପ୍ରଦେଶ ଏବଂ ତାମିଲନାଡୁରେ ପ୍ରବଳ ଗରମ ସହ ଗୁଳୁଗୁଳି ଅନୁଭୂତ ହେବ । ଓଡ଼ିଶା ଏବଂ ପଶ୍ଚିମବଙ୍ଗ ପାଇଁ ପ୍ରବଳ ବର୍ଷା ଏବଂ ବଜ୍ରପାତ ସହ ଝଡ଼ବର୍ଷାର 'ଅରେଞ୍ଜ ଆଲର୍ଟ' ଜାରି କରାଯାଇଛି ।

ବିହାର, ଝାଡ଼ଖଣ୍ଡ, ଆସାମ, ମେଘାଳୟ ଏବଂ ଅରୁଣାଚଳ ପ୍ରଦେଶ ସମେତ ସମସ୍ତ ଉତ୍ତର-ପୂର୍ବ ରାଜ୍ୟରେ ପ୍ରବଳ ବର୍ଷା ହେବ । କର୍ଣ୍ଣାଟକ ଏବଂ ତେଲେଙ୍ଗାନାରେ ହାଲୁକା ବର୍ଷା ହୋଇପାରେ । ବଙ୍ଗୋପସାଗରୀୟ ପାଣିପାଗ ନିୟାମକ ପ୍ରଭାବରେ ଦେଶର ବିଭିନ୍ନ ସ୍ଥାନରେ ବର୍ଷାର ପରିମାଣ ବୃଦ୍ଧି ପାଇଛି । ବିହାରର ବାଗାହାରେ ନଦୀର ଜଳସ୍ତର ବୃଦ୍ଧି ପାଇଥିବା ବେଳେ ଛତିଶଗଡ଼ର



ରାୟପୁର ଏବଂ ଝାଡ଼ଖଣ୍ଡର ରାଞ୍ଚିରେ ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି । ପାଣିପାଗ ବିଭାଗ ଜନସାଧାରଣଙ୍କୁ ବଜ୍ରପାତ ଏବଂ ପ୍ରବଳ ବର୍ଷା ସମୟରେ ସୁରକ୍ଷିତ ସ୍ଥାନରେ ରହିବାକୁ ଏବଂ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛି ।

# ଅନଶନ ଭାଙ୍ଗିବାକୁ ସର୍ତ୍ତ ରଖିଲେ ୱାଙ୍ଗଚୁକ୍

ନୂଆଦିଲ୍ଲୀ, ୧୭ ।୭ (ଏଜେନ୍ସି): ଦିଲ୍ଲୀର ଯନ୍ତର ମନ୍ତରଠାରେ ବିଶିଷ୍ଟ ଶିକ୍ଷା ସଂସ୍କାରକ ସୋନମକ ୱାଙ୍ଗଚୁକଙ୍କ ଆମରଣ ଅନଶନ ଆଜି ୨୦ତମ ଦିବସରେ ପହଞ୍ଚିଛି । ଏହି ପରିପ୍ରେକ୍ଷୀରେ ସେ ନିଜର ଅନଶନ ପ୍ରତ୍ୟାହାର କରିବା ନେଇ ଏକ ବଡ଼ ଘୋଷଣା କରିଛନ୍ତି । ଆସନ୍ତା ଜୁଲାଇ ୨୦ ତାରିଖରେ ହେବାକୁ ଥିବା ସଂସଦ ଅଭିଯାନ ବା 'ସଂସଦ ଚଲୋ' ପଦଯାତ୍ରାରେ ସାମିଲ ହେବା ପରେ ସେ ଅନଶନ ଭାଙ୍ଗିବେ ବୋଲି ସ୍ପଷ୍ଟ କରିଛନ୍ତି । ଏହାସହ ଯଦି ଏହି ପଦଯାତ୍ରାରେ ଲୋକଙ୍କ ସଂଖ୍ୟା କମ୍ ରହେ, ତେବେ ସେ 'ଭୂତ ହୋଇ ଫେରିବେ' ବୋଲି ମଜାରେ ସମର୍ଥକମାନଙ୍କୁ କହିଛନ୍ତି । ଦେଶର ଶିକ୍ଷା ବ୍ୟବସ୍ଥାରେ ଅନିୟମିତତା ଅଭିଯୋଗ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ପକ୍ଷରୁ ଚାଲିଥିବା ଏହି ଆନ୍ଦୋଳନ ଆଜି ୨୮ ଦିନରେ ପ୍ରବେଶ କରିଛି । ଏହି ଆନ୍ଦୋଳନକୁ ସୋନମ ୱାଙ୍ଗଚୁକ ସମ୍ପୂର୍ଣ୍ଣ ସମର୍ଥନ ଦେଇ ଅନଶନରେ ବସିଛନ୍ତି । ଜୁଲାଇ ୨୦ ତାରିଖରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଥିବାରୁ ସେହିଦିନ ଏକ ବିଶାଳ ପଦଯାତ୍ରାର ଆୟୋଜନ କରାଯାଇଛି । 'ମୁଁ ଯେକୌଣସି ପ୍ରକାରେ ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ନିଜକୁ ଜୀବିତ ରଖିବି, ଯେପରି ମୁଁ ଆପଣମାନଙ୍କ ସହ ସଂସଦ ଅଭିଯାନର ନେତୃତ୍ୱ ନେଇପାରିବି । ଯଦି ଜୁଲାଇ ୨୦ର ଏହି ପଦଯାତ୍ରା ସଫଳ ନହୁଏ, ତେବେ ମୁଁ ଭୂତ ହୋଇ ଫେରିବି ।' ଅନ୍ୟପଟେ, ଏନ୍‌ସିପି ସାଂସଦ ସୁପ୍ରିୟା ସୁଲେ ଶୁକ୍ରବାର ଦିଲ୍ଲୀର ଜନ୍ତର ମନ୍ତରଠାରେ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଭେଟି ତାଙ୍କୁ ଅନଶନ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଛନ୍ତି । ଆସନ୍ତା ସଂସଦର ଅଧିବେଶନରେ ସୁଲେ ୱାଙ୍ଗଚୁକ୍‌ଙ୍କ ସମସ୍ୟା ସହିତ ନିଟ୍ ପରୀକ୍ଷାର୍ଥୀଙ୍କ ପ୍ରସଙ୍ଗ ମଧ୍ୟ ଉଠାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ମଧ୍ୟ ଶ୍ରୀ ୱାଙ୍ଗଚୁକ୍‌ଙ୍କୁ ସମର୍ଥନ ଜଣାଇଛନ୍ତି । ସେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ସହ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି । ଏପରିକି ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଦେଶର ଶିକ୍ଷାମନ୍ତ୍ରୀ କରାଯାଉ ବୋଲି ସେ କହିଛନ୍ତି । ଦୀର୍ଘ ତିନି ସପ୍ତାହ ଧରି ଖାଦ୍ୟ ତ୍ୟାଗ କରିଥିବା ଯୋଗୁଁ ୫୯ ବର୍ଷୀୟ ସୋନମଙ୍କ ସ୍ୱାସ୍ଥ୍ୟବସ୍ଥା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି । ଶେଷ ଚିକିତ୍ସା ରିପୋର୍ଟ ଅନୁଯାୟୀ, ଅନଶନ ଆରମ୍ଭ ଦିନଠାରୁ ତାଙ୍କର ଓଜନ ପ୍ରାୟ ୯ କିଲୋଗ୍ରାମରୁ ଅଧିକ କମିଯାଇ ବର୍ତ୍ତମାନ ୫୬.୬୫ କିଲୋଗ୍ରାମରେ ପହଞ୍ଚିଛି । ତାଙ୍କର ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକଟ କରି ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ଏବଂ ଦିଲ୍ଲୀ ସରକାରଙ୍କୁ ଦୈନିକ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକୀୟ ଚିକିତ୍ସା ସେବା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ଦିଲ୍ଲୀରେ ସମସ୍ତ ମେଡିକାଲ ଆଲର୍ଟରେ ରହିଛନ୍ତି ।



- **୨୦ ତାରିଖ ପଦଯାତ୍ରାରେ ସାମିଲ ହେବେ**
- **ସମର୍ଥନ ଜଣାଇଲେ କେଜ୍ରିୱାଲ, ସୁପ୍ରିୟା**
- **ଆଲର୍ଟରେ ସମସ୍ତ ଦିଲ୍ଲୀ ମେଡିକାଲ**

# ଆନ୍ଧ୍ରରେ ବ୍ୟାପୁଛି କରୋନା

## ମୃତ୍ୟୁସଂଖ୍ୟା ୪କୁ ବଢ଼ିଲା, ୧୨ ସଂକ୍ରମିତ

ଅମରାବତୀ, ୧୭ ।୭ (ଏଜେନ୍ସି): ଆନ୍ଧ୍ରପ୍ରଦେଶରେ କରୋନା ଭୂତାଣୁ (କୋଭିଡ-୧୯) ର ନୂଆ ମାମଲା ସାମ୍ନାକୁ ଆସିବା ପରେ ରାଜ୍ୟ ସରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଗତ ଜୁନ୍ ୨୬ ରୁ ଜୁଲାଇ ୧୬ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୧୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୪ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଭୂତାଣୁର ନୂଆ ପ୍ରକାର (ଭ୍ୟାରିଆଣ୍ଟ) ଚିହ୍ନଟ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୫ଟି ସଂକ୍ରମିତ ନମୁନାକୁ ପୁଣେସ୍ଥିତ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭିରୋଲୋଜି' (ଏନ୍ଆଇଭି) କୁ ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଛି । ମୋଟ ଚିହ୍ନଟ ହୋଇଥିବା ୧୨ଟି ମାମଲା ମଧ୍ୟରୁ କଡ଼ପାରୁ ସର୍ବାଧିକ ୮ଟି, ଗୁଣ୍ଟୁରରୁ ୨ଟି ଏବଂ ବିଶାଖାପାଟଣା ଓ କାକିନାଡ଼ାରୁ ଗୋଟିଏ ଲେଖାଏଁ ମାମଲା ରହିଛି । ସ୍ୱାସ୍ଥ୍ୟ ସଚିବ ଜି. ବୀରପାଣ୍ଡିଆନ ସ୍ପଷ୍ଟ କରିଛନ୍ତି ଯେ ସମସ୍ତ ମାମଲା ଭିନ୍ନ ଭିନ୍ନ ସ୍ଥାନରୁ ଚିହ୍ନଟ ହୋଇଛି, ତେଣୁ ଏହାକୁ ସାମୂହିକ ସଂକ୍ରମଣ କୁହାଯାଇପାରିବ ନାହିଁ । କରୋନାରେ ପ୍ରାଣ ହରାଇଥିବା ୪ ଜଣ ଯାକ ରୋଗୀ ପୂର୍ବରୁ ମଧୁମେହ, ଉଚ୍ଚ ରକ୍ତଚାପ ଏବଂ କିଡନୀ ରୋଗ ଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଥିଲେ । ସ୍ୱାସ୍ଥ୍ୟ ବିଭାଗ ଲୋକମାନଙ୍କୁ ଭୟଭୀତ ନହେବାକୁ ଅନୁରୋଧ କରିବା ସହ ସତର୍କତା ଅବଲମ୍ବନ କରିବାକୁ ଏବଂ ସାଧାରଣ ଜନଗହଳି ସ୍ଥାନରେ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଛି । ରାଜ୍ୟର ସମସ୍ତ ପ୍ରମୁଖ ଡାକ୍ତରଖାନା ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆନ୍ଧ୍ରପ୍ରଦେଶରେ ସଂକ୍ରମଣ ବଢ଼ିବା ପରେ ପଡ଼ୋଶୀ କର୍ଣ୍ଣାଟକ ସରକାର



ସୀମାନ୍ତ ଜିଲ୍ଲାଗୁଡ଼ିକରେ (ବିଶେଷ କରି ତୁମକୁରୁ ଜିଲ୍ଲାରେ) ନିଜର ସୁରକ୍ଷା ଓ ସ୍କ୍ରିନିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଜୁଲାଇ ୧ ତାରିଖ ପରଠାରୁ ସାରା ଦେଶରେ ପ୍ରାୟ ୩୩୯ଟି ନୂଆ କୋଭିଡ୍ ମାମଲା ରେକର୍ଡ କରାଯାଇଛି, ଯେଉଁଥିରେ କେରଳ (୧୧୫) ଏବଂ କର୍ଣ୍ଣାଟକ (୬୪) ସବୁଠାରୁ ଆଗରେ ରହିଛନ୍ତି ।

# ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ବିଳମ୍ବ ପାଇଁ ଭାରତ ଦାୟୀ

ଟୋକିଓ, ୧୭ ।୭ (ଏଜେନ୍ସି): ମୁମ୍ବାଇ-ଅହମ୍ମଦାବାଦ ବୁଲେଟ୍ ଟ୍ରେନ୍ ପ୍ରକଳ୍ପରେ ହେଉଥିବା ବିଳମ୍ବକୁ ନେଇ ଜାପାନର ପୂର୍ବତନ ନ୍ୟାୟମନ୍ତ୍ରୀ ହିଦେକି ମାକିହାରା ଭାରତ ଉପରେ ଗୁରୁତର ଅଭିଯୋଗ ଆଣିଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏକ ପୋଷ୍ଟ କରି ସେ କହିଛନ୍ତି ଯେ ପ୍ରକଳ୍ପର ମନ୍ଥର ଗତି ପାଇଁ ସମ୍ପୂର୍ଣ୍ଣ ଭାବେ ଭାରତୀୟ ପକ୍ଷ ହିଁ ଦାୟୀ । ମାକିହାରା ଦାବି କରିଛନ୍ତି ଯେ ସେ ନିଜେ ଏହି ପ୍ରକଳ୍ପ ସହ ଜଡ଼ିତ ଥିଲେ । ଆଲୋଚନା ସମୟରେ ଭାରତୀୟ ଅଧିକାରୀମାନେ ବାରମ୍ବାର ନିଜର ପ୍ରତିଶ୍ରୁତିରୁ ଓହରି ଯାଉଥିଲେ, ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଜ ସୁବିଧା ଅନୁଯାୟୀ ନିୟମ ବଦଳାଉଥିଲେ ଏବଂ କେବଳ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିଲେ । ସେ ସମ୍ପୃକ୍ତ ଭାରତୀୟ ମନ୍ତ୍ରୀଙ୍କ ଆଭିମୁଖ୍ୟକୁ ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ଦର୍ଶାଇଛନ୍ତି । ଜାପାନର ଏକ ପ୍ରତିଷ୍ଠିତ ଗଣମାଧ୍ୟମ ରିପୋର୍ଟକୁ ସେୟାର କରି ସେ ଅଭିଯୋଗ କରିଛନ୍ତି ଯେ ବୁଲେଟ୍ ଟ୍ରେନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଅଂଶ ବୋଲାଉଥିବା 'ସିଗନାଲିଂ ସିଷ୍ଟମ'ରୁ ଜାପାନକୁ ଦୂରେଇ ରଖାଯାଇଛି, ଯାହା ମୂଳ ସିଙ୍କାନସେନ୍ ମଡେଲଠାରୁ ସମ୍ପୂର୍ଣ୍ଣ ଭିନ୍ନ । ବର୍ତ୍ତମାନର ଯୋଜନା ଅନୁଯାୟୀ, ଜାପାନ ପକ୍ଷରୁ ପ୍ରଥମେ ଇ୩ ଏବଂ ଇ୫ ମଡେଲର ଗୋଟିଏ ଲେଖାଏଁ ଟ୍ରେନ୍ ସେଟ୍ ଯାଞ୍ଚ ପାଇଁ ଭାରତକୁ ଦିଆଯିବ । ପରବର୍ତ୍ତୀ ସମୟରେ, ୨୦୩୦ ଦଶକର ପ୍ରାରମ୍ଭରେ ମୁମ୍ବାଇ-ଅହମ୍ବାଦାବାଦ ମଧ୍ୟରେ ଅତ୍ୟାଧୁନିକ ଇ୧୦ ସିରିଜର ହାଇ-ସ୍ପିଡ୍ ଟ୍ରେନ୍ ଚଳାଇବାକୁ ଲକ୍ଷ୍ୟ ରଖାଯାଇଛି, ଯାହା ଅଗଷ୍ଟ ୨୦୨୭ ସୁଦ୍ଧା ହସ୍ତାନ୍ତର ହେବାର ସମ୍ଭାବନା ଅଛି । ତେବେ ଏହି ସାଂଘାତିକ ଅଭିଯୋଗ ଉପରେ ବୁଲେଟ୍ ଟ୍ରେନ୍ ପ୍ରକଳ୍ପର କୌଣସି ଅଧିକାରୀଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଜବାବ ମିଳିନାହିଁ ।



- **ଜାପାନର ପୂର୍ବତନ ମନ୍ତ୍ରୀଙ୍କ ଗୁରୁତର ଅଭିଯୋଗ**
- **ଖଣ୍ଡନ କଲେ ଭାରତ ସରକାର**

ତେବେ ଜାପାନରର ଏହି ପୂର୍ବତନ ମନ୍ତ୍ରୀ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଭାରତ ସରକାର । ବୈଦେଶିକ ବିଭାଗର ମୁକପାତ୍ର କହିଛନ୍ତି ଯେ ଏବେ ମାକିହାରା ହେଉଛନ୍ତି ଜଣେ ସାଧରଣ ନାଗରିକ । ଏହା ତାଙ୍କର ବ୍ୟକ୍ତିଗତ ମତ ହୋଇପାରେ । ତାଙ୍କର ମନ୍ତବ୍ୟକୁ ଭାରତ ଗୁରୁତ୍ୱ ଦେଉନାହିଁ । ଏହାସହିତ ସେ ସ୍ପଷ୍ଟ କରିଛନ୍ତି ଯେ ଭାରତରେ ବୁଲେଟ୍ ଟ୍ରେନ ପ୍ରକଳ୍ପ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଅଗ୍ରଗତି କରୁଛି ।

# ରଥଯାତ୍ରା ପରେ ମୁକ୍ତିଲାଭ କରିବ 'ମହାପ୍ରଭୁ ଜଗନ୍ନାଥ' ଆନିମେଟେଡ୍ ଫିଲ୍ମ

ଭୁବନେଶ୍ୱର,୧୭।୭(ସମିସ): 'ମହାପ୍ରଭୁ ଜଗନ୍ନାଥ' ଆନିମେଟେଡ୍ ଚଳଚ୍ଚିତ୍ର ବିବାଦ ଚାଲିଥିବା ବେଳେ ଜୁଲାଇ ୨୮ ତାରିଖ ପରେ ଫିଲ୍ମ ରିଲିଜ୍ କରାଯିବାକୁ ସୁପ୍ରିମକୋର୍ଟଙ୍କ ରାୟ ଦେଇଛନ୍ତି। ଏହି ଆଧ୍ୟାତ୍ମିକ ଚଳଚ୍ଚିତ୍ର 'ମହାପ୍ରଭୁ ଜଗନ୍ନାଥ' ଓଡ଼ିଆ, ହିନ୍ଦୀ ଓ ତେଲୁଗୁରେ ନିର୍ମିତ ହୋଇଥିଲା। ଚଳିତ ମାସ ୧୭ ତାରିଖ ଅର୍ଥାତ୍ ଆଜି ରିଲିଜ୍ ହେବାକୁ ଥିବାବେଳେ ଗୋଟିଏ ଦିନ ପୂର୍ବରୁ ହାଇକୋର୍ଟ ରୋକ୍ ଲଗାଯାଇଥିଲେ। ତେବେ ସର୍ବଭାରତୀୟ ମୁକ୍ତିଲାଭକୁ ଅନୁମୋଦନ କରିବା ସମୟରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏହି ଚଳଚ୍ଚିତ୍ରଟି ରଥଯାତ୍ରା ଶେଷ ପରେ ଅର୍ଥାତ୍ ଜୁଲାଇ ୨୮ କିମ୍ବା ତା'ପରେ ସାରା ଦେଶରେ ମୁକ୍ତିଲାଭ କରିପାରିବ। ସୁପ୍ରିମକୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଏହି ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥାର ଉଦ୍ଦେଶ୍ୟ କେବଳ ମୁକ୍ତିଲାଭ ସମୟସୂଚୀ ନିର୍ଣ୍ଣୟ କରିବା। ଏହାକୁ ଚଳଚ୍ଚିତ୍ର ବିରୋଧରେ ଉଠାଯାଇଥିବା ଆପତ୍ତି କିମ୍ବା ମାମଲାର ଆଇନଗତ ଗୁଣ ଉପରେ ଚୂଡ଼ାନ୍ତ ଘୋଷଣାରେ ବ୍ୟାଖ୍ୟା କରାଯିବା ଉଚିତ୍ ନୁହେଁ।

ସୂଚନା ଅନୁସାରେ, ଚଳଚ୍ଚିତ୍ରର ଟ୍ରେଲର ଏବଂ ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣକୁ ନେଇ ଆପତ୍ତିରୁ ଏହି ବିବାଦ ଉପୁଜିଥିଲା। କିଛି ସାମାଜିକ ଏବଂ ଧାର୍ମିକ ସଂଗଠନ ଅଭିଯୋଗ କରିଥିଲେ ଯେ ଚଳଚ୍ଚିତ୍ରରେ

**ଫିଲ୍ମ ରିଲିଜ ନେଇ ଆସିଲା ସୁପ୍ରିମକୋର୍ଟଙ୍କ ରାୟ**

**ଚଳଚ୍ଚିତ୍ରର ଟ୍ରେଲର ଏବଂ ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣକୁ ନେଇ ହୋଇଥିଲା ବିବାଦ**

ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣ ଏବଂ ତାଙ୍କ ସହିତ ଜଡ଼ିତ ପରମ୍ପରା ଧାର୍ମିକ ବିଶ୍ୱାସ ସହିତ ମେଳ ଖାଉନାହିଁ। ସେମାନେ ଯୁକ୍ତି ଦର୍ଶାଇଛନ୍ତି ଯେ ଏପରି ଚିତ୍ରଣ




ଲକ୍ଷ ଲକ୍ଷ ଭକ୍ତଙ୍କ ଭାବନାକୁ ଆଘାତ ଦେଇପାରେ ଏବଂ ରଥଯାତ୍ରା ଭଳି ଏକ ଅତ୍ୟନ୍ତ ସମ୍ବେଦନଶୀଳ ଧାର୍ମିକ ଅବସରରେ ଚଳଚ୍ଚିତ୍ର ମୁକ୍ତିଲାଭ କରିବା ପ୍ରତିବାଦ ସୃଷ୍ଟି କରିବା ସହ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପାରେ। ଏହି ଆଧାରରେ ଓଡ଼ିଶା ହାଇକୋର୍ଟରେ ଚଳଚ୍ଚିତ୍ର ମୁକ୍ତିଲାଭକୁ ବନ୍ଦ କରିବା ପାଇଁ ଏକ ଆବେଦନ ଦାଖଲ କରାଯାଇଥିଲା।

ସୂଚନା ଅନୁସାରେ, ଆଧୁନିକ ଯୁଗରେ ମୋବାଇଲ୍ ଓ ଇଣ୍ଟରନେଟ୍ ଦୁନିଆରେ ହଜି ଯାଉଥିବା ପିଲାମାନଙ୍କୁ ଆକୃଷ୍ଟ କରିବା ପାଇଁ ଆନିମେସନ୍‌ର ସାହାରା ନିଆଯାଇଛି। ଏହାର ମୂଳ ଲକ୍ଷ୍ୟ ହେଉଛି ଆନିମେସନ୍ ମାଧ୍ୟମରେ ସମାଜରେ ଉତ୍ତମ ଚରିତ୍ର ଗଠନ କରିବା ସହ ସମସ୍ତଙ୍କ ହୃଦୟରେ ଭକ୍ତିଭାବ ଜାଗ୍ରତ କରିବା। 'ଏଲି ଆନିମେସନ୍' ପକ୍ଷରୁ ଏହି ଅଭିନବ ପ୍ରୟାସ କରାଯାଇଥିବା ବେଳେ ଏହାର ପ୍ରଯୋଜନା କରିଛନ୍ତି ଦୁର୍ଗା ପ୍ରସାଦ ଦଳାଇ।

# ପରିଚାଳନା ବିଭ୍ରାଟ ପାଇଁ ଶ୍ରୀମନ୍ଦିର ପ୍ରଶାସକ ଅନୁତପ୍ତ ହେବା ଉଚିତ: ଭକ୍ତ

ଭୁବନେଶ୍ୱର, ୧୭।୭ (ସମିସ): ଚଳିତ ବର୍ଷ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପରିଚାଳନାରେ ବ୍ୟାପକ ତ୍ରୁଟି ହୋଇଛି। ଏହା ରାଜ୍ୟବାସୀଙ୍କ ଭାବାବେଗକୁ ଗଭୀର ଆଘାତ ଦେଇଛି। ପ୍ରଥମଥର ନୁହଁ, ଓଡ଼ିଆଙ୍କ ଭାବାବେଗକୁ ଡବଲ ଇଞ୍ଜିନ ସରକାର କ୍ରମାଗତ ଆଘାତ କରିଚାଲିଛି ବୋଲି କହି ବିଜେପି ସରକାର ଉପରେ ବର୍ଷିଛି କଂଗ୍ରେସ।



ଶୁକ୍ରବାର ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ମହାପ୍ରଭୁ ଜଗନ୍ନାଥ ଓଡ଼ିଶାର ସମସ୍ତ ଜନତାଙ୍କ ଭାବାବେଗ ସହ ଜଡିତ ଏବଂ ରଥଯାତ୍ରା ପର୍ବ ପାଇଁ କେବଳ ଓଡିଶାରୁ ନୁହେଁ ବିଦେଶରୁ ମଧ୍ୟ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୁଏ। କିନ୍ତୁ ଏଇ ସରକାର କ୍ରମାଗତ ଭାବରେ ତିନିବର୍ଷ ହେଲା ଜଗନ୍ନାଥଙ୍କ ପରିଚାଳନାରେ ଗୁରୁତର ତ୍ରୁଟି କରି ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀମୁଖକୁ ଶ୍ରୀହୀନ କରି ଦେଇଛି।

ପରିତାପର ବିଷୟ ସରକାର ଲୋକଙ୍କ ଭାବାବେଗକୁ ଖାତିର କରୁ ନାହାନ୍ତି। ଏ ବର୍ଷ ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥ ଶ୍ରୀମନ୍ଦିରରୁ ବିନା ଟାହିଆରେ ରଥାରୂଢ଼ ହେଲେ। ରଥଯାତ୍ରା ଓ ବାହୁଡ଼ାରେ ଟାହିଆ ବ୍ୟବହାର କରିବା ବାଧ୍ୟତାମୂଳକ ଶାସ୍ତ୍ରୀୟ ପରମ୍ପରା ରହି ଆସିଅଛି ଏବଂ ଶହ ଶହ ବର୍ଷ ଧରି ବିନା ବ୍ୟତିକ୍ରମରେ ଚାଲି ଆସିଅଛି। କିନ୍ତୁ ଏଥର ଟାହିଆ ପ୍ରଭୁ ବ୍ୟବହାର କରି ପାରିଲେ ନାହିଁ। ପରମ୍ପରାରେ ଅବହେଳା ଘଟିଲା କାହିଁକି? ଏହି ଗୁରୁତର ନୀତିକାନ୍ତି ତ୍ରୁଟି ସମସ୍ତ ରାଜ୍ୟବାସୀଙ୍କୁ ହତବାକ କରିବା ସହ ଅତ୍ୟନ୍ତ ବ୍ୟଥିତ କରିଛି ବୋଲି ସେ କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସକ ଅରବିନ୍ଦ ପାଢ଼ୀ କାହା ପରାମର୍ଶ କ୍ରମେ ଶ୍ରୀଜଗନ୍ନାଥଙ୍କୁ ଟାହିଆ ପିନ୍ଧିବାରୁ ବଞ୍ଚିତ କରାଇଲେ ଓ ଏଥିପାଇଁ ଶ୍ରୀ ପାଢ଼ୀ ଅନୁତପ୍ତ ହେବା ଉଚିତ

**ଶ୍ରୀରାମଙ୍କ ନାମରେ ଲୁଟ ପରେ ଏବେ ପ୍ରଭୁ ଜଗନ୍ନାଥ ଉପରେ ଆଖି**

ବୋଲି ଶ୍ରୀ ଦାସ କହିଛନ୍ତି। ଖୋଦ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କ ସଭାପତିତ୍ୱରେ ଅନେକ ବୈଠକ ହୋଇଛି। ବ୍ୟାପକ ପ୍ରସ୍ତୁତିର ଭାଷଣ ପରେ ଏବେ ଫଳାଫଳ ଲୋକଙ୍କ ଆଗରେ ଅଛି। ଦଳା ଚକଟାରେ ତିନିଜଣଙ୍କ ମୃତ୍ୟୁ ଘଟିବା ଓ ୧୫୦ ଆହତ ହୋଇ ଚିକିତ୍ସିତ ହେବା ଘଟଣା ସରକାରଙ୍କ ବିଫଳତାକୁ ଦର୍ଶାଉଛି। ହେଲେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବେପରୁଆ ମନ୍ତବ୍ୟ 'ଦଳଚକଟା ଘଟଣା ଘଟିନି' ସରକାରଙ୍କ ଅମାନବୀୟତା ଏବଂ ଉତ୍ତରଦାୟିତ୍ୱହୀନତା ଦର୍ଶାଉଛି ବୋଲି ଶ୍ରୀ ଦାସ କହିଛନ୍ତି।

ଶ୍ରୀ ଦାସ ବିଜେପି ସରକାରଙ୍କୁ ସମାଲୋଚନା କରି ପୁଣି କହିଛନ୍ତି ଯେ' ଏମାନେ ରାମଙ୍କ ନାମ ବ୍ୟବହାର କରି ରାମ ମନ୍ଦିର ଦାନ ଅଳଙ୍କାର ଓ ଅର୍ଥର ଲୁଟ କରିଛନ୍ତି, ବର୍ତ୍ତମାନ ନଜର ଆମ ମହାପ୍ରଭୁଙ୍କ ଉପରେ ପଡ଼ିଛି। ଶ୍ରୀରାମଙ୍କ ଭଳି ପ୍ରଭୁ ଜଗନ୍ନାଥଙ୍କ ସହିତ ଖେଳନ୍ତୁ ନାହିଁ। ମୃତ ଓ ଆହତ ଭକ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ତୁରନ୍ତ ପ୍ରଦାନ କରାଯାଉ।

# ମହାପ୍ରଭୁଙ୍କ ଘୋଷଯାତ୍ରାରେ ମହାବିଭ୍ରାଟ | ପରିଚାଳନାଗତ ତ୍ରୁଟି ଯୋଗୁଁ ଦଳାଚକଟା: ବିଜେଡି

ଭୁବନେଶ୍ୱର, ୧୭।୭ (ସମିସ): ଲଗାତାର ତୃତୀୟ ବର୍ଷ ଧରି ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ବ୍ୟାପକ ତ୍ରୁଟି ଦେଖିବାକୁ ମିଳିଛି। ବିନା ଟାହିଆରେ ମହାପ୍ରଭୁ ବିଜେ କରିବା ଓ ବାଇଶି ପାହାଚରେ ମହାପ୍ରଭୁ ୪୦ ମିନିଟ୍ ଅଟକି ରହିବା ଅଗଣିତ ଜଗନ୍ନାଥପ୍ରେମୀଙ୍କ ମନକୁ ଆଘାତ ଦେଇଛି। ରଥଯାତ୍ରା ପରିଚାଳନରେ ବ୍ୟାପକ ତ୍ରୁଟି ଯୋଗୁଁ ଦଳାଚକଟାରେ ଅକାଳରେ ଶ୍ରଦ୍ଧାଳୁଙ୍କ ଜୀବନ ଯାଇଥିବା ଆଦି ଦର୍ଶାଇ ସରକାରଙ୍କୁ କଡ଼ା ଭର୍ତ୍ସନା କରିଛି ବିଜେଡି।

ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ରଥଯାତ୍ରା ପରିଚାଳନାରେ ବ୍ୟାପକ ତ୍ରୁଟିକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ନିନ୍ଦା କରିଛନ୍ତି।

ପ୍ରମିଳା ମଲ୍ଲିକ, ପହଣ୍ଡି ବିଜେ ବେଳେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଟାହିଆ ନଥିବା ପ୍ରସଙ୍ଗକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଟାହିଆ ବର୍ଷାରେ ଓଦା ହୋଇ ଖସି ଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ। ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ଟାହିଆ ବର୍ଷାରେ ଖସିନଥିବା ବେଳେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଟାହିଆ କିପରି ଖସିଲା ତାହା



**ସରକାରଙ୍କ ସମନ୍ୱୟ ଅଭାବରୁ ଚାଲିଗଲା ଶ୍ରଦ୍ଧାଳୁଙ୍କ ଜୀବନ**

**ମୃତ ଶ୍ରଦ୍ଧାଳୁଙ୍କ ପରିବାରବର୍ଗଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବି**

**ଜଗନ୍ନାଥପ୍ରେମୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ରାଜ୍ୟ ସରକାର**

ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୋଟି ଓଡିଆଙ୍କ ମଉଡମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିନା ଟାହିଆରେ ନନ୍ଦିଘୋଷ ରଥକୁ ବିଜେ କରାଇଲେ। ରାଜ୍ୟ ସରକାର ନିଜ ଭୁଲ ପାଇଁ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ। ରାଜ୍ୟ ବାହାର ଅତିଥି ମାନଙ୍କ ସୁରକ୍ଷା ପ୍ରଦାନରେ ବ୍ୟସ୍ତ ରହି ସରକାର ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ପାଶୋରି ଯାଉଛନ୍ତି, ଯାହାଫଳରେ ନିରୀହ ଶ୍ରଦ୍ଧାଳୁ ମୃତ୍ୟୁ ମୁଖରେ ପଡୁଛନ୍ତି ବୋଲି ଶ୍ରୀମତି ମଲ୍ଲିକ କହିଛନ୍ତି।

ସଞ୍ଜୟ ଦାସବର୍ମା କହିଥିଲେ ଯେ, ବଡ଼ଦାଣ୍ଡରେ ବିଭ୍ରାଟ ଯୋଗୁଁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ, କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ମନକୁ ଆଘାତ ଦେଇଛି। ଉକ୍ତ ତ୍ରୁଟି ପାଇଁ ଶ୍ରୀମନ୍ଦିର ପ୍ରଶାସକଙ୍କ ସମେତ ସେବାୟତ ନିଯୋଗ ମଧ୍ୟ ଦାୟୀ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ମାନଙ୍କୁ ବ୍ୟାରିକେଡ୍‌ରେ ଅଟକାଇ ଦେବାରୁ ଭିଡ଼ ଯୋଗୁଁ ଅଘଟଣ ଘଟିଛି। ରଥଯାତ୍ରାର କର୍ଡନ ପାସ୍ ଦିଆଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ, କିନ୍ତୁ ହଜାର ହଜାର ଲୋକଙ୍କୁ ପାସ ଦିଆଯାଇଛି। ଆଇନ ମନ୍ତ୍ରୀ ବିବୃତ୍ତି ଦେଇଥିଲେ ଯେ ଯେଉଁମାନେ ନୀତିକାନ୍ତି ସହ ଜଡ଼ିତ ରହିଛନ୍ତି ତାଙ୍କୁ ପାସ୍ ପ୍ରଦାନ କରାଯିବ, କିନ୍ତୁ ଇନର୍ କର୍ଡନ ମଧ୍ୟରେ ଅନେକ ଲୋକ ରହିଥିଲେ। ଫଳରେ ଭିଡ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଦଳାଚକଟାରେ ୩ଟି ଅମୂଲ୍ୟ ଜୀବନ ହାନି ଘଟିଛି। ୩୬୨ ଜଣ ଆହତ ହୋଇଥିବା ବେଳେ ସେଥି ମଧ୍ୟରୁ ୧୨୨ ଜଣ ଗୁରୁତର ଆହାତ ହୋଇଥିବା ଜଣାପଡିଛି। ମୃତକଙ୍କ ପରିବାରବର୍ଗଙ୍କୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବା ସହ ଆହତମାନଙ୍କୁ ଉନ୍ନତ ଚିକିତ୍ସା ସେବା ପ୍ରଦାନ କରାଯାଉ ବୋଲି ଶ୍ରୀ ଦାସବର୍ମା ଦାବି କରିଛନ୍ତି।

ଶୁଭାଶିଷ ଖୁଣ୍ଟିଆ କହିଥିଲେ ଯେ, ଡବଲ ଇଞ୍ଜିନ ସରକାରରେ ପୁରୀ ଏକ ମରଣଯନ୍ତା ପାଲଟି ଯାଇଛି। ରଥଯାତ୍ରା ସୁପରିଚାଳନା ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ରାଜ୍ୟ ସରକାର କିଛି ଶିକ୍ଷା ଗ୍ରହଣ କରନ୍ତୁ ବୋଲି ଶ୍ରୀ ଖୁଣ୍ଟିଆ କହିଛନ୍ତି।

ଉମାକାନ୍ତ ସାମନ୍ତରାୟ କହିଥିଲେ ଯେ, ବିଜେପି ସରକାରର ପ୍ରଥମ ବର୍ଷରେ ପ୍ରଭୁ ବଳଭଦ୍ର ଚାରମାଳରୁ ଖସି ପଡ଼ିଲେ, ଦ୍ୱିତୀୟ ବର୍ଷରେ ମାଉସୀ ମା' ମନ୍ଦିର ନିକଟରେ ଦଳାଚକାଟରେ ୨ ଜଣ ଶ୍ରଦ୍ଧାଳୁଙ୍କ ଜୀବନ ହାନି ଘଟିଲା, ଚଳିତ ବର୍ଷ ପରିଚାଳନାଗତ ତ୍ରୁଟି ପାଇଁ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ଜୀବନ ଚାଲିଗଲା। କିନ୍ତୁ ସରକାର କୌଣସି ଶିକ୍ଷା ଗ୍ରହଣ କରିପାରିଲେ ନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ରଥଯାତ୍ରାର ସୁପରିଚାଳନ ନିମନ୍ତେ ପ୍ରଶାସନିକ ସ୍ତରରେ ଭକ୍ତମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲା, ଯାହାକୁ ବିଜେପି ସରକାର ଏଡ଼ାଇ ଦେଇଛି।

# ବରିଷ୍ଠ ବିଜେଡିନେତା ପ୍ରଫୁଲ୍ଲ ସାମଲ ଅସୁସ୍ଥ

ଭୁବନେଶ୍ୱର/ଭଦ୍ରକ,୧୭।୭(ସମିସ): ବରିଷ୍ଠ ବିଜେଡି ନେତା ତଥା ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ

**ଆଶୁ ଆରୋଗ୍ୟ କାମନା କଲେ ନବୀନ**

**ହସ୍ପିଟାଲ୍‌ରେ ଭେଟିଲେ ବିଜେଡି ପ୍ରତିନିଧି ମଣ୍ଡଳୀ**

ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗତକାଲି ଭୁବନେଶ୍ୱର ବାସଭବନରେ ସେ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କର ବ୍ରେନ ଷ୍ଟ୍ରୋକ(ମସ୍ତିଷ୍କ ଆଘାତ) ହୋଇଥିବା ଜଣାଯାଇଛି।

ଶ୍ରୀ ସାମଲଙ୍କ ଅସୁସ୍ଥତା ଖବର ପାଇ ଦିଲ୍ଲୀ ଗସ୍ତରେ ଥିବା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ 'ଏକ୍ସ'ରେ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଅନ୍ୟପକ୍ଷରେ



ଆଜି ରାଜ୍ୟ ବିଜେଡି ଉପସଭାପତି ତଥା ପ୍ରାକ୍ତନ ମନ୍ତ୍ରୀ ପ୍ରଣବପ୍ରକାଶ ଦାସ, ବିଧାୟିକା ପ୍ରମିଳା ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ଦେବୀ ମିଶ୍ର, ଭଣ୍ଡାରିପୋଖରୀ ବିଧାୟକ ସଂଜୀବ କୁମାର ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ପ୍ରମୁଖ ହସ୍ପିଟାଲ ଯାଇ ତାଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ମଧ୍ୟ ତାଙ୍କ ମା'ଙ୍କ ଚିକିତ୍ସା ପାଇଁ ହସ୍ପିଟାଲରେ ଅଛନ୍ତି। ପରେ ଭଦ୍ରକ ଜିଲ୍ଲା ସଭାପତି ବିଧାୟକ ବ୍ୟୋମକେଶ ରାୟ, ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀ ଜିଲ୍ଲା ସଭାପତି ଉମା ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ପ୍ରମୁଖ ଡାକ୍ତରଖାନା ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

# ଦାରା ମୁକ୍ତି ମସୁଧାକୁ ନେଇ ଉଠୁଛି ବିରୋଧ

ଭୁବନେଶ୍ୱର,୧୭।୭(ସମିସ): ଗ୍ରାହାମ୍ ଷ୍ଟେନ୍ ଏବଂ ତାଙ୍କର ଦୁଇ ନିଷ୍ପାପ ନାବାଳକ ପୁଅଙ୍କୁ ଜିଅନ୍ତା ଜାଳି ହତ୍ୟା କରିବା ଘଟଣାରେ ଦୋଷୀ ସାବ୍ୟସ୍ତ ଦାରା ସିଂହ ଓରଫ ରବୀନ୍ଦ୍ର ପାଲ୍ ସିଂହଙ୍କୁ କାରାଗାରରୁ ମୁକ୍ତ କରିବା ପାଇଁ ବିଜେପି ନେତୃତ୍ୱାଧୀନ ଓଡ଼ିଶା ସରକାରଙ୍କ ଉଦ୍ୟମକୁ ଦୃଢ଼ ନିନ୍ଦା କରିଛି ସିପିଆଇ। ପାର୍ଟିର ରାଜ୍ୟ ପରିଷଦ ପକ୍ଷରୁ କୁହାଯାଇଛି, ଦାରା ସିଂହଙ୍କ ମୁକ୍ତି ରାଜ୍ୟରେ ଅପରାଧକୁ ରୋକିବା ପରିବର୍ତ୍ତେ ଅନ୍ୟ ସାମ୍ପ୍ରଦାୟିକ ଓ ସଂଗଠିତ ଅପରାଧୀମାନଙ୍କର ମନୋବଳ ବଢ଼ାଇବ ଏବଂ ସେମାନଙ୍କୁ ଏଭଳି ଅପରାଧ କରିବାକୁ ଉତ୍ସାହିତ କରିବ। ଓଡ଼ିଶା ଗତ ୨ ବର୍ଷ ଧରି ସାମ୍ପ୍ରଦାୟିକ ଓ ଜାତିଆଣ ଘୃଣା, ହିଂସା ଏବଂ ଭିଡ଼ହତ୍ୟା, ନାରୀ ନିର୍ଯାତନା ଯୋଗୁ ଗୁରୁତର ଆଇନଶୃଙ୍ଖଳା ସଙ୍କଟ ପାଇଁ ଦେଶବିଦେଶରେ ନିନ୍ଦିତ ହେଉଛି। ଏଭଳି ସମୟରେ ଅଭ୍ୟାସଗତ ଓ କୁଖ୍ୟାତ ଅପରାଧୀ ଦାରା ସିଂହଙ୍କୁ ମୁକ୍ତ କରାଗଲେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଆହୁରି ଅସ୍ଥିର ଓ ବିସ୍ଫୋରକ ହୋଇଯିବ ବୋଲି ଦଳ କହିଛି।

**ଦାରା ସିଂହଙ୍କ ମୁକ୍ତି ଅପରାଧୀଙ୍କର ମନୋବଳ ବଢ଼ାଇବ**

**ସରକାରଙ୍କ ନିଷ୍ପତ୍ତି ଗୁରୁତର ଆହ୍ୱାନ ସୃଷ୍ଟି କରିବ**

# ନିଟ୍‌ରେ ଅସଫଳ ହେବାରୁ ଛାତ୍ରୀଙ୍କ ଆତ୍ମହତ୍ୟା

ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା,୧୭।୭ (ସମିସ): ଗତକାଲି ପ୍ରକାଶ ପାଇଥିବା ନିଟ୍ ପ୍ରବେଶିକା ପରୀକ୍ଷାରେ ଅସଫଳ ହେବାରୁ ଜନୈକା ଛାତ୍ରୀ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତ୍ୟୁବରଣ କରିଥିବା ଛାତ୍ରୀ ଜଣକ ସ୍ଥାନୀୟ ହଳଦିଆପଦର ଅଞ୍ଚଳର ଭଗବାନ ସାହୁଙ୍କ ଏକମାତ୍ର କନ୍ୟା ସଞ୍ଜିତା ସାହୁ ବୋଲି ଜଣାପଡିଛି। ଗତ ରାତିରେ ନିଟ୍ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ସେଥିରେ ସେ ଅକୃତକାର୍ଯ୍ୟ ହୋଇଥିବା ଜାଣିପାରିଥିଲେ। ଏବଂ ରାତିରେ ହିଁ ନିଜ ପ୍ରକୋଷ୍ଠରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ଭୋର ସମୟରେ ପରିବାର ଲୋକେ ଏନେଇ ଜାଣିବାକୁ ପାଇଥିଲେ। ପରେ ପୁଲିସକୁ ଖବର ଦେଇଥିଲେ। ମରଶରୀରକୁ ବଡ ମେଡିକାଲକୁ ଅଣାଯାଇଥିଲା ଏବଂ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କର ଶବ ବ୍ୟବଛେଦ କରାଯାଇଥିଲା। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଯୋଗ୍ୟ ଯେ' ଏଥି ପୂର୍ବରୁ ସଂଜିତା ଥରେ ନିଟ ପ୍ରବେଶିକା ପରୀକ୍ଷା ଦେଇଥିଲେ ଏବଂ ଏହା ତାଙ୍କର ଦ୍ୱିତୀୟ ଉଦ୍ୟମ ଥିବା ପରିବାର ବର୍ଗଙ୍କ ପକ୍ଷରୁ ସୂଚନା ମିଳିଛି।

# ଏସ୍‌ସିଇଆର୍‌ଟିରେ କ୍ରାଇମ୍‌ବ୍ରାଞ୍ଚର ୪ ଜଣିଆ ଟିମ୍

**ଆର୍ଥିକ କାରବାର ନେଇ ଯାଞ୍ଚ ଆରମ୍ଭ**

ଭୁବନେଶ୍ୱର,୧୭।୭(ସମିସ): ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚ ଆର୍ଥିକ କାରବାର ନେଇ ଶୁକ୍ରବାରଠାରୁ ତଦନ୍ତ ଆରମ୍ଭ କରିଛି। ଆର୍ଥିକ କାରବାର ସମ୍ଭାଳୁଥିବା ଏସ୍‌ସିଇଆର୍‌ଟିର କିଛି ବରିଷ୍ଠ ଅଧିକାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ପଚରାଉଚରା କରିଥିଲା। ତୃତୀୟ ଥର ପାଇଁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ସିଇଆର୍‌ଟିକୁ ଯାଇ ଛାନ୍‌ଭିନ୍ କରିଛି। ସରକାରୀ ପାଠ୍ୟ ପୁସ୍ତକ ଉତ୍ପାଦନ ଏବଂ ବିକ୍ରୟ କେନ୍ଦ୍ରରେ ତନାଘନା କରି ପ୍ରିଣ୍ଟିଂଠାରୁ ପ୍ରଡକ୍‌ସନ୍ ସମସ୍ତ ଡକ୍ୟୁମେଣ୍ଟ ଯାଞ୍ଚ କରିଛି। ପ୍ରାୟ ୭ ଘଣ୍ଟା ଧରି ଯାଞ୍ଚ କରିବା ପରେ ପ୍ରିଣ୍ଟିଂ ଏବଂ ଟେଣ୍ଡର ଫାଇଲ ଜବତ କରିଛି।

**ପ୍ରିଣ୍ଟିଂ ଏବଂ ଟେଣ୍ଡର ଫାଇଲ ଜବତ**

ମିଳିଥିବା ସୂଚନା ମୁତାବକ, ଏସ୍‌ସିଇଆର୍‌ଟି ଟେକ୍ସଟ୍ ବୁକ୍ ତିଆରି ଏବଂ ପ୍ରିଣ୍ଟିଂ କରିବା ପାଇଁ ଟଙ୍କା ପ୍ରଦାନ କରେ। ତେବେ ଏସ୍‌ସିଇଆର୍‌ଟି ପ୍ରିଣ୍ଟିଂ ପାଇଁ ବିଭିନ୍ନ ପ୍ରେସ୍‌କୁ କେତେ ଟଙ୍କା ପ୍ରଦାନ କରିଛି, କେତେ ବହି ପ୍ରିଣ୍ଟିଂ ପାଇଁ ଟଙ୍କା ଦିଆଯାଇଥିଲା, କାହାକୁ କେତେ ଟଙ୍କା ପ୍ରଦାନ କରାଯାଇଥିଲା ସେ ନେଇ କ୍ରାଇମ୍‌ବ୍ରାଞ୍ଚ ପଚରାଉଚରା କରିଛି। ଏ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ମଧ୍ୟ ସଂଗ୍ରହ କରିଛି। ଏସ୍‌ସିଇଆର୍‌ଟି କାହାକୁ କେତେ ପେମେଣ୍ଟ ଦେଇଛି, ତାହା ଯାଞ୍ଚ କରାଯାଉଥିବା କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର ବେହେରା କହିଛନ୍ତି।

**ଝାଡ଼ଖଣ୍ଡ ମୁହାଁ ଲଘୁଚାପ, ରାଜ୍ୟରେ କମିବ ବର୍ଷା**

# ୨୪ ଘଣ୍ଟାରେ ସ୍ୱାଭାବିକଠୁ ୨୦୪ ପ୍ରତିଶତ ଅଧିକ ବର୍ଷିଲା

ଭୁବନେଶ୍ୱର,୧୭।୭(ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଧୀରେ ଧୀରେ ଦୁର୍ବଳ ହେଉଛି। ବର୍ତ୍ତମାନ ଏହି ଲଘୁଚାପଟି ଗାଙ୍ଗେୟ ପଶ୍ଚିମବଙ୍ଗ ସଂଲଗ୍ନ ଝାଡଖଣ୍ଡ ଓ ଉତ୍ତର ଓଡ଼ିଶା ପାଖାପାଖି ରହିଛି। ଏହି ଲଘୁଚାପ ଯୋଗୁଁ ଯଦିଓ ପୂର୍ବାପେକ୍ଷା ରାଜ୍ୟରେ ବର୍ଷାର ପ୍ରଭାବ କମିଛି, ମାତ୍ର ଶୁକ୍ରବାର ଦିନ ତମାମ ରାଜ୍ୟର ଅଧିକାଂଶ ସ୍ଥାନରେ କୋହଲା ପାଗ ସାଙ୍ଗକୁ କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ହୋଇଛି। ଶନିବାରଠାରୁ ବର୍ଷାର ପ୍ରଭାବ ଆହୁରି ହ୍ରାସ ହେବାକୁ ଥିବା ବେଳେ ଆସନ୍ତା ୩-୪ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ଅଞ୍ଚଳରେ କାଁ ଭାଁ ବର୍ଷା ଆଶଙ୍କା କରାଯାଉଛି। ବିଶେଷ କରି ସୀମାନ୍ତବର୍ତ୍ତୀ ଜିଲ୍ଲାରେ ଏହି ବର୍ଷା ହୋଇପାରେ ବୋଲି ଆକଳନ କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶନିବାର ବଲାଙ୍ଗିର, ବରଗଡ଼, ନୂଆପଡା, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଆଦି ୬ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ଗଲା ଲଘୁଚାପ ଯୋଗୁଁ ରାଜ୍ୟରେ ଗତ ୩ ମଧ୍ୟରେ ଅନେକ ସ୍ଥାନରେ ଭାରି ବର୍ଷା ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୪୮ ଟି ଷ୍ଟେସନ୍‌ରେ ପ୍ରବଳ ବର୍ଷା ରେକର୍ଡ ହୋଇଥିବା ବେଳେ ୯ ଟି ଷ୍ଟେସନରେ ଅତି ପ୍ରବଳ ବର୍ଷା ଓ ଗୋଟିଏ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ରେକର୍ଡ କରାଯାଇଛି।

**୧୭ ଦିନରେ ହୋଇଗଲାଣି ପାଖାପାଖି ମାସକର ବର୍ଷା**

ବର୍ଷା ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ କେନ୍ଦୁଝରର ହାଟଡିହିରେ ସର୍ବାଧିକ ୨୧୦ ମିମି ବର୍ଷା ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟାରେ ସ୍ୱାଭାବିକ ବର୍ଷାର ପରିମାଣ ୧୧.୮ ମିମି ରହିଥିବା ବେଳେ ରାଜ୍ୟରେ ୩୬.୧ ମିମି ବର୍ଷା ହୋଇଛି, ଯାହାକି ସ୍ୱାଭାବିକ ବର୍ଷା ତୁଳନାରେ ୨୦୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ କରାଯାଇଛି। ଏହି ଲଘୁଚାପ ଯୋଗୁଁ ଉତ୍ତର ଓଡ଼ିଶାରେ ସର୍ବାଧିକ ବର୍ଷା ହୋଇଥିବାରୁ ବୈତରଣୀ ସହ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ଆଦି ନଦୀର ଜଳସ୍ତର ବଢ଼ିଛି। ଜଳକା ନଦୀରେ ଜଳସ୍ତର ଅଧିକ ବଢ଼ିଥିବା ବେଳେ କିଛି ତଳି ଅଞ୍ଚଳରେ ବନ୍ୟା ଜଳ ମଧ୍ୟ ପ୍ରବେଶ କରିଛି। ଚଳିତ ଜୁଲାଇ ମାସରେ ଦୁଇ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ଏହାଦ୍ୱାରା ରାଜ୍ୟକୁ ଭଲ ବର୍ଷା ମିଳିଛି। ରାଜ୍ୟରେ ମୌସୁମୀ ଋତୁ ଆରମ୍ଭ ଅର୍ଥାତ ୧-୩୦ଜୁନ ମଧ୍ୟରେ ମାତ୍ର ୧୧୦.୩ ମିମି ବର୍ଷା ରେକର୍ଡ ହୋଇଥିଲା। ଏହି ପରିମାଣର ବର୍ଷା ସହ ମାସ ଶେଷ ସୁଦ୍ଧା ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ ପ୍ରାୟ ୪୬ ପ୍ରତିଶତ କମ୍ ରହିଥିଲା। ତେବେ ଜୁଲାଇର ୨ ଟି ଲଘୁଚାପ ଦ୍ୱାରା ଚଳିତ ମାସର ସ୍ୱାଭାବିକ ବର୍ଷା ୩୪୧.୪ମିମି ତୁଳନାରେ ଜୁଲାଇ ୧୭ ସୁଦ୍ଧା ମୋଟ୍ ୩୩୬.୬ ମିମି ବର୍ଷା ରେକର୍ଡ ହୋଇସାରିଛି। ମାସପୁରିବାକୁ ଆହୁରି ୧୪ଦିନ ବାକି ରହିଥିବାରୁ ଚଳିତ ମାସ ସ୍ୱାଭାବିକ ତୁଳନାରେ ବର୍ଷାର ପରିମାଣ ଯଥେଷ୍ଟ ଅଧିକ ବୋଲି ଆକଳନ କରାଯାଉଛି। ଏହି କ୍ରମରେ ସାମଗ୍ରୀକ ଭାବେ ଜୁନ ୧ରୁ ଏଯାବତ ୪୪୬.୯ ମିମି ବର୍ଷା ରେକର୍ଡ ହୋଇଛି। ଅନ୍ୟପଟେ ଲଘୁଚାପ ପ୍ରଭାବରେ ଆହୁରି ୨୪ ଘଣ୍ଟା ପର୍ଯ୍ୟନ୍ତ ଓଡିଶା ଉପକୂଳ ପାଇଁ ବିପଦ ସଙ୍କେତ ଜାରି କରାଯାଇଛି।

# 'ଭଲ ମଣିଷ' ତିଆରି କରୁଛି ପ୍ରିୟଙ୍କାଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ସ୍- ଡ. ବାବୁଲା ବେହେରା



ପୁରୀ, ୧୬/୭: ୨୦୦୯ ମସିହାରେ ପୁରୀର ବାଲିଗୁଆଳିରେ ଆରମ୍ଭ ହୋଇଥିବା ପ୍ରିୟଙ୍କାଦେବୀ ସ୍କୁଲ୍ ଅଫ୍ ନର୍ସିଂ ଆଜି ଓଡ଼ିଶାରେ ଏକାଧିକ ସ୍ଥାନରେ କେବଳ ଶାଖା ଖୋଲିନାହିଁ, ବରଂ 'ପ୍ରିୟଙ୍କାଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ସ୍' ଭାବରେ ଖ୍ୟାତ। ଛାତ୍ରଛାତ୍ରୀଙ୍କର ଏହି ଅନୁଷ୍ଠାନ ଏବେ ପ୍ରଥମ ପସନ୍ଦ ପାଲଟିଛି। ରାଜ୍ୟର ବଡ଼ବଡ଼ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଏହାର ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଅଛନ୍ତି। ଏହି ଅନୁଷ୍ଠାନ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ପାଇଁ ଉଦ୍ୟମ ଅବ୍ୟାହତ ରଖିଛି। ଯେଉଁଥିପାଇଁ ୧୭ ବର୍ଷ ଧରି 'ମଣିଷ' ତିଆରି କରୁଛି ପ୍ରିୟଙ୍କାଦେବୀ ଗ୍ରୁପ୍‌ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ସ୍ । ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଏଭଳି ସଫଳତାର କାହାଣୀ କହିଛନ୍ତି ଅନୁଷ୍ଠାନର ନିର୍ଦ୍ଦେଶକ ଡ. ବାବୁଲା ବେହେରା ।

**❑ ଅନ୍ୟ ଅନୁଷ୍ଠାନଠାରୁ ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ସ୍ ଭିନ୍ନ କେମିତି ?**

ଏଠାରେ ଏଏନ୍‌ଏମ୍, ଜିଏନ୍‌ଏମ୍, ବିଏସ୍‌ସି, ନର୍ସିଂ, ପୋଷ୍ଟ ବେସିକ୍ ନର୍ସିଂ, ଏମ୍‌ଏସ୍‌ସି ନର୍ସିଂ ଓ ଡ. ଫାର୍ମା ଭଳି କୋର୍ସ ରହିଛି । କେବଳ ପୁରୀରେ ନୁହେଁ, ବରଂ ମୟୂରଭଞ୍ଜ ଓ କନ୍ଧମାଳରେ ଆମ ଅନୁଷ୍ଠାନର ଶାଖା ରହିଛି । ଏଠାରେ ଛାତ୍ରଛାତ୍ରୀଙ୍କୁ କେବଳ ପାଠ ପଢ଼ାଯାଏ ନାହିଁ, ବରଂ ଶୃଙ୍ଖଳା ଶିଖାଯାଏ । କେମିତି ଜଣେ ଭଲ ମଣିଷ ହୋଇ ଅନୁଷ୍ଠାନରୁ ବାହାରିବ ସେ ନେଇ ଉଦ୍ୟମ କରାଯାଏ । ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ଆମେ ଅହରହ ଲାଗିଥାଉ । ଆମେ ଏଠାରେ ଯେଉଁ ଆଧୁନିକ ଲାବରେଟୋରି ସୁବିଧା ରଖିଛୁ ତାହାକୁ ଛାତ୍ରଛାତ୍ରୀଙ୍କ ମନକିଣି ନେଲା ଭଳି ହୋଇଛି । ଛାତ୍ର ଓ ଛାତ୍ରୀଙ୍କ ପାଇଁ ହଷ୍ଟେଲ୍, ଡିଜିଟାଇଜ୍‌ଡ୍ କ୍ଲାସ୍‌ରୁମ୍, ଲାଇବ୍ରେରି, ଡାଇନିଂ ହଲ୍, ପରିବହନ ବ୍ୟବସ୍ଥା, ରାଗିଙ୍ଗ୍ ଫ୍ରି କ୍ୟାମ୍ପସ୍ ପାଇଁ ଏହାକୁ ଛାତ୍ରଛାତ୍ରୀ ପସନ୍ଦ କରନ୍ତି ।

**❑ ସଫଳତା ହାର କିଭଳି?**

ସଫଳତା ହାର କହିବା ଆବଶ୍ୟକତା ନାହିଁ। ରାଜ୍ୟ ଓ ରାଜ୍ୟ ବାହାରେ ଯେତିକି ବଡ଼ବଡ଼ ହସ୍‌ପିଟାଲ୍ ଅଛି, ଆଜି ସେଠାରେ ଆମର ଶହଶହ ଛାତ୍ରଛାତ୍ରୀ ସଫଳତାର ସହ କାମ କରୁଛନ୍ତି। କେବଳ ଆମ ଅନୁଷ୍ଠାନର ଟେକ ରଖିନାହାନ୍ତି ବରଂ ଜଣେ ଶୃଙ୍ଖଳିତ କର୍ମଚାରୀ ଓ ଅଧିକାରୀ ଭାବରେ ସେଠାରେ ପ୍ରିୟପାତ୍ର ହୋଇ ପାରିଛନ୍ତି । ବ୍ରହ୍ମପୁର ଏମ୍‌କେସିଜି ହସ୍‌ପିଟାଲ୍, ଏମ୍‌ସ୍, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଏସ୍‌ସିବି ମେଡିକାଲ୍ କଲେଜ୍ ଆଣ୍ଡ ହସ୍‌ପିଟାଲ୍, ମୟୂରଭଞ୍ଜ ପିଆର୍ ଏମ୍‌ସିଏଚ୍, ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କୋଲକାତା ଟାଟା ମେମୋରିଆଲ୍, କିମ୍ସ, ସମ୍, କେୟାର, ଶ୍ରୀ, ଆପୋଲୋ, ସନ୍, ସଦ୍‌ଗୁରୁ ପ୍ରଭୃତି ଘରୋଇ ହସ୍‌ପିଟାଲ୍‌ରେ ସେମାନେ କାମ କରୁଛନ୍ତି ।

**❑ ଆଉ କଣ ଲକ୍ଷ୍ୟ ରହିଛି ?**

ଆମେ ଅନୁଷ୍ଠାନ କେବଳ ତିନିଟି ଜିଲ୍ଲାରେ ଅଛି । ଆମେ ସାରା ରାଜ୍ୟରେ ପହଞ୍ଚିବାକୁ ଯୋଜନା କରିଛୁ। ଛାତ୍ରଛାତ୍ରୀଙ୍କ ପାଇଁ ଆହୁରି ସୁବିଧା ଓ ସେମାନଙ୍କର ଲକ୍ଷ୍ୟ ହାସଲ ଦିଗରେ ଆଉ ଯାହା କରାଯାଇପାରିବ, ତାହା କରାଯାଉଛି । ଲାବରେଟୋରି ଓ ଲାଇବ୍ରେରିକୁ ନୂଆ ରୂପ ଦିଆଯାଉଛି । ଯାହା ସମଗ୍ର ରାଜ୍ୟରେ ୧ ନମ୍ବର ହେବ ।

# ଜଙ୍ଗଲରୁ ବାଳକର ମୃତଦେହ ଉଦ୍ଧାର: କାରଣ ଅସ୍ପଷ୍ଟ

ଯୋଡ଼ା, ୧୭।୭ (ସମିସ)

ଯୋଡ଼ା ଥାନା ଅନ୍ତର୍ଗତ ୧୩ ନମ୍ବର ୱାର୍ଡ ଖୁଟପାଣି ଶିବମନ୍ଦିର ନିକଟସ୍ଥ ଜଙ୍ଗଲ ଅଞ୍ଚଳରୁ ଜଣେ ୧୧ ବର୍ଷୀୟ ବାଳକଙ୍କ ମୃତଦେହ ଉଦ୍ଧାର ହୋଇଥିବାରୁ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତ ବାଳକ ଜଣକ ହେଲେ କ୍ରିଷ୍ଣା କାଳନ୍ଦୀ (୧୧), ପିତା ସ୍ୱର୍ଗତ ଗୁରୁ କାଳନ୍ଦୀ। ସେ କମରଯୋଡ଼ା ତାରିଣୀ ଛକ ନିକଟସ୍ଥ ବସ୍ତି ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଗତ ୧୫ ତାରିଖ ସନ୍ଧ୍ୟାରେ କ୍ରିଷ୍ଣା ତାଙ୍କ ଭଉଣୀ ପୂର୍ଣ୍ଣିମା କାଳନ୍ଦୀ ଓ ଭିଣେଇ ଆରିୟା ନାଏକ ସହ ଜଙ୍ଗଲକୁ ଛତୁ ସଂଗ୍ରହ କରିବାକୁ ଯାଇ ଫେରି ନ ଥିଲେ। ଏପଟେ ପରିବାର ଲୋକେ ରାତିସାରା ଓ ପରଦିନ ଖୋଜାଖୋଜି କରିଥିଲେ। ପରେ ପରିବାର ଲୋକଙ୍କ ପଚାରାଉଚରାରେ ପୂର୍ଣ୍ଣିମା ସମସ୍ତ ଘଟଣା ବିଷୟରେ ଜଣାଇଥିଲେ। ପୂର୍ଣ୍ଣିମାଙ୍କ କହିବା କଥା, କ୍ରିଷ୍ଣା ଛତୁ ପାଇଁ ପାହାଡ଼ ଉପରକୁ ଚଢ଼ି ଯାଇଥିବା ବେଳେ ଅସାବଧାନତା ହେତୁ ଖସି ପଡିବାରୁ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଥିଲା। ଏହାଦେଖି ଉଭୟ ପୂର୍ଣ୍ଣିମା ଓ ଆରିଆ ଭୟଭୀତ ହୋଇ ସେଠାରୁ ଚାଲି ଆସିଥିଲେ। ତେବେ ଖବରପାଇ ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ସାମଲଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ବାଳକଙ୍କ ମୃତ୍ୟୁର ସଠିକ କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ଏହା ଏକ ସୁକଳ୍ପିତ ହତ୍ୟାକାଣ୍ଡ ବୋଲି ମୃତ କ୍ରିଷ୍ଣାଙ୍କ ମାମୁ ରାଜୁ ମୁଣ୍ଡା ଅଭିଯୋଗ କରିଛନ୍ତି। ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

# ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

କେନ୍ଦୁଝର, ୧୭।୭(ସମିସ): ଛେଳି ଚରାଇବାକୁ ଯାଇଥିବାବେଳେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ନାମ ବିନୋଦ ମହାକୁଡ଼ (୫୦)। ତାଙ୍କ ଘର ବାଂଶପାଳ ବଡ଼ସାହିରେ ବୋଲି ଜଣାପଡିଛି। ଗତକାଲି ବିନୋଦ ମହାକୁଡ ଗାଁ ପାଖ କାଦୁଆଗଡ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇ ଆଉ ଫେରି ନଥିଲେ। ସନ୍ଧ୍ୟାରୁ ରାତି ଯାଏ ଖୋଜାଖୋଜି କରି ଲୋକମାନେ ବିନୋଦକୁ ନପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ଆଜି ନୟାକୋଟ ଆଇଆଇସି, ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ, ବାଂଶପାଳ ବିଟ୍ ବନରକ୍ଷୀ ମିଲ୍ଲୀରାଣୀ ଦାସଙ୍କ ସମେତ ବନବିଭାଗ ସ୍କ୍ୱାଡ କର୍ମଚାରୀ କାଦୁଆଗଡ ଜଙ୍ଗଲରେ ଖୋଜିବା ପରେ ଅପରାହ୍ନ ୨ଟାରେ ବିନୋଦଙ୍କ ମୃତଦେହ ମିଳିଥିଲା। ବିନୋଦଙ୍କ ଶରୀରର ଅନେକ ସ୍ଥାନରେ କ୍ଷତଚିହ୍ନ ରହିଥିବାବେଳେ ମୃତଦେହ ନିକଟରେ ହାତୀ ପାଦ ଚିହ୍ନ ଠାବ ହୋଇଥିବାରୁ ହାତୀ ଆକ୍ରମଣରେ ବିନୋଦଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଉକ୍ତ ଜଙ୍ଗଲରେ ଗତକାଲି ୧୨ ଟିକିଆ ହାତୀ ପଲ ଥିଲେ। ମୃତକଙ୍କ ପତ୍ନୀ ସୁଷମା ମହାକୁଡଙ୍କୁ ୧ଲକ୍ଷ ଟଙ୍କା ଶୁଦ୍ଧି କାର୍ଯ୍ୟ ପାଇଁ ଅଗ୍ରୀମ ପ୍ରଦାନ କରାଯିବ ଏବଂ ଅବଶିଷ୍ଟ ୯ ଲକ୍ଷ ଟଙ୍କା ଖୁବଶୀଘ୍ର ପ୍ରଦାନ କରାଯିବ ବୋଲି ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ ପ୍ରକାଶ କରିଛନ୍ତି। ବନ ବିଭାଗ ଶବ ଜବତ୍ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବାଂଶପାଳ ବ୍ଲକର ଦଅଁଳା ଜଙ୍ଗଲ ସହିତ ଅନ୍ୟ ଗାଁ ନିକଟରେ ହାତୀପଲ ନିୟମିତ ଚଳପ୍ରଚଳ କରୁଥିବାବେଳେ ସମୟ ସମୟରେ ହାତୀ ଆକ୍ରମଣରେ ଧନଜୀବନ ହାନି ହେଉଛି। ବନବିଭାଗ ଏଥିପ୍ରତି ଧ୍ୟାନ ଦେବା ସହ ଆଗୁଆ ସୂଚନା ପ୍ରଦାନ କରିବାକୁ ଦାବି ହେଉଛି।

### ରାଜନଗର ରଥଯାତ୍ରାରେ ମହା ଅବ୍ୟବସ୍ଥା; ଭକ୍ତ ନିରାଶ

# ଦ୍ୱିତୀୟ ଦିନରେ ବି ଅଟକିଲେ ଦଧିବାମନଜୀଉ

ତୁରୁମୁଙ୍ଗା, ୧୭।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଦଧିବାମନଜୀଉଙ୍କ ରଥଯାତ୍ରା ପରିଚାଳନାରେ ଘୋର ଅବ୍ୟବସ୍ଥା ଦେଖାଯାଇଛି। ଦେବୋତ୍ତର ବିଭାଗ ପକ୍ଷରୁ ଗୁରୁବାର ସମସ୍ତ ପ୍ରକାର ପ୍ରସ୍ତୁତି ସରିବା ପରେ ସଂଧ୍ୟା ୫ଟା ୩୦ ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ ନୀଳ ପତାକା ଦେଖାଇ ରଥଟଣା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦୂରଦୁରାନ୍ତରୁ ଆସିଥିବା ହଜାର ହଜାର ଭକ୍ତ ରଥକୁ ଟାଣି ନେଇଥିଲେ। ମନ୍ଦିର ନିକଟରୁ କିଛି ଦୂର ଯାଇ ରଥର ଡାହାଣ ପଟର ଦୁଇ ବଡ଼ ଅଖ ଭାଙ୍ଗିଯାଇ ରଥ ଆଉ ଆଗକୁ ଗଡି ପାରି ନଥିଲା। ଦୂର ଦୁରାନ୍ତରୁ ଆସିଥିବା ହଜାର ହଜାର ଭକ୍ତ ରଥ ଟାଣି ନପାରି ନିରାଶ ହୋଇଥିଲେ। ରଥ ପୁନଃନିର୍ମାଣ କରାଯିବା ପାଇଁ ତହସିଲଦାର କାଠ ଯୋଗାଡ଼ ପାଇଁ ପ୍ରଚେଷ୍ଟା କରି ରାତାରାତି କାଠ ଆଣି କାରିଗରଙ୍କ ଦ୍ୱାରା ରଥ



ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲେ ହେଁ ବର୍ଷା ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲା। ସଂଧ୍ୟା ସୁଦ୍ଧା ଗୋଟିଏ ଅଖ ନିର୍ମାଣ ସରିଥିବା ବେଳେ ଅନ୍ୟ ଅଖ ନିର୍ମାଣ ହୋଇ ପାରି ନଥିଲା। ଯାହାକୁ ନେଇ ଦ୍ୱିତୀୟ ଦିନରେ ମଧ ରଥ ଟଣା ହୋଇ ନ ପାରି ଭକ୍ତଙ୍କୁ ନିରାଶ ହେବାକୁ ପଡିଥିଲା। ପୁରୁଣା ଓ ଦୁର୍ବଳ କାଠରେ ରଥ ନିର୍ମାଣ କରାଯାଇଥିବା ସ୍ଥାନୀୟ ଲୋକ ଓ ସେବାୟତ ଅଭିଯୋଗ ଆଣିବା ସହ ପୂର୍ବରୁ ଏଭଳି କେବେ ହୋଇ ନଥିବା ଗ୍ରାମବାସୀ କହିଛନ୍ତି। ତେବେ ରଥ ଅଖ ନିର୍ମାଣ ପରେ ଶନିବାର ରଥଟଣା କାର୍ଯ୍ୟ ହେବ ବୋଲି ସୂଚନା ମିଳିଛି।

## ରଥଯାତ୍ରାକୁ ଯିବାବେଳେ ଖସିଗଲା ଭ୍ୟାନିଟି

ତୁରୁମୁଙ୍ଗା, ୧୭।୭(ସମିସ): ଗୁରୁବାର ପବିତ୍ର ରଥଯାତ୍ରାରେ ରଥାରୂଢ଼ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ କେନ୍ଦେଇପଶି ପଞ୍ଚାୟତ ଅନ୍ତର୍ଗତ ମହିଷାମୁଣ୍ଡି ଗ୍ରାମର ସ୍ୱେଚ୍ଛାସେବୀ ମହିଳା ଲାବଣ୍ୟବତୀ ନାୟକ ନିଜ ସ୍କୁଟି ଯୋଗେ ଉଦୟପୁର ଅଭିମୁଖେ ଆସୁଥିବା ବେଳେ ତାଙ୍କ ଭ୍ୟାନିଟି ଖସିପଡିଥିଲା। ଯେତେ ଖୋଜାଖୋଜି କଲେ ମଧ ସେ ତାହା ପାଇ ନ ଥିଲେ। ଭ୍ୟାନିଟି ଭିତରେ ନଗଦ ପାଞ୍ଚ ହଜାର ଟଙ୍କା ସହିତ ୨ ଟି ଏଟିଏମ, ପାନ କାର୍ଡ ଓ ଅନେକ ଜରୁରୀ କାଗଜ ପତ୍ରଥିବା ବେଳେ କେହି ସହୃଦୟ ବ୍ୟକ୍ତି ତାହା ପାଇଥାନ୍ତି ତାଙ୍କ ଏଟିଏମ ଓ ଜରୁରୀ କାଗଜପତ୍ର ଫେରାଇ ଦେବାକୁ ବିନମ୍ର ଅନୁରୋଧ କରିଛନ୍ତି।

### ଦ୍ୱିତୀୟ ଦିନରେ ମାଉସୀମା' ମନ୍ଦିରରେ ଦଧିବାମନଜୀଉ

# ଜୟଜଗନ୍ନାଥ ଧ୍ୱନିରେ ମୁଖରିତ ଚମ୍ପୁଆ

ଚମ୍ପୁଆ, ୧୭।୭ (ସମିସ): ଚମ୍ପୁଆସ୍ଥିତ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ପବିତ୍ର ରଥଯାତ୍ରାର ଦ୍ୱିତୀୟ ଦିନରେ ମହାପ୍ରଭୁଙ୍କ ରଥ ଭକ୍ତଙ୍କ ଅପାର ଉତ୍ସାହ ଓ ଭକ୍ତି ମଧ୍ୟରେ ମାଉସୀମା' ମନ୍ଦିରରେ ପହଞ୍ଚିଥିଲା। ହଜାର ହଜାର ଭକ୍ତ ରଥ ଟାଣି ମହାପ୍ରଭୁଙ୍କ ଦର୍ଶନ କରିବା ସହ "ଜୟ ଜଗନ୍ନାଥ" ଧ୍ୱନିରେ ସମଗ୍ର ଚମ୍ପୁଆ ସହରକୁ ମୁଖରିତ କରିଥିଲେ। ପ୍ରଥମ ଦିନ ରଥ ଟାଣିବା ସମୟରେ ରଥର ଏକ ଚକ ବାଙ୍କି ଯାଇଥିବାରୁ ରଥ ନିର୍ଦ୍ଧାରିତ ସ୍ଥାନରେ ଅଟକି ରହିଥିଲା। ଏହାପରେ ମନ୍ଦିର କମିଟି, ଦେବୋତ୍ତର ବିଭାଗ ଓ କାରିଗରମାନଙ୍କ ତତ୍ତ୍ୱାବଧାନରେ ରାତିସାରା ମରାମତି କାର୍ଯ୍ୟ କରାଯାଇଥିଲା। ଦ୍ୱିତୀୟ ଦିନ ସକାଳେ ମରାମତି କାମ ଶେଷ ହେବା ପରେ ପୁନର୍ବାର ରଥ ଟଣା ଆରମ୍ଭ ହୋଇଥିଲା। ରଥ ଉପରୁ ସେବାୟତମାନେ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ମହାପ୍ରଭୁଙ୍କ ପବିତ୍ର ଲଡୁ



ପ୍ରସାଦ ବଣ୍ଟନ କରିଥିଲେ। ରଥଯାତ୍ରାର ଧାରାବିବରଣୀ (ଘୋଷକ) ଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷକ ରବୀନ୍ଦ୍ରନାଥ ପଣ୍ଡା ଓ ଭାସ୍କର ମହାକୁଡ଼, କେରଳ ଇଂରାଜୀ ବିଦ୍ୟାଳୟର ଶିକ୍ଷକ ଦାଶରଥୀ ଜେନା ରଥଯାତ୍ରାର ବିଭିନ୍ନ ନୀତି, ପରମ୍ପରା ଓ ଧାର୍ମିକ ମହତ୍ତ୍ୱ ସମ୍ପର୍କରେ ସୁନ୍ଦର ଭାବେ ଉପସ୍ଥାପନା କରିଥିଲେ। ପ୍ରଥମ ଦିନ ସନ୍ଧ୍ୟାରେ ମନ୍ଦିର ପରିସରରେ ଭବ୍ୟ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଭଜନ ମଣ୍ଡଳୀ ମହାପ୍ରଭୁଙ୍କ ନାମ ସଂକୀର୍ତ୍ତନ ପରିବେଷଣ କରିଥିବା ବେଳେ ଶହ ଶହ ଭକ୍ତ ଭକ୍ତିରସରେ ବିଭୋର ହୋଇଥିଲେ। ମନ୍ଦିର କମିଟି, ଦେବୋତ୍ତର ବିଭାଗ, ପ୍ରଶାସନ, ପୁଲିସ ଓ ସ୍ୱେଚ୍ଛାସେବୀଙ୍କ ସମନ୍ୱିତ ସହଯୋଗରେ ରଥଯାତ୍ରା ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା।

# ଦୁଇଟି ଘରୁ ନଗଦ ଟଙ୍କା ସହ ଗହଣା ଲୁଟ୍

ଆନନ୍ଦପୁର, ୧୭।୭ (ସମିସ): ଆନନ୍ଦପୁର ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ବିଳମ୍ବିତ ରାତିରେ ଗ୍ରିଲ୍ ଭାଙ୍ଗି ଟଙ୍କା ଓ ସୁନା ଚୋରି ହୋଇଥିବା ଅଭିଯୋଗ ଥାନାରେ ହୋଇଛି। ଘସିପୁରା ଥାନା ନିକଟସ୍ଥ ଜନାର୍ଦ୍ଦନପୁରଶାସନ ଓ ଖପରାଖାଇ ଗ୍ରାମର ୨ ଜଣଙ୍କ ଘରୁ ଚୋରି ହୋଇଥିବା ବେଳେ ଆଉ ୩ ଜଣଙ୍କ ଘରୁ ଚୋରି ଉଦ୍ୟମ ହୋଇଛି। ଜନାର୍ଦ୍ଦନପୁରଶାସନର ରଜନୀକାନ୍ତ ହୋତାଙ୍କ ଘର ଝରକା ଗ୍ରିଲ ଭାଙ୍ଗି ନଗଦ ୫୩ ହଜାର ଟଙ୍କା ସମେତ ସୁନା ଅଳଙ୍କାର ଦୁର୍ବୃତ୍ତ ଲୁଟି ନେଇଛନ୍ତି। ସେହିପରି ୨୦ ନମ୍ବର୍ ଜାତୀୟ ରାଜପଥ କଡ଼ରେ ରହୁଥିବା ଦେବବ୍ରତ ମିଶ୍ରଙ୍କ ଘର ଝରକା ଭାଙ୍ଗି ଦୁଇଭରି ଓଜନର ସୁନାଗହଣା ଲୁଟ୍ ହେବା ସଙ୍ଗେ ସଙ୍ଗେ ଖପରଖାଇରେ ରହୁଥିବା ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ସାହୁ, ଶ୍ରୀକାନ୍ତ ମହାପାତ୍ର, ପ୍ରସନ୍ନ ମିଶ୍ରଙ୍କ ଘରେ ଦୁର୍ବୃତ୍ତ ପଶିବାକୁ ଉଦ୍ୟମ କରିଥିବା ବେଳେ ଲୋକ ଉଠି ପଡ଼ିବାରୁ ଲୁଟପାଟ କରିବାରେ ସଫଳ ହୋଇପାରି ନଥିଲେ। ସମସ୍ତ ଘଟଣା ସିସି କ୍ୟାମେରାରେ କଏଦ ହୋଇଛି। ବିଳମ୍ବିତ ରାତିରେ ୪ ଜଣ ଦୁର୍ବୃତ୍ତ ଏହି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଥାନାରେ ଅଭିଯୋଗ ପରେ ପୁଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି। ରାତିରେ ପୁଲିସ ପାଟ୍ରୋଲିଙ୍ଗକୁ ଜୋରଦାର କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ସର୍ଟସର୍କିଟରୁ ଘରେ ଅଗ୍ନିକାଣ୍ଡ; ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ

ଯୋଡ଼ା, ୧୭।୭(ସମିସ): ଅପରାହ୍ନରେ ଏକ ଅଗ୍ନିକାଣ୍ଡ ଘଟଣାରେ ଏକ ଘର ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଥିବା ବେଳେ ପରିବାରର ସମସ୍ତ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଯୋଡ଼ା କୁଦୁରୁସାହିଠାରେ ନିଜ ଘରେ ରହୁଥିବା ଅମିତ ସିଂ ଓ ଆଶିଷ ସିଂ ଦିନବେଳେ ପରିବାର ଲୋକ ଭୋଜନ ସାରି ଘରେ ବିଶ୍ରାମ ନେଉଥିବା ସମୟରେ ହଠାତ୍ ବୈଦ୍ୟୁତିକ ସର୍ଟସର୍କିଟ ହୋଇ ନିଆଁ ଲାଗିଥିଲା। ଅଳ୍ପ ସମୟ ମଧ୍ୟରେ ନିଆଁ ସମଗ୍ର ଘରକୁ ବ୍ୟାପି ଯାଇଥିଲା। ଘରୁ ଧୂଆଁ ଓ ନିଆଁ ବାହାରୁଥିବା ଦେଖି ପଡିଶା ଲୋକ ଡାକିବାରୁ ସେମାନେ ଘରୁ ବାହାରକୁ ପଳାଇ ଆସିଥିଲେ। କିଛି ବୁଝିବା ଆଗରୁ ଘରର ଆସବାବପତ୍ରଗୁଡିକ ପୋଡି ଯାଉଥିଲା। ଅଧଘଣ୍ଟା ନିଆଁ ତାଣ୍ଡବ କରିବା ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ଘରେ ଥିବା ଆସବାବପତ୍ର, ବିଦ୍ୟୁତ ଉପକରଣ, ପୋଷାକ ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଉଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଏବଂ କ୍ଷୟକ୍ଷତିର ପରିମାଣ ସମ୍ପର୍କରେ ତଦନ୍ତ ଜାରି ରହିଛି।

# ପତିତପାବନ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଆନନ୍ଦପୁର, ୧୭।୭ (ସମିସ): ସାଇଁକୁଳ ପତିତପାବନ ମହାବିଦ୍ୟାଳୟର ୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସାଇଁକୁଳ ଅଞ୍ଚଳରେ ଉଚ୍ଚଶିକ୍ଷାର ବିକାଶ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ଙ୍କ ପ୍ରଚେଷ୍ଟାରେ ୧୯୮୬ମସିହା ପବିତ୍ର ଶ୍ରୀ ଗୁଣ୍ଡିଚା ଦିନ ପତିତପାବନ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ତତ୍କାଳୀନ ସମୟର ପ୍ରତିକୂଳ ପରିବେଶରେ ଏ ଅଞ୍ଚଳର ଶ୍ରମିକଠାରୁ ଶିକ୍ଷାବିତ୍ ତଥା ବ୍ୟବସାୟୀ ଆଦି ପ୍ରତ୍ୟେକ ବର୍ଗର ସକ୍ରିୟ ସହଯୋଗରେ ଆଜି ପତିତପାବନ ମହାବିଦ୍ୟାଳୟ



ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅର୍ଜନ କରିବା ସହ ରାଜ୍ୟରେ ନିଜ ଅଞ୍ଚଳକୁ ଗୌରବାନ୍ୱିତ କରିଛି ବୋଲି ପୂର୍ବତନ ସଂପାଦକ ଅନନ୍ତ ଚରଣ ସ୍ୱାଇଁ, ପ୍ରଦୀପ କୁମାର ଚକ୍ର, ବିମ୍ବାଧର ପରିଡା, ପୂର୍ବତନ ଅଧକ୍ଷ ଅମୂଲ୍ୟ କୁମାର ବିଶ୍ୱାଳ, +୩ ଅଧକ୍ଷ ଶରତ କୁମାର ଜେନା, +୨ ଅଧକ୍ଷ ଚିନ୍ମୟୀ ନାୟକ, ଅଧାପକ ମହେନ୍ଦ୍ର କୁମାର ନାୟକ, ଜୟଦେବ ଦାଶ, ଅଧାପିକା ସବିତା ମିଶ୍ର ଓ ଉମାକାନ୍ତ ଯେନା ମତ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ସନ୍ତୋଷ କୁମାର ସ୍ୱାଇଁ ସଂଯୋଜନା କରିଥିଲେ। ଶାନ୍ତିନିକେତନର ପ୍ରଫେସର ଡ଼ ସନତ ରଥ, ବିଶିଷ୍ଟ ଆଇନଜୀବୀ ଦୁଷ୍ମନ୍ତ ଜେନା, କ୍ରୀଡ଼ାବିତ ମାର୍କଣ୍ଡ ଚରଣ ସାମଲ, ବରିଷ୍ଠ ସମାଜସେବୀ ବ୍ରହ୍ମାନନ୍ଦ ପଟ୍ଟନାୟକ ଆଦି ଶୁଭେଚ୍ଛା ଜଣେଇଥିଲେ।

# ଶାଳପଡ଼ା ଉପଡାକପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

ଆନନ୍ଦପୁର, ୧୭।୭(ସମିସ): ଶାଳପଡ଼ା ଡାକଘରର ଉପଡାକପାଳ ନୀଳକଣ୍ଠ ସୁତାରଙ୍କର ଡାକ ନିରୀକ୍ଷକ ଭାବେ ରାୟଗଡ଼ା ଉପଡାକମଣ୍ଡଳକୁ ପଦୋନ୍ନତି ହୋଇଥିବାରୁ କର୍ମଚାରୀଙ୍କ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଆନନ୍ଦପୁର ଡାକ ନିରୀକ୍ଷକ କୁମାର ପ୍ରସାଦ ଜେନା, ସ୍ୱଳ୍ପ ସଞ୍ଚୟ ଅଧିକାରୀ ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀ ଏବଂ ପୂର୍ବତନ ବ୍ୟାଙ୍କ ଅଧିକାରୀ ଅଶୋକ କୁମାର ରାଉତ ଯୋଗଦାନ କରିଥିଲେ।



ସମସ୍ତ ଡାକ କର୍ମଚାରୀ ତଥା ଆନନ୍ଦପୁର ଡାକ ପରିମଣ୍ଡଳର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଯୋଗେନ୍ଦ୍ର କୁମାର ସାହୁ, ସୌମ୍ୟରଂଜନ ସାହୁ, ସୁଦୀପ କୁମାର ସାହୁ, ପ୍ରମୋଦ କୁମାର ସାହୁ, ପ୍ରଦୀପ କୁମାର ସାହୁ, ବୈକୁଣ୍ଠ ସାହୁ, ଅଖିଳକୃଷ୍ଣ ବଳ, ନରେନ୍ଦ୍ର କୁମାର ମିଶ୍ର, ବାଇଲୋଚନ ସାହୁ ଆକାଶ କୁମାର ବଳ, ସରୋଜ କୁମାର ସାହୁ, ସତ୍ୟଜିତ୍ ପାଢ଼ୀ, ପ୍ରିୟଙ୍କା ଚକ୍ର, ରୋଜିସ୍ମିତା ସେନାପତି, ପ୍ରତିମା ସାହୁ, ପାର୍ବତୀ ସାହୁ, ପ୍ରଶାନ୍ତ କୁମାର ସେଠୀ, ନିରୁପମା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ତରୁଆଁ ଉଚ୍ଚବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ

ଆନନ୍ଦପୁର, ୧୭।୭(ସମିସ): ଘସିପୁରା ବ୍ଲକ୍ ତରୁଆଁ ଦଧିବାମନ ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଘନଶ୍ୟାମ ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ସଞ୍ଜୟ କୁମାର ମଲ୍ଲିକ, ରଶ୍ମିରଞ୍ଜିତା



ବେହେରା ସରପଞ୍ଚ, ରୁନି ରାଉତ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ, ନବଘନ ସ୍ୱାଇଁ, ମନୋଜ ପୃଷ୍ଟି ସିଆରସିସି, ଭାସ୍କର ଖୁଣ୍ଟିଆ, ସନାତନ ନାୟକ, ପ୍ରଫୁଲ୍ଲ ରାଉତ, ପ୍ରତାପ ନାୟକ ଏବଂ ମୁଖ୍ୟବକ୍ତା ଶରତ କୁମାର ରାଉତ ଯୋଗଦାନ କରିଥିଲେ। ପଙ୍କଜ କୁମାର ନାୟକ ସଭା ସଂଯୋଜନା କରିଥିଲେ। ସନାତନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁଧିଷ୍ଠିର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ପ୍ରମୋଦ କୁମାର ଭଞ୍ଜ, କମଳେଶ ଜେନା, ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖି ଥିବା ଛାତ୍ରୀ ସୋନାଲି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷୟତ୍ରୀ ସୁଜାତା ସୁତାର ସଭାପତିତ୍ୱ କରିଥିଲେ। ବୀରଭଦ୍ର ଭଞ୍ଜ, ଭଗବାନ ବେହେରା, ସୁରେନ୍ଦ୍ର ବେହେରା, ମାୟାଧର ମଲ୍ଲିକ, ତ୍ରିଲୋଚନ ବେହେରା, କଳାକାର ଜେନା, ସୁଦର୍ଶନ ଭଞ୍ଜ, ରମେଶ ଜେନା, ପ୍ରଦୀପ ଭଞ୍ଜ ଏବଂ ଅନେକ ପୁରାତନ ଛାତ୍ର ସହଯୋଗ କରିଥିଲେ।

# ଫକୀରପୁର ସାହିତ୍ୟ ସଂସଦର ସ୍ମୃତିସଭା

ଆନନ୍ଦପୁର, ୧୭।୭)ସମିସ): ଆନନ୍ଦପୁର ପୌରାଞ୍ଚଳ ଫକୀରପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷାବିତ୍ ଦିବଂଗତ ହରିହର ନାଥଙ୍କ ଏକାଦଶାହ କ୍ରିୟା ଅବସରରେ ଶ୍ରଦ୍ଧାଞ୍ଜଳି ତଥା ସ୍ମୃତିସଭା ଆୟୋଜିତ ହୋଇଯାଇଛି। ଫକୀରପୁର



ସାହିତ୍ୟ ସଂସଦର ସମ୍ପାଦକ ଅନୀଲ କୁମାର ସାହୁଙ୍କ ସଂଯୋଜନାରେ ପାଲା ଗାୟକ ତଥା ପ୍ରବଚକ ତ୍ରିଲୋଚନ ନାଥଶର୍ମା ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିବା ବେଳେ ଫକୀରପୁର ସାହିତ୍ୟ ସଂସଦର ସଭାପତି ସରୋଜ କୁମାର ସାହୁ ଗୀତାପାଠ ଓ ଆତ୍ମଜ୍ଞାନ ସୁଧା ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ଦତ୍ତ, ପରିବେଶବିତ୍ ତ୍ରିଲୋଚନ ସାହୁ, ଧକୋଠା ହାଇସ୍କୁଲର ପ୍ରଧାନଶିକ୍ଷକ ବିଜୟ ଷେଣ୍ଢ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଭାରେ କବି ଆଦିକନ୍ଦ ରାମ୍, ନାରାୟଣ ବାରିକ, ବନମାଳୀ ସେଠୀ, ଘନଶ୍ୟାମ ରଣା, ସଞ୍ଜୟ କୁମାର ଓଝା, ଗୋପାଳ ଦାସ, ଗଜେନ୍ଦ୍ର କୁମାର ଶର୍ମା ଦିବଂଗତ ନାଥଙ୍କ ଉଦ୍ଦେଶ୍ୟରେ କବିତା ପାଠ କରିଥିଲେ। ଭଗବାନ ନାଥ ଶର୍ମା, ପ୍ରଦୀପ କୁମାର ନାଥ, ପ୍ରକାଶ କୁମାର ନାଥ, ଶାନ୍ତିରାମ ନାଥ, ମନୋରଞ୍ଜନ ନାଥ, ପ୍ରତିମା ନାଥ, ପଦ୍ମିନୀ ନାଥ, ଗୀତାଞ୍ଜଳି ନାଥ, ସରୋଜିନୀ ଶର୍ମା, ଶୁଭେନ୍ଦୁ ନାଥ, ତପନ ନାଥ ସହଯୋଗ କରିଥିଲେ। ଦିବଂଗତ ଶ୍ରୀ ନାଥଙ୍କ ପରିବାର ସଦସ୍ୟଙ୍କ ସହ ବନ୍ଧୁପରିଜନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବହୁ ପୁରାତନ ଛାତ୍ରଛାତ୍ରୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ବାଢ଼ିଥିଲେ। ପୁରାତନ ଛାତ୍ର ସତ୍ୟବ୍ରତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ନିଟ୍ ପରୀକ୍ଷାରେ ଡି ଶୁଭଙ୍କର ଓ ତନ୍ମେଶଙ୍କ କୃତିତ୍ୱ





ହାଟଡ଼ିହୀ, ୧୭।୭(ସମିସ): ହାଟଡ଼ିହୀ ବ୍ଲକ୍ ଢେଙ୍କା ପଞ୍ଚାୟତ ଅନ୍ତର୍ଗତ ଆମ୍ବଗଡିଆ ଗ୍ରାମର ଶିକ୍ଷକ ଦେବେନ୍ଦ୍ର ଓ ମାଆ ସସ୍ମିତାଙ୍କ ଖୁଣ୍ଟିଆଙ୍କ ୧୯ବର୍ଷୀୟ ପୁଅ ଡ଼ି ଶୁଭଙ୍କର ଖୁଣ୍ଟିଆ ସର୍ବଭାରତୀୟ ସ୍ତରର ଜାତୀୟ ସୂଚନା ପ୍ରଯୁକ୍ତି ପରୀକ୍ଷା ବା ନିଟ୍ ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି। ଶୁଭଙ୍କର ୬୫୦ମାର୍କ ରଖିଥିବା ବେଳେ ସର୍ବଭାରତୀୟ ସ୍ତରରେ ୩୩୨୪ ଶ୍ରେଣୀରେ କୃତିତ୍ୱ ଅର୍ଜନ କରିଛନ୍ତି। ଶୁଭଙ୍କର ମାଟ୍ରିକରେ ଶତକଡା ୮୮ପ୍ରତିଶତ ନମ୍ବର ରଖି ହାଟଡ଼ିହୀ ଅନ୍ତର୍ଗତ ସୁନ୍ଦରାପାଳସ୍ଥିତ ଆଦର୍ଶ ବିଧାୟଳରୁ ଉତ୍ତୀର୍ଣ୍ଣ ହୋଇଥିଲା ବେଳେ ଭୁବନେଶ୍ୱରସ୍ଥିତ ଘରୋଇ ଯୁବଦୋୟ କଲେଜରୁ ଯୁକ୍ତଦୁଇରେ ଶତକଡା ୮୫ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ଯାଜପୁରସ୍ଥିତ ପ୍ରୟାସ କୋଚିଂ ସେଣ୍ଟରରୁ ନିଟ ପାଇଁ ପ୍ରସ୍ତୁତ ହୋଇଥିଲେ। ଶୁଭଙ୍କରଙ୍କ ପ୍ରଥମ ପ୍ରୟାସ ତାଙ୍କୁ ସଫଳତା ଆଣିଦେଇଛି। ତାଙ୍କର ଏହି ସଫଳତା ଅନ୍ୟ ଚେଷ୍ଟିତଙ୍କ ପାଇଁ ପ୍ରେରଣା ସାଜିଛି। ପୁଅର ଏଭଳି ସଫଳତା ପାଇଁ ପରିବାର, ସାହି ପଡିଶା, ବନ୍ଧୁବାନ୍ଧବଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ବାପା ଦେବେନ୍ଦ୍ରଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ପୁଅ ଶୁଭଙ୍କର ଅନ୍ୟର ସେବାରେ ନିଜକୁ ନିୟୋଜିତ କରି ଆସିଥିବା ବେଳେ ଭବିଷ୍ୟତରେ ଜଣେ ଭଲ ଡ଼ାକ୍ତର ହୋଇ ଅନ୍ୟର ସେବା କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି। ସେହିପରି ହାଟଡ଼ିହୀ ପଞ୍ଚାୟତ ମଠ ଖାଣ୍ଟପଦା ଗ୍ରାମର ଶିକ୍ଷକ ସୁଦର୍ଶନ ମୁଦୁଲି ଓ ଶିକ୍ଷୟିତ୍ରୀ ଅନୁସୂୟା ପାତ୍ରଙ୍କ ପୁଅ ତନ୍ମେଶ ମୁଦୁଲି ୫୮୩ ନମ୍ବର ରଖି ୧୬୪୮୯ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ସେ ମାଟ୍ରିକରେ ଏସବିଡ଼ି ଇଣ୍ଟରନେସନାଲ ସ୍କୁଲ ଭଦ୍ରକରୁ ଶତକଡା ୯୩ ପ୍ରତିଶତ ନମ୍ବର ରଖି ଉତୀର୍ଣ୍ଣ ହୋଇଥିଲା ବେଳେ ଯୁକ୍ତଦୁଇରେ ପ୍ରୟାସ କ୍ଲାସେସ୍ ଯାଜପୁରରୁ ଶତକଡା ୮୭ପ୍ରତିଶତ ରଖି ଉତ୍ତୀର୍ଣ୍ଣ ହୋଇ ନିଟ୍ ପାଇଁ ଯାଜପୁର ପ୍ରୟାସ କୋଚିଂ ସେଣ୍ଟରରୁ କୋଚିଂ ନେଇ ପ୍ରଥମ ପ୍ରୟାସରେ ସଫଳତା ପାଇଛନ୍ତି। ଏନେଇ ସମ୍ପୂର୍ଣ୍ଣ ପରିବାର, ବନ୍ଧୁବାନ୍ଧବଙ୍କ ସହ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଆସନ୍ତା ଦିନରେ ତନ୍ମୋ ଜଣେ ଭଲ ଡ଼ାକ୍ତର ହୋଇ ଲୋକଙ୍କ ସେବା କରିବା ନେଇ ଲକ୍ଷ୍ୟ ରଖିଛନ୍ତି।

# ବୟସ ୫୦ ବର୍ଷ; ଉଚ୍ଚତା ୩ ଫୁଟ୍

ଆନନ୍ଦପୁର, ୧୭।୭ (ସମିସ)

ବ୍ୟକ୍ତି ବିଶେଷଙ୍କର ଶାରୀରିକ ଗଠନରେ ସୃଷ୍ଟିକର୍ତ୍ତାଙ୍କ ଉଦ୍ଦେଶ୍ୟ ଭିନ୍ନ ଓ ମହତ ରହିଥାଏ ନିଶ୍ଚୟ; ଯାହାକୁ ଅସ୍ୱୀକାର କରାଯାଇ ନପାରେ। ଶାରୀରିକ ଗଠନରେ ଭିନ୍ନତା ବହୁ କ୍ଷେତ୍ରରେ ଦେଖିବାକୁ ମିଳୁଛି। ସେହି ବର୍ଗର ମଣିଷ ସମାଜ ଉପରେ ପୂର୍ଣ୍ଣ ନିର୍ଭରଶୀଳ। ସରକାରୀ ସହାୟତାରୁ ମଧ ସେମାନେ ବଞ୍ଚିତ ନୁହନ୍ତି। ସେମାନଙ୍କୁ କେହି ଜଣେ ଦେଖିଲେ ନିଶ୍ଚୟ ସମବେଦନାର ସହ ସହାୟତାର ହାତ ବଢ଼ାଇବା ଶ୍ରେୟ ହୋଇଥାଏ। ଅପ୍ରାପ୍ୟରେ ଇଶ୍ୱରଙ୍କ ପ୍ରାପ୍ତିର ଏକ ଝଲକ ଜଣେ ଦିବ୍ୟାଙ୍ଗ ମହିଳାଠାରେ ଦେଖିବାକୁ ମିଳିଛି। ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ୧୬ ନମ୍ବର ୱାର୍ଡ ଶୈଳଙ୍ଗ ଗ୍ରାମରେ। ଯାହାଙ୍କର ବୟସ ୫୦ ବର୍ଷ। ଉଚ୍ଚତା ୩ ଫୁଟରୁ କମ। ପିତା ଗଙ୍ଗାଧର ଓ ମାତା ରାହାସଙ୍କର ୫ମ କନ୍ୟାସନ୍ତାନ ହେଉଛନ୍ତି ଉଦିୟା ଜେନା। ସେ ସ୍କୁଲ ବାରଣ୍ଡା ମାଡ଼ି ନାହାନ୍ତି ନିଜର

**ସୃଷ୍ଟିକର୍ତ୍ତାଙ୍କୁ ଉଦିୟାଙ୍କ କୃତଜ୍ଞତା**

ଉଚ୍ଚତା ପାଇଁ। ଆଜୀବନ ଅବିବାହିତ। ଶାରୀରିକ ଗଠନରେ ଯିଏ ଦେଖିବ ତାଙ୍କୁ ସେ କେବେ ଝିଅ ବୋଲି କହିବ ନାହିଁ। ଘରେ ଗାଈଗୋରୁ ସେବା ଓ ଜଙ୍ଗଲରୁ ଶୁଖିଲା ଜାଳ କାଠ ସଂଗ୍ରହ ତାଙ୍କର ନିତିଦିନିଆ କାମ। ବାପାମା'ଙ୍କ ଦେହାନ୍ତ ପରେ ବଡ଼ ଭାଇ ଭାସ୍କର ଓ ବଡ଼ ଭାଉଜ ରଙ୍ଗଲତାଙ୍କ ହେପାଜତରେ ରହିଛନ୍ତି ଉଦିୟା। ବଡ଼ ଭଉଣୀ ସୁକାନ୍ତିର ଅବିକଳ ରୂପ। ବାହାଘର ପରେ କମ ଉଚ୍ଚତା ଓ ଜାଡ଼ି ପାଇଁ ସ୍ୱାମୀ ପରିତ୍ୟକ୍ତା ସେ। ପରୋପକାର କରି ଜୀବନ ଚାଲି ଯାଉ ବୋଲି ଉଦିୟା କହନ୍ତି। ତାଙ୍କ ବୟସର ଝିଅମାନେ ନାତିନାତୁଣୀ କେତେ ଦେଖିଲେଣି; ହେଲେ ସେ କହନ୍ତି, ମୁଁ ମାତାରିଣୀ ଓ ଧନେଇ ଠାକୁରାଣୀଙ୍କ ଦୟାରୁ ଭଲରେ ଅଛି। ଆଉ କିଛି ଅଧିକ ଆଶା ନାହିଁ। ହସ ହସ ମୁହଁ ସାଙ୍ଗକୁ ପୁଅ ପିଲାଙ୍କ ହାଫ୍ ପ୍ୟାଣ୍ଟ ସାର୍ଟ ବେଶ୍ ମାନୁଛି ଉଦିୟାଙ୍କୁ। ବୟସ ଅଧିକ ଉଚ୍ଚତା କମ ହେଲେ ମଧ ସେ କେବେ ମନ ଊଣା କରି ନାହାନ୍ତି।



**ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରଥଯାତ୍ରା**

# ମାଉସୀମା' ମନ୍ଦିରରେ ତାଳଧ୍ୱଜ; ବାଟରେ ଦର୍ପଦଳନ




**ଆଜି ଗଡ଼ିବ ନନ୍ଦିଘୋଷ**

**ବାରିପଦା, ୧୭ ।୭ (ସମିସ)**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପରମ୍ପରା ଅନୁଯାୟୀ ଶ୍ରୀକ୍ଷେତ୍ର ପୁରୀ ରଥଯାତ୍ରାର ଦିନକ ପରେ ଏଠାରେ ରଥଯାତ୍ରା ଦୁଇଦିନ ଧରି ଅନୁଷ୍ଠିତ ହୋଇଥାଏ। ତଦନୁଯାୟୀ ଶୁକ୍ରବାର ଅପରାହ୍ଣ ନିର୍ଦ୍ଧାରିତ ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ବଳଭଦ୍ରଙ୍କ ତାଳଧ୍ୱଜ ରଥ ମାଉସୀମା' ମନ୍ଦିର ନିକଟରେ ପହଞ୍ଚି ଥିବାବେଳେ ପରମ୍ପରା ଅନୁସାରେ ସୁଭଦ୍ରାଙ୍କ ଦର୍ପଦଳନ ଅଧାବାଟ (ଟାଉନ ଥାନା) ନିକଟରେ ଅଟକିଛି। ଶନିବାର ଅଧାବାଟରେ ଥିବା ସୁଭଦ୍ରାଙ୍କ ରଥ ସହିତ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇ ମାଉସୀମା' ମନ୍ଦିରରେ ପହଞ୍ଚିବ।

ଗୁରୁବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ବିଜେ ପରେ ତାଳଧ୍ୱଜ, ଦର୍ପଦଳନ ଓ ନନ୍ଦିଘୋଷ ରଥରେ ରଥାରୂଢ ପରେ ବିରାଜମାନ ହୋଇଥିଲେ। ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଶୁକ୍ରବାର ରଥଟଣା ପର୍ଯ୍ୟନ୍ତ ତିନିରଥରେ ଲାଗିଥିବାବେଳେ ଅପରାହ୍ଣ ୨ଟା୩୦ ମିନିଟରେ ଗୁଣ୍ଡିଚା ଯାତ୍ରା ଆରମ୍ଭ ହୋଇଥିଲା। ଜିଲ୍ଲା ଓ ରାଜ୍ୟ ବାହାରୁ ହଜାର ହଜାର ଜନସାଧାରଣଙ୍କ ବଡ଼ଦାଣ୍ଡକୁ ସୁଅ ଛୁଟିଥିଲା। ବାରିପଦା ସହର ତଥା ସହର ଉପକଣ୍ଠର ଦୋକାନ ବଜାରଠାରୁ ଆରମ୍ଭ କରି ସରକାରୀ ବେସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ ଆଦି ଓପରଓଳି ପ୍ରାୟତଃ ବନ୍ଦ ହୋଇଥିଲା। ସମସ୍ତେ ବଡ଼ଦାଣ୍ଡ ଅଭିମୁଖେ ଚାଲିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ବଡଭାଇ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ପ୍ରଥମେ ସହସ୍ରାଧିକ ଭକ୍ତମାନେ ଘଣ୍ଟା, ହୁଳହୁଳି ଓ ସଂକୀର୍ତ୍ତନ ଧ୍ୱନୀରେ ଦଉଡିକୁ ଆନନ୍ଦର ସହ ଟାଣି ନେଇ ମାଉସୀ ମା'ଙ୍କ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ତେବେ ମହିଳା ଭକ୍ତ ବଳଭଦ୍ରଙ୍କ ରଥ ସହିତ ନ ଯାଇ ଦେବୀ ସୁଭଦ୍ରାଙ୍କ ରଥ ଟାଣିବା ପାଇଁ ଦର୍ପଦଳନ ନିକଟରେ ଅପେକ୍ଷା କରିଥିଲେ। ତାଳଧ୍ୱଜ ମାଉସୀମା' ମନ୍ଦିରରେ ପହଞ୍ଚିବା ପରେ ହଜାର ହଜାର ସଂଖ୍ୟାରେ ବର୍ଷାରେ ଭିଜିଭିଜି ମହିଳା ଭକ୍ତଙ୍କ ଦ୍ୱାରା ରଥଟଣା ଆରମ୍ଭ ହୋଇଥିଲା। ମହିଳା ପୁଲିସ, ମହିଳା ସ୍କାଉଟ୍ ଆଣ୍ଡ ଗାଇଡ ଓ ମହିଳା ଏନ୍‌ଏସ୍‌ଏସ୍‌ର ସଦସ୍ୟାଙ୍କ କର୍ଡନ ବା ସୁରକ୍ଷା ବଳୟରେ ରଥକୁ ଟାଉନ ଥାନା ପର୍ଯ୍ୟନ୍ତ ଟାଣି ଟାଣି ନେଇଥିଲେ। ୧୯୭୫ ଅନ୍ତର୍ଜାତିକ ମହିଳା ବର୍ଷଠାରୁ ଚାଲିଥିବା ଏହି ପରମ୍ପରା ପାଇଁ ବାରିପଦା ରଥଯାତ୍ରାରେ ମହିଳା ଭକ୍ତଙ୍କ ସଂଖ୍ୟା ଅଧିକ ହୋଇଥାଏ। ଶୁକ୍ରବାର ୫୦ହଜାରରୁ ଅଧିକ ମହିଳା ଭକ୍ତଙ୍କ ସମାଗମ ଏହାକୁ ପ୍ରମାଣିତ କରିଥିଲା। ଶନିବାର ଅପରାହ୍ଣରେ ପ୍ରଥମେ ମହିଳାମାନେ ଏହି ରଥକୁ ଟାଣି ମାଉସୀମା'ଙ୍କ ମନ୍ଦିରରେ ପହଞ୍ଚାଇବା ପରେ ଆରମ୍ଭ ହେବ ଜଗନ୍ନାଥଙ୍କ ରଥଯାତ୍ରା। ଅପରାହ୍ଣରେ ରଥଟଣା ସମୟରେ ବର୍ଷା ସତ୍ତ୍?େ ଭକ୍ତଙ୍କ ଉତ୍ସାହ କମି ନଥିଲା। ରଥର ସୁରକ୍ଷା ତଥା ପାଇଁ ପୁଲିସବାହିନୀ ଦ୍ୱାରା ରଥର ଚାରିପଟେ ତ୍ରିସ୍ତରୀୟ କର୍ଡନ କରାଯାଇଥିଲା। କର୍ଡନ ଭିତରେ ପୁଲିସ କର୍ମଚାରୀ ଓ ଅଧିକାରୀମାନେ ରଥ ଦଉଡି ଟାଣିଥିବା ବେଳେ କର୍ଡନ ବାହାରେ ଭକ୍ତମାନେ ଟାଣିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ରଥଟଣା କାର୍ଯ୍ୟ ସମାପନ ପାଇଁ ପୁଲିସ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ବଡଦାଣ୍ଡ ଠାରୁ ଆରମ୍ଭ କରି ସହରର ବିଭିନ୍ନ ଛକସ୍ଥାନରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ଗୃହ ଓ ନଗର ଉନ୍ନୟନ ଏବଂ ସାଧାରଣ ଅଭିଯୋଗ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ସାଂସଦ ନବ ଚରଣ ମାଝି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ବାରିପଦା ବିଧାୟକ ପ୍ରକାଶ ସୋରେନ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ବାରିପଦା ଉପନଗରପାଳ ସୀମାଦାସଙ୍କ ସହିତ ବହୁ ରାଜନେତା ସାମିଲ ଥିଲେ। ମୟୂରଭଞ୍ଜ ଜିଲ୍ଲାପାଳ, ପୂର୍ବାଞ୍ଚଳ ଡିଆଇଜି, ଏସପି, ଡିଏଫଓ, ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ସମେତ ସମସ୍ତ ପଦାଧିକାରୀ ବ?ଦାଣ୍ଡରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତିନି ଦିଅଁ ନିଜନିଜ ରଥରେ ପୂଜା ପାଉଥିବା ବେଳେ ଭକ୍ତଙ୍କ ଗହଳି ଲାଗିଛି। ଶନିବାର ସୁଭଦ୍ରା ଓ ଜଗନ୍ନାଥଙ୍କ ରଥ ପହଞ୍ଚିବା ପରେ ସମସ୍ତ ଦିଅଁ ପହଣ୍ଡିରେ ମାଉସୀ ମା'ଙ୍କ ମନ୍ଦିରକୁ ଯିବେ। ସେହିପରି ସାନ ଜଗନ୍ନାଥ ମନ୍ଦିରରେ ରଥାରୂଢ ଦିଅଁଙ୍କ ରଥ ରବିବାର ପୂର୍ବାହ୍ଣରେ ପରମ୍ପରା ଅନୁସାରେ କେବଳ ବାଳକ ମାନେ ଟାଣିବେ।



**ମୋରଡ଼ା:** ଚିତ୍ରଡାସ୍ଥ ଧର୍ମକ୍ଷେତ୍ରରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଗୁରୁବାର ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ ହେବା ପରେ ଶୁକ୍ରବାର ସମସ୍ତ ନୀତିକାନ୍ତି ପରେ ରଥ ଟଣା ହୋଇଛି। ଚିତ୍ରଡା ବଡ଼ଦାଣ୍ଡରେ ରଥ ଟାଣିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ରଥକୁ ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ଢୋଲ, ମହୁରି, ଶଙ୍ଖ, ହୁଳହୁଳି ପକାଇ ଘଣ୍ଟ ବାଦ୍ୟର ତାଳେ ତାଳେ ଟାଣିଥିଲେ। ତେବେ ପରମ୍ପରା ମୁତାବକ ଗୋଟିଏ ରାତି ଅଧା ବାଟରେ ତିନି ଠାକୁର ରାତିକାଟିବା ପରେ ପୁଣି ଆସନ୍ତାକାଲି ରଥା ଟଣା ହେବା ସହିତ ତିନି ଠାକୁର ମାଉସୀମା ମନ୍ଦିରରେ ପହଞ୍ଚିବେ। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ଚିତ୍ରଡା ମହାବିଦ୍ୟାଳୟର ଏନଏସଏସ, ଜବାହାର ବିଦ୍ୟାଳୟର ସ୍କାଉଟ ଗାଇଡ୍, ଏନସିସି ଓ ରେଡକ୍ରସ ରଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



**ଶୁକ୍ଳି:** ପ୍ରତିବର୍ଷ ଭଳି ଚଳିତ ବର୍ଷ ଶୁକ୍ଳିରେ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ପାଗ ଅନୁକୂଳ ଥିବାରୁ ହଜାର ହଜାର ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ରଥ ପ୍ରତିଷ୍ଠା କରାଯାଇ ଅପରାହ୍ଣ ତିନିଟାରେ ପହଣ୍ଡି କାର୍ଯ୍ୟ ଯଥାବିଧି ଅନୁଯାୟୀ ଆରମ୍ଭ ହୋଇଥିଲା। ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ପଦ୍ମଲୋଚନ ଦାଶ, ବରିଷ୍ଠ ପୂଜକ ଧବଳେଶ୍ୱର ପାଣିଗ୍ରାହୀ, ପ୍ରସନ୍ନ କୁମାର ପଣ୍ଡା, ଦୀପଙ୍କର ଦାଶ, ପ୍ରଶାନ୍ତ କୁମାର ପଣ୍ଡା ପୂଜା ନୀତି ସମ୍ପନ୍ନ କରିଥିଲେ। ସତ୍ୟନାରାୟଣ ବାରିକ, ସୁଶାନ୍ତ କବାଟ, ଯଶୋବନ୍ତ ସାହୁ, ପ୍ରତାପ ଚନ୍ଦ୍ର ଗିରି, କାହ୍ନୁଚରଣ ଗିରି, ଜନାର୍ଦ୍ଦନ ଗିରି ସହଯୋଗ କରିଥିଲେ। ତିନି ଠାକୁର ଓ ସୁଦର୍ଶନ ରଥାରୁଢ଼ ହେଲା ପରେ ରାଜା ସଚ୍ଚିଦାନନ୍ଦ ଦେବ ଛେରାପହଁରା କରିଥିଲେ। ପରେ ରଥ ଟଣାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରରୁଆଁ ଥାନା କର୍ମଚାରୀ ନିୟୋଜିତ ଥିଲେ। ଶୁକ୍ଳି ଡ୍ରାଇଭର ସଂଘ ରଥ ଟଣା କାର୍ଯ୍ୟ ତୁଲାଇଥିଲେ। ବିନା ବାଧାବିଘ୍ନରେ ରଥ ମାଉସୀମା ମନ୍ଦିରରେ ପହଞ୍ଚିଥିଲା।



**କୁଆମରା:** ଆଜି ଏଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଆଜି ସକାଳେ ଠାକୁରଙ୍କ ନୀତିକାନ୍ତ ଓ ପୂଜାର୍ଚ୍ଚନା ନିର୍ଘଣ୍ଟ ସମୟରେ ସମାପନ ହେବା ପରେ ଅପରାହ୍ଣରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୋପବନ୍ଧୁନଗର ବ୍ଲକର ସାଇଁକୁଳା, କୁଆମରା, କୁଶଳଦା, ସିମଳାବନ୍ଧ, ଭୋଳପୋଖରୀ, ଦାନ୍ଦୁସାହି, ଖୁଣ୍ଟା, ଟିଟିଆ ପ୍ରଭୃତି ସ୍ଥାନରେ ରଥ ଟଣା କାର୍ଯ୍ୟ ସମ୍ପନ୍ନ ହୋଇଛି। ବଡ଼ ଦେଉଳରୁ ତିନି ଠାକୁର ଙ୍କୁ ପହଣ୍ଡି ରେ ଅଣାଯାଇ ରଥାରୁଢ଼ କରାଯିବା ପରେ ଭକ୍ତ ଙ୍କ ଦ୍?ାରା ଭୋଗଲଗା କାର୍ଯ୍ୟ ହୋଇଥିଲା। କୁଆମରା ରଥ କମିଟିର ସଭାପତି ପ୍ରଶାନ୍ତ କୁମାର ପରିଡ଼ା, ସଂପାଦକ ସୁମନ୍ତ ବଳିଆର ସିଂହ, ଦୀନବନ୍ଧୁ ମହାପାତ୍ର, କୁଳମଣି ବେହେରା ପ୍ରମୁଖ ଙ୍କ ତତ୍ତ୍ୱାବଧାନରେ ରଥଟଣା କାର୍ଯ୍ୟ ହୋଇଛି। ଡ଼ଃ ସନତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛେରାପହଁରା କାର୍ଯ୍ୟ କରିଥିଲେ। ଏହା ସପ୍ତମ ବର୍ଷର ପଦାର୍ପଣ କରିଛି। ପ୍ରମୋଦ କୁମାର ମିଶ୍ର, ରାଜେଶ କୁମାର ମିଶ୍ର, ବସନ୍ତ କୁମାର କର ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ। ସେହିପରି ୪୪ ବର୍ଷର ପଦାର୍ପଣ କରିଥିବା ସାଇଁକୁଳା ରଥରେ ବହୁ ଭକ୍ତ ଙ୍କ ସମାବେଶ ଦେଖିବାକୁ ମିଳିଥିଲା।

**ବଡ଼ସାହି:** ବଡ଼ସାହି ବ୍ଲକ ଅଧୀନ ସୁହାଗପୁର କଉଡ଼ିଖଣି ଶାଲୁଅ ଜଙ୍ଗଲରେ ପୂଜା ପାଉଛନ୍ତି ଉତ୍ତର ଓଡ଼ିଶାର ପ୍ରତ୍ୟକ୍ଷ ଦେବୀ ମା' ହିଙ୍ଗୁଳା। ଗତ ୨ବର୍ଷ ତଳେ ମା'ଙ୍କ ଇଷ୍ଟଦେବ ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ସହିତ ପ୍ରଭୁ ଶ୍ରୀରାମ ଓ ଭୀମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ହୋଇ ପୂଜାର୍ଚ୍ଚନା ଚାଲୁ ରହିଛି। ମା' ହିଙ୍ଗୁଳାଙ୍କ ସହିତ ପ୍ରଭୁ ଜଗନ୍ନାଥଙ୍କର କିମ୍ବଦନ୍ତୀ ଅନୁସାରେ ଯେଉଁ ସମ୍ପର୍କ ରହିଛି, ଏହାକୁ ଆଧାର କରି ମା'ଙ୍କ ଏହି ପୀଠରେ ଚଳିତ ବର୍ଷଠାରୁ ରଥଯାତ୍ରା ଅନୁଷ୍ଠିତ ହେବା ପାଇଁ ଟ୍ରଷ୍ଟ ପକ୍ଷରୁ ଅଣ୍ଟା ଭିଡିଥିଲା। ଶୁକ୍ରବାର ଅନୁଷ୍ଠିତ ଏହି ରଥଯାତ୍ରାରେ ପ୍ରବଳ ଜନସମାଗମ ହୋଇଛି। ଏଥିସହିତ ପ୍ରତାପପୁର, ତାଳପଦା ଓ ଛେଳିଆ(ବି)ଠାରେ ମଧ ରଥଯାତ୍ରା ଧୂମଧାମରେ ପାଳିତ ହୋଇଯାଇଛି। କିମ୍ବଦନ୍ତୀ ଅନୁସାରେ ଅଗ୍ନିତତ୍ତ୍ୱର ଅଧିଷ୍ଠାତ୍ରୀ ପରମବୈଷ୍ଣବୀ ମା' ହିଙ୍ଗୁଳା ସୃଷ୍ଟିର ଆଦିକାଳରୁ ତାଙ୍କ ଇଷ୍ଟଦେବ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମନ୍ଦିର ରୋଷଶାଳାରେ ବୈଷ୍ଣବାଗ୍ନି ରୂପରେ ବିରାଜମାନ। ମା' ହିଙ୍ଗୁଳାଙ୍କ ଅଲୌକିକ ସେବାରେ ବିନା ଚଟୁ କରଚୁଲୀ ବିନା ଛୁଙ୍କରେ ପ୍ରସ୍ତୁତ ହୋଇଥାଏ ମହାପ୍ରଭୁଙ୍କ ମନପସନ୍ଦ ଷାଠିଏ ପଉଟି ଛପନଭୋଗ। ପୁରାଣ ଅନୁସାରେ ହିଙ୍ଗୁଳା ଏକାବନ ଶକ୍ତିପୀଠ ମଧ୍ୟରେ ପ୍ରଥମ ପୀଠର ଅଧିଷ୍ଠାତ୍ରୀ ତଥା ତାଙ୍କର ଭୈରବ ହେଉଛନ୍ତି ଭୀମେଶ୍ୱର ମହାଦେବ। ତେଣୁ ୨୦୧୫ରେ ମା'ଙ୍କ ମନ୍ଦିର ପ୍ରତିଷ୍ଠା ଓ ନିତ୍ୟ ତ୍ରିକାଳସେବା ଆରମ୍ଭ ହେବାଠାରୁ ପୀଠରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଭୀମେଶ୍ୱର ମହାଦେବ ଯଥାକ୍ରମେ ପତିତପାବନ ଓ ଚନ୍ଦ୍ରଶେଖର ଚଳନ୍ତି ପ୍ରତୀମା ରୂପେ ପ୍ରତିଷ୍ଠିତ ହୋଇଥିଲେ। ସେବେଠାରୁ ନିତିଦିନ ଇଷ୍ଟଦେବ ଜଗନ୍ନାଥ ଓ ସ୍ୱାମୀ ମହାଦେବଙ୍କୁ ଅନ୍ନଭୋଗ ଲାଗିଲେ ଯାଇ ମାଆ ନିଜେ ଭୋଗ ପାଆନ୍ତି। ପରେ ୨୦୨୪ରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ଓ ଚତୁର୍ଦ୍ଧାମୂର୍ତ୍ତି ପ୍ରତିଷ୍ଠିତ ହେଲେ। ସେଥିରେ ୨୦୧୨ରୁ ସଂଗୃହୀତ ପ୍ରାକୃତିକ ଓଁକାର ଚିହ୍ନ ଥିବା ଦୁର୍ଲଭ ନର୍ମଦା ଲିଙ୍ଗ ଭୀମେଶ୍ୱର ମହାଦେବ ରୂପେ ତଥା ମାଆଙ୍କ ଭକ୍ତ ଭାବେ ଶ୍ରୀରାମ ଦରବାର ବି ପ୍ରତିଷ୍ଠିତ ହେଲେ। ଚଳିତ ବର୍ଷ ଏଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ୨ଘଟିକାରେ ପହଣ୍ଡି ବିଜେ, ୩ଟାରେ ଛେରାପହଁରା ଓ ୫ଟାରେ ରଥଟଣା ଆରମ୍ଭ ହୋଇଥିବା ମୁଖ୍ୟ ଟ୍ରଷ୍ଟି ଶ୍ରୀ ଦାଶ ପ୍ରକାଶ କରିଛନ୍ତି।



**ସାରସକଣା:** ସାରସକ୍ଷେତ୍ର ସାରସକଣା ଶ୍ରୀଜଗନ୍ନାଥ ପୀଠରେ ଶୃଙ୍ଖଳାର ସହ ଦୁଇଦିନିଆ ରଥଟଣା ସମ୍ପନ୍ନ ହୋଇଛି। ପ୍ରଥମ ଦିବସ ଅପରାହ୍ଣ ୨.୩୦ରେ ସଞ୍ଜୟ କୁମାର ଭୋଳଙ୍କ ନେତୃତ୍ୱରେ ସ୍ଥାନୀୟ ଯୁବ ସଂକୀର୍ତ୍ତନ ଦଳର ଗଗନଭେଦୀ ହରିନାମ, ଜୟଧ୍ୱନି, ହରିବୋଲ ଓ ମା'ମାଉସୀ ତଥା ସନ୍ଧ୍ୟାରାଣୀ ନାଏକ ଓ ପ୍ରତିଭା ସାହୁଙ୍କ ତଦାରଖରେ ଅଞ୍ଚଳର ସ୍ୱୟଂସହାୟକ ଗୋଷ୍ଠୀର ସହାୟିକାଙ୍କ ମିଳିତ ହୁଳହୁଳି ଓ ସର୍ବୋପରି ଶିକ୍ଷୟିତ୍ରୀ ବନ୍ଦନା ମହାପାତ୍ରଙ୍କ ଅଭିଭାବକତ୍ୱରେ ମା' ସୁଭଦ୍ରା ବାଳିକା ଉଚ୍ଚବିଦ୍ୟାଳୟ ସାରସକଣାର ଛାତ୍ରୀଙ୍କ ସମୁହ ଶଙ୍ଖଧ୍ୱନି ଭିତରେ, ପୀଠର ଶ୍ରୀଜୀଉଗଣ ଗୋଟି ପହଣ୍ଡିରେ ଆସି ରଥାରୂଢ଼ ହୋଇଥିଲେ। ପହଣ୍ଡି କାର୍ଯ୍ୟକ୍ରମରେ ଅମର ବିକାଶ ଷଡ଼ଙ୍ଗୀ, ଅବିନାଶ କର, ଅଜିତ ଷଡ଼ଙ୍ଗୀ, ସମ୍ବିଦତ୍ତ କର, ଅତନୁ କର, ନାରାୟଣ ମହାକୁଡ଼, ପ୍ରଶାନ୍ତ କୁମାର ସାହୁ, ନବକିଶୋର ସେଠୀ, ମନରଞ୍ଜନ ସାହୁ, ରତିକାନ୍ତ ସେଠୀ, ତପନ କୁମାର ଦଣ୍ଡପାଟ, ସୁବାସ ଚନ୍ଦ୍ର ସାହୁ ଓ ଦୁର୍ଗା ପ୍ରସାଦ ନନ୍ଦୀ ପ୍ରମୁଖ ସେବା ପ୍ରଦାନ କରିଥିଲେ। ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ସାମ୍ବାଦିକ ଓ ଶ୍ରୀଜଗନ୍ନାଥ ଭକ୍ତ ଡଃ ବିଜୟ କୁମାର ଅଗ୍ରୱାଲ ରଥରେ ଛେରାପହଁରା କରିଥିଲେ। ମନ୍ଦିର ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଡଃ ଉପେନ୍ଦ୍ର ନାଥ ସାହୁ, ଯତୀନ ଚନ୍ଦ୍ର ସାହୁ, ବନାନୀ ମହାପାତ୍ର ଓ ସୁଧୀ ରଞ୍ଜନ ସାହୁ ସହଯୋଗ କରିଥିଲେ। ପରମ୍ପରା ଅନୁଯାୟୀ ଦ୍ୱିତୀୟ ଦିନ ଅପରାହ୍ଣରେ କେବଳ ମହିଳାମାନେ ଟାଣି ମାଉସୀମା ମନ୍ଦିର ଆଗରେ ପହଞ୍ଚାଇଥିଲେ। ଝାରପୋଖରୀଆ ପୁଲିସ ବାହିନୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଅଧ୍ୟାପକ ମାନସ କୁମାର ପତି, ଶରତ କୁମାର ପଢିଆରୀ, ବିନୟ କୁମାର ଗିରି, ଡଃ ଚନ୍ଦ୍ରାବତୀ ମହାପାତ୍ର ଓ ଯୋଗେଶ୍ୱର ବେହେରାଙ୍କ ନେତୃତ୍ୱରେ ଶରତପାଳ ମହାବିଦ୍ୟାଳୟ ଓ ସୀମାନ୍ତ ମହାବିଦ୍ୟାଳୟର ପ୍ରାୟ ୭୦ ଜଣ ଜାତୀୟ ସେବା ଯୋଜନାର ଛାତ୍ରଛାତ୍ରୀ ଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ।



**ସାରସକଣା:** ସାରସକଣା ବ୍ଲକ ଶୀର୍ଷା ଗ୍ରାମରେ ବିରାଜିତ ଶ୍ରୀଶ୍ରୀ ଶୂନ୍ୟ ମାଧବଙ୍କ ୩୩ତମ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମ ମୁହୂର୍ତ୍ତରୁ ଶ୍ରୀମନ୍ଦିର ପରିସର ଚଳଚଞ୍ଚଳ ହୋଇଥିଲା। ମଧ୍ୟାହ୍ନରେ ଚତୁର୍ଦ୍ଧା ବିଗ୍ରହଙ୍କଠାରେ ପ୍ରସାଦ ଲାଗି ପରେ ଅଳ୍ପ ସମୟ ପାଇଁ ପହଡ଼ ଦେବା ହୋଇଥିଲା। ପରେ ରଥଯାତ୍ରାର ନୀତିକାନ୍ତି ଆରମ୍ଭ ହୋଇଥିଲା। ପୂଜା ସେବା ହୋମ ପରେ ଅପରାହ୍ଣ ୩ଟା ୩୦ ବେଳକୁ ପହଣ୍ଡି ବିଧି ଅନୁସାରେ ଅନୁଷ୍ଠିତ ହୋଇଥିଲା। ଗୋଟି ପହଣ୍ଡିରେ ପ୍ରଥମେ ପ୍ରଭୁ ସୁଦର୍ଶନ, ତତ୍ପରେ ପ୍ରଭୁ ବଳରାମ, ମା' ସୁଭଦ୍ରା, ଓ ଶେଷରେ ଶ୍ରୀ ଶୂନ୍ୟ ମାଧବଙ୍କ ପହଣ୍ଡି ହୋଇଥିଲା। ବେଦଜ୍ଞ ପୂଜା ପଣ୍ଡାଙ୍କ ମନ୍ତ୍ର ପାଠ, ସଂକୀର୍ତ୍ତନ ମଣ୍ଡଳୀଙ୍କ ସଂକୀର୍ତ୍ତନ, ଭକ୍ତଙ୍କ ହରିବୋଲ, ମହିଳାଙ୍କ ହୁଳହୁଳି ଶବ୍ଦରେ ମନ୍ଦିର ପରିସର କମ୍ପି ହୋଇଥିଲା। ଏହାପରେ କମିଟିର ବର୍ଷୀୟାନ୍ ସଦସ୍ୟ ବିପ୍ର ଚରଣ ସାହୁ ଛେରା ପହଁରା କରିଥିଲେ। ଏହି ସେବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ଅପରାହ୍ନ ୪ଟା୫ ମିନିଟ ରଥ ଟଣା ଆରମ୍ଭ ହୋଇଥିଲା। ଝାରପୋଖରିଆ ଥାନା ଅଧିକାରୀ ଦେବବ୍ରତ ଗ୍ରହାଚାର୍ଯ୍ୟ ନିଜେ ଉପସ୍ଥିତି ରହି ରଥଯାତ୍ରା ନିୟନ୍ତ୍ରଣ କରିଥିଲେ। ଭକ୍ତ ରଥକୁ ଟାଣି ନେଇ ସନ୍ଧ୍ୟା ୫.୩୦ରେ ରଥ ଆସି ମାଉସୀମା ମନ୍ଦିର ନିକଟରେ ପହଞ୍ଚାଇଥିଲେ। କମିଟିର ସଭାପତି ଶଶିଭୂଷଣ ବସା, ସମ୍ପାଦକ ରାଧାକାନ୍ତ ସାହୁ, କୁଞ୍ଜ ବିହାରୀ ସେଠୀ, ବିକାଶ ଦାସ, ଦେବାଶିଷ ସାହୁ, ପ୍ରବୀର ପଟ୍ଟନାୟକ, ବୀରେନ୍ଦ୍ର ସେଠୀ ସହଯୋଗ କରିଥିଲେ।




**ଶୁକ୍ଳି:** ରରୁଆଁରେ ଶାନ୍ତିପୂର୍ଣ୍ଣ ଭାବେ ରଥଯାତ୍ରା ପାଳିତ ହୋଇଯାଇଛି। ସ୍ଥାନୀୟ ଅଗ୍ନିସେବା ଶ୍ରମ ବିଭାଗ, ଆରକ୍ଷୀ ବିଭାଗ, ଆଇଆଇସି, ତହସିଲଦାର, ବିଡ଼ିଓ, ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରଛାତ୍ରୀ, ବିକାଶ ମଞ୍ଚ, ବରିଷ୍ଠ ନାଗରିକ ଟ୍ରଷ୍ଟ ଶୋଭାର ସଦସ୍ୟ ମାନେ, ଗ୍ରାମବାସୀ ଓ ବିଦ୍ୟୁତ କର୍ମଚାରୀଙ୍କ ସହଯୋଗରେ ରଥଯାତ୍ରା ପାଳିତ ହୋଇଯାଇଛି। ରଥଯାତ୍ରା ପାଇଁ ଖିରି ଖେଚୁଡ଼ି ଭୋଗ ସମସ୍ତଙ୍କୁ ବଣ୍ଟନ କରାଯାଇଛି। ରରୁଆଁ ବ୍ରାହ୍ମଣ ସମାଜ ପହୁଣ୍ଡି କାର୍ଯ୍ୟ ତୁଲାଇବା ସହିତ ରଥରେ ଠାକୁରଙ୍କୁ ପୂଜା କରିଥିଲେ। ମହିଳାଙ୍କ ଦ୍ୱାରା ରଥଟଣା ଯାଇଥିଲା, ରାଜା ସାହେବ ମନମୋହନ ଭଞ୍ଜଦେଓ ଛେରାପହଁରା କାର୍ଯ୍ୟ ତୁଲାଇ ଥିଲେ। ସାଉଣ୍ଡ ଓ ସିଙ୍ଗିବାଦ୍ୟ ବଜାଇ ଶାନ୍ତିପୂର୍ଣ୍ଣ ଭାବେ ରଥଟଣା କାର୍ଯ୍ୟ ସମାପ୍ତ ହୋଇଥିଲା। ମାଉସୀ ମନ୍ଦିରରେ ଠାକୁରଙ୍କୁ ରଖାଯାଇଛି। ଅନ୍ୟୁନ ତିରିଶ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ସର୍ବ ପୁରାତନ ରଥଯାତ୍ରା ଦେଖିବା ପାଇଁ ରରୁଆଁ ତଥା ପାଖ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡରୁ ଆସିଥିଲେ।



**କପ୍ତିପଦା:** ମୟୂରଭଞ୍ଜ ଜିଲ୍ଲାର ସର୍ବପୁରାତନ କପ୍ତିପଦା ରଥଯାତ୍ରା ବେଶ୍ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଅଛି। ସକାଳେ ଯଥାରୀତିରେ ଠାକୁରଙ୍କର ମଙ୍ଗଳ ଆଳତୀ, ମହାସ୍ନାନ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଏବଂ ରଥ ପ୍ରତିଷ୍ଠା କର୍ମ ମନ୍ଦିରର ମୁଖ୍ୟ ପୁରୋହିତ ସୁଶାନ୍ତ ମିଶ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଅପରାହ୍ଣ ୩ଘଟିକା ସମୟରେ ଘଣ୍ଟ, ଘଣ୍ଟା, ଶଙ୍ଖ, ଚାମର, ଛତା, ତରାସ, ହୁଳହୁଳି ଧ୍ୱନିରେ ମନ୍ଦିର ସେବାୟତଙ୍କ ଦ୍ୱାରା ପ୍ରଭୁ ଚକ୍ରରାଜ ସୁଦର୍ଶନ, ବଳଭଦ୍ର, ମା' ସୁଭଦ୍ରା, ପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୁଢ଼ କରାଯାଇଥିଲା। ପହଣ୍ଡି ବିଜେ ନୀତି ସଂପାଦନ କରିଥିଲେ ରାଜପରିବାର ସଦସ୍ୟ ବିଶ୍ୱନାଥ ପ୍ରତାପ ସାଏ ଏବଂ ଶିବେନ୍ଦ୍ର ପ୍ରତାପ ସାଏ। ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଅଳଙ୍କାର, ବସ୍ତ୍ରଲାଗି ହୋଇଥିଲା। ଏହାପରେ ମାଦଳ, ଧୁମ୍ସର ଓ ଆଦିବାସୀ ନୃତ୍ୟର ତାଳେତାଳେ ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ କପ୍ତିପଦା ରାଜାସାହେବ ସୌରଭ ଚନ୍ଦ୍ର ପରାକ୍ରମବାହୁ ଅଭିନବ ଭୁଜଙ୍ଗ ମାନଧାତାଙ୍କୁ ସୁସଜ୍ଜିତ ଯାନରେ ରଥ ନିକଟକୁ ପାଛୋଟି ଅଣାଯାଇଥିଲା। ରାଜପୁରୋହିତ ରଜତ ମିଶ୍ର, ବ୍ରହ୍ମା ମାନସ ଦାଶଙ୍କ ଗହଣରେ ସେ ଆସି ଶ୍ରୀଜୀଉଙ୍କ ସେବା କରି ରଥରେ ଛେରାପହଁରା କରିଥିଲେ। ଭକ୍ତମଣ୍ଡଳୀ ଓ ସଂକୀର୍ତ୍ତନ ମଣ୍ଡଳୀଙ୍କର ଜୟ ଜଗନ୍ନାଥ ଧ୍ୱନିରେ ଉକ୍ତ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରଥମ ଦିବସରେ କିଛି ବାଟ ରଥ ଟଣା ଯାଇଥିବାବେଳେ ଦ୍ୱିତୀୟ ଦିବସରେ ସିନେମା ହଲ ଛକ ଓ ତୃତୀୟ ଦିବସରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବ। ରଥଟଣା ସମୟରେ ପ୍ରଶାସନିକ ଅଧିକାରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ପୁଲିସ୍ ବାହିନୀ ଶାନ୍ତିଶୃଙ୍ଖଳା ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ। ଦଧିବାମନ ଜୀଉ ମନ୍ଦିର ଚାରିଟେବୁଲ୍ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରଥରେ ଧାରା ବିବରଣୀ ପ୍ରଦାନ କରିଥିଲେ ସନ୍ତୋଷ କୁମାର ସାହୁ ଓ ରାଜକିଶୋର ବେହେରା। ବିଭିନ୍ନ ସ୍ଥାନରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ, ସ୍ଥାନୀୟ କଳାକାରଙ୍କ ଓଡ଼ିଶୀ ନୃତ୍ୟ, ତିଳୋପାଳ ମାଦଳ, ଧୁମ୍ସା ଓ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିଥିଲା। କାର୍ଯ୍ୟକ୍ରମକୁ ପରିଚାଳନାରେ ରଥ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। କପ୍ତିପଦା ମହାବିଦ୍ୟାଳୟର ଯୁବରେଡ୍‌କ୍ରସ୍ ଓ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ, ଅଧ୍ୟାପକଅଧ୍ୟାପିକା ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜନସାଧାରଣଙ୍କୁ ସେବା ଯୋଗାଇ ଦିଆଯାଇଥିଲା। ପ୍ରତ୍ୟେକ ଦିବସରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଦ୍ୱିତୀୟ ଦିବସରେ ମହିଳାମାନଙ୍କ ଦ୍ୱାରା ରଥଟଣା ଏବଂ ଚକାନୟନ ପତ୍ରିକା ଉନ୍ମୋଚିତ ହେବ ବୋଲି ରଥ କମିଟି ସୂତ୍ରରୁ ପ୍ରକାଶ।

**ରାଇରଙ୍ଗପୁର:** ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ରାଇରଙ୍ଗପୁରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ରଥ ନୀଶାମଣି ଲଜ୍ ପର୍ଯ୍ୟନ୍ତ ପହଞ୍ଚିଥିବାବେଳେ ଆଜି ମାଉସୀ ମା' ମନ୍ଦିରରେ ପହଞ୍ଚିଛି । ରଥଟଣା ହେବା ପୂର୍ବରୁ ସକାଳ ବେଳା ମନ୍ଦିରର ମୁଖ୍ୟ ପୂଜକ ଦେବବ୍ରତ ରଥ ମହାପାତ୍ର ଶର୍ମାଙ୍କ ପରିଚାଳନାରେ ନୀତିକ୍ରାନ୍ତି ହେବା ପରେ ଦିବା ୧୧ ଘଟିକା ସମୟରେ ଧାଡ଼ି ପହଣ୍ଡି କରି ତିନି ଦିଅଁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନ ଚକ୍ରଙ୍କୁ ସେବାୟତମାନେ ଘଣ୍ଟଘଣ୍ଟା ହୁଳହୁଳିରେ ରଥାରୂଢ଼ କରିଥିଲେ । ସଂଧ୍ୟା ୫ ଘଟିକା ସମୟରେ ରାଇରଙ୍ଗପୁର ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ ଛେରାପହଁରା ନିମିତ୍ତ ରଥ ଉପରକୁ ପହଞ୍ଚି ମହାପ୍ରଭୁଙ୍କ ଆରତି ଓ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ। ଏହାପରେ ରଥରେ ଘୋଡ଼ା ଲାଗି ହେଲା ପରେ ଡାହୁକ କୃଷ୍ଣବିହାରୀ ମହାନ୍ତି ଓ ଅଭିଷେକ ମହାନ୍ତିଙ୍କ ନିର୍ଦ୍ଦେଶରେ ରଥଟଣା ଆରମ୍ଭ ହୋଇଥିଲା । ଏହି ସମୟରେ ମନ୍ଦିର କମିଟିର ସଭାପତି ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ରଥ କମିଟିର ସଭାପତି ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ନବୀନ ରାମ, ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ରାଇରଙ୍ଗପୁର ପୁଲିସ ଜିଲ୍ଲା ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ରଂଜନ ସେଠୀ, ରାଇରଙ୍ଗପୁର ଉପଖଣ୍ଡ ଥାନାଧିକାରୀ ବିରେନ୍ଦ୍ର ସେନାପତି, ପୂର୍ବତନ ବିଧାୟକ ରାଜ କିଶୋର ଦାସ, ଶିଳ୍ପପତି ରାଜୁ ମିଶ୍ରାଙ୍କ କନ୍ୟା, ଶିକ୍ଷାବିତ୍ ପ୍ରଶାନ୍ତ ପରୀକ୍ଷା, ବ୍ୟବସାୟୀ ନୀରଜ ପଣ୍ଡା ତଥା ବିଭିନ୍ନ ବିଭାଗୀୟ ପଦାଧିକାରୀ ଯୋଗଦେଇଥିଲେ । ରଥଟଣା ସମୟରେ ଲୋକମାନଙ୍କୁ ଜଗନ୍ନାଥ ଭାବାବେଗ ସଂପର୍କରେ ସାହିତ୍ୟିକଗଣ ଧାରା ବିବରଣୀ ପ୍ରଦାନ କରିଥିଲେ । ଏଥିସହ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଡ୍ରାଇଭର ସଂଘ, ବିପ୍ର ଫାଉଣ୍ଡେସନ, ନୀଶାମଣି ଲଜ୍ କର୍ମକର୍ତ୍ତା ଓ ମେଟ୍ରିକ୍ ୧୯୯୮ ବ୍ୟାଚ୍ ତରଫରୁ ଭକ୍ତମାନଙ୍କୁ ଅନ୍ନପ୍ରସାଦ, ଦହି ସରବତ ଏବଂ ପାନୀୟ ଜଳ ବଣ୍ଟନ କରିଥିଲେ । ପୋଲିସ ପ୍ରଶାସନ ଏବଂ ପ୍ରଶାସନିକ ଅଧିକାରୀଗଣ ଉକ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିଥିଲେ । ଦ୍ୱିତୀୟ ଦିନରେ ରଥଟଣା ଆରମ୍ଭ ହୋଇ ମାଉସୀମା ଗୁଣ୍ଡିଚା ମା' ମନ୍ଦିରକୁ ମା' ଭଉଣୀ ମାଉସୀମାନଙ୍କ ଦ୍ୱାରା ପହଞ୍ଚିଛନ୍ତି । ତଦପରେ ତିନିଠାକୁରଙ୍କୁ ଧାଡିପହଣ୍ଡି କରାଯାଇ ମାଉସୀ ମାଙ୍କ ଆସ୍ଥାନରେ ବିରାଜମାନ ହୋଇଛନ୍ତି।



ସକାଳ
THE SAKALA

# ସମ୍ପାଦକୀୟ



କେତେକ ବ୍ୟକ୍ତି ପରିବର୍ତ୍ତନ ବିପକ୍ଷରେ ମତ ଦିଅନ୍ତି; କିନ୍ତୁ ବିପର୍ଯ୍ୟୟକୁ ଟାଳିବାକୁ ହେଲେ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ।
-ଏଲନ୍ ମସ୍କ

## ମୁକ୍ତିର ଆଲୋକ

ପରିଣତ ବୟସରେ ପହଞ୍ଚିସାରିଥିବା ଏବଂ ଦୁରାରୋଗ୍ୟରେ ପୀଡ଼ିତ କଏଦୀମାନଙ୍କୁ ଜେଲ୍‌ରୁ ମୁକ୍ତି ଦେବା ପାଇଁ ଆସନ୍ତା ତିନିମାସ ଭିତରେ ନୀତି ନିର୍ଦ୍ଧାରଣ କରିବାକୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ନୀତି ନିର୍ଦ୍ଧାରଣ ବେଳେ ରାଜ୍ୟସ୍ତରୀୟ ବିଧିସେବା କର୍ତ୍ତୃପକ୍ଷ(ଏସ୍‌ଏଲ୍‌ଏସ୍‌ଏ) ସହିତ ବିହିତ ପରାମର୍ଶ କରିବା ଏବଂ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଏ ସମ୍ପର୍କିତ ନୀତିଗତ ସମତା ବଜାୟ ରହେ ସେ ଦିଗରେ ମଧ୍ୟ ଦୃଷ୍ଟି ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ବର୍ଷ ବର୍ଷ ଧରି ବିଚାରାଧୀନ କଏଦୀ ଭାବେ ବନ୍ଦୀ ଜୀବନ କାଟୁଥିବା କିମ୍ବା ଦଣ୍ଡିତ ହୋଇଥିବା ବୟସ୍କ ଓ ଅସୁସ୍ଥ ବ୍ୟକ୍ତିଙ୍କ ଅବଶିଷ୍ଟ ଜୀବନରେ ମୁକ୍ତିର ଆନନ୍ଦ ଉପଭୋଗ କରିବାର ଆଶା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ନିର୍ଦ୍ଦେଶ ପରେ ସଞ୍ଚାର ହୋଇଛି।

ଆଶାର ଆଲୋକ ଜେଲ୍‌କୁ ଛୁଇଁବା ପୂର୍ବରୁ ସନ୍ଦେହର କେତେକ କଳାବାଦଲ୍ ଦୃଶ୍ୟମାନ ହେଉଛି। କେଉଁମାନେ ମୁକ୍ତି ପାଇବା ପାଇଁ ଯୋଗ୍ୟ ତାହା ନିର୍ଣ୍ଣୟ କରିବାକୁ ଡାକ୍ତରୀ ପ୍ରମାଣପତ୍ରକୁ ଆଧାର ରୂପେ ଗ୍ରହଣ କରିବା ଏବଂ ଜେଲ୍ ହ୍ୟାଣ୍ଡବୁକ୍‌ର ମାର୍ଗଦର୍ଶିକା ଅନୁପାଳନ କରାଯିବା ଲାଗି ମଧ୍ୟ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ତିନିମାସ ମଧ୍ୟରେ ରାଜ୍ୟସ୍ତରୀୟ ନୀତି ନିର୍ଦ୍ଧାରଣ ହେବା, ଜାତୀୟସ୍ତରରେ ଏଥିରେ ସମତା ଆଣିବା, ଜେଲ୍ ହ୍ୟାଣ୍ଡବୁକ୍ ମାର୍ଗଦର୍ଶିକାକୁ ଅନୁପାଳନ କରିବା ଆଦି ସର୍ତ୍ତ ଆଧାରିତ ନିୟମାବଳୀ ପ୍ରସ୍ତୁତ ହେବା ସମ୍ଭବ ଲାଗୁନାହିଁ। ଏହାପରେ ପୁଣି ତାହାକୁ କାର୍ଯ୍ୟାନ୍ୱୟନରେ ବିଭିନ୍ନ ଅର୍ଗଳି ମାନ ରହୁଛି। ଆମ ଦେଶର ପ୍ରକ୍ରିୟାଗତ ବା ରୂପାୟନ କ୍ଷେତ୍ରରେ ମନ୍ଥର ବ୍ୟବସ୍ଥାରେ ଏହି ଆଦେଶର କେତେଦୂର ଅନୁପାଳନ ହୋଇପାରିବ ଏବଂ କଏଦୀମାନଙ୍କର ଆଶା ଯେ ଶୀଘ୍ର ପୂରଣ ହେବ ତାହାର କୌଣସି ନିଶ୍ଚିତତା ଥିବା ପରି ଲାଗୁନାହିଁ।

୨୦୨୪ରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଘୋଷଣା କରିଥିଲେ ଯେ ସେହିବର୍ଷ ନଭେମ୍ବର ୨୬ ତାରିଖ ସୁଦ୍ଧା ବିଚାରାଧୀନ କଏଦୀମାନେ ସେମାନେ ସମ୍ପୃକ୍ତ ଥିବା ଅପରାଧ ପାଇଁ ଉଦ୍ଦିଷ୍ଟ ଦଣ୍ଡବିଧାନର ଏକ-ତୃତୀୟାଂଶ ଭୋଗୀ ସାରିଥିବେ ସେମାନଙ୍କୁ ନଭେମ୍ବର ୨୬ ସମ୍ବିଧାନ ଦିବସ ପୂର୍ବରୁ ଜାମିନରେ କାରାମୁକ୍ତ କରିଦିଆଯିବ। ଏଥିପାଇଁ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୪୭୯ର ଅନୁପାଳନ କରାଯିବ। କିନ୍ତୁ ଆମେ ଦେଶରେ ଜାମିନ ପ୍ରକ୍ରିୟା ଏତେ ଜଟିଳ ଯେ ସରକାରୀ ଆଦେଶ କାର୍ଯ୍ୟକାରୀ ହେବାକୁ ବହୁ ସମୟ ଲାଗିଗଲା ଏବଂ ଏବେ ସୁଦ୍ଧା ସେହି ପ୍ରକ୍ରିୟା ଜାରି ରହିଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୪୭୯ ଏବଂ ପୂର୍ବପ୍ରଚଳିତ ଆପରାଧିକ କ୍ରିୟାବିଧି ସଂହିତା(ସିଆରପିସି) ୧୯୭୩ର ଧାରା ୪୩୬(କ) ରେ ଜଣେ ବିଚାରାଧୀନ କଏଦୀଙ୍କୁ ସର୍ବାଧିକ କେତେଦିନ ପରେ ଜାମିନ ପ୍ରଦାନ କରାଯାଇପାରିବ ତାହାର ସୀମା ନିର୍ଦ୍ଧାରଣ କରାଯାଇଛି। ସିଆରପିସିର ଉପରୋକ୍ତ ଉଦ୍ଦିଷ୍ଟ ଧାରା ଅନୁଯାୟୀ ଯଦି ସମ୍ପୃକ୍ତ ଅଭିଯୁକ୍ତ ବା ବିଚାରାଧୀନ କଏଦୀଙ୍କ ବିରୋଧରେ ଅନୁସନ୍ଧାନ ପ୍ରକ୍ରିୟା କିମ୍ବା ଶୁଣାଣି ବିଳମ୍ବିତ ହେଉଥିବ ଏବଂ ସେମାନେ ସମ୍ପୃକ୍ତ ଥିବା ଅପରାଧ ପାଇଁ ଉଦ୍ଦିଷ୍ଟ ଦଣ୍ଡବିଧାନର ଅଧା ଭୋଗ କରିସାରିଥିବେ ତେବେ ସେମାନଙ୍କୁ ଜାମିନ୍‌ରେ ମୁକୁଳିବା ପାଇଁ ଅନୁମତି ଦିଆଯାଇପାରିବ। କିନ୍ତୁ ସେମାନେ ଯଦି ମୃତ୍ୟୁଦଣ୍ଡ କିମ୍ବା ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିବେ କିମ୍ବା ସେମାନଙ୍କ ନାମରେ ଏକାଧିକ ମାମଲା ରୁଜୁ ହୋଇ ଅନୁସନ୍ଧାନ ଜାରି ରହିଥିବ ସେଭଳି କ୍ଷେତ୍ରରେ ଉପରୋକ୍ତ ଜାମିନ୍ ନିୟମ ଲାଗୁ ହେବ ନାହିଁ। ସେହିପରି ଜୁଲାଇ ୧ ତାରିଖରୁ କାର୍ଯ୍ୟକାରୀ ହୋଇଥିବା ଭାରତୀୟ ନାଗରିକ ସୁରକ୍ଷା ସଂହିତା ଅନୁଯାୟୀ ପ୍ରଥମ ଥର ପାଇଁ ଅପରାଧରେ ଅଭିଯୁକ୍ତଙ୍କ ପାଇଁ ଉପରୋକ୍ତ ଜାମିନ୍ ନିୟମ ମୋଟ ଦଣ୍ଡବିଧାନ ଅବଧିର ଅଧା ବଦଳରେ ଏକ-ତୃତୀୟାଂଶକୁ ହ୍ରାସ କରାଯାଇଛି।

ଏହି ପୃଷ୍ଠଭୂମିରେ ୨୦୨୪ ଅଗଷ୍ଟ ୨୩ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଏକ ଯୁଗାନ୍ତକାରୀ ନିର୍ଦ୍ଦେଶ ଦେଇଥିଲେ, ଯାହା ବିଚାରାଧୀନ କଏଦୀଙ୍କୁ ମୁକ୍ତିର ଆଲୋକ ଦେଖାଇବାର ରାସ୍ତା ପରିଷ୍କାର କରିଥିଲା। ଖଣ୍ଡପୀଠଙ୍କ ଉକ୍ତ ରାୟ ଅନୁଯାୟୀ ଜାମିନ କଟକଣା ବା ନିୟମକୁ କୋହଳ କରାଯିବାର ବ୍ୟବସ୍ଥା ପିଛିଲା ଭାବେ ଅର୍ଥାତ୍ ଗତ ଜୁଲାଇ ୧ ତାରିଖରେ ନୂଆ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପୂର୍ବରୁ ପୁରୁଣା ଫୌଜଦାରୀ କ୍ରିୟାବିଧି ସଂହିତା(ସିଆରପିସି) କିମ୍ବା ଦଣ୍ଡ ବିଧି ସଂହିତା(ଆଇପିସି) ଆଧାରରେ ପଞ୍ଜିକୃତ ମାମଲାଗୁଡ଼ିକ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ। ଏଭଳି ଜାମିନ୍ ପାଇବାକୁ ଯୋଗ୍ୟ ବିଚାରାଧୀନ କଏଦୀଙ୍କ ତାଲିକା ତିନି ମାସ ମଧ୍ୟରେ ପ୍ରସ୍ତୁତ କରିବାକୁ ଖଣ୍ଡପୀଠ ସମସ୍ତ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ ଓ କାରାଗାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାର କେତେ ଅନୁପାଳନ ହୋଇଛି ତାହା ଅସ୍ପଷ୍ଟ। ତେଣୁ ସଦ୍ୟତମ ନିର୍ଦ୍ଦେଶନାମା ପ୍ରଭାବରେ ସୃଷ୍ଟି ହୋଇଥିବା ଆଶାର ଆଲୋକ ଏବେ ଝାପ୍‌ସା ଦୃଶ୍ୟମାନ ହେଉଛି।

ସର୍ବୋଚ୍ଚ ନ୍ୟାୟାଳୟ ୨୦୨୪ ଅଗଷ୍ଟ ୨୩ ତାରିଖରେ ଦେଇଥିବା ରାୟର ଅନୁପାଳନର ସମୀକ୍ଷା ପାଇଁ ସେହିବର୍ଷ ଅକ୍ଟୋବର ୨୨ ତାରିଖରେ ବସିଥିବା ହୃଷିକେଶ ରାୟ ଓ ଏସ୍ ଭି ଏନ୍ ଭଟ୍ଟିଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଜାଣିବାକୁ ପାଇଥିଲେ ଯେ ମାତ୍ର ୧୯ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର କାରାଗାର କର୍ତ୍ତୃପକ୍ଷ ବିଚାରାଧୀନ କଏଦୀଙ୍କ ତାଲିକା ପଠାଇଥିଲେ। ତେଣୁ ୨୦୨୪ ନଭେମ୍ବର ୧୯ ତାରିଖରେ ଖଣ୍ଡପୀଠ ପୁଣି ଥରେ ଏ ସମ୍ପର୍କରେ ସବୁ କାରାଗାର କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ, ଯେଉଁଥିରେ ବିଚାରାଧୀନ ମହିଳା କଏଦୀଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଥିଲା। କିନ୍ତୁ ତାହାର ଅନୁପାଳନ ହୋଇଛି କି ନାହିଁ ତାହା ସର୍ବୋଚ୍ଚ ନ୍ୟାୟାଳୟ ପୁଣି ଥରେ ତର୍ଜମା କରିବାକୁ ପଡ଼ିବ।

ଏବେ ଆଉ ଅଧିକ ବିଳମ୍ବ ନ କରି ବ୍ୟବସ୍ଥାର ଜଟିଳତାକୁ ଗୁରୁତ୍ୱ ନ ଦେଇ ମାନବାଧିକାରର ସୁରକ୍ଷା ପାଇଁ ଆଗଭର ହେବାକୁ ପଡ଼ିବ। ଏଥିରେ ଆନ୍ତରିକତା ଓ ନିଷ୍ଠା ରହିଲେ ସ୍ୱାଧୀନ ଭାରତର ବିଚାର ବ୍ୟବସ୍ଥା ଏକ ସ୍ୱର୍ଣ୍ଣାଭ ଇତିହାସ ସୃଷ୍ଟି କରିବ, ଏହା ନିଃସନ୍ଦେହ।

# ଯୁଦ୍ଧ ବିଭୀଷିକା ଓ ବିଶ୍ୱଶାନ୍ତି

ହେମନ୍ତ କୁମାର କର

ଏକବିଂଶ ଶତାବ୍ଦୀର ତୃତୀୟ ଦଶକରେ ଠିଆ ହୋଇ ଯେତେବେଳେ ମଣିଷ ଚନ୍ଦ୍ରରୁ ମଙ୍ଗଳ ଯାଏଁ ଯିବା କଥା କହୁଛି, ସେତେବେଳେ ହିଁ ପୃଥିବୀର ମାଟି ପୁଣି ରକ୍ତରେ ଓଦା ହେଉଛି। ପୂର୍ବ-ୟୁରୋପରେ ରୁଷ-ୟୁକ୍ରେନ ଯୁଦ୍ଧ ଲକ୍ଷଲକ୍ଷ ଜୀବନକୁ ଶରଣାର୍ଥୀ କରିଦେଇଛି, ଗାଁ-ସହର ଧ୍ୱଂସସ୍ତୂପ ପାଲଟିଛି, ଆଉ ଖାଦ୍ୟ-ଇନ୍ଧନ ସଙ୍କଟ ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଛି। ସେପଟେ ପଶ୍ଚିମ-ଏସିଆରେ ଆମେରିକା-ଇସ୍ରାଏଲ ବନାମ ଇରାନର ଛାୟାଯୁଦ୍ଧ ଆଜି ପ୍ରତ୍ୟକ୍ଷ ସଂଘର୍ଷର ରୂପ ନେଉଛି। ମିସାଇଲ୍ ମାଡ, ଡ୍ରୋନ୍ ଆକ୍ରମଣ, ତେଲ ଟ୍ୟାଙ୍କର ଜଳିବା ଆଉ ସାଧାରଣ ନାଗରିକଙ୍କ ମୃତଦେହ - ଏ ସବୁ ପ୍ରମାଣ କରୁଛି ଯେ ସନ୍ଧିପତ୍ର ଉପରେ ଧୂଳି ଜମିଲେ ତା' ତଳେ ବାରୁଦ ହିଁ ହସେ। ଯେଉଁ ପରମାଣୁ ଅସ୍ତ୍ର ଶାନ୍ତିର ଗ୍ୟାରେଣ୍ଟି ବୋଲି କୁହାଯାଉଥିଲା, ଆଜି ସେହି ଅସ୍ତ୍ର ହିଁ ସମଗ୍ର ମାନବଜାତିର ମୁଣ୍ଡ ଉପରେ ଝୁଲୁଥିବା ଖଣ୍ଡା ପାଲଟିଛି। ଯୁଦ୍ଧ କେବଳ ସମରଭୂମିରେ ଲଢୁଥିବା ଯୋଦ୍ଧାଙ୍କୁ ନୁହେଁ ନିରୀହ ଶିଶୁ, ମହିଳା, ବୃଦ୍ଧ - ସମସ୍ତଙ୍କ ଜୀବନ ନେଇଯାଏ। ସେ ଅର୍ଥନୀତିକୁ ଧ୍ୱଂସ କରେ, ସଂସ୍କୃତିକୁ ପୋଡ଼ି ଦିଏ, ପିଢ଼ି ପରେ ପିଢ଼ିକୁ ଅନାଥ, ବିଧବା ଓ ଶରଣାର୍ଥୀ କରିଦିଏ। ଯୁଦ୍ଧର କ୍ଷତ ଯୁଦ୍ଧ ଅନ୍ତେ ବି ଦଶକ ଦଶକ ଧରି ରହେ - ରୋଗ, ଦାରିଦ୍ର୍ୟ ଓ ମାନସିକ ଆଘାତ ରୂପରେ।

ବିଂଶ ଶତାବ୍ଦୀ ମାନବଜାତିର ଇତିହାସରେ ସବୁଠୁ ବେଶୀ ରକ୍ତରଞ୍ଜିତ। ୧୯୧୪ ରୁ ୧୯୧୮ ପର୍ଯ୍ୟନ୍ତ ବ୍ୟାପ୍ତ ପ୍ରଥମ ବିଶ୍ୱ ଯୁଦ୍ଧରେ ପ୍ରାୟ ୧.୫ କୋଟିରୁ ୨.୫ କୋଟି ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ (୧୯୩୯-୪୫) ରେ ମୃତ୍ୟୁ ସଂଖ୍ୟା ହେଉଛି ପ୍ରାୟ ୭ କୋଟିରୁ ୮.୫ କୋଟି। ସେହିଭଳି ୧୯୫୦ ସାଲରେ ଉତ୍ତର କୋରିଆ-ଦକ୍ଷିଣ କୋରିଆ ଯୁଦ୍ଧରେ ୨୫-୩୦ ଲକ୍ଷ, ୧୯୫୫ ରୁ ୧୯୭୫ ସାଲରେ ଭିଏତନାମ ଯୁଦ୍ଧରେ ୨୦-୪୦ ଲକ୍ଷ, ୧୯୭୧ ପାକିସ୍ତାନ-ବାଂଲାଦେଶ ଯୁଦ୍ଧରେ ୩-୫ ଲକ୍ଷ ( ସରକାରୀ ତଥ୍ୟ ଅନୁଯାୟୀ ୩୦ ଲକ୍ଷ ) ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୯୭୮ ରୁ ଆଜି ପର୍ଯ୍ୟନ୍ତ ଆଫଗାନିସ୍ତାନରେ ଲଗାତାର ଯୁଦ୍ଧ ଓ ଗୃହଯୁଦ୍ଧରେ ପ୍ରାୟ ୧୪ ଲକ୍ଷରୁ ୨୧ ଲକ୍ଷ ବ୍ୟକ୍ତି ଜୀବନ ହାରିଛନ୍ତି। ବିଡ଼ମ୍ବନା ବିଷୟ ଏହି କି ଯେ ଉକ୍ତ ଶତାବ୍ଦୀରେ ମଣିଷ ଚନ୍ଦ୍ରପୃଷ୍ଠରେ ପାଦ ଦେଲା, କମ୍ପ୍ୟୁଟର ଆବିଷ୍କାର କଲା, ଜୀବନ ପ୍ରତ୍ୟାଶା ଦ୍ୱିଗୁଣିତ କଲା ସତ, କିନ୍ତୁ ସେହି ମଣିଷ ହିଁ ୨୦ କୋଟିରୁ ଅଧିକ ମଣିଷଙ୍କୁ ନିଃଶେଷ କରିଛି।

ମାନବଜାତିର ଇତିହାସ କେବଳ ରକ୍ତର କାଳିରେ ନୁହେଁ ଆଶାର ଆଲୋକରେ ଲେଖାଯାଏ। ଯୁଦ୍ଧ ଯଦି ମାନବ ସଭ୍ୟତାର କଳା ଗ୍ରହଣ ପରି, ଶାନ୍ତି ହେଉଛି ତା' ପରର ସୂର୍ଯ୍ୟୋଦୟ। ପ୍ରଶ୍ନ ହେଉଛି ଏକବିଂଶ ଶତାବ୍ଦୀରେ ଛିଡ଼ା ହୋଇ ଆମେ କେଉଁ ପଥକୁ ଆପଣାଇ ନେବା? ପୁନଶ୍ଚ ବାରୁଦର ଧୂଆଁ ନା ଶାନ୍ତିର ପ୍ରଶ୍ୱାସ? ଶାନ୍ତି ହେଉଛି ପୃଥିବୀର ସବୁଠାରୁ ପୁରୁଣା କ୍ଷୁଧା। ଆଦିମ ମଣିଷ ଯେତେବେଳେ ଗୁମ୍ଫା ମୁହଁରେ ବସି ଆକାଶର ତାରା ଗଣୁ ଥିଲା, ସେତେବେଳେ ସେ ଖାଦ୍ୟ ମାଗୁ ନ ଥିଲା। ସେ ନିର୍ଭୟରେ ଗୋଟିଏ ରାତି ମାଗୁଥିଲା। ସେହି ସ୍ଥିତି ଆଜି ବି ରହିଛି। କେବଳ ଗୁମ୍ଫା ବଦଳି ଗଗନଚୁମ୍ବୀ ହୋଇଛି, ନିଆଁ ବଦଳି ପରମାଣୁ ହୋଇଛି। କ୍ଷୋଭର ବିଷୟ ଏହିକି, ଏକବିଂଶ ଶତାବ୍ଦୀର ମଣିଷ ପାଖରେ ଯୁଦ୍ଧ କରିବାର ପ୍ରଯୁକ୍ତି ଅଛି, କିନ୍ତୁ ଯୁଦ୍ଧ ଅଟକାଇବାର ରାଜନୈତିକ ଇଚ୍ଛାଶକ୍ତି କ୍ରମଶଃ କ୍ଷୀଣ ହେଉଛି। ଶୀତଳଯୁଦ୍ଧର ଶେଷରେ ଯେଉଁ 'ଇତିହାସର ଅନ୍ତ' ଘୋଷଣା ହୋଇଥିଲା, ଆଜି ସେହି ଇତିହାସ ପୁଣି ପୁରୁଣା ଅଧ୍ୟାୟକୁ ଫେରୁଛି ସାମ୍ରାଜ୍ୟବାଦ, ଜାତୀୟତାବାଦ ଓ ସମ୍ବଳ ପାଇଁ ସଂଘର୍ଷ। ପାର୍ଥକ୍ୟ କେବଳ ଏତିକି - ପୂର୍ବର ଯୁଦ୍ଧ ସୀମା ଭିତରେ ସୀମିତ ଥିଲା, ଆଜିର ଯୁଦ୍ଧ ସାଇବର୍ ସ୍ପେସ୍, ଅର୍ଥନୀତି, ଜଳବାୟୁ ଓ ସୂଚନା ପର୍ଯ୍ୟନ୍ତ ବ୍ୟାପ୍ତ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଚିତାଭସ୍ମ ଉପରେ ଛିଡ଼ା ହୋଇ ୧୯୪୫ରେ ମାନବଜାତି ଯେଉଁ ମିଳିତ ଜାତିସଂଘ ଗଢ଼ିଥିଲା, ତା'ର ଲକ୍ଷ୍ୟ ଥିଲା 'ଆଗାମୀ ପିଢ଼ିକୁ ଯୁଦ୍ଧର ବିଭୀଷିକାରୁ ରକ୍ଷା କରିବା।' କିନ୍ତୁ ଆଠ ଦଶକ ପରେ ସୁରକ୍ଷା ପରିଷଦର 'ଭିଟୋ' ଅସ୍ତ୍ର ବାରମ୍ବାର ଶାନ୍ତିର ପଥ ଅବରୋଧ କରିଛି। ସିରିଆରେ ୧୬ ଥର ପ୍ରସ୍ତାବ ଅଟକିଲା, ରୁଆଣ୍ଡାରେ ୮ ଲକ୍ଷ ଲୋକ ମରିବା ବେଳେ ଜାତିସଂଘ ଦର୍ଶକ ସାଜିଲା। ରୁଷ-ୟୁକ୍ରେନ ଯୁଦ୍ଧରେ ସଂସ୍ଥା କେବଳ ନିନ୍ଦା କରିପାରିଲା, କାରଣ ଆକ୍ରମଣକାରୀ ନିଜେ ସ୍ଥାୟୀ ସଦସ୍ୟ। ଉପରୋକ୍ତ ବିଫଳତା ଆମକୁ ବୁଝାଇ ଦେଉଛି ଯେ ପୁରୁଣା କାନ୍ଥରେ ନୂଆ ଛାତ ପଡ଼ି ପାରିବ ନାହିଁ। ବାରୁଦର ଧୂଆଁ ଅଟକାଇବାକୁ ହେଲେ ଆମକୁ ପୁଣି ଥରେ ମଲ୍ଲୀର ସୁବାସ ଫେରାଇ ଆଣିବାକୁ ପଡ଼ିବ। ସେଥିପାଇଁ ବିଶ୍ୱସ୍ତରରେ ତୁରନ୍ତ କିଛି ପଦକ୍ଷେପ ନେବାକୁ ପଡ଼ିବ।

୧୯୪୫ର ବିଶ୍ୱ ଆଜି ୨୦୨୬ରେ ପହଞ୍ଚିଛି। କିନ୍ତୁ ସୁରକ୍ଷା ପରିଷଦ ଗଠନ ସେହି ପୁରୁଣା ହିଁ ରହିଛି। ଏହି ଅସନ୍ତୁଳନ ହିଁ ସମସ୍ୟାର ମୂଳ। ତେଣୁ ପ୍ରଥମ କାମ ହେଲା ପରିଷଦର ସଂଖ୍ୟା ବଢ଼ାଇ ଏସିଆ, ଆଫ୍ରିକାକୁ ସ୍ଥାୟୀ ସ୍ଥାନ ଦେବା। ଦ୍ୱିତୀୟତଃ, ଗଣହତ୍ୟା ଓ ଯୁଦ୍ଧ ଅପରାଧ ମାମଲାରେ ଭିଟୋ ପ୍ରୟୋଗ ଉପରେ ତୁରନ୍ତ ନିଷେଧାଦେଶ ଲଗାଇବାକୁ ହେବ। ନଚେତ୍ ଶାନ୍ତିର ଦର୍ପଣରେ ଆଗକୁ ବି ଫାଟ ରହିବ। 'ପରମାଣୁ ଅସ୍ତ୍ର ପ୍ରସାର ରୋଧ ସନ୍ଧି' ଏବଂ 'ବ୍ୟାପକ ପ୍ରସାର ରୋଧ ସନ୍ଧି'କୁ ସମସ୍ତ ଦେଶ ମାନିବା ଆବଶ୍ୟକ। ନୂଆ ପରୀକ୍ଷଣ ବନ୍ଦ ସାଙ୍ଗକୁ ଅସ୍ତ୍ର ଭଣ୍ଡାର ହ୍ରାସ ପାଇଁ ସ୍ୱଚ୍ଛ ଓ ଯାଞ୍ଚ ଯୋଗ୍ୟ ରୋଡମ୍ୟାପ୍ ତିଆରି ହେବା ଉଚିତ। ଯେତେଦିନ ଯାଏଁ ପରମାଣୁ ଅସ୍ତ୍ର ଥିବ, ସେତେଦିନ ଯାଏ ଶାନ୍ତିର ଭୟ ଲାଗି ରହିବ। ସନ୍ତ୍ରାସବାଦୀ ସଙ୍ଗଠନକୁ ପାଣ୍ଠି, ଅସ୍ତ୍ର ଓ ଆଶ୍ରୟ ଦେଉଥିବା ଯେକୌଣସି ଦେଶ ବା ସଙ୍ଗଠନ ଉପରେ ବିଶ୍ୱସ୍ତରୀୟ ପ୍ରତିବନ୍ଧକ ଲାଗିବା ଦରକାର। ଗୁଳି ଚାଲିବା ପୂର୍ବରୁ ଆଲୋଚନା ଟେବୁଲ ଖୋଲା ରଖିବାକୁ ହେବ। ଋଷ-ୟୁକ୍ରେନ ହେଉ ବା ଇସ୍ରାଏଲ-ଇରାନ, ବିବାଦ ଯେତେ ଗଭୀର ହେଲେ ବି ତା'ର ସମାଧାନ କେବଳ କୂଟନୀତିରେ ଅଛି। ଆଞ୍ଚଳିକ ସଙ୍ଗଠନଗୁଡ଼ିକୁ ଆହୁରି ସକ୍ରିୟ କରିବାକୁ ହେବ। ପଡ଼ୋଶୀ ଦେଶ ମଧ୍ୟରେ ସଂପର୍କ ଓ ବାଣିଜ୍ୟ ବଢ଼ିଲେ ଯୁଦ୍ଧର ଆଶଙ୍କା କମିବ।

ଯୁଦ୍ଧ ହେବା ପରେ ଶରଣାର୍ଥୀଙ୍କୁ ସାହାଯ୍ୟ କରିବା ଅପେକ୍ଷା ଯୁଦ୍ଧ ପୂର୍ବରୁ ତା'କୁ ରୋକିବା ହଜାରେ ଗୁଣ ଶସ୍ତା। ଛୋଟ ବିବାଦ ସବୁକୁ ପ୍ରାରମ୍ଭରେ ଚିହ୍ନଟ କରି ସମାଧାନ କଲେ ବଡ଼ ଯୁଦ୍ଧ ହୋଇପାରିବ ନାହିଁ। ଯେଉଁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ଲକ୍ଷ କୋଟି ଡଲାରର, ସେମାନେ ଯୁଦ୍ଧ କରିବା ପୂର୍ବରୁ ଦଶ ଥର ଚିନ୍ତା କରିବା ଆବଶ୍ୟକ। କାରଣ ଯୁଦ୍ଧ ଅର୍ଥନୀତିକୁ ଧ୍ୱଂସ କରେ, ଆଉ ବାଣିଜ୍ୟ ତାହାକୁ ଗଢ଼େ। ତେଣୁ ମୁକ୍ତ ବାଣିଜ୍ୟ ଚୁକ୍ତି, ଯୋଗାଣ ବ୍ୟବସ୍ଥା ଓ ସମ୍ବଳ ସହଭାଗିତା ବଢ଼ିଲେ ସଂଘର୍ଷର ଆଶଙ୍କା ହ୍ରାସ ପାଏ। ଏବେ ଯୁଦ୍ଧ ସାଇବର ଦୁନିଆକୁ ବ୍ୟାପିଥିବାରୁ ଡିଜିଟାଲ ଯୁଗ ପାଇଁ ନୂଆ ନିୟମ ଦରକାର। ସାଧାରଣ ପ୍ରଯୁକ୍ତି ଉପରେ ଆକ୍ରମଣ ନିଷେଧ ଓ କମ୍ପାନୀ ସବୁର ନିରପେକ୍ଷତା ଏହି ସନ୍ଧିର ମୂଳ ହେବା ଉଚିତ।


ଯୁଦ୍ଧ ପୁରୁଷ କରନ୍ତି, କିନ୍ତୁ ଏହାର କ୍ଷତ ସବୁଠୁଁ ବେଶୀ ମହିଳା ଓ ପିଲାମାନଙ୍କୁ ଭୋଗିବାକୁ ପଡ଼େ। ତେଣୁ ଶାନ୍ତି ଆଲୋଚନାର ପ୍ରତିଟି ଟେବୁଲରେ ଯଥେଷ୍ଟ ମହିଳା ପ୍ରତିନିଧିତ୍ୱ ଆବଶ୍ୟକ। କ୍ଷୁଦ୍ର ଦେଶ ରୁଆଣ୍ଡା ପ୍ରମାଣ କରିଛି ଯେତେବେଳେ ସଂସଦରେ ୬୧ % ମହିଳା ଥିଲେ, ସେ ଦେଶ ୩୦ ବର୍ଷର ଗଣହତ୍ୟାର ଛାଇରୁ ଆଫ୍ରିକାର ସବୁଠୁ ସୁରକ୍ଷିତ ରାଷ୍ଟ୍ର ଭାବେ ଉଭା ହେଲା। ଅନୁରୂପ ଭାବେ ଲାଇବେରିଆରେ ମହିଳାମାନେ ୧୪ ବର୍ଷର ଘରୋଇ ଯୁଦ୍ଧ ବନ୍ଦ କରାଇବାରେ ସକ୍ଷମ ହେଲେ। ମନେ ରଖିବାକୁ ହେବ - ଶାନ୍ତି ଆକାଶରୁ ଖସେ ନାହିଁ, ତା'କୁ ଘରର ଚୁଲି ପାଖରୁ ଗଢ଼ିବାକୁ ହୁଏ। ଆଉ ସେହି ଗଢ଼ଣରେ ନାରୀର ଭୂମିକା ନିର୍ଣ୍ଣାୟକ। ଶାନ୍ତି ହେଉଛି ମାନବତାର ସର୍ବୋଚ୍ଚ ଆକାଂକ୍ଷା ଓ ସଭ୍ୟତାର ମୂଳ ପରିଚୟ। ଏହାକୁ ସାକାର କରିବାକୁ ହେଲେ ଶିକ୍ଷାର ଦୀପ ଜଳାଇବାକୁ ହେବ। ସ୍କୁଲ-କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସହନଶୀଳତା, ଭ୍ରାତୃତ୍ୱ ଓ ଭିନ୍ନତାର ସମ୍ମାନ ଶିଖାଇବା ଆବଶ୍ୟକ। ଯେଉଁ ମନରେ ଘୃଣା ନାହିଁ, ସେଠାରେ ଯୁଦ୍ଧର ବିଷବୃକ୍ଷ ଅଙ୍କୁରିତ ହୋଇପାରିବ ନାହିଁ।

ଆମକୁ ଦାରିଦ୍ର୍ୟ, ଅସମାନତା ଓ ଅନ୍ୟାୟର ମୂଳୋତ୍ପାଟନ କରିବାକୁ ହେବ। ଯେଉଁ ସମାଜରେ ପେଟର ଜ୍ୱାଳା ଥାଏ, ସେଠାରେ ଅସନ୍ତୋଷ ଓ ହିଂସା ସୃଷ୍ଟି ହୁଏ। ସମସ୍ତଙ୍କୁ ସମାନ ସୁଯୋଗ, ସ୍ୱାସ୍ଥ୍ୟ ଓ ନ୍ୟାୟ ମିଳିଲେ ହିଁ ସ୍ଥାୟୀ ଶାନ୍ତି ସମ୍ଭବ। ପୁନଶ୍ଚ ଜଳ, ଜଳବାୟୁ ଓ ପ୍ରାକୃତିକ ସମ୍ପଦକୁ ନେଇ ବିଶ୍ୱସ୍ତରୀୟ ସହମତି ଏକ ଅତ୍ୟାବଶ୍ୟକତା। ସମ୍ପଦର ଅଧିକାରକୁ ନେଇ ସଂଘର୍ଷ ଅନେକ ସଂଘାତର ମୂଳ କାରଣ। ତେଣୁ ଦେଶ ଦେଶ ମଧ୍ୟରେ ଉତ୍ତମ ବୁଝାମଣା ଓ ଚୁକ୍ତି ସ୍ୱାକ୍ଷରିତ ହେବା ଜରୁରୀ। ମିଳିତ ଜାତିସଂଘ କୌଣସି ଅତିମାନବ ଶକ୍ତି ନୁହେଁ, ଏହା ଆମ ୧୯୩ ଟି ଦେଶର ମିଳିତ ଇଚ୍ଛାର ପ୍ରତିଫଳନ ମାତ୍ର। ଆଇନାରେ ଫାଟ ସୃଷ୍ଟି ହେଲେ ତା'କୁ ଦୋଷ ଦେବା ପରିବର୍ତ୍ତେ ଆମେ ନିଜ ମୁହଁକୁ ଠିକ୍ କରିବା ଆବଶ୍ୟକ। ଯୁଦ୍ଧ ମାନବତା ଉପରେ ଲାଗିଥିବା ସବୁଠୁ ବଡ଼ କଳଙ୍କ। ଆଉ ସେଇ କଳଙ୍କକୁ ଲିଭାଇବାର ଏକମାତ୍ର ଉପାୟ ହେଉଛି ଆମର ମିଳିତ ସ୍ୱର। ସେଇ ସ୍ୱର ଯେତେ ଜୋରରେ ଉଠିବ, ଶାନ୍ତିର ସୂର୍ଯ୍ୟ ସେତେ ଶୀଘ୍ର ଉଦୟ ହେବ।

ଭୁବନେଶ୍ୱର, ମୋ: ୯୮୬୧୫୭୨୧୧୦

# ଧାର୍ମିକ ଲୋକତନ୍ତ୍ରରେ ଜାତୀୟ ସୁରକ୍ଷାର ପ୍ରଶ୍ନ

ଗୋସ୍ୱାମୀ ଅନାମ ଚରଣ ଦାଶ



ପୂର୍ବଲେଖାରେ ଆମେ ଏକ ପ୍ରଶ୍ନ ଉଠାଇଥିଲୁ ଦୁର୍ବଳ ରାଷ୍ଟ୍ରରେ ନାଗରିକ ସ୍ୱାଧୀନ ରହିପାରିବେ କି? ଯଦି ଉତ୍ତର 'ନା' ଦିଗକୁ ଯାଏ, ତେବେ ପରବର୍ତ୍ତୀ ପ୍ରଶ୍ନ ହେଉଛି: ଏକ ସୁଦୃଢ଼ ରାଷ୍ଟ୍ର କିପରି ଗଢ଼ାଯାଏ? ସୁଦୃଢ଼ ରାଷ୍ଟ୍ରର ଅର୍ଥ କେବଳ ବଡ଼ ସେନାବଳ ନୁହେଁ। ଏହାର ଅର୍ଥ ହେଉଛି ସୁରକ୍ଷିତ ସୀମା, ଦୃଢ଼ ସଂସ୍ଥା, ଆଇନର ଶାସନ, ସାମାଜିକ ସମନ୍ୱୟ, ଆର୍ଥିକ ସ୍ଥିରତା, ସୂଚନା ସୁରକ୍ଷା ଏବଂ ସଚେତନ ନାଗରିକ ସମାଜ। ଅର୍ଥଶାସ୍ତ୍ରରେ କୌଟିଲ୍ୟ ରାଷ୍ଟ୍ରକୁ କେବଳ ରାଜାର ସଂସ୍ଥା ଭାବେ ନୁହେଁ, ବରଂ ଭୂମି, ପ୍ରଜା, ଶାସନ, ସୁରକ୍ଷା ଓ ସମୃଦ୍ଧିର ଏକ ସଂଯୁକ୍ତ ବ୍ୟବସ୍ଥା ଭାବେ ଦେଖିଥିଲେ। ଆଜିର ଭାରତରେ ମଧ୍ୟ ସେହି ପ୍ରଶ୍ନ ଅତ୍ୟନ୍ତ ପ୍ରାସଙ୍ଗିକ।

ପ୍ରଥମେ ଆସେ ସୀମା ସୁରକ୍ଷାର ପ୍ରଶ୍ନ। ବିଶ୍ୱର ପ୍ରାୟ ସମସ୍ତ ଦେଶ ନିଜ ସୀମା, ନାଗରିକତ୍ୱ ଓ ପ୍ରବେଶ ନୀତିକୁ ଗୁରୁତ୍ୱ ଦେଇଥାଏ। ଆମେରିକା, ବ୍ରିଟେନ, ଜାପାନ, ଅଷ୍ଟ୍ରେଲିଆ, ଇଉରୋପୀୟ ଦେଶ ସମସ୍ତେ ବୈଧ ଓ ଅବୈଧ ପ୍ରବେଶ ମଧ୍ୟରେ ପାର୍ଥକ୍ୟ କରନ୍ତି। ଏହା କେବଳ ରାଜନୀତିକ ବିଷୟ ନୁହେଁ; ଏହା ସାର୍ବଭୌମତ୍ୱର ପ୍ରଶ୍ନ। ଭାରତର ପଡ଼ୋଶୀ ପରିସ୍ଥିତି ଜଟିଳ। ଦୀର୍ଘ ସୀମା, ଐତିହାସିକ ସମ୍ପର୍କ, ଦାରିଦ୍ର୍ୟ, ଚୋରାଚାଲାଣ, ଅବୈଧ ଅନୁପ୍ରବେଶ, ମାନବ ଚାଲାଣ, ସୁରକ୍ଷା ଆହ୍ୱାନ ଏସବୁକୁ ଭାବନାରୁ ନୁହେଁ ବରଂ ନୀତି, ଆଇନ ଓ ମାନବିକତାର ସନ୍ତୁଳନରେ ଦେଖିବା ଦରକାର।

ସୀମା ସୁଦୃଢ଼ କରିବାର ଅର୍ଥ କୌଣସି ସମ୍ପ୍ରଦାୟ ବିରୋଧୀ ହେବା ନୁହେଁ। ଏହାର ଅର୍ଥ ରାଷ୍ଟ୍ର ନିଜର ଭୂମି, ଆଇନ ଓ ନାଗରିକତ୍ୱ ପ୍ରକ୍ରିୟାକୁ ଗମ୍ଭୀରତାର ସହ ନେଉଛି। କିନ୍ତୁ ଜାତୀୟ ସୁରକ୍ଷା କେବଳ ସୀମାରେ ଶେଷ ହୁଏ ନାହିଁ। ଆଜିର ବିଶ୍ୱରେ ସୂଚନା ଯୁଦ୍ଧ ମଧ୍ୟ ଏକ ବଡ଼ ପ୍ରଶ୍ନ। ଭ୍ରାନ୍ତ ସୂଚନା, ସାଇବର ଆକ୍ରମଣ, ସୋସିଆଲ୍ ମିଡିଆ ମାଧ୍ୟମରେ ବିଭାଜନମୂଳକ ପ୍ରଚାର, ବିଦେଶୀ ପ୍ରଭାବ ଏସବୁ ନୂଆ ସୁରକ୍ଷା ଆହ୍ୱାନ। ଏକ ସମାଜ କେବଳ ଅସ୍ତ୍ରରେ ନୁହେଁ, ଭୁଲ ସୂଚନାରେ ମଧ୍ୟ ଦୁର୍ବଳ ହୋଇପାରେ। ସେଥିପାଇଁ ଆଜିର ନାଗରିକଙ୍କୁ କେବଳ ଦେଶପ୍ରେମ ନୁହେଁ, ସୂଚନା ସଚେତନତା ମଧ୍ୟ ଦରକାର। କ'ଣ ସତ୍ୟ? କ'ଣ ପ୍ରଚାର? କିଏ ଭୟ ବଢ଼ାଉଛି? କିଏ ସମାଜକୁ ଭାଙ୍ଗିବାକୁ ଚେଷ୍ଟା କରୁଛି? ଏସବୁ ପ୍ରଶ୍ନରେ ବିବେକୀ ହେବା ଆବଶ୍ୟକ।

ତୃତୀୟ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ସଂସ୍ଥାର ସୁଦୃଢ଼ତା। ସେନା ଦୃଢ଼ ହେବା ଦରକାର, କିନ୍ତୁ ନ୍ୟାୟବ୍ୟବସ୍ଥା, ପ୍ରଶାସନ, ପୁଲିସ, ସ୍ଥାନୀୟ ଶାସନ, ଶିକ୍ଷା ପ୍ରଣାଳୀ ଓ ଜନବିଶ୍ୱାସ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଦୁର୍ନୀତି, ପ୍ରଶାସନିକ ଅକ୍ଷମତା, ଆଇନର ଅସମାନ ପ୍ରୟୋଗ ଏସବୁ ମଧ୍ୟ ରାଷ୍ଟ୍ରକୁ ଭିତରୁ ଦୁର୍ବଳ କରେ। ଧାର୍ମିକ ଦୃଷ୍ଟିରୁ ଦେଖିଲେ, ଶକ୍ତି ସହିତ ନ୍ୟାୟ ଓ କରୁଣା ମଧ୍ୟ ଜଡ଼ିତ। ଭାରତୀୟ ଚିନ୍ତନରେ ରାଜଧର୍ମର ଅର୍ଥ କେବଳ ଶାସନ କରିବା ନୁହେଁ ବରଂ ଦୁର୍ବଳ, ବଞ୍ଚିତ ଓ ଆବଶ୍ୟକତାରେ ଥିବା ଲୋକଙ୍କ ସୁରକ୍ଷା ମଧ୍ୟ ଏହାର ଅଂଶ। ସେଥିପାଇଁ ଜାତୀୟ ସୁରକ୍ଷାର ଚର୍ଚ୍ଚା ହେଲେ ମାନବିକତା, ସାମ୍ବିଧାନିକତା ଓ ଆଇନର ଶାସନ ସମାନ ଭାବେ ଆଲୋଚନାରେ ରହିବା ଦରକାର।

ଆଜି ଆଉ ଏକ ସୂକ୍ଷ୍ମ ଅଥଚ ଗଭୀର ପ୍ରଶ୍ନ ଆମ ସମ୍ମୁଖରେ ଅଛି। ତାହା ହେଉଛି ଉପନିବେଶିକ ମାନସିକତା। ଅନେକ ସମୟରେ ଆମେ ରାଷ୍ଟ୍ର, ସୁରକ୍ଷା, ସଭ୍ୟତା ବା ଆତ୍ମବିଶ୍ୱାସ ଉପରେ ଚର୍ଚ୍ଚା କରିବାକୁ ମଧ୍ୟ ଲଜ୍ଜାବୋଧ କରୁ। ଅନ୍ୟପଟେ କେହି କେହି ଅତ୍ୟଧିକ ଆକ୍ରମଣଶୀଳତାକୁ ହିଁ ଶକ୍ତି ବୋଲି ଧରିନେଇଥା'ନ୍ତି। ଧାର୍ମିକ ପଥ ଏହି ଦୁଇ ଚରମ ପଦକ୍ଷେପରୁ ଦୂରରେ ରହିବାକୁ ଶିଖାଏ। ଭାରତକୁ ଏମିତି ଏକ ଆତ୍ମବିଶ୍ୱାସ ଦରକାର ଯାହା ନିଜ ସଭ୍ୟତାରେ ଗର୍ବିତ, କିନ୍ତୁ ଅହଂକାରୀ ନୁହେଁ; ଯାହା ସୁରକ୍ଷାକୁ ଗୁରୁତ୍ୱ ଦିଏ, କିନ୍ତୁ ଭୟର ରାଜନୀତି କରେନାହିଁ; ଯାହା ସୀମାକୁ ସୁଦୃଢ଼ କରେ, କିନ୍ତୁ ମାନବିକତାକୁ ଭୁଲେ ନାହିଁ।

ଶେଷ ପ୍ରଶ୍ନ ହେଉଛି - ଏହି ସୁରକ୍ଷା ଦର୍ଶନରେ ନାଗରିକଙ୍କ ଭୂମିକା କ'ଣ? କେବଳ ସରକାର ଓ ସୁରକ୍ଷା ବଳ ଉପରେ ସବୁ ଭାର ଛାଡ଼ିଦେବା ଯଥେଷ୍ଟ କି? ନା କି ଆମକୁ ମଧ୍ୟ ଅଧିକ ସଚେତନ, ସୁସଂଗଠିତ, ଶାରୀରିକ ଓ ମାନସିକ ଭାବେ ପ୍ରସ୍ତୁତ ନାଗରିକ ସମାଜ ହେବାକୁ ପଡ଼ିବ? ଏହି ପ୍ରଶ୍ନର ଉତ୍ତର ବୋଧହୁଏ ଗ୍ରାମ, ପରିବାର, ଯୁବପିଢ଼ି, ସାମୁଦାୟିକ ଜୀବନ ଓ ଦୈନନ୍ଦିନ ନାଗରିକ ଅଭ୍ୟାସରେ ଲୁଚିଥାଏ।

ବ୍ରହ୍ମପୁର(କେନ୍ଦ୍ରାପଡ଼ା), ମୋ: ୯୯୩୭୨୨୭୯୯୪

# ମହାପ୍ରଭୁଙ୍କ ମହାବେଦୀ ମାହାତ୍ମ୍ୟ

ଡକ୍ଟର ଭାସ୍କର ମିଶ୍ର

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ଅଷ୍ଟାଦଶ ସଂସ୍କୃତି ମହାପୁରାଣ ମଧ୍ୟରେ ପ୍ରସିଦ୍ଧ ସ୍କନ୍ଦପୁରାଣ 'ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ'ର ୨୯ ଅଧ୍ୟାୟରେ ମହାବେଦୀ ତଥା ଗୁଣ୍ଡିଚା ମଣ୍ଡପ ମହାପ୍ରଭୁଙ୍କ ପୃଥିବୀର ସବୁଠାରୁ ଅତ୍ୟନ୍ତ ପ୍ରୀତିପଦ ସ୍ଥାନ ବୋଲି ବର୍ଣ୍ଣନା କରାଯାଇଛି। ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥ ପରମ ବୈଷ୍ଣବ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇ କହିଥିଲେ ଯେ- 'ହେ କ୍ଷୀତିଶ୍ୱର! ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ମୋର ଶ୍ରୀଗୁଣ୍ଡିଚା ନାମକ ଯାତ୍ରା ପାଳନ ପୂର୍ବକ ମୋତେ ମହାବେଦୀରେ ସପ୍ତଦିବସ ବ୍ୟାପୀ ଅବସ୍ଥାନ କରାଇବ। କାରଣ ଏହି ସ୍ଥାନ ମୋର ଆବିର୍ଭାବ ବା ଜନ୍ମ ସ୍ଥଳ।'

ବିଭିନ୍ନ ସଂସ୍କୃତ ପୁରାଣ ଓ ଆଧ୍ୟାତ୍ମିକ ଶାସ୍ତ୍ର ମଧ୍ୟରେ ବ୍ରହ୍ମପୁରାଣ, ପଦ୍ମପୁରାଣ, ସ୍କନ୍ଦପୁରାଣ, ଯାତ୍ରା ଭାଗବତ, ନୀଳାଦ୍ରିମହୋଦୟ, ବାମଦେବ ସଂହିତା ଇତ୍ୟାଦି ଗ୍ରନ୍ଥରେ ଗୁଣ୍ଡିଚା ମନ୍ଦିରର ନାମ ମହାବେଦୀ, ଯଜ୍ଞବେଦୀ, ଗୁଣ୍ଡିଚା ମଣ୍ଡପ, ରାସ ମଣ୍ଡପ, ଆଟୋପ ମଣ୍ଡପ, ଆଡ଼ପ ମଣ୍ଡପ ଇତ୍ୟାଦି ନାମରେ ଉଲ୍ଲେଖ ରହିଥିବା ଜଣାଯାଏ। ଦୀନକୃଷ୍ଣ ଦାସଙ୍କ 'ଜଗମୋହନ ଛାନ୍ଦ'ରେ ଗୁଣ୍ଡିଚା ମନ୍ଦିରକୁ 'ଆଡ଼ମ୍ବର ମଣ୍ଡପ' ଭାବେ ବର୍ଣ୍ଣନା କରାଯାଇଛି।

ବରିଷ୍ଠ ଗବେଷକ ତଥା ସଂସ୍କୃତିବିତ୍ ବିଦ୍ୱାନ ପ୍ରଫେସର ଗୋପୀନାଥ ମହାପାତ୍ର ପୁରାଣର ଆଧାରକୁ ନେଇ ମତ ପ୍ରଦାନ କରିଛନ୍ତି ଯେ 'ଗୁଣ୍ଡିକା' ଶବ୍ଦରୁ 'ଗୁଣ୍ଡିଚା' ସୃଷ୍ଟି। ବ୍ରହ୍ମପୁରାଣରେ ଏହାକୁ 'ଗୁଣ୍ଡିକା' ବୋଲି ବର୍ଣ୍ଣନା କରାଯାଇଛି। 'ଗୁଣ୍ଡ' ଧାତୁର ଅର୍ଥ ହେଲା 'ଲୁଚାଇବା'। ଯଜ୍ଞବେଦୀ ବା ମହାବେଦୀରେ ଚତୁର୍ଦ୍ଧାମୂର୍ତ୍ତି ଆବିର୍ଭାବ କାଳରେ ଏକ ପଟ୍ଟବସ୍ତ୍ରରେ ଆଚ୍ଛାଦିତ କରି ଲୁକ୍କାୟିତ ଭାବେ ରଖାଯାଇଥିବା ବିଷୟରୁ 'ଗୁଣ୍ଡିକା' ଶବ୍ଦର ଅପଭ୍ରଂଶରେ 'ଗୁଣ୍ଡିଚା' ହୋଇଥିବା ସମ୍ଭବପର ମନେହୁଏ। ତେଣୁ ଜନ୍ମବେଦୀ ବା ମହାବେଦୀକୁ ଯାତ୍ରା କରିବାକୁ 'ଗୁଣ୍ଡିଚା ଯାତ୍ରା' ଏବଂ ଏହି ମନ୍ଦିରକୁ 'ଗୁଣ୍ଡିଚା ମନ୍ଦିର' କୁହାଯାଇଛି।

ସ୍କନ୍ଦପୁରାଣର 'ଶ୍ରୀଜଗନ୍ନାଥ ମାହାତ୍ମ୍ୟ' ବର୍ଣ୍ଣନାନୁଯାୟୀ ମହାରାଜା ଇନ୍ଦ୍ରଦ୍ୟୁମ୍ନ ନାରଦଙ୍କ ପରାମର୍ଶ ଅନୁସାରେ ନୀଳକଣ୍ଠେଶ୍ୱରଙ୍କ ନିକଟରେ ନୃସିଂହ ମନ୍ଦିର ନିର୍ମାଣ କରାଇଥିଲେ। ନିଜେ ନାରଦ ପଞ୍ଚମ ଦିନ ପ୍ରାଣପ୍ରତିଷ୍ଠା କରି ମୂର୍ତ୍ତିଙ୍କୁ ଆଣି ମନ୍ଦିରରେ ରଖିଲେ। ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଶନିବାର ସ୍ୱାତୀ ନକ୍ଷତ୍ର ସନ୍ଧ୍ୟା ବେଳେ ଏହି ନୃସିଂହଙ୍କର ପ୍ରତିଷ୍ଠା ହୋଇଥିଲା। ମହାବେଦୀ ବା ଯଜ୍ଞମଣ୍ଡପ ପରିସରରେ ନୃସିଂହଙ୍କୁ ରଖାଯାଇ ସହସ୍ର ଅଶ୍ୱମେଧ ଯଜ୍ଞ କରିବା ପାଇଁ ମହାରାଜା ଇନ୍ଦ୍ରଦ୍ୟୁମ୍ନ ବ୍ୟାପକ ଆୟୋଜନ ପୂର୍ବକ ବହୁ ନୃପତି, ବ୍ରାହ୍ମଣ, ସାଧୁ, ସନ୍ଥ, ମୁନି, ଋଷି, ଦେବତାମାନଙ୍କୁ ସାଦର ନିମନ୍ତ୍ରଣ କରିଥିଲେ। ମହାବେଦୀ ସ୍ଥଳଠାରେ ଏକ ବିରାଟ ଆକର୍ଷଣୀୟ ସଭାମଣ୍ଡପ ନିର୍ମିତ ହେଲା। ଏହାର ପାର୍ଶ୍ୱରେ ଯଜ୍ଞ ବେଦୀ ମଧ୍ୟ ନିର୍ମିତ ହେଲା। ସହସ୍ର ଅଶ୍ୱମେଧ ଯଜ୍ଞ ସମାପନ ହେବା ସମୟରେ ଅବଭୃଥ ସ୍ଥାନ ପାଇଁ ବେଲେଶ୍ୱରଙ୍କ ନିକଟରେ ସମୁଦ୍ର କୂଳରେ ସ୍ନାନାଗାର ନିର୍ମିତ ହେଲା।

ଦାରୁରୁ ମୂର୍ତ୍ତି ଗଠନ କରିବା ସମ୍ବନ୍ଧରେ ଦେବର୍ଷିଙ୍କ ସହିତ ରାଜା ଆଲୋଚନା କରୁଥିବା ସମୟରେ ଦୈବବାଣୀ ଶୂନ୍ୟରୁ ଆସିଲା - 'ଭଗବାନ ସ୍ୱୟଂ ନିଜ ପ୍ରତିମା ଗଠନ ସମ୍ବନ୍ଧରେ ବିବେଚନା କରି ମହାବେଦୀକୁ ଆସିବେ।' ଶେଷରେ ଯଜ୍ଞମଣ୍ଡପ ବା ମହାବେଦୀରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ଶ୍ରୀସୁଦର୍ଶନ ଆବିର୍ଭୂତ ହେଲେ। ରାଜାଙ୍କ ଅନୁରୋଧକ୍ରମେ ବ୍ରହ୍ମାଙ୍କ ଆଗମନ ପୂର୍ବକ ଯଜ୍ଞବେଦୀ ବା ମହାବେଦୀରୁ ଶ୍ରୀବିଗ୍ରହମାନଙ୍କୁ ରଥରେ ବସାଇ ନୀଳଗିରି ପର୍ବତ ଉପରେ ନିର୍ମିତ ଭବ୍ୟ ଶ୍ରୀବତ୍ସଖଣ୍ଡଶାଳ ପ୍ରାସାଦକୁ ବିଜେ କଲେ।

ଏଠାରେ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ଆଦେଶ ଦେଇଛନ୍ତି ଯେ - 'ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟାରେ ଆମ୍ଭଙ୍କୁ ରଥାରୂଢ଼ ପୂର୍ବକ ମହୋତ୍ସବ କରାଇ ଯେଉଁ ସ୍ଥାନରେ ମୁଁ ପୂର୍ବେ ଆବିର୍ଭୂତ ହୋଇଥିଲି ତଥା ଯେଉଁଠାରେ ସହସ୍ର ଅଶ୍ୱମେଧ ଯଜ୍ଞ ସ୍ଥଳ, ଯାହାକି ମହାବେଦୀ ବା ଯଜ୍ଞମଣ୍ଡପ ରୂପେ ଅଭିହିତ, ସେହିସ୍ଥାନକୁ ଆମ୍ଭମାନଙ୍କୁ ନେଇ ଯିବ। ପୃଥିବୀରେ ସେ ସ୍ଥାନ ଅପେକ୍ଷା ପବିତ୍ରତମ ସ୍ଥାନ ଆଉ ନାହିଁ। ଅର୍ଥାତ୍ ତୁମ୍ଭେ ପୂର୍ବରେ ମୋ ପ୍ରୀତି ନିମିତ୍ତ ସେଠାରେ ଯଥାବିଧାନ ଅନୁଯାୟୀ ପଞ୍ଚଶତ ବର୍ଷ ପର୍ଯ୍ୟନ୍ତ ଆହୁତି ପ୍ରଦାନ କରିଅଛ ବୋଲି ସେ ସ୍ଥାନ ଅପେକ୍ଷା ମୋର ପ୍ରୀତିକର ସ୍ଥାନ ପୃଥିବୀରେ ଅନ୍ୟତ୍ର ନାହିଁ। ବିଶେଷତଃ ଉକ୍ତ ସ୍ଥାନଟି ମୋର ଜନ୍ମସ୍ଥାନ ବୋଲି ଅଖଣ୍ଡ ପ୍ରୀତିଜନକ। ମହାବେଦୀଠାରେ ମୋର ଅବସ୍ଥିତି କାଳରେ ଯେଉଁ ସମସ୍ତ ମାନବ ମୋତେ ଦର୍ଶନ କରିବେ, ସେମାନେ ମୋର ଆଳୟ ବୈକୁଣ୍ଠ ଧାମକୁ ଗମନ କରିବେ। ଏପରିକି ନବମ ଦିବସ ଦକ୍ଷିଣାଭିମୁଖ ଯାତ୍ରା କାଳରେ ଯେଉଁମାନେ ମୋତେ ଅବଲୋକନ କରିବେ, ସେମାନେ ପ୍ରତି ପଦକ୍ଷେପରେ ଅଶ୍ୱମେଧ ଯଜ୍ଞର ଫଳଭାଗୀ ହେବେ। ଏପରିକି ଇହଲୋକରେ ଇନ୍ଦ୍ରତୁଲ୍ୟ ଐଶ୍ୱର୍ଯ୍ୟ ଭୋଗ କରି ମରଣାନ୍ତେ ମୋର ସାଯୁଜ୍ୟ ଲାଭ କରିବେ।'

ସ୍କନ୍ଦପୁରାଣର ଉଲ୍ଲେଖପ୍ରକାରେ ମହାବେଦୀକୁ ଗମନ କାଳରେ ରଥାରୂଢ଼ ପୁରୁଷୋତ୍ତମ ଜଗନ୍ନାଥ ଓ ସଙ୍କର୍ଷଣରୂପୀ ଶ୍ରୀବଳଭଦ୍ର, ଭଦ୍ର ପ୍ରଦାୟିନୀ ଦେବୀ ସୁଭଦ୍ରାଙ୍କୁ ଦର୍ଶନ କରି ମାନବ ଗଣ ଶତକୋଟି ଜନ୍ମାର୍ଜିତ ପାପ ରାଶିକୁ ବିନିଷ୍ଟ କରିଥାଏ।

ଶ୍ରୀଜଗନ୍ନାଥ ଧାମ(ପୁରୀ), ମୋ: ୯୪୩୭୨୮୧୧୦୨



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ବିଏଲଏ-୧, ବିଭାଗୀୟ ମୁଖ୍ୟଙ୍କୁ ନେଇ ପିସିସି ପ୍ରଭାରୀଙ୍କ ବୈଠକ

## ପ୍ରଥମେ ନିଜକୁ ଶକ୍ତିଶାଳୀ କର, ପରେ ସମସ୍ତେ ସମ୍ମାନ ଦେବେ

ଭୁବନେଶ୍ୱର,୧୭।୭(ସମିସ): ଏଆଇସିସି ଓଡିଶା ପ୍ରଭାରୀ ଲାଲଜୀ ଦେଶାଇ, ସହ ପ୍ରଭାରୀ ମୟୁର ଜୟକୁମାର ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ବିଏଲଏ-୧ ଏବଂ କଂଗ୍ରେସ ଦଳର ସମସ୍ତ ବିଭାଗ ମୁଖ୍ୟମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯାଇଛି। ଜିଲ୍ଲା ଅନୁଯାୟୀ ବିଏଲଏ-୧ ପ୍ରତିନଧି ମାନଙ୍କ ସହ ପ୍ରଭାରୀ ଶ୍ରୀ ଦେଶାଇ ଆଗାମୀ ନିର୍ବାଚନକୁ ଆଖି ଆଗରେ ବୁଥ ସ୍ତରରେ କଣ ରଣନୀତି ହେବ ସେ ବିଷୟରେ ପରାମର୍ଶ ଦେବା ସହ ବିଏଲଏ-୧ ମାନଙ୍କ ମତାମତ ଶୁଣିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସଭାରେ ଦଳର ସମସ୍ତ ବିଭାଗ ମୁଖ୍ୟଙ୍କ ସହ ହୋଇଥିଲା। ଏହି ସଭାରେ ସମସ୍ତ ବିଭାଗ ମୁଖ୍ୟ ନିଜ ନିଜ ସୁବିଧା ଅସୁବିଧା ଓ ଯୋଜନା ବିଷୟରେ କହିଥିଲେ। ପ୍ରଭାରୀ ଶ୍ରୀ ଦେଶାଇ ବିଭାଗୀୟ ମୁଖ୍ୟ ମାନଙ୍କୁ ପ୍ରଥମେ ନିଜକୁ ଶକ୍ତିଶାଳୀ କର, ପରେ ସମସ୍ତେ ଆପଣଙ୍କୁ ସମ୍ମାନ ଦେବେ ବୋଲି ପରାମର୍ଶ ଦେଇଥିଲେ। ରାଜନୈତିକ ଦଳ ମଧ୍ୟରେ ବିରୋଧାଭାଷ ରହିବ, କାରଣ ରାଜନୈତିକ ଦଳ ଭଜନ ମଣ୍ଡଳୀ ନୁହନ୍ତି। କିନ୍ତୁ ଏହା ନୁହେଁ ଯେ ବାହାରେ ଦଳ ଏବଂ ନେତା ମାନଙ୍କ ବିରୋଧରେ କହିବା। ଦଳର କାର୍ଯ୍ୟକ୍ରମ କିପରି ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହୋଇପାରିବ ଏହା ଉପରେ ପ୍ରଭାରୀ ଶ୍ରୀ ଦେଶାଇ ଜୋର ଦେଇଥିଲେ।

## ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କ ଅବସର ଗ୍ରହଣ



କଟକ,୧୭।୭(ସମିସ): ହାଇକୋର୍ଟର ବିଚାରପତି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଅବସର ନେଇଛନ୍ତି। ଆଜି ହାଇକୋର୍ଟରେ ତାଙ୍କ ଶେଷ କାର୍ଯ୍ୟ ଦିବସ ଥିବା ବେଳେ ତାଙ୍କୁ ହାଇକୋର୍ଟଙ୍କ ପୂର୍ଣ୍ଣ ପୀଠ ଓ ବାର ଆସୋସିଏସନ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନଙ୍କ ସମେତ ସମସ୍ତ ବିଚାରପତି, ଆଡଭୋକେଟ ଜେନେରାଲ, ଡିଏସଜିଆଇ, ହାଇକୋର୍ଟ ବାର ଆସୋସିଏସନ ସଭାପତି ପ୍ରମୁଖ ଜଷ୍ଟିସ ଶ୍ରୀପଦଙ୍କ କାର୍ଯ୍ୟ ଦକ୍ଷତାର ପ୍ରଶଂସା କରିଥିଲେ। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ୧୯୬୪ ଜୁଲାଇ ୨୦ ତାରିଖରେ କର୍ଣ୍ଣାଟକରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୮୬ମସିହାରେ ବିଜ୍ଞାନରେ ସ୍ନାତକ ସମାପ୍ତ କରି ୧୯୮୯ରେ ଧାରୱାଡ଼ର କର୍ଣ୍ଣାଟକ ବିଶ୍ୱବିଦ୍ୟାଳୟରୁ ଏଲଏଲବି ଡିଗ୍ରୀ ହାସଲ କରିଥିଲେ। ୧୯୮୯ଜୁଲାଇରେ କର୍ଣ୍ଣାଟକ ରାଜ୍ୟ ଆଇନଜୀବୀ ପରିଷଦରେ ଜଣେ ଆଇନଜୀବୀ ଭାବରେ ପଞ୍ଜିକୃତ ହେବା ପରେ କର୍ଣ୍ଣାଟକ ଏବଂ ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ ଓକିଲାତି ଆରମ୍ଭ କରିଥିଲେ। ନିର୍ବାଚନ,ଚାକିରି ସଂକ୍ରାନ୍ତୀୟ, କୃଷି ସଂସ୍କାର, ବ୍ୟାଙ୍କିଙ୍ଗ୍ ଇତ୍ୟାଦି ସହ ଜଡ଼ିତ ଆଇନରେ ସେ ବିଶେଷଜ୍ଞତା ହାସଲ କରିଥିଲେ। ୧୯୯୯ରେ ଭାରତୀୟ ନିର୍ବାଚନ କମିଶନଙ୍କ ସିନିୟର ଷ୍ଟାଣ୍ଡିଂ କାଉନସେଲ ଓ୨୦୧୪ରେ କେନ୍ଦ୍ର ସରକାରଙ୍କ ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ହୋଇଥିଲେ। ୨୦୧୮ ଫେବ୍ରୁଆରୀରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। କର୍ଣ୍ଣାଟକ ହାଇକୋର୍ଟରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଜଷ୍ଟିସ ଦୀକ୍ଷିତ ଅନେକ ଅତି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରୁଥିବା ଖଣ୍ଡପୀଠର ସଦସ୍ୟ ଥିଲେ। ସେହି ପ୍ରମୁଖ ମାମଲାଗୁଡ଼ିକ ମଧ୍ୟରେ ରହିଛି ହିଜାବ ବିବାଦ, ଅନଲାଇନ୍ ଗେମିଂ, ଉତ୍ତରାଧିକାର ପ୍ରମାଣପତ୍ର ବିବାଦ, ବିଶ୍ୱବିଦ୍ୟାଳୟଗୁଡ଼ିକୁ ଜିଏସଟିରୁ ରିହାତି ଇତ୍ୟାଦି। ସେ ୨୦୨୫ ମସିହା ମେ ୧୨ ତାରିଖରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବରେ ଶପଥ ଗ୍ରହଣ କରିଥିଲେ। ଆସନ୍ତା ୧୯ ତାରିଖରେ ସେ ଅବସର ଗ୍ରହଣ କରୁଥିଲେ ହେଁ ଆଜି ତାଙ୍କର ଶେଷ କାର୍ଯ୍ୟ ଦିବସ ଥିଲା। ଜଷ୍ଟିସ ଶ୍ରୀପଦଙ୍କ ଅବସର ପରେ ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୧୭କୁ ହ୍ରାସ ପାଇଛି।

## ସାଉଦି ଆରବରେ ଫସିଥିବା ଓଡ଼ିଆ ଯୁବକଙ୍କୁ ଫେରାଇ ଆଣିବାକୁ ଶିଳ୍ପ ମନ୍ତ୍ରୀଙ୍କ ଅନୁରୋଧ

ଭୁବନେଶ୍ୱର,୧୭।୭(ସମିସ): ସାଉଦି ଆରବରେ ଫସି ରହିଥିବା ଓଡ଼ିଆ ଯୁବକ ପ୍ରଳୟ ରଞ୍ଜନ ମହାପାତ୍ରଙ୍କୁ ସୁରକ୍ଷିତ ଭାବେ ଦେଶକୁ ଫେରାଇ ଆଣିବା ପାଇଁ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ହସ୍ତକ୍ଷେପ କରିବା ସହ ଯଥାଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଏନେଇ ସେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଚିଠି ଲେଖିଛନ୍ତି। ଜଗତସିଂହପୁର ଜିଲ୍ଲାର ପ୍ରଳୟ ରଞ୍ଜନ ମହାପାତ୍ର ଗତ ୨୪.୦୫.୨୦୨୪ରେ ସାଉଦି ଆରବ ଯାଇଥିଲେ । ସେଠାରେ ସେ 'ମଜାଦ୍ ଅଲ୍-ହରବି' କୋ. ନାମକ ଏକ କମ୍ପାନୀରେ ହୁଇଲ୍ ଲୋଡର୍ ଡ୍ରାଇଭର ଭାବେ କାମ କରୁଥିଲେ। ଗତ ଏପ୍ରିଲ ୩୦ ତାରିଖ ୨୦୨୬ରେ ଉକ୍ତ କମ୍ପାନୀ ଏବଂ ପ୍ରଳୟ ରଞ୍ଜନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅବଧି ଶେଷ ହୋଇଥିଲା। କାର୍ଯ୍ୟ ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସମ୍ପୃକ୍ତ କମ୍ପାନୀ ପ୍ରଳୟଙ୍କୁ ଭାରତ ଫେରିବାକୁ ଅନୁମତି ଦେଉ ନଥିବା ନେଇ ପ୍ରଳୟଙ୍କ ମାଆ ପ୍ରତିମା ସେଠୀ ଅଭିଯୋଗ କରିଛନ୍ତି। ଏପଟେ ପ୍ରଳୟଙ୍କ ବାପା ସାଧୁ ଚରଣ ସେଠୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନଥିବାରୁ ପରିବାରର ମାନସିକ ଚିନ୍ତା ଆହୁରି ବଢ଼ାଇ ଦେଇଛି। ଏନେଇ ପ୍ରତିମା ପୁଅକୁ ସୁରକ୍ଷିତ ଫେରାଇ ଆଣିବାକୁ ନିବେଦନ ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁଙ୍କୁ କରିଥିଲେ। ମାନବିକତା ଦୃଷ୍ଟିକୋଣରୁ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରି ତାଙ୍କୁ ଯଥାଶୀଘ୍ର ସୁରକ୍ଷିତ ଦେଶକୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଚିଠି ଲେଖିଛନ୍ତି। ଏହାସହ ସାଉଦି ଆରବରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି।


### LOST DOCUMENT NOTICE

The original Sale Deed (No.3240, Dated: 20.09.2010) belonging to Sri Dinesh Prasad Gupta (S/o: Late Dwaraka Prasad of Chandanbazar, P.S: Purunabazar, Dist: Bhadrak) was lost on 02.07.2026 while coming from Chandan Bazar by Scooter. An affidavit has been filed before the Notary Public, Bhadrak on 10.07.26 with no.2050 for token proof of evidence which is to produce before the concerned authority.

### AFFIDAVIT

By virtue of an affidavit sworn before The Notary Public, Titilagarh, on dated- 17/07/2026. I, **Barun Kumar Sahu** (applicant name), S/o Shankar Prasad Sahu, permanent & current resident of AT: Sargiguda, PO/PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor daughter's name from **Tejaswini Sahu** (old name) to **Pratyasha Priyadarshani Sahu** (new name). Henceforth, she shall be known as **Pratyasha Priyadarshani Sahu** (new name) for all future purposes.

**Barun Kumar Sahu**

### AFFIDAVIT

I, Babula Nahak, S/o- Sahadeba Nahak resident of Vill./Po.- Jarada, Ps.- Kabisuryanagar, Dist.- Ganjam, odisha, Pin-761104 state vide Affidavit no.A-I dtd.03.07.2026 that I have changed my name from **Baburam Das** to **Babula Nahak**. Henceforth I will be known as **Babula Nahak** for all future purposes.

### AFFIDAVIT

By Virtue of an affidavit (Sl No-277, dtd-15.07.2026) sworn before in The court of Executive Magistrate, Baripada, Mayurbhanj. I,Sulochana Barik, W/o- Srikanta Barik, of Village- Asans, PO-Asana, PS-Bisoi, Dist- Mayurbhanj. That, My minor Daughter's actual name is DIBYAMAYEE BARIK which is reflected in his Birth certificate vide Regd. No.- 6515/2014.That in Aadhar card No -4341 3894 7900 my daughter's name has been wrongly entered as DIPANJALI BARIK instead of DIBYAMAYEE BARIK.That both the name DIBYAMAYEE BARIK and DIPANJALI BARIK is one and same person belongs to my daughter's name. Henceforth, she shall be known as **DIBYAMAYEE BARIK** for all purpose.

**Sd/- SULOCHANA BARIK**

### AFFIDAVIT

I, Smt. S Gouthami @ Sutapali Goutami, W/o- Sri Sutapali Balaji, D/o- Sri Madeti Rama, Resident of Dasarathi Street, Post/PS-Jeypore Town, District-Koraput, Odisha, PIN-764001 declare by this affidavit No.945/2026, dated 17.07.2026 that, now onwards I shall be known as **S Gouthami @ Sutapali Goutami** for all future purposes.


ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ଅନିୟମିତତା

## ୧୪ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ

କଟକ, ୧୭।୭(ସମିସ): ହାଇକୋର୍ଟରେ ଏଏସଓ ପଦରେ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ ଘଟଣାରେ ୧୪ଜଣ ଅଭିଯୁକ୍ତଙ୍କ ଜାମିନ ଖାରଜ ହୋଇଯାଇଛି। ଏହି ଘଟଣାକୁ ନେଇ ଲାଲବାଗ ଥାନାରେ ରୁଜୁ ମାମଲାରେ ଗିରଫ ହୋଇ ଜେଲରେ ଥିବା ୧୪ଜଣ ଅଭିଯୁକ୍ତ ଶ୍ରୀଧର ମନ୍ତ୍ରୀ, ନିର୍ମାଲ୍ୟକୃଷ୍ଣ ଦାସ, ଗଙ୍ଗାଧର ଜେନା, ସୁରେଶଚନ୍ଦ୍ର ନାୟକ, ଆଲୋକ ସାହୁ, ଶଙ୍କର ପୃଷ୍ଟି, ସପନ କୁମାର ପଣ୍ଡା, ଲୋକନାଥ ସାହୁ, ତଫିନ ଅହମ୍ମଦ ଖାଁ, ରାମଜୀ ପ୍ରସାଦ ଗୁପ୍ତା, ଜ୍ୟୋତିର୍ମୟୀ ସାହୁ, ସତ୍ୟବ୍ରତ ମହାନ୍ତି, ଇପିଲି ସୀତାରାମ, ହିମାଂଶୁଶେଖର ଦାଶଙ୍କ ନିୟମିତ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରଶ୍ନପତ୍ର ଲିକ୍ ସହ ପ୍ରାର୍ଥୀଙ୍କୁ ମଡେଲ ଆନସର ସିଟ୍ ପ୍ରଦାନ ଭଳି ଅଭିଯୋଗ ଅଭିଯୁକ୍ତଙ୍କ ବିରୋଧରେ ରହିଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏଥି ସହିତ କେତେକ ଅଭିଯୁକ୍ତଙ୍କ ପୁଲିସ ଏସଆଇ ପରୀକ୍ଷା କେଳେଙ୍କାରୀ ଓ ଅନ୍ୟ କେତେକ ପରୀକ୍ଷା ଜାଲିଆତିରେ ସଂପୃକ୍ତି ଥିବା ଜଣା ପଡିଥିଲା। ଏହି ସବୁ ପ୍ରସଂଗକୁ ବିଚାରକୁ ନେଇ ହାଇକୋର୍ଟ ଅଭିଯୁକ୍ତଙ୍କୁ ଜାମିନ ଦେବାକୁ ମନା କରିଛନ୍ତି। ମାମଲାରୁ ପ୍ରକାଶ ଯେ, ହାଇକୋର୍ଟରେ ୧୪୭ଟି ଏଏସଓ(ଆସିଷ୍ଟାଣ୍ଟ ସେକ୍ସନ ଅଫିସର) ପଦ ପୂରଣ ପାଇଁ ମୁଖ୍ୟ ପରୀକ୍ଷା ଓ କମ୍ପ୍ୟୁଟର ଆପ୍ଲିକେସନ ପରୀକ୍ଷା ପରିଚାଳନା ପାଇଁ ସିଲିକନ ଟେକ୍ ଲାବ ପ୍ରାଇଭେଟ ଲିମିଟେଡକୁ ଦାୟିତ୍ୱ ଦିଆଯାଇଥିଲା। ୨୦୨୫, ଜୁଲାଇ ୧୩ରେ ଅନୁଷ୍ଠିତ ମୁଖ୍ୟ ପରୀକ୍ଷା ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରାଯାଇ ନଥିବା ଜଣାପଡିଥିଲା। ପ୍ରଶ୍ନପତ୍ର ଲିକ୍ ହେବା ସହିତ ମଡେଲ ଆନସର ସିଟ୍? କେତେକ ପ୍ରାର୍ଥୀଙ୍କୁ ପରୀକ୍ଷା ପୂର୍ବରୁ ପ୍ରଦାନ କରାଯାଇଥିଲା। ଏଭଳି ଘଟଣା ସ୍ପଷ୍ଟ ହେବା ପରେ ହାଇକୋର୍ଟର ରେଜିଷ୍ଟ୍ରାରଙ୍କ ପକ୍ଷରୁ ଲାଲବାଗ ଥାନାରେ ୨୦୨୫, ନଭେମ୍ବର ୨୮ରେ ଏତଲା ଦିଆଯିବା ସହ ଲିଖିତ ପରୀକ୍ଷାକୁ ବାତିଲ କରାଯାଇଥିଲା। ଏଥିସହିତ ସମ୍ପୃକ୍ତ ସଂସ୍ଥାକୁ ୫ବର୍ଷ ପାଇଁ କଳା ତାଲିକାଭୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୁଲିସ ଏହି ଘଟଣାରେ ସିଲିକନ ଟେକ୍ ଲାବ୍‌ର ନିର୍ଦ୍ଦେଶକ ଓ ଅନ୍ୟ ପଦାଧିକାରୀଙ୍କ ସହିତ ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କଟକ ଅତିରିକ୍ତ ଦୌରା ଜଜ ଅଦାଲତରେ ଜାମିନ ଖାରଜ ହେବା ପରେ ଅଭିଯୁକ୍ତମାନେ ହାଇକୋର୍ଟରେ ପୃଥକ ଜାମିନ ଆବେଦନ କରିଥିଲେ।


### ପଶ୍ଚିମ ରେଳପଥ-ରତଲାମ

**ଇ-ଟେଣ୍ଡର ବିଜ୍ଞପ୍ତି**

W/623/5/3/NIT, ତାରିଖ 15/07/2026। ଇ-ଟେଣ୍ଡର ନଂ. RTM-2026-27-74। କାର୍ଯ୍ୟର ନାମ: ଦାହୋଦ ୱର୍କସପ୍‌ରେ M E M U ରେକ୍ ପରୀକ୍ଷଣ ଶେଡ୍ ପାଇଁ ପିଟ୍ ବ୍ୟବସ୍ଥା (ଆକାର ୩୦୦ ମି. × ୧୨ ମି.) ଏବଂ MEMU DEMU ଶପ୍ ଶେଡ୍‌ର ସମ୍ପ୍ରସାରଣ ସହିତ ପିଟ୍ ବ୍ୟବସ୍ଥା (ଆକାର ୬୦ ମି. × ୨୦ ମି.) କରିବା। ଆନୁମାନିକ ପରିମାଣ: ଟେଣ୍ଡର କାର୍ଯ୍ୟସୂଚୀ ଅନୁଯାୟୀ। ଆନୁମାନିକ ମୂଲ୍ୟ: ଟ.7,04,90,266.16/- । ଅମାନତ ଜମା : ଟ.14,09,800.00/- । କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ । ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୪/୦୭/୨୦୨୬ । ଟେଣ୍ଡର ଖୋଲିବାର ତାରିଖ: ୦୭.୦୮.୨୦୨୬ । ବିସ୍ତୃତ ଟେଣ୍ଡର ବିଜ୍ଞପ୍ତିର ସୂଚନା, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ।

SNP-161

Like us on: facebook.com/WesternRly

### NOTICE
(above 18 yeras of age)

By virtue of an affidavit sworn before Notary Public, Udala, Mayurbhanj , dated 14-07-2026 I, Ashini Singh, W/O- Budhia Singh, Address At-Bangra, Po-Bangra, Ps - Khunta, Dist-Mayurbhanj, PIN-757074, Odisha declare that I have changed my name from Ashini Sningh to Ashini Singh. Henceforth, I shall be known as **Ashini Singh** for all purposes.

**(Ashini Singh)**

### AFFIDAVIT

By virtue of an affidavit sworn before Executive Magistrate, Soro, Balasore, Odisha vide Sl. no.1114 dt. 23.4.2026 I, Sumati Senapati, D/o- Sudarshan Senapati, W/o- Sanjay Kumar Dhamudia, At-Darakholi, Po- Wada, Ps- Soro, Dist.- Balasore-756045, declare that my name is recorded as Sumati Dhamudia in Adhar card bearing no. 821990392678 after my marriage. That Sumati Senapati (as per correct name) and Sumati Dhamudia (as per Adhar card) is one and same person. Henceforth, I shall be known as **Sumati Senapati** for all purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୁଣ୍ଡିଚା ଦୁଆରେ...

ଅଝଟ ହୋଇ ନ ଥିଲେ ଭାଇଭଉଣୀ। ପ୍ରଥମେ ତାଳଧ୍ୱଜ ରଥ ମଧ୍ୟାହ୍ନ ୧୨ଟା ୩୦ ଲାଗିଥିଲା ଗୁଣ୍ଡିଚା ମନ୍ଦିର ସମ୍ମୁଖରେ। ଏହାପରେ ଅପରାହ୍ନ ୧ଟା ୧୦ରେ ଦର୍ପଦଳନ ଏବଂ ଶେଷରେ ଅପରାହ୍ନ ୨ଟା ୪୦ରେ ନନ୍ଦିଘୋଷ ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଥିଲା। ସଙ୍ଗେ ସଙ୍ଗେ ରଥତ୍ରୟ ଚତୁଃପାଶ୍ୱର୍ରେ ବ୍ୟାରିକେଡିଂ କରାଯାଇଥିଲା। ଏହାପରେ ରଥ ଉପରେ ଠାକୁରଙ୍କର ଅନ୍ୟାନ ନୀତି ଚାଲିଥିବା ବେଳେ ଦର୍ଶନ ପାଇଁ ଶରଧାବାଲି ଲୋକାରଣ୍ୟ ହୋଇପଡିଥିଲା। ଶନିବାର ଦିନତମାମ୍ ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେବେ ଦାରୁବିଗ୍ରହ। ଅପରାହ୍ନ ପ୍ରାୟ ୫ଟା ପରେ ଗୋଟି ପହଣ୍ଡିରେ ଆଡପମଣ୍ଡପ ଯାତ୍ରା କରିବେ ବିଶ୍ୱନିୟନ୍ତା। ରବିବାରଠାରୁ ଶ୍ରଦ୍ଧାଳୁଙ୍କୁ ମିଳିବ ଆଡପ ଅବଢ଼ା।

### ଦୌଡ଼ିଲା ଦେଶର...

ବ୍ୟାଟେରୀରେ ସଞ୍ଚିତ ହୋଇ ରହେ, ଯାହା ଗାଡ଼ିର ଗତି ବଢ଼ାଇବାରେ ସାହାଯ୍ୟ କରେ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ କୌଣସି ପ୍ରକାରର ଧୂଆଁ କିମ୍ବା ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ହୁଏନାହିଁ। ଏଥିରୁ ବର୍ଜ୍ୟବସ୍ତୁ ଭାବେ କେବଳ ଶୁଦ୍ଧ ଜଳୀୟ ବାଷ୍ପ ଏବଂ ସାମାନ୍ୟ ଉତ୍ତାପ ବାହାରିଥାଏ।

ଏହି ଟ୍ରେନରେ ପ୍ରାୟ ୨, ୬୦୦ ଯାତ୍ରୀ ଏକାଠି ଯାତ୍ରା କରିପାରିବେ। ଏହାର ସର୍ବାଧିକ ଗତି ଘଣ୍ଟା ପ୍ରତି ୭୫ କିଲୋମିଟର ଧାର୍ଯ୍ୟ କରାଯାଇଥିବା ବେଳେ ଏହା ଘଣ୍ଟା ପ୍ରତି ୧୧୦ କିଲୋମିଟର ବେଗରେ ଚାଲିବା ପାଇଁ ଡିଜାଇନ୍ କରାଯାଇଛି। ହାଇଡ୍ରୋଜେନର ଶକ୍ତି ସାନ୍ଦ୍ରତା ଡିଜେଲ୍ ତୁଳନାରେ ପ୍ରାୟ ତିନି ଗୁଣ ଅଧିକ, ଯାହା କମ୍ ଇନ୍ଧନରେ ଅଧିକ କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ। ହାଇଡ୍ରୋଜେନ୍ ଏକ ଅତି ଦହନଶୀଳ ଗ୍ୟାସ ହୋଇଥିବାରୁ ଟ୍ରେନରେ ଗ୍ୟାସ ଲିକ୍ ଚିହ୍ନଟକାରୀ ଯନ୍ତ୍ର, ସ୍ୱୟଞ୍ଚାଳିତ ଗ୍ୟାସ ବନ୍ଦ ବ୍ୟବସ୍ଥା ଏବଂ ଅଗ୍ନି ନିରୋଧକ ପ୍ରଯୁକ୍ତିବିଦ୍ୟା ଲଗାଯାଇଛି। ହରିୟାଣାର ଜିନ୍ଦଠାରେ ଦେଶର ସବୁଠାରୁ ବଡ଼ ହାଇଡ୍ରୋଜେନ୍ ସଂରକ୍ଷଣ ଏବଂ ଇନ୍ଧନ ଭରଣ କେନ୍ଦ୍ର ସ୍ଥାପନ କରାଯାଇଛି।

### ଭୋଟର ତାଲିକାରୁ...

ରାଜ୍ୟରେ ମାତ୍ର ୧୯ଟି ଟ୍ରିବ୍ୟୁନାଲ କାର୍ଯ୍ୟ କରୁଥିବାରୁ ଏହି ପ୍ରକ୍ରିୟାରେ ବହୁତ ବିଳମ୍ବ ହେଉଛି। ଆବେଦନରେ ଦର୍ଶାଯାଇଛି ଯେ ଯଦି ଜଣେ ବ୍ୟକ୍ତିଙ୍କ ପାଖରେ ବୈଧ ପାସପୋର୍ଟ ଅଛି, ତେବେ ତାଙ୍କୁ ବାରମ୍ବାର ନାଗରିକତ୍ୱ ପ୍ରମାଣ କରିବା ପାଇଁ ଅନ୍ୟ ଦସ୍ତାବେଜ ମଗାଯିବା ଅନୁଚିତ। ନୂତନ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ଅଧୀନରେ ପଶ୍ଚିମବଙ୍ଗରୁ ପାଖାପାଖି ୫୮.୨ ଲକ୍ଷ (୭.୬%) ଭୋଟରଙ୍କ ନାମ ତାଲିକାରୁ କାଟି ଦିଆଯାଇଛି। ଏହାଫଳରେ ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୭.୬୬ କୋଟିରୁ ହ୍ରାସ ପାଇ ୭.୦୮ କୋଟି ହୋଇଯାଇଛି। ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୨୫ ତାରିଖ ମଧ୍ୟରେ କରିବାକୁ ସମୟଧାର୍ଯ୍ୟ କରିଛନ୍ତି।

### ଏଏଓ ନିଲମ୍ବିତ...

ଗୋପବନ୍ଧୁ ସାହୁ ଓ ଏଏଫ୍‌ସିର ବ୍ଲକ୍ ସଂଯୋଜକ ରଞ୍ଜନ କୁମାର ପ୍ରଧାନଙ୍କୁ ଚାକିରିରୁ ବିଦା କରିଛନ୍ତି। ସେହିପରି ଏହି ଦୁଇ କର୍ମଚାରୀଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ମଧ୍ୟ କୃଷି ବିଭାଗ ପକ୍ଷରୁ ସିଡିଏଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ଶୀଘ୍ର ରିପୋର୍ଟ ଦାଖଲ କରିବାକୁ ମଧ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ସିଆର୍‌ଏଫ୍‌ଏମ୍ ଯୋଜନାରେ ବ୍ୟାପକ ହରିଲୁଟ୍ ଘଟଣା ପଦାକୁ ଆସିବା ପରେ ଯୋଜନାର ରୂପାୟନ ପାଇଁ ସାରା ରାଜ୍ୟରେ ନିୟୋଜିତ ହୋଇଥିବା ଏନ୍‌ଜିଓର ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନ୍‌ଜିଓ ବା ବେସରକାରୀ ସଂଗଠନକୁ ସରକାରୀ ଯୋଜନା କ୍ରିୟାନ୍ୱୟନରେ ସାମିଲ କରାଯାଉଥିବାରୁ ହରିଲୁଟ୍ କରିବାକୁ ମଉକା ମିଳୁଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେମାନଙ୍କ କହିବା କଥା, ଯୋଜନା କାର୍ଯ୍ୟକାରୀ କରିବାକୁ ଏନ୍‌ଜିଓକୁ ସମସ୍ତ ସାର ଔଷଧ ପ୍ରଦାନ କରାଯାଉଛି। କୃଷି ଅଧିକାରୀମାନେ କେବଳ ତାହାର ତଦାରଖ କରୁଛନ୍ତି। ଏଣୁ ବ୍ଲକ୍ ସ୍ତରର ଅଧିକାରୀମାନେ ଏନ୍‌ଜିଓ ସହ ମିଶି ଯୋଜନାକୁ ବାଟବଣା କରିବାରେ ସଫଳ ହେଉଛନ୍ତି। ଏଣୁ ସରକାର ଏହି ଯୋଜନାର ସମୀକ୍ଷା କରିବାର ଆବଶ୍ୟକତା ରହିଥିବା କହିଛନ୍ତି।

### ପତ୍ନୀଙ୍କ ଭଡ଼ାଘରୁ...

ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ମୃତକଙ୍କ ମୋବାଇଲ୍ ଫୋନ୍, କଲ୍ ଡିଟେଲ୍ ରେକର୍ଡ, ଚାଟ୍ ହିଷ୍ଟ୍ରି, ସିସିଟିଭି ଫୁଟେଜ୍, ଫରେନସିକ୍ ରିପୋର୍ଟ ଓ ପୋଷ୍ଟମର୍ଟମ ରିପୋର୍ଟକୁ ଆଧାର କରି ମୃତ୍ୟୁର ପ୍ରକୃତ କାରଣ ଖୋଜାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

### ୩ ସ୍କୁଲ୍ ପିଲାଙ୍କ...

ଉତ୍ତ୍ୟକ୍ତ ଲୋକେ ସେଠାରେ ହଙ୍ଗାମା କରିଛନ୍ତି। ବର୍ତ୍ତମାନ ୫ ଜଣ ଆହତଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଥିରୁ ଦୁଇ ଜଣଙ୍କ ସ୍ଥିତି ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ଘଟଣାର ତଦନ୍ତ ପାଇଁ ରେଳବାଇ ପକ୍ଷରୁ ଏକ ଉଚ୍ଚସ୍ତରୀୟ ଟିମ୍ ଗଠନ କରାଯାଇଛି।

### ପରିସ୍ରା କରୁଥିବା...

ରଖି ପରିସ୍ରା କରୁଥିଲେ। ତାଙ୍କୁ ହାଇୱାଟି ଧକ୍କା ଦେଇ ରାସ୍ତାକଡ଼ର ରିଟେନିଂ ୱାଲ୍‌ରେ ଧକ୍କା ଦେଇଥିଲା। ଧକ୍କା ଏଭଳି ଥିଲା ଯେ ବାଇକ୍‌ଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା ଓ ୨ଜଣଙ୍କ ଘଟଣାସ୍ଥଳରେହିଁ ମୃତ୍ୟୁ ଘଟିଥିଲା। ମୃତକ ଦ୍ୱୟ ହେଲେ-ଆମ୍ପୋର ଗାଁର ଦୀପକ ଦାସ(୨୫) ଓ ଦେଓଗଡ ଅଞ୍ଚଳର ଅଜୟ ଶବର(୨୫)। ପରେ ଆଖପାଖର ଲୋକମାନେ ଘଟଣାସ୍ଥଳରେ ଜମା ହୋଇଯାଇଥିଲେ। ପୁଲିସ ସହ ମଧ୍ୟ ଉତ୍ତ୍ୟକ୍ତ ଲୋକଙ୍କ ଧସ୍ତାଧସ୍ତି ହୋଇଥିଲା। ପରେ ଅଗ୍ନିଶମ ବାହିନୀ ଗୋଟିଏ ମୃତଦେହ ଉଦ୍ଧାର କରିଥିବା ବେଳେ ଅନ୍ୟ ଗୋଟିଏ ମୃତ ଦେହ ଟ୍ରକ୍ ତଳେ ଚାପିହୋଇ ରହିଥିଲା। ଦୁର୍ଘଟଣା ପରେ ସେଠାରେ ତୀବ୍ର ଉତ୍ତେଜନା ଲାଗିରହିଥିଲା। ଉତ୍ତ୍ୟକ୍ତ ଲୋକେ ରାଜପଥକୁ ଅବରୋଧ କରିଥିଲେ। ଫଳରେ ଜାତୀୟ ରାଜପଥର ଉଭୟପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଥିଲା। ପୁଲିସ ଲୋକଙ୍କୁ ବୁଝାସୁଝା କରିବା ପରେ ଟ୍ରାଫିକ୍ ଚଳାଚଳ ସ୍ୱାଭାବିକ ହୋଇଛି। ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲ୍ଲା ରେଡକ୍ରସରୁ ମୃତକଙ୍କ ପରିବାରକୁ ୩୦ ହଜାର ଲେଖାଏଁ ଆର୍ଥିକ ସହଯୋଗ ଘୋଷଣା ହୋଇଥିଲା। ପରେ ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ପରେ ମୃତକଙ୍କ ସନ୍ତାନମାନଙ୍କ ପାଠ ପଢ଼ା ଖର୍ଚ୍ଚ ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ହାଇୱା ଚାଳକ ରଞ୍ଜନ ମହାଳିକକୁ ଅଟକ ରଖାଯାଇଛି।


### PUBLIC NOTICE

This is to inform the public that Bank Guarantee No. 2451NDLG00212525 (Rs. 2,40,000/-), FDR Ref. No. 2700000 (Rs. 21,98,700/-), and FDR linked to A/C No. 50301071293324 (Rs. 17,20,400/-), submitted to the Jharsuguda R&B Division as the required Bank Guarantee and Security Deposit for a permission application, are not reflected in the records of the concerned authority. An online FIR bearing No. 24861027072600041 has also been lodged regarding the matter. This notice is published for information to the public and all concerned.

### OFFICE OF THE MUNICIPAL COUNCIL: RAYAGADA
**DIST.-RAYAGADA, PIN CODE-765001, ODISHA**

E-mail ID - rayagadam.hud@nic.in
Letter No. 3408 Date. 14-07-2026

13001/1212/2627

### CORRIGENDUM

Please refer to this office notice no. 3187 dated 03.07.2026 regarding Request For Proposal (RPF) for "Door to Door Collection and Transportation of Municipal Solid Waste from Primary sources in Rayagada Municipality area through outsourcing Basics."
Due to administrative reason, the above mentioned Request For Proposal (RPF) is hereby cancelled.

Sd/- Executive Officer
Rayagada Municipality

OIPR-13001/13150/1/26-27/0008

### Office of the Notified Area Council, Dharamagarh (Dt.)- Kalahandi

13001/1191/2627

No. 2466 / DMH. Dt. 14.07.2026

**Tender Call Notice**

| | |
|---|---|
| Name of the work | Supply of equipment for SUH Dharamagarh |
| No of work | 01 No |
| Tender Notice No | 2463/DMH Dt.14.07.2026 |
| Agency | As per eligibility |
| Available of Document | Dt. 15.07.2026 to 24.07.2026 (in office Hour) at NAC Office Dharamagarh |
| Last date of Receipt of bid document | Up to 4.00 PM of 24.07.2024 |
| Date of Opening of BID | 4.30 PM of Dt. 24.07.2026 |
| Tender Paper Cost | Rs.500/- (Five Hundred)only |
| Name and Address of inviting officer | Executive Officer, NAC, Dharamagarh |

OIPR-13001/13163/1/26-27/0011

Executive Officer,
NAC, Dharamagarh

### O/O CHIEF DISTRICT MEDICAL & PUBLIC HEALTH OFFICER
**DHH WARE HOUSE NABARANGPUR.**
Mail id- dwhnabarangpur.26@gmail.com

10001/374/2627

**RFP No: 6681** **Date: 15.07.2026**

Sealed tenders are invited from registered, reputed and experienced Agencies /Firms/ Individuals for **"selection of bidders for Annual Rate Contract for supply of Chemicals, Media & Reagents, Laboratory wares and Medical items under Rate contract ".** Bidders may send their complete bid in double cover system **(Technical & Financial)** separate envelops only. Combined bids will not be considered. Category of supply must be superscribed in the top of the Bid envelop and addressing clearly to the CDM&PHO, Nabarangpur.Tender documents is to be downloaded from the District website https://nabarangpur.odisha.gov.in/. **Last date for receipt of Tender documents is 10.08.2026 by 5:00 PM only through Speed post/Regd Post/Courier only,** and the bids so received will be opened on **11.08.2026** at **11:00 AM** in the office chamber of CDM&PHO office, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof. Pre-Bid meeting-23.07.2026 at 11 AM.

-Sd-
CDM & PHO cum District Mission Director
NHM Nabarangpur

OIPR-10001/10081/1/26-27/0011

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର

13001/1189/2627

**HOUSING & URBAN DEVELOPMENT DEPARTMENT, GOVT. OF ODISHA**

ଜଟଣୀ ପୌର ପରିଷଦ, ଜଟଣୀ

**OFFICE OF THE MUNICIPAL COUNCIL: JATANI**

ସ୍ଥାନ – ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦

At/Ps- Jatani, Dist.- Khordha (Odisha), Pin-752050
E-mail: municipalityjatni@gmail.com, Phone No.: **0674-2490826**
**Letter No.: 3980, Dated: 13/07/2026**

**QUOTATION CALL NOTICE**

Sealed quotations are invited from Registered Firms / Supplier / Agencies for Repair & maintenance of Computer/ Printer/LAN / Xerox/ CCTV/LCD Projector with supply of Computer and accessories peripherals for Jatni Municipality Office as per the detailed specification. The Bidder should submit the bid paper along with rate per following quantity in item wise in the prescribed proforma along with GST Certificate to the undersigned from **date 14/07/2026 at 11.00 AM to 23/07/2026 by 11.00 AM** and the same will be opened on **23/07/2026 at 12.30 PM** in the presence of Tender Committee Members & Bidders. The Bidder have to deposit **Rs. 1000/- (Rupees One Thousand Only)** as paper cost and **Rs. 5000/- (Rupees Five Thousand Only)** towards EMD in the shape of Demand Draft or online payment through MPOS in the favour of **Executive Officer, Jatni Municipality**. The Bidder should attach the copy of the deposit particulars with the bid document. The authority reserves the rights for cancellation or corrigendum of quotation call notice at any time without any reason thereof.

| Sl.No. | Particulars / Materials | Rates as per following quantity |
|---|---|---|
| 1 | All in One Computer 13th Gen., 22" Display (i5-16GB-1TB) HP/DELL/LENOVO | 1 No. |
| 2 | All in One Computer 13th Gen., 27" Display (i5-16GB-1TB) HP/DELL/LENOVO | 1 No. |
| 3 | Monitor 22" (HP/DELL/LENOVO) | 1 No. |
| 4 | Laptop i5 (HP/DELL/LENOVO) | 1 No. |
| 5 | Laser Printer (Dual Side Printing with Scanner) HP/Canon | 1 No. |
| 6 | Colour Inkjet Printer (HP/Canon) | 1 No. |
| 7 | Mother Board (61/81/210/270) HP/DELL/Lenovo | 1 No. each |
| 8 | RAM DDR-III/IV – 8GB (Laptop) | 1 No. |
| 9 | RAM DDR-III/IV – 800/1333/1600/2600/3200 (Desktop) | 1 No. each |
| 10 | HDD – 1TB (Seagate/WD/Toshiba) for Laptop | 1 No. |
| 11 | HDD – 1TB (Seagate/WD/Toshiba) for Desktop | 1 No. |
| 12 | SSD (Kingston/Samsung/480) | 1 No. |
| 13 | Processor (Core i3/Core i5 Intel) | 1 No. each |
| 14 | External HDD (1TB Seagate) | 1 No. |
| 15 | External SSD (1TB/2TB) | 1 No. each |
| 16 | PC Repair Charges (excluding parts) | 1 No. |
| 17 | Printer Repair Charges (excluding parts) | 1 No. |
| 18 | Monitor Repair Charges (excluding parts) | 1 No. |
| 19 | SMPS (Branded) | 1 No. |
| 20 | ATX Cabinet | 1 No. |
| 21 | USB Mouse/Wireless Mouse | 1 No. |
| 22 | USB Keyboard/Wireless Keyboard | 1 No. |
| 23 | Power Cable | 1 No. |
| 24 | SATA/PATA Cable | 1 No. each |
| 25 | Quick Heal Pro Antivirus (1 User/2 User/3 User/5 User) | 1 No. each |
| 26 | VGA Cable | 1 No. |
| 27 | HDMI Cable | 1 No. |
| 28 | Interface Cable | 1 No. |
| 29 | UPS 600VA (Microtek/Luminous/V-Guard) | 1 No. |
| 30 | UPS 1KVA (Microtek/Luminous/V-Guard) | 1 No. |
| 31 | UPS Battery 12V 500VA (Single) | 1 No. |
| 32 | UPS Battery 1KVA (Double) | 1 No. |
| 33 | UPS Logic Card | 1 No. |
| 34 | UPS Transformer | 1 No. |
| 35 | Konica Xerox Toner Cartridge (New) | 1 No. |
| 36 | Konica Xerox Toner Cartridge (Refilling) | 1 No. |
| 37 | Konica Xerox Developer | 1 No. |
| 38 | Konica Xerox Drum | 1 No. |
| 39 | Konica Xerox Wiper Blade | 1 No. |
| 40 | Konica Xerox DC Blade | 1 No. |
| 41 | Laser Printer (103HP/12AHP/18AHP/30AHP/Canon 337/Samsung 101) Toner Cartridge (New) | 1 No. each |
| 42 | Laser Printer (103HP/12AHP/18AHP/30AHP/Canon 337/Samsung 101) Toner Cartridge (Refilling) | 1 No. each |
| 43 | LAN/Networking Router 4G/3G | 1 No. |
| 44 | LAN/Networking HUB | 1 No. |
| 45 | LAN/Networking Cable | Per Mtr. |
| 46 | LAN/Networking Switch (5 Port/8 Port) | 1 No. each |
| 47 | LAN/Networking Wi-Fi Adapter | 1 No. |
| 48 | USB LAN Sound Adaptor | 1 No. |
| 49 | USB to Type-C Cable / Type-C to Type-C Cable (High Quality) | 1 No. each |
| 50 | Pen Drive (16GB/32GB/64GB/128GB/OTG) | 1 No. |
| 51 | Formatting & Data Recovery with Software Installation of Laptop | 1 No. |
| 52 | Formatting & Data Recovery with Software Installation of Desktop | 1 No. |
| 53 | CCTV Bullet Camera | 1 No. |
| 54 | DOME Camera | 1 No. |
| 55 | DVR (8 Port/16 Port/24 Port/32 Port) | 1 No. each |
| 56 | MVR (8 Port/16 Port) | 1 No. |
| 57 | VNC Connector | 1 No. |
| 58 | DC Connector | 1 No. |
| 59 | DVR Cable | Per Mtr. |
| 60 | MVR Cable | Per Mtr. |
| 61 | Surveillance HDD | 1 No. |
| 62 | HDMI Cable for LCD Projector | 1 No. |
| 63 | VGA Cable for LCD Projector | 1 No. |
| 64 | LCD Projector Stand | 1 No. |
| 65 | LCD Projector Screen (10' × 6') | 1 No. |

OIPR-13001/13041/1/26-27/0014

Executive Officer
Jatni Municipality

ସକାଳ THE SAKALA



**ଅବହେଳିତ ମା’ ଦ୍ୱାରଶୁଣୀ ପୀଠ**

# ଲକ୍ଷାଧିକ ଟଙ୍କା ଆୟ; ହୋଇପାରୁନି ବିକାଶ

କୁଳିଅଣା, ୧୭।୭ (ସମିସ): ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ନିକଟସ୍ଥ ୪୯ନଂ ଜାତୀୟ ରାଜପଥର ମନୋରମ ଦ୍ୱାରଶୁଣୀ ଘାଟିରେ ଅବସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା’ ଦ୍ୱାରଶୁଣୀ ପୀଠ। ଉକ୍ତ ପୀଠ ଭକ୍ତ ଓ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ସତ୍ତ୍ୱେ ଆବଶ୍ୟକ ଭିତ୍ତିଭୂମି ଓ ପର୍ଯ୍ୟଟନ ସୁବିଧାର ଅଭାବରୁ ବିକାଶରୁ ବଞ୍ଚିତ ହୋଇରହିଛି। ବର୍ଷକୁ ଲକ୍ଷାଧିକ ଟଙ୍କା ଆୟ ହେଉଥିଲେ




**■ ଆୟବ୍ୟୟର ହିସାବ ପାଇଁ ସୂଚନା ଅଧିକାର ଆବେଦନ**

ମଧ୍ୟ ପୀଠର ସାମଗ୍ରିକ ଉନ୍ନତି ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଉକ୍ତ ପୀଠର ଉନ୍ନତି କରାଯିବାକୁ ଦାବି ହେଉଛି। ଏ ପରିପ୍ରେକ୍ଷୀରେ ସମାଜସେବୀ ଅଞ୍ଜନ କୁମାର ପାଣି ଉପଜିଲ୍ଲାପାଳଙ୍କ ନିକଟରେ ସୂଚନା ଅଧିକାର ଆଇନ ବଳରେ ପୀଠର ଆୟବ୍ୟୟର ବିସ୍ତୃତ ହିସାବ ମାଗିଥିବା ଜଣାପଡ଼ିଛି।

ବାଙ୍ଗିରିପୋଷି ବଜାରଠାରୁ ପ୍ରାୟ ୩ କିଲୋମିଟର ଦୂର, ବାରିପଦା ଓ ରାଇରଙ୍ଗପୁର ମହକୁମା ସୀମାନ୍ତ ଘାଟି ଅଞ୍ଚଳରେ ଅବସ୍ଥିତ ମା’ ଦ୍ୱାରଶୁଣୀ ପୀଠ ପ୍ରାଚୀନ କାଳରୁ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର ଭାବେ ପରିଚିତ। ବନଦୁର୍ଗା ରୂପେ ପୂଜିତ ଏହି ଦେବୀଙ୍କ ନାମ ଦୁଇ ମହକୁମାର ଦ୍ୱାରଦେଶରେ ଅବସ୍ଥିତ ହେବାରୁ ‘ଦ୍ୱାରଶୁଣୀ’ ନାମରେ ପ୍ରସିଦ୍ଧି ଲାଭ କରିଛି। ଏଠାରେ ବ୍ରାହ୍ମଣଙ୍କ ପରିବର୍ତ୍ତେ ପାରମ୍ପରିକ ଦେହୁରୀ ସମ୍ପ୍ରଦାୟ ପୂଜାର୍ଚ୍ଚନା କରୁଥିବାବେଳେ ବର୍ତ୍ତମାନ ବିଧାନ ଦାସ ଓ ଗୁରୁପ୍ରସାଦ ଦାସ ନିଷ୍ଠାର ସହ ମା’ଙ୍କ ସେବାରେ ନିୟୋଜିତ ଅଛନ୍ତି। ପୀଠ ପରିସରର ପ୍ରାକୃତିକ ପରିବେଶ, ପାହାଡ଼ି ଝରଣା, ସଂକୀର୍ତ୍ତନ ମଣ୍ଡପ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ବିଗ୍ରହ, ଗୁପ୍ତ ସୁଡ଼ଙ୍ଗ ପଥ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ସାମରିକ ଗୁମ୍ଫା ପର୍ଯ୍ୟଟକଙ୍କୁ ସ୍ୱତନ୍ତ୍ର ଆକର୍ଷଣ କରିଥାଏ। ପ୍ରତିବର୍ଷ ମକର ସଂକ୍ରାନ୍ତି ଅବସରରେ ସପ୍ତାହବ୍ୟାପୀ ସଂକୀର୍ତ୍ତନ ଓ ମେଳାର ଆୟୋଜନ ହେଉଥିବାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ବର୍ଷସାରା ବଣଭୋଜି ପାଇଁ ମଧ୍ୟ ଏହି ଅଞ୍ଚଳ ବେଶ ଲୋକପ୍ରିୟ। ତେବେ ଏତେ ସମ୍ଭାବନା ଥିଲେ ମଧ୍ୟ ପୀଠର ଆଖପାଖ ଅଞ୍ଚଳ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ମେଳା ସମୟକୁ ଛାଡ଼ି ଅନ୍ୟ ସମୟରେ ସଫାସୁତୁରା ବ୍ୟବସ୍ଥା ନ ଥିବାରୁ ଚାରିଆଡ଼େ ଅନାବନା ଗଛଲତା ବଢ଼ି ରହୁଥିବା ଅଭିଯୋଗ ହେଉଛି। ପର୍ଯ୍ୟାପ୍ତ ଜଳସୁବିଧା ଥିଲେ ମଧ୍ୟ ସୁନ୍ଦର ଉଦ୍ୟାନ, ବସିବା ସ୍ଥାନ, କଂକ୍ରିଟ ପିଣ୍ଡି, ପର୍ଯ୍ୟଟକ ବିଶ୍ରାମାଗାର, ସ୍ୱଚ୍ଛ ଶୌଚାଳୟ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ଅଭାବ ପର୍ଯ୍ୟଟକଙ୍କୁ ନିରାଶ କରୁଛି। ବଣଭୋଜି ପାଇଁ ପ୍ରତିଦିନ ବହୁ ସଂଖ୍ୟକ ଲୋକ ଆସୁଥିଲେ ମଧ୍ୟ ସେମାନଙ୍କ ପାଇଁ ଯଥେଷ୍ଟ ବ୍ୟବସ୍ଥା କରାଯାଇନଥିବାରୁ ଅସନ୍ତୋଷ ବଢ଼ୁଛି।



## ଦନ୍ତା ହାତୀର ଆତଙ୍କ; ଭାଙ୍ଗିଲା ଘର, ଲୋକେ ଭୟଭୀତ



ରାସଗୋବିନ୍ଦପୁର, ୧୭।୭(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍ ଅନ୍ତର୍ଗତ ମୂଷାମାରି, ଡାହିସାହି ଓ ରାମଚନ୍ଦ୍ରପୁର ଗାଁ ଅଞ୍ଚଳରେ ଗତ କିଛି ଦିନ ହେବ ଏକ ଦନ୍ତା ହାତୀ ଘୁରି ବୁଲୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ହାତୀଟି ରାତିରେ ଜନବସତି ମଧ୍ୟକୁ ପଶି ଘର ଭାଙ୍ଗିବା ସହ କ୍ଷୟକ୍ଷତି ଘଟାଉଥିବା ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ମୂଷାମାରି ସ୍କୁଲ ସାହି ବାସିନ୍ଦା ଚାନ୍ଦ୍ରାୟ ମୁର୍ମୁଙ୍କ ଘରକୁ ହାତୀ ଭାଙ୍ଗି ଦେଇଥିଲା। ସେହିପରି ସେହି ଅଞ୍ଚଳର ସୂର୍ଯ୍ୟ ଟୁଡୁଙ୍କ ଆଜବେଷ୍ଟସ୍ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଗ୍ରାମବାସୀ ରାତିସାରା ଭୟଭୀତ ଅବସ୍ଥାରେ ରହିଥିଲେ। ବାରମ୍ବାର ଦନ୍ତା ହାତୀ ଜନବସତି ମଧ୍ୟକୁ ପଶୁଥିବାରୁ ଲୋକେ ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ବନ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନେଇ ହାତୀକୁ ଜଙ୍ଗଲକୁ ଘଉଡ଼ାଇବା ସହ କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସାପ କାମୁଡ଼ାରେ ଶିଶୁକନ୍ୟା ମୃତ, ମାଆ ଗୁରୁତର

ବିଶୋଇ,୧୭।୭ (ସମିସ) : ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ ଖଡ଼ମବେଡା ପଞ୍ଚାୟତ କିତାବେଡା ଗ୍ରାମରେ ସର୍ପାଘାତରେ ଜଣେ ୩ ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଥିବାବେଳେ ମାଆ ଗୁରୁତର ହୋଇ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ମୃତ



ଶିଶୁକନ୍ୟା କିତାବେଡା ଗ୍ରାମର ଗୋପୀନାଥ ନାଏକଙ୍କ ଝିଅ ଆରାଧ୍ୟା ନାଏକ। ଗୋପୀନାଥଙ୍କ ପତ୍ନୀ ଦୁଃଖି ନାଏକ (୧୯) ଓ ଝିଅ ଆରାଧ୍ୟା ଘର ଚଟାଣରେ ଶୋଇଥିବା ସମୟରେ ଗୁରୁବାର ଭୋର ସମୟରେ ଏକ ସାପ ଘରେ ପଶି ମାଆ ଓ ଝିଅକୁ କାମୁଡ଼ି ଦେଇଥିଲା। ସାପ କାମୁଡ଼ିବା ଜାଣି ଦୁଃଖିଙ୍କ ସ୍ୱାମୀ ଗୋପୀନାଥ ଉଭୟ ମାଆ ଓ ଝିଅଙ୍କୁ ଆମ୍ବୁଲାନ୍ସ ଯୋଗେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ମାଆ ଓ ଝିଅଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବାରିପଦା ନେବା ବାଟରେ ଝିଅର ମୃତ୍ୟୁ ଘଟିଥିଲା। ଆରାଧ୍ୟାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଗତକାଲି ବିଶୋଇ ପୁଲିସ ପହଞ୍ଚି ଶିଶୁକନ୍ୟାର ମୃତଦେହ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁରକୁ ପଠାଇଥିଲା। ମୃତ ଶିଶୁ କନ୍ୟାର ମାଆ ଦୁଃଖି ଏବେ ଗୁରୁତର ଅବସ୍ଥାରେ ବାରିପଦା ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ଶିଶୁ କନ୍ୟାର ମୃତ ଶରୀରକୁ ଆଜି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ବିଶୋଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ଯଥାଶୀଘ୍ର କ୍ଷତିପୂରଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବିପ୍ର ଫାଉଣ୍ଡେସନ ପକ୍ଷରୁ ଖେଚୁଡି ମହାପ୍ରସାଦ ବଣ୍ଟନ




ରାଇରଙ୍ଗପୁର, ୧୭।୭(ସମିସ): ରଥଯାତ୍ରା ଅବସରରେ ବିପ୍ର ଫାଉଣ୍ଡେସନ ପକ୍ଷରୁ ରାଇରଙ୍ଗପୁରରେ ଖିଚଡି ମହାପ୍ରସାଦ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଉଦ୍‌ଘାଟନ କରିଥିବାବେଳେ ଫାଉଣ୍ଡେସନର ସମସ୍ତ ଅଧିକାରୀ, ସଦସ୍ୟ ଓ ସହଯୋଗୀ ଉପସ୍ଥିତ ଥିଲେ। ପ୍ରଦେଶ ସଭାପତି ମହେଶ ଶର୍ମା, ପ୍ରଦେଶ କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଶର୍ମା, ରାଇରଙ୍ଗପୁର ଚାପ୍ଟରର ଉପାଧ୍ୟକ୍ଷ ରାକେଶ ସ୍ୱାମୀ, ସଚିବ ବଦ୍ରି ଶର୍ମା, କୋଷାଧ୍ୟକ୍ଷ ରବିଶଙ୍କର ଶର୍ମା, କାର୍ଯ୍ୟନିର୍ବାହୀ ସଦସ୍ୟ କିଶନ ଶର୍ମା, ଅନୀଲ ଶର୍ମା, ଶ୍ୟାମସୁନ୍ଦର ଶର୍ମା, କନହୈୟା ଶର୍ମା, ଉତ୍କର୍ଷ ଶର୍ମା, ମନୀଷ ଶର୍ମା, ପୁରୁଷୋତ୍ତମ ଶର୍ମା, ବିକାଶ ଶର୍ମା, ସେବା ବାଲଗୋପାଳ ଦିବ୍ୟ ଶର୍ମା, ଯଶ ଶର୍ମା, ମାତୃଶକ୍ତିର ଶ୍ରୀମତୀ କୃଷ୍ଣ ଚୌବେ (ପୃଷ୍ଠପୋଷକ), ଶ୍ରୀମତୀ ସୀତା ଶର୍ମା (ଉପସଭାପତି), ଶ୍ରୀମତୀ ସ୍ୱପ୍ନା ଶର୍ମା (ସଚିବ), କାର୍ଯ୍ୟନିର୍ବାହୀ ସଦସ୍ୟା ମଞ୍ଜୁ ଶର୍ମା, ତାରା ଶର୍ମା, ପ୍ରୀତି ଶର୍ମା, ଆରତୀ ଶର୍ମା, କୃଷ୍ଣ ସ୍ୱାମୀ, ମୀତା ଶର୍ମା ପ୍ରମୁଖ ଯୋଗଦେଇ ୫, ୦୦୦ରୁ ୬, ୦୦୦ ଭକ୍ତଙ୍କୁ ଖିଚଡି ପ୍ରସାଦ ବଣ୍ଟନ କରିଥିଲେ।

## ବଳା ଓ ଅଙ୍କୁରା ଗ୍ରାମରେ ଚୋରି

କରଞ୍ଜିଆ, ୧୭।୭(ସମିସ): ରଥଯାତ୍ରାର ସୁଯୋଗରେ ସକ୍ରିୟ ହୋଇଉଠିଛନ୍ତି ଚୋର। କରଞ୍ଜିଆ ଥାନା ଅନ୍ତର୍ଗତ ବଳା ଓ ଅଙ୍କୁରା ଗ୍ରାମର ଦୁଇଟି ଘରୁ ନଗଦ ଟଙ୍କା ସହ ସୁନା ଓ ରୂପା ଅଳଙ୍କାର ଲୁଟି ନେଇଛନ୍ତି। ଦୁଇଟି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ପ୍ରକାଶ ପାଇଥିବାବେଳେ କରଞ୍ଜିଆ ପୁଲିସ ପୃଥକ୍ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ବଳା ଗ୍ରାମର ବାସିନ୍ଦା




କ୍ଷେତ୍ରମୋହନ ମହାନ୍ତ ଓ ତାଙ୍କ ସ୍ତ୍ରୀ ରଥଯାତ୍ରା ଦେଖିବା ପାଇଁ ଘରେ ତାଲା ପକାଇ ବାହାରକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୫ଟା ୩୦ ମିନିଟ୍‌ରେ ଘରକୁ ଫେରିବା ପରେ ଘରର ମୁଖ୍ୟ କବାଟ ଖୋଲାଥିବା ଦେଖି ସନ୍ଦେହ ହୋଇଥିଲା। ଘର ଭିତରେ ପ୍ରବେଶ କରିବା ପରେ ସମସ୍ତ ଜିନିଷପତ୍ର ଏଣେତେଣେ ଫିଙ୍ଗା ହୋଇଥିବା ଓ ଆଲମାରୀ ଭଙ୍ଗାଯାଇଥିବା ଦେଖିଥିଲେ। ଯାଞ୍ଚ କରିବାରୁ ଆଲମାରୀରେ ରଖାଯାଇଥିବା ୧୫ ହଜାର ଟଙ୍କା ଚୋରି ହୋଇଥିବା ଜଣାପଡ଼ିଥିଲା। ଏହାପରେ ସ୍ୱାମୀ-ସ୍ତ୍ରୀ ତୁରନ୍ତ କରଞ୍ଜିଆ ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଅଙ୍କୁରା ଗ୍ରାମର ୱାର୍ଡ ନମ୍ବର୧୫ର ବାସିନ୍ଦା ସୁଶାନ୍ତ କୁମାର ନାୟକଙ୍କ ଘରୁ ଚୋରି ହୋଇଛି। ଗତକାଲି ରାତି ପ୍ରାୟ ୧୨ଟାରୁ ୨ଟା ମଧ୍ୟରେ ଚୋରମାନେ ଘରେ ପଶି ଲୁଟପାଟ କରିଥିଲେ। ସୁନାର ଚେନ୍, ମଙ୍ଗଳସୂତ୍ର, ସୁନା ପଲା, କାନଫୁଲ, ଲକେଟ, ରୂପା ମୁଦି ସମେତ ୮୦ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ସକାଳେ ପରିବାର ଲୋକ ଘଟଣା ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏହି ଦୁଇଟି ଅଭିଯୋଗ ଆଧାରରେ କରଞ୍ଜିଆ ଥାନାରେ ମାମଲା ରୁଜୁ କରାଯାଇଛି। ଆଜି ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ଫିଙ୍ଗରପ୍ରିଣ୍ଟ ଓ ଅନ୍ୟାନ୍ୟ ବୈଜ୍ଞାନିକ ପ୍ରମାଣ ସଂଗ୍ରହ କରିଛନ୍ତି। ଘଟଣାସ୍ଥଳରୁ ମିଳିଥିବା ପ୍ରମାଣ ଆଧାରରେ ଚୋରଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି।

## ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରାରେ ଏମ୍‌ସିଏମ୍‌ର ଜଳଛତ୍ର



ବାରିପଦା, ୧୭।୭(ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ପ୍ରତିବର୍ଷ ଜିଲ୍ଲା ଓ ପଡ଼ୋଶୀ ଜିଲ୍ଲାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ପ୍ରବଳ ଗୁଳୁଗୁଳି ଓ ଭିଡ଼କୁ ଦୃଷ୍ଟିରେ ରଖି ଭକ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏମ୍)ର ଏନ୍‌ଏସ୍‌ଏସ୍ ଓ ୟୁଥ୍ ରେଡକ୍ରସ୍ ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଏକ ଜଳଛତ୍ର ଆଜି ଉଦ୍‌ଘାଟିତ ହୋଇଛି। ପୂର୍ବାହ୍ନ ୧୧ଟାରେ ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଜଳଛତ୍ରକୁ ଉଦ୍‌ଘାଟନ କରି ଏଭଳି ସେବାମୂଳକ ପଦକ୍ଷେପର ପ୍ରଶଂସା କରିଥିଲେ। ସମାଜସେବା ଓ ମାନବିକତାର ବାର୍ତ୍ତା ବହନ କରୁଥିବା ଏଭଳି କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ବୋଲି ସେ କହିଥିଲେ। ଏ ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ବୁଧାନ ମୁର୍ମୁ, ଏବିଭିପିର ରାଜ୍ୟ ସଭାପତି ଡ ଦେବେଶ ଚନ୍ଦ୍ର ହୋତା, କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ, ମେରା ଯୁବା ଭାରତର ଜାତୀୟ ସ୍ତରର ସ୍ୱେଚ୍ଛାସେବକ ସାଇ ରଞ୍ଜନ ଲେଙ୍କା, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନାୟକ, ୟୁଥ୍ ରେଡକ୍ରସ୍ କାର୍ଯ୍ୟକ୍ରମ ଅଧିକାରୀ ପୂଜା ଶତପଥୀଙ୍କ ସମେତ କଲେଜର ଏନ୍‌ଏସ୍‌ଏସ୍ ଓ ୟୁଥ୍ ରେଡକ୍ରସ୍ ସ୍ୱେଚ୍ଛାସେବକ ଉପସ୍ଥିତ ଥିଲେ। ହଜାର ହଜାର ଶ୍ରଦ୍ଧାଳୁଙ୍କୁ ବିଶୁଦ୍ଧ ପାନୀୟ ଜଳ ବଣ୍ଟନ କରାଯିବା ସହ ସ୍ୱେଚ୍ଛାସେବକ ଭକ୍ତଙ୍କୁ ସହାୟତା, ଶୃଙ୍ଖଳା ରକ୍ଷା ଓ ସେବା କାର୍ଯ୍ୟରେ ମଧ୍ୟ ସକ୍ରିୟ ଭାବେ ନିୟୋଜିତ ରହିବେ। କଲେଜର ଏହି ସେବାମୂଳକ ପଦକ୍ଷେପକୁ ସାଧାରଣ ଲୋକ ଓ ଶ୍ରଦ୍ଧାଳୁ ଭୂୟସୀ ପ୍ରଶଂସା କରିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ବଡ଼ସାହି, ୧୭।୭(ସମିସ): ବାରିପଦା ନିର୍ବାଚନମଣ୍ଡଳୀ ଅଧୀନ ବଡ଼ସାହି ବ୍ଲକ ଟଙ୍ଗାଶୋଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜୁ ଜନତା ଦଳର ଟାଣୁଆ ନେତା ଦଶରଥ ମୁର୍ମୁ (୫୮)ଙ୍କ ଗୁରୁବାର ବିଳମ୍ବିତ ରାତିରେ କଟକ ବଡ଼ ମେଡିକାଲରେ ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ଧରି କିଡନୀ, ହାର୍ଟ ଓ ଡାଇବେଟିସ ଆଦି ରୋଗରେ ପୀଡିତ ରହି ଚିକିତ୍ସାଧୀନ ଥିଲେ। ସେ ଜଣେ ସଂଗଠନ ପ୍ରେମୀ, ମେଳାପି, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ଏସଡିସି ଚେୟାରମ୍ୟାନ ଦେବାଶିଷ ମାରାଣ୍ଡି, ସମାଜସେବୀ ଅମର ସେଠୀ ଓ କେଶବ ସାହୁଙ୍କ ସମେତ ଗ୍ରାମ ତଥା ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଟଙ୍ଗାଶୋଳସ୍ଥ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ପୁଅଝିଅ, ମାଆ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ସାନପୁଅ ମୁଖାଗ୍ନି ଦେଇଥିଲେ।

**ଜଙ୍ଗଲ ଜମିରେ ବେଆଇନ ଢାବା**

## ଗ୍ରାମବାସୀଙ୍କ ଅଭିଯୋଗ ପରେ ତଦନ୍ତ ଆରମ୍ଭ

କରଞ୍ଜିଆ, ୧୭।୭(ସମିସ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ଚଢେଇଭୋଳ ଅଞ୍ଚଳରେ ଜଙ୍ଗଲ ଜମିକୁ ଦଖଲ କରି ବେଆଇନ ପଥର ଖନନ, ବାଲି ଡିପୋ, ଗଛକଟା ଓ ଢାବା ଆଳରେ ବିଭିନ୍ନ ପ୍ରକାରର ବେଆଇନ କାରବାର ଚାଲିଥିବା ଅଭିଯୋଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବନ ସମ୍ପଦର କ୍ଷୟକ୍ଷତି ସହ ପରିବେଶ ପ୍ରତି ଗୁରୁତର ବିପଦ ସୃଷ୍ଟି ହେଉଥିବା ଦର୍ଶାଇ ସ୍ଥାନୀୟ ଗ୍ରାମବାସୀ କରଞ୍ଜିଆ ବନଖଣ୍ଡ ଅଧିକାରୀ ଓ କରଞ୍ଜିଆ ତହସିଲଦାରଙ୍କ ନିକଟରେ ଅଭିଯୋଗ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି।

ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଜଙ୍ଗଲ ଜମିରେ ନିୟମ ବିରୋଧୀ ଭାବେ ଢାବା ଖୋଲାଯାଇଛି। ନାମକୁ ମାତ୍ର ଢାବା ଥିଲେ ମଧ୍ୟ ସେଠାରେ ବେଆଇନ ଭାବେ ପେଟ୍ରୋଲ, ଡିଜେଲ ଗଚ୍ଛିତ ଓ ବିକ୍ରି କରାଯାଉଥିବା ସହ ଅନ୍ୟାନ୍ୟ ଚୋରା କାରବାର ଚାଲିଥିବା ଅଭିଯୋଗ ହୋଇଛି। ଏଥିସହ ସ୍ଥାନୀୟ ଜଣେ ବ୍ୟକ୍ତି ଜଙ୍ଗଲ ଜମିକୁ ବ୍ୟବହାର କରି ବେଆଇନ ଭାବେ ବାଲି ଗଚ୍ଛିତ କରି ଡିପୋ କରିବା ସହ ବ୍ୟବସାୟ କରୁଥିବା ଓ ନିକଟସ୍ଥ ପାହାଡ଼ରୁ ପଥର ଖନନ କରି ଚାଲାଣ କରୁଥିବା ନେଇ ଗ୍ରାମବାସୀ ଗୁରୁତର ଅଭିଯୋଗ ଆଣିଛନ୍ତି। ଏପରି ବେଆଇନ କାର୍ଯ୍ୟକଳାପ ଫଳରେ ଜଙ୍ଗଲର ବୃକ୍ଷ ସମ୍ପଦ ଓ ବନ୍ୟଜନ୍ତୁଙ୍କ ବାସସ୍ଥାନ କ୍ଷତିଗ୍ରସ୍ତ ହେଉଥିବାବେଳେ ପରିବେଶ ମଧ୍ୟ ନଷ୍ଟ ହେଉଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଗ୍ରାମବାସୀ ବେଆଇନ ପଥର ଖନନ, ବାଲି ଡିପୋ, ଗଛକଟା ଓ ଜଙ୍ଗଲ ଜମିରେ ଚାଲିଥିବା ଅନ୍ୟାନ୍ୟ ଅବୈଧ କାରବାରକୁ ତୁରନ୍ତ ବନ୍ଦ କରିବା, ଜଙ୍ଗଲ ଜମିରୁ ଢାବା ଉଚ୍ଛେଦ କରିବା ଓ ଏଥିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି। ପ୍ରଶାସନର ନାକ ତଳେ ଦୀର୍ଘଦିନ ଧରି ଏଭଳି ବେଆଇନ କାରବାର କିପରି ଚାଲିଆସୁଛି। ଏହା ପଛରେ କାହାର ସମର୍ଥନ କିମ୍ବା ପ୍ରଭାବ ରହିଛି କି? ସମଗ୍ର ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରି ସତ୍ୟ ପଦାକୁ ଆଣିବା ପାଇଁ ଦାବି ଜୋର ଧରିଛି। ଏ ସମ୍ପର୍କରେ ବନ ବିଭାଗର ପ୍ରତିକ୍ରିୟା ଲୋଡ଼ିବାରୁ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଘଟଣାର ତଦନ୍ତ ଜାରି ରହିଛି। ବେଆଇନ ଭାବେ ଗଚ୍ଛିତ ବାଲି, ପଥର ଉତ୍ତୋଳନ ସ୍ଥଳ ଓ ଅଭିଯୋଗରେ ଉଲ୍ଲେଖ ଥିବା ସମସ୍ତ ସ୍ଥାନକୁ ଅଧିକାରୀ ପରିଦର୍ଶନ କରିଛନ୍ତି। ତଦନ୍ତକାରୀ ଅଧିକାରୀଙ୍କ ରିପୋର୍ଟ ମିଳିବା ପରେ ନିୟମାନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

**କରଞ୍ଜିଆ ପୁଲିସର ସ୍ୱତନ୍ତ୍ର ଚଢ଼ଉ**

## ୮ ମଦ୍ୟପ ଚାଳକଙ୍କ ବିରୋଧରେ ମାମଲା

କରଞ୍ଜିଆ, ୧୭।୭(ସମିସ): ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହେବା ପରେ ରାସ୍ତାରେ ମଦ୍ୟପାନ କରି ବିପଜ୍ଜନକ ଭାବେ ବାଇକ୍



ଚଳାଉଥିବା ବ୍ୟକ୍ତିଙ୍କୁ ସାବାଡ୍ କରିବାକୁ କରଞ୍ଜିଆ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଚଢ଼ଉ କରାଯାଇଛି। ପାଟ୍ରୋଲିଂ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ଡ୍ରିଙ୍କ ଆଣ୍ଡ ଡ୍ରାଇଭ୍ ଅଭିଯୋଗରେ ୮ଟି ମାମଲା ରୁଜୁ କରାଯାଇଛି। ଏଥିସହ ୮ଟି ବାଇକ୍ କରାଯାଇଛଇ। କେତେକ ବ୍ୟକ୍ତିଙ୍କୁ ବାଇକ୍ ସହ ରାସ୍ତାରେ ପଡ଼ିଥିବା ଅବସ୍ଥାରେ ମଧ୍ୟ ଉଦ୍ଧାର କରାଯାଇଛି। ପରବର୍ତ୍ତୀ ସମୟରେ ସମସ୍ତ ଅଭିଯୁକ୍ତଙ୍କୁ ସେମାନଙ୍କ ପରିବାର ସଦସ୍ୟଙ୍କ ଜିମାରେ ଛାଡ଼ି ଦିଆଯାଇଥିଲା। ଏହି ସ୍ୱତନ୍ତ୍ର ଅଭିଯାନ ଏସ୍‌ଡିପିଓ କରଞ୍ଜିଆଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ଏସ୍‌ଆଇ ଭାରତୀ ବାରିକ, ଏସ୍‌ଆଇ ସୁଧାଂଶୁ ଶେଖର ସେଠୀ, ଏଏସ୍‌ଆଇ ସାଲଖାନ ହେମ୍ବ୍ରମ, ଏଏସ୍‌ଆଇ ସନ୍ତୋଷ ନାଏକ, ଏଏସ୍‌ଆଇ ଅମ୍ବିକା ମହାନ୍ତ ଓ ଏଏସ୍‌ଆଇ ଛବିଳକାନ୍ତ ନାୟକଙ୍କ ସମେତ ପୁଲିସ ଟିମ୍ ସାମିଲ ଥିଲେ।

# ବାରିପଦା ଅମୃତ ଭାରତ ରେଳ ଷ୍ଟେସନ ଉଦ୍‌ଘାଟିତ

ବାରିପଦା, ୧୭।୭ (ସମିସ): ମୟୂରଭଞ୍ଜ ଜିଲ୍ଲାର ବାରିପଦା ରେଳ ଷ୍ଟେସନ୍ ଏବେ ନୂଆ ରୂପ ନେଇଛି। ଅମୃତ ଭାରତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ ପ୍ରାୟ ୯ କୋଟି ଟଙ୍କା ଖର୍ଚ୍ଚରେ ଏହି ଷ୍ଟେସନ୍‌କୁ ଆଧୁନିକ ଓ ଯାତ୍ରୀ କେନ୍ଦ୍ରିକ ରୂପେ ବିକଶିତ କରାଯାଇଛି। ବିକଶିତ ଭାରତ ପାଇଁ ଆଧୁନିକ ରେଳ ଉନ୍ନତ ଭିତ୍ତିଭୂମି ଓଡ଼ିଶାର ୭ଟି ପୁନଃବିକଶିତ ଅମୃତ ଷ୍ଟେସନ ସହିତ ଦେଶବ୍ୟାପୀ ୭୫ଟି ପୁନଃବିକଶିତ ଅମୃତ ଷ୍ଟେସନର ଉଦ୍‌ଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ଜରିଆରେ ଜଳନ୍ଧରରୁ ସମସ୍ତ ଷ୍ଟେସନର




ଶୁଭ ଉଦଘାଟନ କରିଛନ୍ତି। ଏ ନେଇ ବାରିପଦା ରେଳ ଷ୍ଟେସନରେ ଆୟୋଜିତ କାର୍ଯ୍ୟକ୍ରମରେ ଦକ୍ଷିଣ-ପୂର୍ବ ରେଳପଥର ଡିଆରଏମ ଲଳିତ ମୋହନ ପାଣ୍ଡେ ଅଧ୍ୟକ୍ଷତା କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ସାରସକଣା ବିଧାୟକ ଭାଦବ ହାଁସଦା, ପୂର୍ବତନ ମନ୍ତ୍ରୀ ତଥା ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ରହି ରେଳ ବିକାଶକୁ ନେଇ ପ୍ରଧାନମନ୍ତ୍ରୀ ମୋଦି ଓ ରେଳ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ବାରିପଦା ଖଡଗପୁର ଡିଭିଜନ୍ ଅଧୀନରେ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ୍ ଓ ମୟୂରଭଞ୍ଜ ଜିଲ୍ଲାର ଯାତାୟାତ ସଂଯୋଗ କେନ୍ଦ୍ର ଭାବେ ପରିଚିତ। ନୂଆ ଷ୍ଟେସନ୍ ଭବନ, ବୁକିଂ କାଉଣ୍ଟର, ଉନ୍ନତ ପ୍ଲାଟଫର୍ମ ଆଶ୍ରୟ, ସୁଧାରିତ ଯାତ୍ରୀ ପ୍ରତୀକ୍ଷା କକ୍ଷ ଏବଂ ପାର୍କିଂ ସ୍ଥାନ ସହିତ ଏହି ପ୍ରକଳ୍ପରେ ଅନେକ ଆଧୁନିକ ସୁବିଧା ଯୋଡ଼ା ହୋଇଛି। ବିଶେଷକରି ଦିବ୍ୟାଙ୍ଗଙ୍କ ପାଇଁ ର୍‌ୟାମ୍ପ, ବିଶେଷ ଶୌଚାଳୟ, ଜଳ ବୁଥ୍, ପାର୍କିଂ ଓ ଟ୍ୟାକ୍ଟାଇଲ୍ ଟାଇଲ୍ସ ଯୋଗେ ପ୍ରତ୍ୟେକ ଯାତ୍ରୀଙ୍କ ପାଇଁ ସୁରକ୍ଷିତ ଓ ସହଜ ଯାତ୍ରାର ବ୍ୟବସ୍ଥା କରାଯାଇଛି। ପ୍ଲାଟଫର୍ମ ସରଫେସିଂ, ନୂତନ ସିଟିଂ ବ୍ୟବସ୍ଥା, ଏଟିଭିଏମ୍, ସ୍ୱଷ୍ଟ ସାଇନେଜ୍ ଓ ନୂଆ ଏଣ୍ଟ୍ରି-ଏକ୍ସିଟ୍ ଗେଟ୍ ମଧ୍ୟ ଯୋଡ଼ା ହୋଇଛି। ବାରିପଦା ଷ୍ଟେସନ୍ କୋଲକାତା, ଭୁବନେଶ୍ୱର ଓ ରାଞ୍ଚି ଭଳି ପ୍ରମୁଖ ସହର ସହ ରେଳ ସଂଯୋଗ ରଖିଥିବାରୁ ଏହା ପର୍ଯ୍ୟଟକ ଓ ସ୍ଥାନୀୟ ବାଣିଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସ୍ଥାନୀୟ କଳା ଓ ସଂସ୍କୃତିକୁ ସମ୍ମାନ ଦେଇ ଷ୍ଟେସନ୍ ଡିଜାଇନ୍ କରାଯାଇଛି। ଯାହା ଯାତ୍ରୀଙ୍କ ଅନୁଭୂତିକୁ ଆହୁରି ସୁନ୍ଦର କରିବ। ଅମୃତ ଭାରତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ ଦେଶର ଅନେକ ଷ୍ଟେସନ ଆଧୁନିକୀକରଣ ହେଉଛି। ବାରିପଦା ଷ୍ଟେସନର ଏହି ନବକଳେବର ସ୍ଥାନୀୟ ଅର୍ଥନୀତିକୁ ପ୍ରଭାବିତ କରିବା ସହ ଯାତ୍ରୀ ସୁବିଧାକୁ ବଢ଼ାଇବ ବୋଲି ଆଶା କରାଯାଉଛି। ଏ ଅବସରରେ ବିଭାଗ ପକ୍ଷରୁ ପୂର୍ବରୁ ସମ୍ପନ୍ନ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଖଡଗପୁର ରେଳବିଭାଗର ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରେଳ ସଂଯୋଗ ବୃଦ୍ଧି ପାଇଁ ଏମ୍‌ଆରଟିଏଫ୍‌ର ଦାବି

ବାରିପଦା, ୧୭।୭(ସମିସ): ବାରିପଦା ଅମୃତ ଷ୍ଟେସନ ଉଦଘାଟନ ଅବସରରେ ଜିଲ୍ଲାର ରେଲୱେର ବିକାଶ ପାଇଁ ମୟୂରଭଞ୍ଜ ରେଲୱେ ଟ୍ରାଭେଲସ୍‌ର୍ ଫୋରମ୍ (ଏମଆରଟିଏଫ) ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ଦାବି ପ୍ରଦାନ କରାଯାଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ମୟୂରଭଞ୍ଜ ସାଂସଦ ନବଚରଣ ମାଝିଙ୍କୁ ପ୍ରଦାନ କରାଯାଇଥିବା ଏହି ଦାବିପତ୍ରରେ ଅମ୍ରିତ ଭାରତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ ନବୀକରଣ ହୋଇଥିବା ବାରିପଦା ରେଲୱେ ଷ୍ଟେସନ୍ ପାଇଁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଏଥିସହିତ ଜିଲ୍ଲାର ରେଳ ସଂଯୋଗ ବୃଦ୍ଧି ପାଇଁ ଏକାଧିକ ପ୍ରସ୍ତାବ ରଖାଯାଇଛି। ତନ୍ମଧ୍ୟରେ ବାରିପଦା ଷ୍ଟେସନ୍‌କୁ ପୂର୍ଣ୍ଣ ଯାତ୍ରୀ ଟର୍ମିନାଲ୍ ରୂପେ ବିକାଶ କରିବା, ନିୟମିତ ଷ୍ଟେସନ୍ ମ୍ୟାନେଜର ନିଯୁକ୍ତି, ଦ୍ୱିତୀୟ ସିଫ୍ଟ ରିଜର୍ଭେସନ୍ କାଉଣ୍ଟର, ଅଲଗା ଯାତ୍ରୀ ଅପେକ୍ଷା କକ୍ଷ, ରିଟାୟାରିଂ ରୁମ୍, ଡର୍ମିଟୋରୀ, ଶିମିଳିପାଳ ପାଇଁ ଟ୍ୟୁରିଷ୍ଟ ଇନଫର୍ମେସନ୍ ସେଣ୍ଟର, ପାର୍ସଲ ସେବା ପୁନଃଚାଳନ, ଲୁପ୍ ଲାଇନ୍, ଦ୍ୱିତୀୟ ପ୍ଲାଟଫର୍ମ, ଏଫଓବି, ଟ୍ରେନ୍ ପାଣି ଯୋଗାଣ, ମେମୁ କାର୍ ସେଡ୍ ଇତ୍ୟାଦି ରହିଛି। ଏଥିସହିତ ରୁପ୍‌ସାରୁ ବାଲେଶ୍ୱର ପର୍ଯ୍ୟନ୍ତ ମେମୁ ଟ୍ରେନ୍ ସେବା ବିସ୍ତାର, ଜଳେଶ୍ୱର-ହାୱଡ଼ା ମେମୁକୁ ବାରିପଦା ପର୍ଯ୍ୟନ୍ତ ବିସ୍ତାର (କୋଲକାତା ସହ ସିଧା ସଂଯୋଗ), ଶାଲିମାର-ଭଞ୍ଜପୁର ଓ ଭଞ୍ଜପୁର-ପୁରୀ କରିଡରରେ ଟ୍ରେନ୍ ସେବା ଯୁକ୍ତିକରଣ ଓ ବୃଦ୍ଧି, ଶିମିଳିପାଳ ଏକ୍ସପ୍ରେସ୍ ପାଞ୍ଚଦିନିଆ କରିବା, ରିଜର୍ଭଡ୍ ଏକ୍ସପ୍ରେସ୍ ରୂପେ ରୂପାନ୍ତର, ପୁରୀ ଏକ୍ସପ୍ରେସ୍ ପାଞ୍ଚଦିନିଆ କରିବା ଓ ବାଙ୍ଗିରିପୋଷି-ବେଙ୍ଗାଲୁରୁ ମଧ୍ୟରେ ସାପ୍ତାହିକ ସୁପରଫାଷ୍ଟ ଏକ୍ସପ୍ରେସ୍ ଟ୍ରେନ୍ ଚଳାଇବା ଆଦି ଦାବି କରାଯାଇଛି। ଫୋରମ ପକ୍ଷରୁ କୁହାଯାଇଛି ଯେ, ମୟୂରଭଞ୍ଜ ଓଡ଼ିଶାର ସର୍ବବୃହତ୍ତ ଜିଲ୍ଲା ହୋଇଥିବାରୁ ଏହାର ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ସମ୍ଭାବନାକୁ ଦୃଷ୍ଟିରେ ରଖି ରେଳ ସଂଯୋଗ ବୃଦ୍ଧି ଅତ୍ୟନ୍ତ ଜରୁରୀ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପର୍ଯ୍ୟଟକଙ୍କ ପାଇଁ ମଧ୍ୟ ଏହା ଲାଭଦାୟକ ହେବ। ଏହି ଦାବିପତ୍ର ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବିକୁ ପ୍ରତିଫଳିତ କରୁଛି ବୋଲି ଫୋରମ୍ ଆଶା ପ୍ରକାଶ କରିଛି। ସରକାର ଏହି ପ୍ରସ୍ତାବଗୁଡ଼ିକୁ ଶୀଘ୍ର କାର୍ଯ୍ୟକାରୀ କରିବେ ବୋଲି ଅଭିଜିତ ରାମ, ପରେଶ ଚନ୍ଦ୍ର ମହାନ୍ତ, ସୌମ୍ୟରଞ୍ଜନ ମିଶ୍ର କହିଛନ୍ତି।

# ସହରର ମୁଖ୍ୟ ରାସ୍ତା ମରଣଯନ୍ତା

ବାଲେଶ୍ୱର,୧୭।୭ (ସମିସ)

ସହରର ମୁଖ୍ୟ ରାସ୍ତାର ଅବସ୍ଥା ଏବେ ବେହାଲ। ରାସ୍ତା ମଝିରେ ବଡ଼ ବଡ଼ ଖାଲ। ଓଟି ରୋଡ୍ ଠାରୁ ଆରମ୍ଭ କରି ନୂଆସାହି ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ। ରାସ୍ତା ମଝିରେ ମଝିରେ ଏତେ ବଡ ଖାଲ ଯେ ହଠାତ୍ ଖାଲରେ ଗାଡ଼ି ପଡିଲେ ଦୁର୍ଘଟଣା ଘଟିବା ସୁନିଶ୍ଚିତ। ବେଳେବେଳେ ଏତେ ବଡ ଖାଲ ଥିବା ଜାଣି ନ ପାରି ଗାଡି ଆରୋହୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟେ ପଟେ ସହରକୁ ପ୍ରବେଶ ଓକିଲ ରୋଡ୍ ତାମୁଲିଆରୁ ଆଇଟିଆଇ ଛକ ଏବଂ ଅନ୍ୟପଟେ ସହରରୁ ରେମୁଣା ଗୋଲେଇ ଯିବାର ମୁଖ୍ୟ ରାସ୍ତା ହେଉଛି ନୂଆସାହି ବାଲିଆ ରାସ୍ତା। ପ୍ରତିଦିନ ହଜାର ହଜାର ଯାତ୍ରୀ, ଛାତ୍ରଛାତ୍ରୀ, ରୋଗୀ ବୋହିବା ଆମ୍ବୁଲାନ୍ସ ଓ ମାଲ ବୋହିବା ଗାଡି ଏହି ରାସ୍ତା ଦେଇ ଯାତାୟାତ କରନ୍ତି। କିନ୍ତୁ ବର୍ତ୍ତମାନ ଏହି ରାସ୍ତାର ଅଧାଭାଗ ଅବସ୍ଥା ଏତେ ଶୋଚନୀୟ ଯେ ଏହା ଏକ ମରଣଯନ୍ତାରେ ପରିଣତ ହୋଇଛି। ରାସ୍ତା ମଝିରେ ବଡ଼ ବଡ଼ ଗାତ ଓ ଖାଲ ସୃଷ୍ଟି ହୋଇଛି। ଅଳ୍ପ ବର୍ଷା ହେଲେ ହିଁ ସେହି ଗାତରେ ଆଣ୍ଠୁଏ ଉପରେ ପାଣି ଜମେ। ଫଳରେ ଗାତ ଦେଖାଯାଏ ନାହିଁ ଏବଂ ଦୁଇ ଚକିଆ ଯାନ ସହ ଛୋଟ ଗାଡି ଦୁର୍ଘଟନାଗ୍ରସ୍ତ ହେବାର ଆଶଙ୍କା ବଢିଯାଏ। ସୂଚନାଯୋଗ୍ୟ, ସହରର ଓଟି ରୋଡ୍ ରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ସେହିପରି ନୂଆସାହି ବାଲିଆ ରାସ୍ତା କଥା ନକହିବା ଭଲ। ଏତେ ବଡ ବଡ ଖାଲ ଯେ ଗାଡି ଚଲାଇବା ଏକ ଚାଲେଞ୍ଜ ପାଲଟିଛି। ଏନେଇ ୧୦ ନମ୍ବର ଓ୍ବାର୍ଡ କାଉନସିଲର ରାଧାକୃଷ୍ଣ ଦାସ କହିଛନ୍ତି, ଓଟି ରୋଡ୍ ରାସ୍ତା ପିଡବ୍ଲୁଡିର। ଆମ ଓ୍ବାର୍ଡ ଅଧୀନରେ ରହିଲେ ବି କାମ ସେମାନେ କରିବେ। ତେବେ ମରାମତି ବାବଦରେ ଅବଗତ ହେଲେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବି। ସେହିପରି ନୂଆସାହି ବାଲିଆ ରାସ୍ତା ପଞ୍ଚାୟତ ଏବଂ ପିଡବ୍ଲୁଡି ଅଧୀନରେ ରହୁଛି ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି। ଆସୋସିଏସନ୍ ଅଫ୍ ଟ୍ୱିଟର ଆକ୍ଟିଭିଷ୍ଟ୍ ରାଜ୍ୟ ସଂଯୋଜକ ମନୀଷ ଜେନା କହିଛନ୍ତି,



ଏହି ରାସ୍ତା ଦେଇ ମୁଁ ପ୍ରତିଦିନ ଯାତାୟାତ କରୁଛି। ବର୍ଷା ପାଣି ଜମି ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ଟିକିଏ ଅସାବଧାନତା ହେଲେ ଦୁର୍ଘଟଣା ଘଟିବା ନିଶ୍ଚିତ। ଏହାସହ ରାତିରେ ଷ୍ଟ୍ରିଟ୍ ଲାଇଟ୍ ମଧ୍ୟ ଜଳୁନାହିଁ, ଫଳରେ ଗାତଗୁଡ଼ିକ ଦେଖାଯାଉନାହିଁ। ଏନେଇ ବାରମ୍ବାର ଟ୍ୱିଟର ମାଧ୍ୟମରେ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନାହିଁ। ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ଆବଶ୍ୟକ। ସ୍ଥାନୀୟ ଦୋକାନୀ ରମେଶ ସାହୁ କହିଲେ, ଏଇ ରାସ୍ତା ପାଇଁ ଗ୍ରାହକ ଆସିବାକୁ ଇଚ୍ଛା କରୁନାହାନ୍ତି। ବର୍ଷା ହେଲେ ପାଣି ଜମି ଦୋକାନ ଭିତରକୁ ପଶୁଛି। ଅନେକ ଥର ଅଭିଯୋଗ କରିସାରିଲୁ କିନ୍ତୁ କେହି

**ଓଟି ରୋଡ୍ ଠୁ ନୂଆସାହି ପର୍ଯ୍ୟନ୍ତ ଅବସ୍ଥା ଶୋଚନୀୟ**

ଶୁଣୁନାହାନ୍ତି। କଲେଜ ଛାତ୍ରୀ ପ୍ରତ୍ୟାଶା ଦାସ କହିଲେ, ସକାଳେ କଲେଜ ଯିବା ବେଳେ ବହୁତ ଡର ଲାଗେ। ଗାତ ଦେଖି ଭାରସାମ୍ୟ ହରାଇ ଅନେକ ଝିଅ ପଡି ଯାଉଛନ୍ତି। ଜଣେ ଅଟୋ ଚାଳକ କହିଲେ, ସହର ମୁଖ୍ୟ ରାସ୍ତା ଅବସ୍ଥା ଏବେ ନକହିବା ଭଲ। ଏଇ ରାସ୍ତାରେ ଗାଡି ଚଲାଇଲେ ମାସକୁ ୨-୩ ହଜାର ଟଙ୍କା ମରାମତି ପାଇଁ ଖର୍ଚ୍ଚ ହୋଇଯାଉଛି। ପ୍ରଶାସନର ଦୃଷ୍ଟି କେବେ ପଡିବ? ତେଣୁ ତୁରନ୍ତ ଏହି ରାସ୍ତାର ମରାମତି କରିବା ସହ ବର୍ଷା ପୂର୍ବରୁ ଡ୍ରେନେଜ୍ ବ୍ୟବସ୍ଥା ସୁଧାରିବାକୁ ସାଧାରଣ ଜନତା ଦାବି କରିଛନ୍ତି।

# ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ବାର୍ଷିକ ସାଧାରଣ ଅଧିବେଶନ




ଜଳେଶ୍ୱର, ୧୭।୭ (ସମିସ): ଜଳେଶ୍ୱର ବରିଷ୍ଠ ନାଗରୀକ ସୁରକ୍ଷା ମଞ୍ଚର ବାର୍ଷିକ ସାଧାରଣ ଅଧୀବେଶନ ସ୍ଥାନୀୟ ଭଂଜ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳ ୭ଘଟିକାରୁ ଭୁବନେଶ୍ୱରର ହେଲଥ ଭିଲ୍ଲା ଓ ସେଂଚୁରୀୟାନ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏକ ବରିଷ୍ଠ ନାଗରୀକଙ୍କ ପାଇଁ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ଅଧିବେଶନରେ ମଂଚର ସଭାପତି ଡ. ରମାକାନ୍ତ ଭଂଜ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ଡ. ଲଳିତ ରଂଜନ ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର ଯୋଗଦେଇ ବରିଷ୍ଠ ନାଗରୀକ ମାନଙ୍କର ସମାଜରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସ୍ଥଳେ ସେମାନଙ୍କ ପ୍ରତି ସରକାରଙ୍କ ଉଦାସିନତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ମିଲିଣ୍ଡ ପରଶାର, ହେଲଥ ଭିଲ୍ଲାର ମ୍ୟାନେଜର ନାରାୟଣ ମଲ୍ଲିକ, ସମାଜସେବୀ ଦିଲ୍ଲୀପ କୁମାର ଗିରି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ଶ୍ୟାମାଚରଣ ଦାସ, ଭାସ୍କର ମିଶ୍ର, ଶ୍ରୀମନ୍ତ ଘୋଷ, ରାଜାରାମ କରଶର୍ମା, ମନୋରଂଜନ ଦାସ, ସୁନୀଲ ନାୟକ, ସିଦ୍ଧେଶ୍ୱର ତ୍ରିପାଠୀ, ସୁତାଂଶୁ ସେନାପତି, ବିକାଶ ଧର, ଅପର୍ଣ୍ଣା ଚୌଧୁରୀ, ବନମାଳି ଧଳ, ଅଜିତ ଦାସ, ଜ୍ୟୋତିଷ ଚନ୍ଦ୍ର କର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିବା ସହିତ ଜଳେଶ୍ୱରର ବିଭିନ୍ନ ସମସ୍ୟା ଜଳେଶ୍ୱରକୁ ସବଡିଭିଜନ ଘୋଷଣା, ରାଇବଣିଆକୁ ଆଦିବାସୀ ବ୍ଲକ, ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ପୂର୍ବପରି ରେଳ ଯାତ୍ରାରେ ରିହାତି, ଅମୃତ ଭାରତ ଯୋଜନାରେ ରେଳ ଷ୍ଟେସନର କାର୍ଯ୍ୟ ତ୍ୱରାନ୍ୱିତ, ଉତ୍ତର କେବିନ ପାଖରେ ରେଳ ଓଭରବ୍ରିଜ ନିର୍ମାଣ ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ନେତା ଯୋଗେଶ ଚନ୍ଦ୍ର ରାଉଳ ମଂଚ ଆହ୍ୱାନ କରିଥିବାବେଳେ ମଞ୍ଚର ଉପସଭାପତି କପିଳେଶ୍ୱର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



# ରଥଯାତ୍ରାରେ ନରସିମା କ୍ଲବ ପକ୍ଷରୁ ସେବା କାର୍ଯ୍ୟ

ଜଳେଶ୍ୱର,୧୭।୭ (ସମିସ): ନୂଆ ବଜାର ନରସିମା କ୍ଲବ ପକ୍ଷରୁ ଘୋଷଯାତ୍ରା ରେ ଶ୍ରଦ୍ଧାଳୁଙ୍କୁ ସରବତ ବଣ୍ଟନ ସହ ସେବା ପ୍ରଦାନ କରାଯାଇଛି। ଯୁବ ସଂଗଠନର ଉପଦେଷ୍ଟା ସମାଜସେବୀ ରାଜେଶ ଖଟୁଆଙ୍କ ନେତୃତ୍ୱରେ ଅପରାହ୍ନରେ ବ୍ୟାପକ ପରିମାଣରେ ସରବତ ବିତରଣ ସହ ଆଶୀର୍ବାଦ ଭିକ୍ଷା କରିଥିଲେ। କ୍ଲବର ସଭାପତି ରନିତ ଦାସ, ସମ୍ପାଦକ ଖିତିଶ ବ୍ରହ୍ମ, ଆଲୋକ ଡଗର, ଅଂଶୁମାନ ଜେନା, ଚନ୍ଦନ ସେନାପତି, ଆକାଶ ପାତ୍ର, ରାଜା ରମଣ ରାଜ, ଅଭିଜିତ ସାହୁ, ସାଗର ସେନାପତି, ଅମିୟ ପରିଡ଼ା, ମହେଶ୍ୱର ଗିରି, ସ୍ୱାଭିମାନ ସେନାପତି, ଜ୍ୟୋତି ପ୍ରାକାଶ ନାୟକ, ଶଙ୍କର ଜେନା, ସୌମ୍ୟ କର, ରୁତୁ ରାଜ ଗିରି, ବାଚୁ ଭୂୟାଁ, ହିମାଂଶୁ ସାହୁ ପ୍ରମୁଖ ସେବା ଯୋଗାଇ ଥିଲେ।

# ନିଟ୍ ପରୀକ୍ଷାରେ ଜଳେଶ୍ୱରର ଦେବପ୍ରସାଦ ଦାସଙ୍କୁ ସଫଳତା

ଜଳେଶ୍ୱର ବ୍ଲକ, ୧୭।୭ (ସମିସ): ସର୍ବଭାରତୀୟ ୨୦୨୬ ମସିହାର ନିଟ୍ ପରୀକ୍ଷା ଦେଇଥିବା ସମଗ୍ର ଦେଶ ବିଦେଶରେ ପ୍ରାୟ ୨୧ ଲକ୍ଷ ପରୀକ୍ଷାର୍ଥୀ ପରୀକ୍ଷା ଫଳ ଗତ କାଲି ରାତିରେ ପ୍ରକାଶ ପାଇଥିବା ବେଳେ ଜଳେଶ୍ୱର ବ୍ଲକ ଆରୁହା



ପଞ୍ଚାୟତ ଆରୁହା ଗ୍ରାମର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପିତା ପ୍ରସନ୍ନ କୁମାର ଦାସ ଏବଂ ବୀଣାପାଣି ଦାସଙ୍କ ଏକମାତ୍ର ପୁତ୍ର ଦେବପ୍ରସାଦ ଦାସଙ୍କୁ ସଫଳତା ମିଳିଛି। ଦେବପ୍ରସାଦ ମୋଟ ୭୨୦ ନମ୍ବରରୁ ୫୮୧ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୧୭୬୪୪ ରାଙ୍କରେ ଥିଲା ବେଳେ ଜେନେରାଲ ଓପନ ରାଙ୍କରେ ୬୭୬୭ ରେଙ୍କ ରଖି ନିଜ ପାଇଁ ଏହି ଗୌରବ ଆଣିଛନ୍ତି। ପ୍ରକାଶ ଥାଉକି ଓଡିଶା ସରକାରଙ୍କ ନୂତନ ସଂରକ୍ଷଣ ନିତି ଦ୍ୱାରା ଓଡିଶା ସରକାରୀ ମେଡିକାଲ୍ କଲେଜରେ ଜେନେରାଲ ସିଟ୍ ସଂଖ୍ୟା ୧୧୮୬ ରୁ କମିଯାଇ ୭୨୭ ରେ ପହଞ୍ଚିଛି ଯେଉଁଠି ଜେନେରାଲ ଓପନର ସିଟ୍ ସଂଖ୍ୟା ୫୨୫ ଥିଲା। ତେଣୁ ଓଡିଶା ସରକାରଙ୍କ ନୂତନ ସଂରକ୍ଷଣ ନୀତି ଜେନେରାଲ ପିଲାଙ୍କ ପ୍ରତି ଏକ ମୃଦୁ ପ୍ରହାର ବୋଲି ଦେବପ୍ରସାଦ ଦୁଃଖ ସହକାରେ ପ୍ରକାଶ କରିଛନ୍ତି। ପୁଅର ସଫଳତା ପାଇଁ ପିତା ପ୍ରସନ୍ନ ଦାସ ଏବଂ ମାତା ବୀଣାପାଣି ଦାସ ଈଶ୍ୱରଙ୍କୁ ଗଭୀର କୃତଜ୍ଞତା ଜଣାଇବା ସହ ପୁଅର ଅଧ୍ୟବସାୟକୁ ପ୍ରଶଂସା କରିଛନ୍ତି। ଆରୁହା ସରପଞ୍ଚ ତପନୀ ଭୂୟାଁ, ସମିତି ସଭ୍ୟା ମଧୁମିତା ମହାନ୍ତି, ନାଏବ ସରପଞ୍ଚ ବରୁଣ କୁମାର ଜେନା, ସମସ୍ତ ୱାଡର୍ ସଭ୍ୟ ସଭ୍ୟା, ସାମ୍ବାଦିକ ମନୋଜ ଭୂୟାଁ, ସମାଜସେବୀ ଶ୍ରୀକଣ୍ଠ ମହାନ୍ତି, ହରନାରାୟଣ ଦାସ ମହାପାତ୍ର, ଅକ୍ଷୟ ବେହେରା, ମଧୁସୂଦନ ପ୍ରଧାନ, ରାଜେନ୍ଦ୍ର ନାରାୟଣ ଦାସ ପ୍ରମୁଖ ଏହି ସଫଳତା ପାଇଁ ଦେବପ୍ରସାଦଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସୋଲପଟାରେ ରଥଯାତ୍ରା

ବାଲେଶ୍ୱର,୧୭।୭ (ସମିସ): ସଦର ବ୍ଲକ୍ ଅନ୍ତର୍ଗତ ଛାନୁଆଁ ପଞ୍ଚାୟତସ୍ଥ ସୋଲପଟାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଠାକୁର ସେବକ ରାମଚନ୍ଦ୍ର ମାଝୀ ଓ କଳ୍ପନା ମାଝୀଙ୍କ ନେତୃତ୍ୱରେ ଅଜୟ ବେହେରା, ସତ୍ୟରଞ୍ଜନ ରାଉତ, ଅଜୟ ନାୟକ, ବିଜୟ ବେହେରା ଓ ଆଦିକନ୍ଦ ମାଝୀଙ୍କ ସମେତ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ରଥକୁ ଟାଣି ଲକ୍ଷବାଡ଼ିସ୍ଥ ପଞ୍ଚଲିଙ୍ଗେଶ୍ୱର ମାଉସୀବାଡ଼ି ପର୍ଯ୍ୟନ୍ତ ନେଇଥିଲେ। ସନ୍ଧ୍ୟାରେ କଳାକାରମାନେ କୀର୍ତ୍ତନ ଓ ଭଜନ ପରିବେଷଣ କରିଥିଲେ। ଶେଷରେ ମନ୍ଦିର କମିଟି ତରଫରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ରେମୁଣା ଗୋବିନ୍ଦଜୀଉ ମନ୍ଦିରରେ ରଥଯାତ୍ରା ଉତ୍ସବ

ରେମୁଣା, ୧୭।୭ (ସମିସ): ରେମୁଣା ସାହାଜୀପାଟଣାସ୍ଥିତ ଗୋବିନ୍ଦଜୀଉ ମନ୍ଦିରରେ ୭୦ତମ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଆଜିର ଏହି ରଥଯାତ୍ରା ଉତ୍ସବ ଅବସରରେ ଗୋବିନ୍ଦଜୀଉଙ୍କ ମନ୍ଦିର ଚଳ ଚଞ୍ଚଳ ହୋଇ ଉଠିଥିବାବେଳେ ସକାଳ ଠାରୁ ଚତୁର୍ଦ୍ଧାମୂରତୀ ଶ୍ରୀଶ୍ରୀଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରାଙ୍କ ପ୍ରଭାତ ନୀତିକ୍ରାନ୍ତିରେ ବାଲଧୁପ, ମଙ୍ଗଳଆରତୀ, ବିଭିନ୍ନ ଉପଚାରରେ ଫଳ, ମିଷ୍ଟାନ୍ନ, ଅନ୍ନ ଭୋଗ ସରିବାପରେ ଅପରାହ୍ନ ୩ ଟାରେ ମହାପ୍ରଭୁଙ୍କ ପହଣ୍ଡି ବିଜେ କରି ରଥାରୂଢ଼ ହୋଇଥିଲେ। ରଥ ଉପରେ ମହାପ୍ରଭୁଙ୍କ ୪ ସେବାୟତ ଭାବେ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ସନ୍ତୋଷ କୁମାର ପାଢ଼ୀ, ଗଣେଶ କୁମାର ପାଢ଼ୀ ଓ ବ୍ରଜକିଶୋର ପାଢ଼ୀଙ୍କ ପୌରାହିତ୍ୟରେ ମହାପ୍ରଭୁଙ୍କ ରଥର ଅଚ୍ଛାଞ୍ଚାମାଳ ସେବା ଓ ଜଗନ୍ନାଥଙ୍କ ବେଦଧ୍ୱନି ସହିତ ଜୟ ଜଗନ୍ନାଥ ଧ୍ୱନୀରେ ରଥଦାଣ୍ଡ ପ୍ରକମ୍ପିତ ହୋଇ ଉଠିଥିବାର ଦେଖିବାକୁ ମିଳିଥିଲା। ରଥଯାତ୍ରାରେ ବିଭିନ୍ନ ବାଦ୍ୟ ବାଦନ ସହିତ ଆଦିବାସୀ ନୃତ୍ୟ, ନାମ ସଂକୀର୍ତ୍ତନର ଭାବ ବିହ୍ୱଳ ନୃତ୍ୟ ରଥଟଣା ସହିତ ଏହି ରଥର ଶୋଭାଯାତ୍ରା ଦର୍ଶକ ଭକ୍ତ ଗଣକୁ ଆଧାତ୍ମିକ ମାର୍ଗକୁ ଦ୍ୱିଗୁଣିତ କରିଥିଲା। ରଥ ଟ୍ରଷ୍ଟର ଟ୍ରଷ୍ଟି ଭାବେ ପ୍ରଦୀପ ବେହେରା ଛେରା ପେହେରା ଦେଇଥିଲେ। ରଥ ଉପରେ ଡାହୁକ ଭାବେ ଶିକ୍ଷାବିତ ଗୌରାଙ୍ଗ ଚରଣ ପଢ଼ିଆରୀ ରଥର ଜଗନ୍ନାଥ ସଂସ୍କୃତିର ସମ୍ଭାଷଣ ଦେଇଥିଲେ। ରଥଯାତ୍ରା ସାହାଜୀପାଟଣା ଗୋବିନ୍ଦଜୀଉ ମନ୍ଦିରରୁ ବାହାରି ରେମୁଣା ବଜାର ଦେଇ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ରାତ୍ରି ୯ ଟାରେ ରଥ ପହଞ୍ଚିଥିଲା। ରଥରେ ମହାପ୍ରଭୁଙ୍କ ଅଧରପଣା ଓ ଭୋଗ ରାଗ ପରେ ରଥରୁ ଚତୁର୍ଦ୍ଧା ମୁରତିଙ୍କୁ ପହଣ୍ଡି ବିଜେ କରି ଶ୍ରୀ ଗୁଣ୍ଡିଚା ମନ୍ଦିର ରତ୍ନସିଂହାସନ ଜନ୍ମ ବେଦିରେ ଆରୁଢ଼ ହୋଇ ଶେଷନିତୀ କାନ୍ତି ପୂଜା ଅର୍ଚ୍ଚନା ଶେଷ ହୋଇଥିଲା। ଏହି ରଥ ଯାତ୍ରାରେ ଶାନ୍ତି ଶୃଙ୍ଖଳା ନିମନ୍ତେ ରେମୁଣା ପୋଲିସ ବାହିନୀ ନିୟୋଜିତ ଥିଲେ। ରଥଯାତ୍ରାକୁ ରଥ ଟ୍ରଷ୍ଟର ଭକ୍ତମାନେ ପରିଚାଳନା କରିଥିଲେ। ଏହି ରଥଯାତ୍ରାରେ ୨ହଜାର ଭକ୍ତଙ୍କ ସମାବେଶ ଥିଲା।


24001/296/2627

ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
**ଘୋଷଣା**

**No. RDM-LAB-GM-0013-2025- 16716 / R&DM, Dated 21.04.2026**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ତୁଣ୍ଡୁରା**, ଥାନା- **ପାଟପୁର**, ତହସିଲ- **ଦିଗପହଣ୍ଡି**, ଜିଲ୍ଲା- ଗଞ୍ଜାମରେ ନିମ୍ନ ସୂଚୀତ 'କ' ତଫସିଲ ଜମିରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗଞ୍ଜାମ ଜିଲ୍ଲାରେ ଛେଳିଗଡ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୧୮୯୧୪ ତା. ୨୩.୦୫.୨୦୨୫** ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ତୁଣ୍ଡୁରା**, ଥାନା- **ପାଟପୁର**, ତହସିଲ- **ଦିଗପହଣ୍ଡି**, ଜିଲ୍ଲା- ଗଞ୍ଜାମରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, (ଛେଳିଗଡ ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଜିଲ୍ଲା: ଗଞ୍ଜାମ — ତହସିଲ: - ଦିଗପହଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ତୁଣ୍ଡୁରା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୨.୯୩୨ | ଏକର ୧.୯୮୦ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଗଞ୍ଜାମ — ତହସିଲ: - ଦିଗପହଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୩୧.୦୭.୨୦୨୫।

ତୁଣ୍ଡୁରା ଗ୍ରାମର ଜମିର ବିବରଣୀ

ମୌଜା - ତୁଣ୍ଡୁରା — ତହସିଲ - ଦିଗପହଣ୍ଡି — ଜିଲ୍ଲା - ଗଞ୍ଜାମ

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ଚାଷୀଙ୍କ ନାମ ପିତାଙ୍କ ନାମ | ମୋଟ ଏରିଆ (ଏକର) | ଶ୍ରେଣୀ ବିଭାଜନ | ଅଧିଗ୍ରହଣ ହେବାକୁ ଥିବା ରକବା (ଏକର) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧ | ୧୮୨୬ | ଅରକ୍ଷିତ ପ୍ରଧାନ, ପି: ଅଙ୍କୁର ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୬୦ | ବିଲ ଅଣଜଳସେଚିତ ଦୁଇ | ୦.୦୬୦ | କେନାଲ ରେ ୦.୦୦୫ ଗୋଚର ପ୍ରତି ବଦଳରେ ୦.୦୫୫ |
| | | ୧୮୨୭ | | ୦.୧୧୦ | | ୦.୧୧୦ | ଗୋଚର ପ୍ରତି ବଦଳରେ |
| ୨ | ୪ | ୧୬୩୬ | ଅରକ୍ଷିତ ପ୍ରଧାନ, ପି: ବିପ୍ର ପ୍ରଧାନ, ସଚଳା ପ୍ରଧାନ, ସ୍ୱା: ବିପ୍ର ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୨୮୦ | ଘରବାରି | ୦.୧୯୦ | |
| ୩ | ୪୧ | ୧୮୨୮ | କାଳୁ ପ୍ରଧାନ, ପି: ବାଉରି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୧୪୦ | ବିଲ ଅଣଜଳସେଚିତ ଦୁଇ | ୦.୧୪୦ | ଗୋଚର ପ୍ରତି ବଦଳରେ |
| ୪ | ୪୮ | ୧୭୦୭ | କେଦାରନାଥ ପ୍ରଧାନ, ଶିବରାମ ପ୍ରଧାନ, ସୁଦର୍ଶନ ପ୍ରଧାନ, ଉଲି ପ୍ରଧାନ, ଲକ୍ଷ୍ମୀ ପ୍ରଧାନ, ପି: ଅର୍ଜୁନ ପ୍ରଧାନ, ହେମ ପ୍ରଧାନ, ସ୍ୱା: ଅର୍ଜୁନ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୬୦ | ବିଲ ଅଣଜଳସେଚିତ ଦୁଇ | ୦.୦୬୦ | |
| | | ୧୭୨୧ | | ୦.୦୬୫ | | ୦.୦୧୦ | |
| ୫ | ୫୩ | ୧୮୩୭ | ଖଲି ପ୍ରଧାନ, ପି: ବାଲାଜୀ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୩୫ | ବିଲ ଅଣଜଳସେଚିତ ଦୁଇ | ୦.୦୩୫ | ଗୋଚର ପ୍ରତି ବଦଳରେ |
| ୬ | ୭୨ | ୧୭୦୬ | ଝରା ପ୍ରଧାନ, ପି: ବାପାଣି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୧୮୫ | ବିଲ ଅଣଜଳସେଚିତ ଦୁଇ | ୦.୦୩୫ | |
| ୭ | ୭୪ | ୧୮୨୨ | ଟବଟିଆ ପ୍ରଧାନ, ଅନନ୍ତ ପ୍ରଧାନ, ବିଜୟ ପ୍ରଧାନ, ପି: ଦଣ୍ଡପାଣି ପ୍ରଧାନ, ଧନି ପ୍ରଧାନ, ସ୍ୱା: ଦଣ୍ଡପାଣି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୮୫ | ବିଲ ଅଣଜଳସେଚିତ ଦୁଇ | ୦.୦୮୫ | କେନାଲ ରେ ୦.୦୨୦ ଗୋଚର ପ୍ରତି ବଦଳରେ |
| | | ୧୮୨୩ | | ୦.୦୪୫ | | ୦.୦୪୫ | କେନାଲ ରେ ୦.୦୪୦ ଗୋଚର ପ୍ରତି ବଦଳରେ ୦.୦୦୫ |
| ୮ | ୮୧ | ୧୮୧୬ | ତ୍ରିନାଥ ପ୍ରଧାନ, ସୁମତି ପ୍ରଧାନ, ପି: ଅର୍ଜୁନ ପ୍ରଧାନ, ପାଟ ପ୍ରଧାନ, ସ୍ୱା: ଅର୍ଜୁନ ପ୍ରଧାନ, କେଦାର ପ୍ରଧାନ, ଲିଟୁ ପ୍ରଧାନ, ହରି ପ୍ରଧାନ, କୁନା ପ୍ରଧାନ, ମାମି ପ୍ରଧାନ, ଅମି ପ୍ରଧାନ, ପି: ଡାକ ପ୍ରଧାନ, କୁନ୍ତି ପ୍ରଧାନ, ସ୍ୱା: ଡାକ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୭୫ | ବିଲ ଅଣଜଳସେଚିତ ଦୁଇ | ୦.୦୭୫ | |
| ୯ | ୯୨ | ୧୬୫୨ | ଧନୁ ପ୍ରଧାନ, ପି: କୁସୁନ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୨୪୦ | ବିଲ ଅଣଜଳସେଚିତ ଦୁଇ | ୦.୧୨୫ | |
| ୧୦ | ୯୬ | ୧୮୧୫ | ଧୋଣ୍ଡ ପ୍ରଧାନ, ପି: ସିନ୍ଧୁ ପ୍ରଧାନ, କନ୍ଧ ପ୍ରଧାନ, ଅଭି ପ୍ରଧାନ, ଅନୁଛାୟା ପ୍ରଧାନ, ସର ପ୍ରଧାନ, ପି: ବୀର ପ୍ରଧାନ, ରୂପା ପ୍ରଧାନ, ସ୍ୱା: ବୀର ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୧୦୦ | ବିଲ ଅଣଜଳସେଚିତ ଦୁଇ | ୦.୧୦୦ | କେନାଲ ରେ ୦.୦୩୫ ଗୋଚର ପ୍ରତି ବଦଳରେ ୦.୦୬୫ |
| | | ୧୭୧୦ | | ୦.୦୩୫ | | ୦.୦୩୫ | |
| | | ୧୭୧୧ | | ୦.୧୨୦ | | ୦.୦୧୫ | |
| | | ୧୭୧୬ | | ୦.୦୩୫ | | ୦.୦୩୫ | |
| | | ୧୭୧୭ | | ୦.୦୭୦ | | ୦.୦୭୦ | କେନାଲ ରେ ୦.୦୫୫ ଗୋଚର ପ୍ରତି ବଦଳରେ ୦.୦୧୫ |
| | | ୧୭୧୮ | | ୦.୧୧୦ | | ୦.୦୯୦ | |
| | | ୧୭୧୯ | | ୦.୧୨୫ | | ୦.୧୨୫ | କେନାଲ ରେ ୦.୦୮୫ ଗୋଚର ପ୍ରତି ବଦଳରେ ୦.୦୪୦ |
| ୧୧ | ୧୦୬ | ୧୬୩୭ | ପାଣ୍ଡବ ପ୍ରଧାନ, ପି: ବାଲାଜି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୧୭୫ | ବିଲ ଅଣଜଳସେଚିତ ଦୁଇ | ୦.୦୩୦ | |
| ୧୨ | ୧୦୮ | ୧୮୨୦ | ପୁନି ପ୍ରଧାନ, ପି: ବୈଷ୍ଣବ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୪୦ | ବିଲ ଅଣଜଳସେଚିତ ଦୁଇ | ୦.୦୪୦ | |
| ୧୩ | ୧୧୩ | ୧୮୨୧ | ବାୟା ପ୍ରଧାନ, ସାରଥି ପ୍ରଧାନ, ଶଶି ପ୍ରଧାନ, ଅମାଲୁ ପ୍ରଧାନ, ସୁରେଖା ପ୍ରଧାନ, ଶୈଳ ପ୍ରଧାନ, ପି: ବାଲାଜି ପ୍ରଧାନ, ଆସେଲି ପ୍ରଧାନ, ସ୍ୱା: ବାଲାଜି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୬୫ | ବିଲ ଅଣଜଳସେଚିତ ଦୁଇ | ୦.୦୬୫ | କେନାଲ ରେ ୦.୦୬ ଗୋଚର ପ୍ରତି ବଦଳରେ ୦.୦୦୫ |
| ୧୪ | ୧୨୧ | ୧୭୦୮ | ବୃନ୍ଦାବନ ପ୍ରଧାନ, ପି: ବଇଷମ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୫୫ | ବିଲ ଅଣଜଳସେଚିତ ଦୁଇ | ୦.୦୫୫ | |
| | | ୧୭୦୯ | | ୦.୦୫୫ | | ୦.୦୨୦ | |
| | | ୧୭୨୦ | | ୦.୦୭୭ | | ୦.୦୨୫ | |
| ୧୫ | ୧୨୪ | ୧୮୩୮ | ଭଗବାନ ପ୍ରଧାନ, ପି: ପୁନିଆ ପ୍ରଧାନ, କାଞ୍ଚନ ପ୍ରଧାନ, ସ୍ୱା: ପୁନିଆ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୫୦ | ବିଲ ଅଣଜଳସେଚିତ ଦୁଇ | ୦.୦୫୦ | ଗୋଚର ପ୍ରତି ବଦଳରେ |
| ୧୬ | ୧୨୯ | ୧୮୧୭ | ଭୀମ ପ୍ରଧାନ, ପି: ଝଗଡୁ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୫୫ | ବିଲ ଅଣଜଳସେଚିତ ଦୁଇ | ୦.୦୧୦ | |
| ୧୭ | ୧୩୮ | ୧୮୩୬ | ମାଗତା ପ୍ରଧାନ, ପି: ଡମ୍ବ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୫୫ | ବିଲ ଅଣଜଳସେଚିତ ଦୁଇ | ୦.୦୫୫ | ଗୋଚର ପ୍ରତି ବଦଳରେ |
| ୧୮ | ୧୮୦/୧୧ | ୧୬୫୦ | କଂଗ୍ରେସ ପ୍ରଧାନ, ପି: ରଘୁ ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | ୦.୧୬୦ | ବିଲ ଅଣଜଳସେଚିତ ଦୁଇ | ୦.୦୨୦ | |
| | | ୧୬୫୧ | | ୦.୧୭୦ | | ୦.୧୭୦ | |

ମୋଟ ୧.୯୮୦ ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଂଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0071

## ବିପଦସଙ୍କୁଳ ରଥଟଣା

ତୁରୁମୁଙ୍ଗା, ୧୭।୭ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ମାଛଗଡ଼ରେ ରଥ ଟଣା ସମୟରେ ରଥର ଅଗ୍ରଭାଗରେ ୧୧ କେଭି ବିଦ୍ୟୁତ ତାର ଆସି ଯାଇଥିଲା। ପରେ ଏକ ବାଡ଼ିରେ ତାରକୁ ଟେକି ରଥ ପାରି କରୁଥିବା ଦେଖିବାକୁ ମିଳିଛି। ପ୍ରସାଶନ ଓ ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଜୀବନକୁ ବାଜି ଲଗାଇ ଜଣେ ସେବାୟତ ବାଡ଼ିରେ ବିଦ୍ୟୁତ ତାରକୁ ଟେକି ରଥ ପାରି କରୁଥିବା ଏକ ଭିଡିଓ ଭାଇରଲ ହୋଇଛି। ଏନେଇ ତୁରୁମୁଙ୍ଗା ଉପଖଣ୍ଡ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ରଥଟଣା ସମୟରେ ବିଦ୍ୟୁତ ସେବାକୁ ବିଚ୍ଛିନ୍ନ କରାଯାଇଥିଲା।



## ନାବାଳିକାକୁ ଦୁଷ୍କର୍ମ; ଯୁବକ ଗିରଫ

ତୁରୁମୁଙ୍ଗା, ୧୭।୭ (ସମତିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନାଞ୍ଚଳର ଜଣେ ୮ ବର୍ଷର ନାବାଳିକା ଘରେ ଏକୁଟିଆ ଥିବା ବେଳେ ଜଣେ ୨୫ବର୍ଷ ଯୁବକ ଘରୁ ଉଠାଇ ନେଇ ଏକ କାଜୁ ଗଛ ମୂଳରେ ଜୋରଜବରଦସ୍ତ ଦୁଷ୍କର୍ମ କରିଥିବା ଅଭିଯୋଗରେ ପାଟଣା ପୁଲିସ ଉକ୍ତ ଅଭିଯୁକ୍ତକୁ ଶୁକ୍ରବାର ଗିରଫ କରିଛି। ଗିରଫ ଯୁବକ ହେଲେ ପାଟଣା ଥାନା ବାରତଣିଆ ଗାଁର ଠାକୁର ମୁଣ୍ଡାଙ୍କ ପୁଅ କୁଶୁନୁ ମୁଣ୍ଡା(୨୫)। ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ପାଟଣା ଥାନାଧିକାରୀ କିରଣ ପ୍ରାସାଦ ସାହୁ କହିଛନ୍ତି। ଏନେଇ ପାଟଣା ଥାନାରେ ୨୬୩/୨୬ରେ ମାମଲା ରୁଜୁ ହୋଇଛି।



## ସାହାରପଡ଼ା ଅଞ୍ଚଳରେ ପ୍ରତିଦିନ ଚୋରି; ଲୋକେ ଆତଙ୍କିତ

ତୁରୁମୁଙ୍ଗା, ୧୭।୭ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅଞ୍ଚଳରେ କିଛି ଦିନ ହେବ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବୁଧବାର ଗୋଟିଏ ରାତିରେ ଦୁଇଟି ଘରକୁ ଟାର୍ଗେଟ କରି ଚୋରି ଘଟଣା ଘଟିଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ଦୁର୍ବୃତ୍ତମାନେ ଘରର ପଛପଟ ଝରକାର କବାଟ ଓ ଗ୍ରିଲ ତାଡ଼ି ଭିତରକୁ ପ୍ରବେଶ କରି ଚୋରି ଉଦ୍ୟମ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସାହାରପଡା ବ୍ଲକ ନିକଟରେ ବୁଲୁ ମହାନ୍ତଙ୍କ ଘରେ ଭଡାରେ ରହୁଥିବା ଶିକ୍ଷୟିତ୍ରୀ ବିଷ୍ଣୁ ମାଝୀଙ୍କ ଘରକୁ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଛପଟ ଝରକାର ଗ୍ରିଲ ତାଡ଼ି ପଶିଥିଲେ। ସେହି ସମୟରେ ଶିକ୍ଷୟିତ୍ରୀ ଓ ତାଙ୍କ ଝିଅ ଘରେ ଥିଲେ। ଦୁର୍ବୃତ୍ତମାନେ ବାହାର ପଟୁ ଗଡ଼ରେଜ, ବିଭିନ୍ନ ବ୍ୟାଗ ଓ ଘରୋଇ ସାମଗ୍ରୀ ଏଣେତେଣେ ପକାଇ ଦେଇଥିଲେ।

ଏକ ଭେନିଟି ବ୍ୟାଗରେ ଥିବା ପ୍ରାୟ ୩ ହଜାର ଟଙ୍କା ଚୋରି ହୋଇଥିବା ଶିକ୍ଷୟିତ୍ରୀ ଅଭିଯୋଗ କରିଛନ୍ତି। ସେହିପରି ଷ୍ଟେଟ ବ୍ୟାଙ୍କ ନିକଟରେ ପ୍ରଶ୍ନ କୁମାର ମହାପାତ୍ରଙ୍କ ଘରକୁ ମଧ ସମାନ ଢଙ୍ଗରେ ପଛପଟ ଝରକା ଭାଙ୍ଗି ଦୁର୍ବୃତ୍ତମାନେ ପଶିଥିଲେ। ତେବେ ପରିବାର ସଦସ୍ୟଙ୍କ ସଚେତନତା କିମ୍ବା ଅନ୍ୟ କୌଣସି କାରଣରୁ ସେଠାରୁ କୌଣସି ସାମଗ୍ରୀ ନେଇ ପାରିନଥିବା ସୂଚନା ମିଳିଛି। ଦୁଇଟି ଘରେ ଚୋରି ଘଟଣା ପରେ ସାହାରପଡା ଫାଣ୍ଡି ଅଧିକାରୀ ପାର୍ତ ଓରାମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅଞ୍ଚଳରେ ଅସ୍ଥାୟୀ ଭାବେ ବସବାସ କରୁଥିବା କିଛି ଲୋକଙ୍କୁ ହାଟ ପଡ଼ିଆ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ, ପ୍ରକୃତ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ପୁଲିସ ତଦନ୍ତ ଜୋରଦାର କରିଛି କ୍ଷ ଗୋଟିଏ ରାତିରେ ଦୁଇଟି ଘରକୁ ଟାର୍ଗେଟ କରି ଚୋରି ଘଟଣା ଘଟିବା ପରେ ସାହାରପଡା ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି। ସ୍ଥାନୀୟ ବାସିନ୍ଦାମାନେ ରାତ୍ରିକାଳୀନ ପାଟ୍ରୋଲିଂ ବଢ଼ାଇବା ସହ ଚୋରମାନଙ୍କୁ ଶୀଘ୍ର ଗିରଫ କରିବାକୁ ଦାବି କରିଛନ୍ତି।

## ଭୁଶୁଡ଼ିଲା ଗୁହାଳ; ବର୍ତ୍ତିଲେ ୭ ଗୋରୁ

ତୁରୁମୁଙ୍ଗା, ୧୭।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଅନ୍ତର୍ଗତ ପୁଟୁଳିଆ ଗ୍ରାମରେ ଗୁରୁବାର ଲଗାଣ ବର୍ଷା ହେବାରୁ ଶରତ ମହାନ୍ତଙ୍କ ଗୁହାଳ ଘରଟି ଭାଙ୍ଗି ତଳେ ପଡ଼ିଯାଇଛି। ଗୁହାଳ ଘର ଭିତରେ ୭ ଗୋରୁ ରହୁଥିବା ସମୟରେ ବର୍ଷା ହେବାରୁ ଘରଟି ଦବି ଯିବାରୁ ଗୁହାଳ ଘରର କାନ୍ଥଟି ସମ୍ପୂର୍ଣ୍ଣ ଭାଙ୍ଗି ପଡିଛି। ଏହି ଅଘଟଣରୁ ସମସ୍ତ ୭ ଗୋରୁ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଯାଇ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।



## ଦ୍ୱିତୀୟ ଶ୍ରୀକ୍ଷେତ୍ର ନିଆରା

# ମହିଳା ଟାଣୁଛନ୍ତି ସୁଭଦ୍ରା ରଥ

### ୧୫୭୫ରୁ ଆଜି ଯାଏଁ ଅକ୍ଷୁଣ୍ଣ ଅନନ୍ୟ ପରମ୍ପରା

### ୫ ଜଣ ମହିଳାରୁ ଏବେ ୫୦ହଜାର

ବାରିପଦା, ୧୭।୭ (ମନୋଜ ପଣ୍ଡା)

ଶ୍ରୀକ୍ଷେତ୍ର ପୁରୀ ଭଳି ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ରଥଯାତ୍ରା ପରମ୍ପରା ବେଶ୍ ନିଆରା ଓ ସମୃଦ୍ଧ। ମହାପ୍ରଭୁଙ୍କ ନୀତିକାନ୍ତିଠାରୁ ଆରମ୍ଭ କରି ରଥଟଣା ଓ ପ୍ରସାଦ ପର୍ଯ୍ୟନ୍ତ ଏଠାରେ ସବୁକିଛି ସ୍ୱତନ୍ତ୍ର। ବିଶେଷକରି ମହିଳାଙ୍କ ଦ୍ୱାରା ମା' ସୁଭଦ୍ରାଙ୍କ ରଥଟଣା ଏହି ଯାତ୍ରାକୁ ବିଶ୍ୱପ୍ରସିଦ୍ଧ କରିଛି। ତତ୍କାଳୀନ ମହାରାଜା ବୈଦ୍ୟନାଥ ଭଞ୍ଜଦେଓଙ୍କୁ ସ୍ୱୟଂ ବଡ଼ଠାକୁର ବଳଭଦ୍ର ସ୍ୱପ୍ନାଦେଶ ଦେଇ ଏଠାରେ ୧୫୭୫ରେ ମନ୍ଦିର ପ୍ରତିଷ୍ଠା କରିଥିଲେ। ସେହି ଦିନଠାରୁ ପ୍ରତିଦିନ ସନ୍ଧ୍ୟା ଆଳତି ସମୟରେ ଚତୁର୍ଦ୍ଧାମୂର୍ତ୍ତି ଏହି ମନ୍ଦିରରେ ବିଜେ କରନ୍ତି ବୋଲି ରହିଛି ପ୍ରଗାଢ଼ ବିଶ୍ୱାସ ରହିଛି। ପୁରୀଠାରୁ ଏଠାକାର ରଥଯାତ୍ରା ନୀତି ସମ୍ପୂର୍ଣ୍ଣ ଭିନ୍ନ। ପୁରୀରେ ରଥଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଅନୁଷ୍ଠିତ ହେଉଥିବାବେଳେ ବାରିପଦାରେ ଦ୍ୱିତୀୟା ଦିନ କେବଳ ପହଣ୍ଡି ହୋଇଥାଏ। ତୃତୀୟା ଓ ଚତୁର୍ଥୀ ଦୁଇଦିନ ଧରି ରଥଟଣା ହୁଏ। ପ୍ରଥମେ ବଳଭଦ୍ରଙ୍କ ରଥ ମାଉସୀମା ମନ୍ଦିରକୁ ଯାଏ ଓ ପଛେ ପଛେ ମା' ସୁଭଦ୍ରାଙ୍କ ରଥ ଆସି ଥାନା ସମ୍ମୁଖରେ ରହେ। ଦ୍ୱିତୀୟ ଦିନ ମା' ସୁଭଦ୍ରା ଓ ଜଗନ୍ନାଥଙ୍କ ରଥ ମାଉସୀମା ମନ୍ଦିରରେ ପହଞ୍ଚିଥାଏ। ହେଲେ ବାହୁଡା ଯାତ୍ରାରେ ଏହାର ଓଲଟା ହୋଇଥାଏ। ଅର୍ଥାତ ପ୍ରଥମେ ଜଗନ୍ନାଥ ଆସନ୍ତି ଓ ଶେଷ ଦିବସରେ ବଡଭାଇ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣାହୋଇ ଶ୍ରୀମନ୍ଦିର ନିକଟକୁ ଆସିଥାଏ। ସବୁଠାରୁ ବଡକଥା ହେଲା ୧୯୭୫ ଆନ୍ତର୍ଜାତିକ ମହିଳା ବର୍ଷ ପ୍ରାରମ୍ଭ ଅବସରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପ୍ରେରଣାରେ ଏଠାରେ ମହିଳାଙ୍କ ଦ୍ୱାରା ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥଟଣା ପ୍ରଥା ଆରମ୍ଭ ହୋଇଥିଲା। ସେତେବେଳେ ମହିଳାମାନେ ଆଗକୁ ଆସିବାକୁ ଡରୁଥିଲେ , ରଥ ବା ରଥ ଦଉଡିକୁ ମହିଳାମାନେ ଛୁଇଁବା ମଧ ବାରଣ ଥିଲା। ହେଲେ ରଥ ଉପରୁ ବାରିପଦାର ବିଶିଷ୍ଟ ସମାଜ ସଂସ୍କାରକ ବାବୁଲି (ପରମାନନ୍ଦ) ଆଚାର୍ଯ୍ୟ ଓ ରଥ କୋର୍ଡନ ମଧ୍ୟରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥିଙ୍କ ସମ୍ପର୍କୀୟ ଭଉଣୀ ଚନ୍ଦ୍ରିକା ମହାପାତ୍ର ଏବଂ ଇନ୍ଦୁମତୀ ପତିଙ୍କ ଡାକରାରେ କଳ୍ପନା ଷଡ଼ଙ୍ଗୀ, କୁନ୍ଦଲତା ଦାସ ଏବଂ ଶୈଳ ଦାସ- ତିନିଜଣ ପ୍ରଥମେ ଆଗକୁ ଆସି ମା'ଙ୍କ ରଥର ଦଉଡ଼ି ଧରିଥିଲେ।



ସେହିବର୍ଷ ବାହୁଡ଼ା ରଥଯାତ୍ରା ବେଳକୁ ଜିଲ୍ଲାପାଳ ବିବେକ ପଟ୍ଟନାୟକ ଚିଠି ଲେଖି ବାରିପଦାର ସବୁ ଗାର୍ଲସ ସ୍କୁଲ ଓ ମହିଳା କଲେଜକୁ ସାମିଲ କଲେ ଏବଂ ଦର୍ପଦଳନ ରଥର ମଝି ଦଉଡ଼ିଟି ମହିଳାମାନଙ୍କୁ ଦିଆଗଲା। ଏହା ଆମ ପାଇଁ ପରମ ସୌଭାଗ୍ୟ ଥିଲା ଯାହା ସବୁଦିନ ପାଇଁ ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିଯାଇଛି। ପରବର୍ତ୍ତୀ ବର୍ଷଗୁଡ଼ିକରେ ଏହା ଏକ ବିରାଟ ଜନଆନ୍ଦୋଳନ ଓ ପରମ୍ପରାରେ ପରିଣତ ହେଲା। ଯାହା ବିଶ୍ୱ ଇତିହାସ ରେ ସ୍ୱତନ୍ତ୍ର ସ୍ଥାନ ପାଇଲା ଏବଂ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାଟିରୁ ଜନସମାଜକୁ ନାରୀ ଶସକ୍ତିକରଣର ମହାନ ବାର୍ତ୍ତା ଦେଲା। ଏଭଳି ଏକ ଇତିହାସରେ ସାକ୍ଷୀ ପାଲଟି ମୁଁ ଧନ୍ୟ ହୋଇଛି ବୋଲି ଶ୍ରୀମା ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା କଳ୍ପନା ଷଡଙ୍ଗୀ ପ୍ରକାଶ କରିଛନ୍ତି। ସେହିପରି ଏଠାରେ ମହାପ୍ରଭୁଙ୍କ ପାଇଁ ମାଟି କୁଡୁଆ ବଦଳରେ ସ୍ଥାନୀୟ ଆଦିବାସୀ ସଂସ୍କୃତିର ପ୍ରତୀକ ଶାଳପତ୍ର ଖଲିରେ ଭୋଗ ଲଗାଯାଏ। ରଥଯାତ୍ରାର ବିଶେଷ ଆକର୍ଷଣ ହେଉଛି ମହାପ୍ରଭୁଙ୍କର ଦଳା ଖେଚୁଡ଼ି, ଗୁଡ଼ ଆରିସା ଓ ବିଶ୍ୱପ୍ରସିଦ୍ଧ ବଡ଼ା ତରକାରୀ ବା ରାମ ରୋଚକ। ଯାହାକୁ ପାଇବା ପାଇଁ ଭକ୍ତଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖାଦିଏ। କେବଳ ସେତିକି ନୁହେଁ, ପୁରୀରେ ନବକଳେବର ସମୟରେ ଦାରୁ ବିଗ୍ରହ ବଦଳୁଥିବାବେଳେ ବାରିପଦାରେ ୧୫୭୫ରୁ ସେହି ମୂଳ ବିଗ୍ରହଙ୍କର କେବଳ ଲେପ ବା ପଟି ବଦଳାଯାଇ ପୂଜା କରାଯାଉଛି। କଳାପାହାଡ଼ ଆକ୍ରମଣ ସମୟରେ ପୁରୀରେ ରଥଯାତ୍ରା ବନ୍ଦ ଥିବାବେଳେ ବାରିପଦାରେ କେବେ ରଥ ବନ୍ଦ ହୋଇନାହିଁ। ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନବିଦ୍ୟତେ'...ଏଣୁ ରଥାରୁଢ ମହାବାହୁଙ୍କୁ ଦେଖିବାପାଇଁ କାହିଁ କେତେ ଦୂରରୁ ଛୁଟି ଆସନ୍ତି ଭକ୍ତ। ଜଗନ୍ନାଥ ହେଉଛନ୍ତି ସବୁ ସାଧାରଣ ଓ ଆଦିବାସୀଙ୍କ ଦେବତା। କନ୍ଧ ଓ ଆଦିବାସୀ ସମ୍ପ୍ରଦାୟମାନେ ତିନୋଟି କାଠଗଣ୍ଡି ରଖି ବଳଭଦ୍ରଙ୍କୁ 'ମୁରବି ପେନୁ', ସୁଭଦ୍ରାଙ୍କୁ 'ତାନା ପେନୁ' ଓ ଜଗନ୍ନାଥଙ୍କୁ 'ଜାକେରି ପେନୁ' ଭାବେ ବହୁ ଦିନରୁ ପୂଜା କରିଆସୁଛନ୍ତି। ରଥ ଉପରୁ ଭକ୍ତଙ୍କୁ ଦିଆଯାଉଥିବା 'ଶ୍ରଦ୍ଧା ଲଡୁ' ବା 'ଗୁଡ଼ ଲଡୁ' ଆମର ବାଣ୍ଟି ଖାଇବାର ସଂସ୍କୃତିକୁ ସମଗ୍ର ବିଶ୍ୱକୁ ବାର୍ତ୍ତା ଦିଏ ବୋଲି କହିଛନ୍ତି ଶ୍ରୀ ପଣ୍ଡା। ସେହିପରି ମନ୍ଦିର ଗୁଡିକରେ ଶାଳପତ୍ର ଖଲିରେ ପ୍ରସାଦ ଲାଗିହେବା ପରମ୍ପରାକୁ ବଞ୍ଚିବାର ପ୍ରୟାସ କରୁଥିବାରୁ ନିଜକୁ ସୌଭାଗ୍ୟବାନ କହିଛନ୍ତି ଖଲିପତ୍ର ପ୍ରସ୍ତୁତ କାରିଣୀ ଅଞ୍ଜନା ନାଏକ।"ବାରିପଦାର ଏହି ଭଞ୍ଜ ସଂସ୍କୃତି ଓ ରଥଯାତ୍ରାର ପରମ୍ପରା ସାରା ବିଶ୍ୱରେ ନାରୀ ସଶକ୍ତିକରଣ ଓ ସାମାଜିକ ସଦଭାବନାର ଏକ ମହାନ ଉଦାହରଣ।

## ଥାନାରେ ଖଣି ଅଧିକାରୀଙ୍କୁ ଅଟକ ନେଇ ବିବାଦ



ବାରିପଦା/ଉଦଳା, ୧୭।୭ (ସମିସ): ଚୋରା ଲଘୁ ଚାଲାଣ ରୋକିବାକୁ ନିଜର କାର୍ଯ୍ୟ ସମ୍ପାଦନ ସମୟରେ ମୟୂରଭଞ୍ଜ ଜିଲ୍ଲା ଜୁନିୟର ମାଇନିଂ ଅଫିସର ଓ ମାଇନିଂ ଅଫିସରଙ୍କୁ ଉଦଳା ଉପଜିଲ୍ଲାପାଳଙ୍କ ଆଦେଶରେ ଥାନାରେ ଅଟକାଇ ରଖିବା ନେଇ ଲିଖିତ ଅଭିଯୋଗ ହୋଇଛି। ଖଣି ବିଭାଗର ଏହି ଅଧିକାରୀଙ୍କୁ କେଉଁ କାରଣରୁ ଅଟକାଇ ରଖାଯାଇଛି, ତାହାର

### ଖଣି ବିଭାଗ ଧରିଥିବା ଚୋରା ବାଲି ଟ୍ରାକ୍ଟରକୁ ଛାଡ଼ିଦେଲେ ଉପଜିଲ୍ଲାପାଳ

ସ୍ପଷ୍ଟ କାରଣ ମଗାଯାଇଛି। ଯାହା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ମୁତାବକ, ଶୁକ୍ରବାର ଉଦଳା ଅଞ୍ଚଳରେ ଖଣି ସ୍କ୍ୱାଡ୍ ଦ୍ୱାରା ଏନଫୋର୍ସମେଣ୍ଟ ଚଢ଼ଉରେ ଏକ ବାଲି ବୋଝେଇ ଟ୍ରାକ୍ଟର ଧରାପଡ଼ିଥିଲା। ଏହି ଟ୍ରାକ୍ଟର ଟ୍ରାନଜିଟ୍ ପାସ୍ ବିନା ବେଆଇନ ବାଲି ପରିବହନ କରୁଥିବାରୁ ନିୟମ ଉଲ୍ଲଙ୍ଘନ ହୋଇଥିଲା। ଖଣି ଅଧିକାରୀ ଉଦଳା ପୁଲିସ୍‌କୁ ଖବର ଦେବା ପରେ ପୁଲିସ୍ ଟ୍ରାକ୍ଟର୍‌କୁ ଜବତ କରି ଥାନାକୁ ନେଇଥିଲା। ଥାନାରେ ଥିବା ସମୟରେ କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳଙ୍କଠାରୁ ଫୋନ୍ ଆସିଥିଲା ଓ ଟ୍ରାକ୍ଟରକୁ ଉପଖଣ୍ଡ କାର୍ଯ୍ୟାଳୟକୁ ପଠାଇବା ପାଇଁ ଆଦେଶ ଦିଆଯାଇଥିଲା। ଉପଜିଲ୍ଲାପାଳ ଟ୍ରାକ୍ଟର ଛାଡ଼ି ଦେଇଥିବାବେଳେ ଖଣି ଅଧିକାରୀଙ୍କୁ ଥାନାରେ ଅଟକାଇ ରଖିବା ପାଇଁ ମୌଖିକ ଆଦେଶ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଖଣି ଅଧିକାରୀ ଉଦଳା ଥାନା ଇନ୍ସପେକ୍ଟରଙ୍କୁ ଲେଖିଥିବା ପତ୍ରରେ କହିଛନ୍ତି, ଆମକୁ କେଉଁ କାରଣରୁ ଅଟକାଇ ରଖାଯାଇଛି ଓ କେଉଁ ନିୟମ ଅନୁଯାୟୀ ଏହା କରାଯାଇଛି ତାହା ସ୍ପଷ୍ଟ କରନ୍ତୁ। ଏହି ପତ୍ରର ନକଲ ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ଏସ୍‌ପି, ଭଦ୍ରକ ସର୍କଲ୍ ଡେପୁଟି ଡାଇରେକ୍ଟର୍ ଅଫ୍ ମାଇନିଂ, ଭୁବନେଶ୍ୱର ମାଇନର୍ ମିନେରାଲ୍ସ ଡାଇରେକ୍ଟର, ମାଇନ୍ସ ଓ ଜିଓଲୋଜି ଡାଇରେକ୍ଟରଙ୍କୁ ପଠାଯାଇଛି। ଏହି ଘଟଣା ଖଣି ବିଭାଗ ଓ ପ୍ରଶାସନିକ ସ୍ତରରେ ଆଲୋଚନାର ବିଷୟ ହୋଇଛି। ତେବେ ଉଦଳା ଉପଜିଲ୍ଲାପାଳଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସ୍ଥାନୀୟ ଲୋକେ ଏହି ଘଟଣାର ତଦନ୍ତ ଓ ସଠିକ୍ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ଆଇଆଇସି ବନମାଳୀ ବାରିକଙ୍କୁ ଯୋଗାଯୋଗ କରିବାରୁ ଖଣି ବିଭାଗ ପକ୍ଷରୁ ଚଢ଼ଉ ପାଇଁ ଆସିଥିବା ଅଧିକାରୀ ଓ କର୍ମଚାରୀଙ୍କ ପରିଚୟ ଯାଞ୍ଚ ପାଇଁ ଉପଜିଲ୍ଲାପାଳ କହିବାରୁ ସେମାନଙ୍କୁ ଅଟକ ରଖାଯାଇଥିଲା। ଯାଞ୍ଚ ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା କହିଛନ୍ତି।

### ଖଡ଼ିଆ ଜନଜାତିଙ୍କ ନିଆରା ପରମ୍ପରା

## ରଜ ଦୋଳିଗୀତରେ ପରାଜିତ ଯୁବକଯୁବତୀଙ୍କ ରଥଯାତ୍ରାରେ ହେଲା ବିବାହ

ବାରିପଦା, ୧୭।୭ (ସମିସ): ଖଡ଼ିଆ ଜନଜାତିଙ୍କ ନିଆରା ପରମ୍ପରାର ବାହାଘର ପାଲବଣି ଦୁର୍ଗାପୂଜା ପଡିଆରେ ଅନୁଷ୍ଠିତ ହୋଇଯାଇଛି। ରଜପର୍ବ ସମୟରେ ଦୋଳିଗୀତରେ ପରାଜିତ ଯୁବକ ଯୁବତୀଙ୍କ ରଥଯାତ୍ରାରେ ବିବାହ ହୋଇଛି। ଖଡ଼ିଆ ଜନଜାତିର ପାରମ୍ପରିକ ବାଦ୍ୟଗୀତ ମହୋତ୍ସବ ଆୟୋଜନ ହୋଇ ବିବାହ ଧୁମଧାମ ମଧ୍ୟରେ ସମ୍ପନ୍ନ ହୋଇଛି। ମୟୂରଭଞ୍ଜ ଜିଲ୍ଲାର ଆଦିମ ଖଡିଆ ଜନଜାତିର ରଜ ପର୍ବରେ ଅନନ୍ୟ ପରମ୍ପରା ଆବାହମାନ କାଳରୁ ଜାରି ରହିଛି। ଖଡ଼ିଆ ସମ୍ପ୍ରଦାୟର ଅବିବାହିତ ଯୁବକଯୁବତୀ ସାରା ବର୍ଷ ଏହି ଦିନକୁ ଅପେକ୍ଷା କରି ରହିଥା'ନ୍ତି। କାରଣ ଖଡିଆ ସମ୍ପ୍ରଦାୟରେ ପରମ୍ପରା ମୁତାବକ ଖଡିଆ ସମ୍ପ୍ରଦାୟ ଅବିବାହିତ ଯୁବକଯୁବତୀ ରଜ ଦୋଳି ବାଦୀଗୀତ ମାଧ୍ୟମରେ ଅନ୍ତାକ୍ଷରୀ ପ୍ରତିଯୋଗିତା ହୋଇ ଗୀତରେ ଉଭୟ ଉଭୟଙ୍କୁ ହରାଇବାକୁ ଚେଷ୍ଟା କରନ୍ତି। ଯେଉଁ ପୁଅ ଯେଉଁ ଝିଅକୁ ହରାଏ ଅବା ଯେଉଁ ଝିଅ ଯେଉଁ ପୁଅକୁ ହରାଏ ଉଭୟଙ୍କ ବିବାହ ସ୍ଥିର ହୋଇଥାଏ। ଉକ୍ତ ବିବାହ ପାରମ୍ପରିକ ରୀତିରେ ରଥଯାତ୍ରା ସମୟରେ ବାହାଘର ସମ୍ପନ୍ନ ହୋଇଥାଏ। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ସଂସ୍କୃତି ଓ ପର୍ବ ସମ୍ପୂର୍ଣ୍ଣ ନିଆରା। ରଜ ଅବସରରେ ବାରିପଦା, ବଡସାହି, ବେତନଟୀ, ମୋରଡା, ରାସଗୋବିନ୍ଦପୁର, କପ୍ତିପଦା ଓ ଯଶିପୁର ଆଦି ବ୍ଲକର ଆଦିବାସୀ ଖଡିଆ ସମ୍ପ୍ରଦାୟର ଅବାଳ ବୃଦ୍ଧ ବନିତା ପିଠାପଣା, ନାଚଗୀତ ଓ ଦୋଳି ଖେଳରେ ମସଗୁଲ ହୋଇ ରଜପର୍ବ ପାଳନ କରିଥାନ୍ତି। ଦୋଳି ପଡିଆରେ ସମସ୍ତେ ଏକାଠି ହୋଇଥାନ୍ତି। ଖଡିଆ ସମ୍ପ୍ରଦାୟର ଅବିବାହିତ ଯୁବକ ଯୁବତୀ ନିଜ ନିଜର ପାରମ୍ପାରିକ ଦୋଳି ବାଦୀ ଗୀତର ଅନ୍ତାକ୍ଷରୀ ପ୍ରତିଯୋଗୀତାରେ ଭାଗ ନିଅନ୍ତି। ଏକ ପ୍ରତିଯୋଗୀତା ମୂଳକ ପରିବେଶ ମଧ୍ୟରେ ଅନ୍ତାକ୍ଷରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ହାରିଯିବାର ଭୟ ଆଉ ଜିତିବାର ଖୁସିରେ ଯୁବକ ମାନେ ଉତ୍ସାହିତ ଥିବା ବେଳେ ଯୁବତୀ ମାନେ ମଧ ନିଜ ପସନ୍ଦ ଥିବା ଯୁବକ ମାନଙ୍କୁ ହରାଇବା ପାଇଁ ଲାଗିଥାନ୍ତି। କାରଣ ହରାଇବା ମାନେ ହିଁ ପରମ୍ପରା ଅନୁସାରେ ବିବାହ ସ୍ଥିର ହୁଏ। ଆଦିବାସୀ ଆଦିମ ଜନଜାତି ଖଡିଆ ସମ୍ପ୍ରଦାୟରେ ଏ ପ୍ରଥା ଓ ପରମ୍ପରା କାହି କେଉଁ କାଳରୁ ଚାଲି ଆସୁଛି। ତେବେ ନିଜ ଗାଁର ଯୁବତୀ ଏହି ପ୍ରତିଯୋଗୀତାରେ ଭାଗ ନେଉଥିବା ବେଳେ ଅନ୍ୟ ଗାଁରୁ ଯୁବକା ପ୍ରତିଯୋଗୀତା ଭାଗନେବାକୁ ଆସିଥାନ୍ତି। ପ୍ରତିଯୋଗିତା ମାଧ୍ୟମରେ ବିବାହ ସ୍ଥିର ହେବା ପରେ ରଥଯାତ୍ରାରେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଖଡିଆ ସମ୍ପ୍ରଦାୟର ଲୋକେ ମହାପ୍ରଭୁ ଜଗନ୍ନାଥଙ୍କୁ ନିଜର ଆରାଧ ଦେବତା ବଡାମ ନାମରେ ପୂଜା କରିଥାନ୍ତି। ତେଣୁ ତାଙ୍କୁ ହିଁ ସାକ୍ଷୀ ରଖି ଜୀବନ ସାଥି ବାଛିଥାନ୍ତି। ଏ ପରମ୍ପରା ଓ ପ୍ରଥାକୁ ଦେଖିବା ପାଇଁ ବାହାର ଅଞ୍ଚଳରୁ ମଧ ଲୋକ ମାନଙ୍କ ଆସିଥାନ୍ତି। ତେବେ ଆଧୁନିକ ଯୁଗରେ ମଧ ଆଦିମ ଜନଜାତି ଖଡିଆ ସମ୍ପ୍ରଦାୟର ଲୋକେ ଏଭଳି ପ୍ରଥା ଓ ପରମ୍ପରାକୁ ଆଜି ପର୍ଯ୍ୟନ୍ତ ବଜାୟ ରଖିଛନ୍ତି ତାହା ସବୁଠାରୁ ବଡ କଥା ବୋଲି ଆଦିବାସୀ ସଂସ୍କୃତି ଗବେଷକ କହିଛନ୍ତି।

## କେନ୍ଦୁଝର ଜିଲ୍ଲା ଜଳ ଓ ପରିମଳ କମିଟିର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା

କେନ୍ଦୁଝର, ୧୭।୭ (ସମିସ): କେନ୍ଦୁଝର ଜିଲ୍ଲା ପରିଷଦ ଆନୁକୂଲ୍ୟରେ ଜିଲ୍ଲା ଜଳ ଓ ପରିମଳ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କ ସଭାପତିତ୍ୱ ଏବଂ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ କ୍ଷୁଦ୍ର ସମ୍ମିଳନୀ କକ୍ଷଠାରେ ଏହି ବୈଠକରେ ଜିଲ୍ଲାର ପ୍ରତ୍ୟେକ ପରିବାର, ସମସ୍ତ ସାଧାରଣ ସ୍ଥାନ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ପାଇପ୍ ଯୋଗେ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଇ ଦେବା ପାଇଁ ତୃଣମୂଳ ସ୍ତରରେ ଜାରି ରହିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଜିଲ୍ଲାରେ ଚାଲିଥିବା ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ବର୍ତ୍ତମାନର ସ୍ଥିତି ଏବଂ ଏହାର ସଫଳ ରୂପାୟନ ପାଇଁ ନିୟମିତ ସମୀକ୍ଷା କରିବା ଉପରେ ଆଲୋଚନା କରିଥିଲେ। ଜଳଯୋଗାଣ ପ୍ରକଳ୍ପଗୁଡ଼ିକ ସହିତ ଜଡ଼ିତ ବିଦ୍ୟୁତ, ବନ, ପୂର୍ତ୍ତ, ଶିକ୍ଷା, ଗୃହ ନିର୍ମାଣ, ରାଜସ୍ୱ ଏବଂ ଜାତୀୟ ରାଜପଥ ନିର୍ମାଣ ଭଳି ବିଭିନ୍ନ ବିଭାଗର ଅଧିକାରୀମାନେ ଏହି କାର୍ଯ୍ୟକାରୀ ବୈଠକରେ ଯୋଗ ଦେଇ କ୍ଷେତ୍ର ସ୍ତରରେ ଦେଖାଦେଉଥିବା ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ନେଇ ନିଜ ନିଜର ମତ ପ୍ରକାଶ କରିଥିଲେ। ଜିଲ୍ଲାପାଳ ଶ୍ରୀ ସିଂହ ଏହି କାର୍ଯ୍ୟନିର୍ବାହୀ କମିଟି ବୈଠକକୁ ପ୍ରତ୍ୟେକ ଉପଖଣ୍ଡ ଓ ବ୍ଲକ ସ୍ତରରେ ମଧ ନିୟମିତ ଭାବେ ଆୟୋଜନ କରି କାର୍ଯ୍ୟର ଅଗ୍ରଗତି ତଦାରଖ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

### ନଟିଆ ଗାଁକୁ ବିଦ୍ୟୁତ୍ ସଂଯୋଗ ନେଇ ଉତ୍ତେଜନା

## ଗ୍ରାମବାସୀଙ୍କ ଥାନା ଘେରଉ ଓ ପ୍ରତିବାଦ

ଶରତ/ଆନନ୍ଦପୁର/ଘଷିପୁରା, ୧୭।୭ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାମୁକାନେଣ୍ଡି ଗ୍ରାମପଞ୍ଚାୟତର ପ୍ରାୟ ୪୦୦ ପରିବାର ବିଦ୍ୟୁତ ଆଲୋକ ପାଇ ପାରି ନାହାନ୍ତି। ଗ୍ରାମବାସୀଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେବା ଦାବିରେ ଗ୍ରାମବାସୀ ଚଳିତ ବର୍ଷ ଜାନୁୟାରୀ ୬ ତାରିଖ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଏବଂ ଗଣଧାରଣା ପ୍ରଦର୍ଶନ କରି କେନ୍ଦୁଝର ଜିଲ୍ଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।



ସୂଚନା ଅନୁସାରେ, ଶାମୁକାନେଣ୍ଡି ଗ୍ରାମପଞ୍ଚାୟତର ନଟିଆ, ବରଗୋଠ, ଆମ୍ବଡାହି, ଝାଟିଆ, ବାଇବୁରୁ, ବାଦୁଡିବସା, ହାଡିବସା, କଣ୍ଡିତଳୀ, ଭାର୍ଶାଡାହି, ପଠାନଡାହି, ତଳକମ୍ପାଦା, ମଧୁବନ, କାଳିଆପାଣି ଏବଂ ଚିଲିକାଭାହାଳି ପ୍ରଭୃତି ଗ୍ରାମକୁ ଆଜି ବି ବିଦ୍ୟୁତ ଆଲୋକ ପହଞ୍ଚି ପାରି ନାହିଁ। ଚଳିତ ଜୁଲାଇ ୧୦ ତାରିଖ ଶାମୁକାନେଣ୍ଡି ଗ୍ରାମପଞ୍ଚାୟତର ନଟିଆ ଗ୍ରାମବାସୀ ଟଙ୍କା କଲେକ୍ସନ କରି ନିଜସ୍ୱ ଅର୍ଥରେ ତାର କିଣିବା ସହିତ ବାଉଁଶ ଖୁଣ୍ଟ ଏବଂ ଶୁଖିଲା ଗଛ ପୋତି ଗ୍ରାମକୁ ବିଦ୍ୟୁତ ତାର ଟାଣିବା ଭଳି ଘଟଣା ଦେଖିବାକୁ ମିଳିଥିଲା। ଏହି ଘଟଣାର ପାଞ୍ଚ ଦିନ ପରେ ୧୫ ତାରିଖ ବିଦ୍ୟୁତ ଆନନ୍ଦପୁର ବିଭାଗର ଅଧିକାରୀ, ବନ ବିଭାଗର ଅଧିକାରୀ ଏବଂ ଘଷିପୁରା ଥାନା ପୁଲିସ ନଟିଆ ଗ୍ରାମକୁ ଯାଇ ବିଦ୍ୟୁତ ସଂଯୋଗ ନ କରିବାକୁ ଗ୍ରାମବାସୀଙ୍କୁ ବାରଣ କରିଥିଲେ। ଖୋଲା ଭାବେ ବିଦ୍ୟୁତ ସଂଯୋଗ ହେଲେ ବିଦ୍ୟୁତଜନିତ ଦୁର୍ଘଟଣା ଘଟି ଧନଜୀବନ ହାନି ହେବା ଆଶଙ୍କା କରୁଛି ସ୍ଥାନୀୟ ପ୍ରଶାସନ। ଅନ୍ୟପକ୍ଷରେ, ଘଷିପୁରା ପୁଲିସ ୱାର୍ଡ ନମ୍ବର ୧୨ର ୱାର୍ଡମେମ୍ବର କିଶାନ ପିଙ୍ଗୁଆଙ୍କୁ ଖୋଜୁଥିଲା ବେଳେ ସେ ଅନୁପସ୍ଥିତ ଥିବାରୁ ଫେରିଯାଇଥିଲା। ଆଜି ଘଷିପୁରା ପୁଲିସ ଥାନାର ଅଧିକାରୀ ଶ୍ରୀ ପିଙ୍ଗୁଆଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ଧମକାଇବା ସହିତ ତାଙ୍କୁ ଆସି ଦେଖା କରିବା ପାଇଁ ଡକାଇଥିଲେ। ଗ୍ରାମବାସୀ ବିଦ୍ୟୁତ ତାର ଟାଣିଥିବାରୁ କିଶାନ ପିଙ୍ଗୁଆଙ୍କ ନାମରେ ଘଷିପୁରା ପୁଲିସ ମିଛ ମାମଲା ରୁଜୁ କରି ଗିରଫ କରିବା ଆଶଙ୍କା କରି ଆଜି ନଟିଆ ସମେତ ବରଗୋଠ, ଆମ୍ବଡାହି, ଝାଟିଆ ଏବଂ ବାଇବୁରୁ ପ୍ରଭୃତି ଗ୍ରାମର ଶତାଧିକ ପୁରୁଷ ଏବଂ ମହିଳା ଘଷିପୁରା ଥାନା ଘେରଉ କରିବା ସହିତ ଥାନା ସମ୍ମୁଖରେ ବିକ୍ଷୋଭ ଏବଂ ଗଣଧାରଣାରେ ସାମିଲ ହୋଇଥିଲେ। ଘଷିପୁରା ପୁଲିସ, ଘଷିପୁରା ବିଦ୍ୟୁତ ବିଭାଗ ଏବଂ ଘଷିପୁରା ବନ ବିଭାଗ ବିରୋଧରେ ନାରାବାଜି କରିଥିଲେ। ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପାଇଁ ଘଷିପୁରା ତହସିଲଦାର ଅଭୟ କୁମାର ସ୍ୱାଇଁ ଥାନା ସାମ୍ନାକୁ ଆସିଥିଲେ ମଧ ଲୋକେ ବୁଝିବା ଅବସ୍ଥାରେ ନ ଥିଲେ। ପରବର୍ତ୍ତୀ ସମୟରେ ଆନ୍ଦୋଳନ ତୀବ୍ରତର ହେବା ଦେଖିବାକୁ ମିଳିଥିଲା। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଘଷିପୁରା ଥାନା ପାଖକୁ ଯାଇ ଉତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନକାରୀ କହିଛନ୍ତି, ସରକାର ଏବଂ ପ୍ରଶାସନ ଆମକୁ ବିଦ୍ୟୁତ ସେବା ଯୋଗାଇ ଦେଉ ନାହାନ୍ତି ଏବଂ ଆମ୍ଭେ ନିଜ ଖର୍ଚ୍ଚରେ ତାର କିଣି ଗ୍ରାମକୁ ବିଦ୍ୟୁତକରଣ କରିବା ପାଇଁ ଅଣ୍ଟା ଭିଡ଼ିଛୁ ଏବଂ ଏହି ସମୟରେ ପ୍ରଶାସନ ପୁଲିସକୁ ବ୍ୟବହାର କରି ଆମକୁ ଆଇନଗତ କାର୍ଯ୍ୟାନୁଷ୍ଠାନର ଭୟ ଦେଖାଉଛନ୍ତି। ଏହି ଘଟଣାରେ ଉପଜିଲ୍ଲାପାଳ କହିଛନ୍ତି, ମୁଁ ଗ୍ରାମବାସୀଙ୍କଠାରୁ ଦାବିପତ୍ର ଗ୍ରହଣ କରିଛି ଏବଂ ସନ୍ଧ୍ୟା ସୁଦ୍ଧା ଜିଲ୍ଲାପାଳଙ୍କୁ

### ୪୦୦ ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ

### ବିଦ୍ୟୁତ୍ ସଂଯୋଗ ନ ହେଲେ ଅନଶନ ଚେତାବନୀ

ମେଲ ଯୋଗେ ପ୍ରେରଣ କରି ସମସ୍ୟା ସମ୍ପର୍କରେ ଅବଗତ କରାଇବି। ଗ୍ରାମବାସୀଙ୍କ ମତ ହେଲା, ତାଙ୍କ ଗ୍ରାମକୁ ବିଦ୍ୟୁତ ସଂଯୋଗ ନ ହୋଇ ପାରିଲେ ସେମାନେ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ। ୱାର୍ଡମେମ୍ବର କିଶାନ ପିଙ୍ଗୁଆଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ଥାନା ଘେରଉର ବୁଦ୍ଧିଆ ଶିର୍କା, ସାମାଜିକ କର୍ମୀ ଗାମାଏ ରୀମିଲ ସିଂ ଗୋଇପାଇ, ଡମ୍ବରୁଧର ଦରାଇ, ଗୋବର୍ଦ୍ଧନ ପିଙ୍ଗୁଆ, ଭାରତୀ ପିଙ୍ଗୁଆ, ପିଣ୍ଟୁ ହେମ୍ବ୍ରମ, ଜମାଦାର ବାଲମୁଚୁ, ନବୀନ ମୁଣ୍ଡରୀ, ଶାନ୍ତି ବିରୁଆ, ବିଜୟ ବିରୁଆ, ରଜନୀ ପିଙ୍ଗୁଆଙ୍କ, ଚକ୍ରଧର ବିରୁଆଙ୍କ ସମେତ ଶତାଧିକ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।

## ୪ ଛେଳି ଚୋରି

ତୁରୁମୁଙ୍ଗା, ୧୭।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ବଡ଼ପାଟଣା ପଞ୍ଚାୟତ ଅନ୍ତର୍ଗତ ଗୁଲୁଦିପଶି ଗ୍ରାମରେ ଗୁରୁବାର ରାତିରେ ଜଗନ୍ନାଥ ବାରିକଙ୍କ ଘର ଭିତରୁ ୪ଟି ଛେଳି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଜଗନ୍ନାଥଙ୍କ ପୁଅ ସାଙ୍ଗରେ ରଥଯାତ୍ରା ଦେଖିବା ପାଇଁ ପୁରୀ ଯାଇଥିବା ବେଳେ ଘରେ ତାଙ୍କର ସ୍ତ୍ରୀ ଏକୁଟିଆ ଥିଲେ। ଦୁର୍ବୃତ୍ତମାନେ ସୁଯୋଗ ଦେଖଇ ବାହାର ପଟେ ଶିଙ୍କୁଳି ମାରି ଘର ଭିତରେ ଥିବା ୨ଟି ଖାସି ସହ ଦୁଇଟି ମାଈ ଛେଳିକୁ ନେଇ ଫେରାର ହୋଇଥିଲେ। ସକାଳେ ଏନେଇ ପାଟଣା ଥାନାରେ ଲିଖିତ ଅଭିଯୋଗ ହୋଇଛି।

## ତନିଶା ମୋଟର୍ସ ଇଭି ସୋରୁମ ପ୍ରଥମ ପ୍ରତିଷ୍ଠା ଦିବସ




ତୁରୁମୁଙ୍ଗା, ୧୭।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଖିରେଇଟାଙ୍ଗିରୀସ୍ଥିତ ତନିଶା ମୋଟର୍ସ ଇଭି ସୋ ରୁମର ବାର୍ଷିକ ଉତ୍ସବ ପାଳନ କରାଯାଇଛି। ସୋରୁମର ଗ୍ରାହକଙ୍କୁ ନେଇ ଏକ ଲଟେରୀ ପ୍ରତିଯୋଗିତାରେ ୩୦୦ ଗ୍ରାହକ ମଧ୍ୟରୁ ପ୍ରଥମ ଦ୍ୱିତୀୟ ଓ ତୃତୀୟ ବିଜେତା ଚୟନ କରାଯାଇଥିଲା। ପ୍ରଥମ ପ୍ରତିଯୋଗୀ ଭାବେ ଅନିଲ ଗୁପ୍ତା କେନ୍ଦୁଝର, ଦ୍ୱିତୀୟରେ ଯୁଧିଷ୍ଠିର ମହାନ୍ତ ରାଇକଲା ଏବଂ ତୃତୀୟରେ ଅଚ୍ୟୁତ ନନ୍ଦ ସାହୁ ଚୟନ ହୋଇଥିଲେ। ଏହି ଅବସରରେ ତାନିସା ମୋଟର୍ସର ପ୍ରୋପେଟର ମାୟାଧର ମଣ୍ଡଳ ଗ୍ରାହକଙ୍କୁ ଇଭି ଗାଡ଼ିର ଉପକାରିତା ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ସିଭାଂଶ ମୋଟର୍ସ ପ୍ରୋପିଟର ଦୀପକ ମଣ୍ଡଳ, ସୁଶାନ୍ତି ମଣ୍ଡଳ, ମନୀଷା ମଣ୍ଡଳ, ତାନିଶା ମଣ୍ଡଳଙ୍କ ସହ ତାନିଷ ମୋଟର୍ସର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୫୭- ବମ୍ବେ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୨୭- ଗଜଲ ସମ୍ରାଟ୍ ମେହେନ୍ଦି ହାସନ୍‌ଙ୍କ ଜନ୍ମ।
- ୧୯୭୭- ଭିଏତନାମ ଜାତିସଂଘର ସଦସ୍ୟ ହେଲା।
- ୧୯୮୦- ସଂପୂର୍ଣ୍ଣ ଭାବେ ଭାରତ ଦ୍ୱାରା ନିର୍ମିତ ଉପଗ୍ରହ 'ରୋହିଣୀ-୧' ପୃଥିବୀ କକ୍ଷରେ ସ୍ଥାପିତ ହେଲା।
- ୨୦୦୨- ଏପିଜେ ଅବଦୁଲ୍ କଲାମ୍ ଦେଶର ୧୨ତମ ରାଷ୍ଟ୍ରପତି ହେଲେ।
- ୨୦୧୨- ବଲିଉଡ୍ ଅଭିନେତା ରାଜେଶ ଖାନ୍ନାଙ୍କ ଦେହାନ୍ତ।



# ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସ

ପ୍ରତିବର୍ଷ ଜୁଲାଇ ୧୮ ତାରିଖକୁ ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସ ଭାବେ ପାଳନ କରାଯାଏ। ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ତଥା ନୋବେଲ ଶାନ୍ତି ପୁରସ୍କାର ବିଜେତା ମଣ୍ଡେଲାଙ୍କ ଜନ୍ମଦିନ ଅବସରରେ ଏହା ପାଳନ କରାଯାଏ। ୨୦୦୯ ମସିହା ନଭେମ୍ବର ମାସରେ ମିଳିତ ଜାତିସଂଘ ଦ୍ୱାରା ଏହି ଦିବସ ପାଳନ କରିବା ପାଇଁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା। ପ୍ରଥମ ଥର ପାଇଁ ୧୮ ଜୁଲାଇ, ୨୦୧୦ରେ ସାରା ବିଶ୍ୱରେ ଏହି ଦିବସ ପାଳିତ ହୋଇଥିଲା। ସମାଜରୁ ଦାରିଦ୍ର୍ୟ ଦୂରୀକରଣ, ଲିଙ୍ଗଗତ ସମାନତା ଏବଂ ମାନବ ଅଧିକାରର ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରିବା ଏହି ଦିବସର ଲକ୍ଷ୍ୟ ଅଟେ। ମଣ୍ଡେଲା ଜଣେ ବର୍ଣ୍ଣବୈଷମ୍ୟ ବିରୋଧୀ ନେତା ଭାବେ ସାରା ବିଶ୍ୱରେ ପରିଚିତ। ସେ ମହାତ୍ମା ଗାନ୍ଧୀଙ୍କ ଅହିଂସା ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇଥିବାରୁ ତାଙ୍କୁ ଦକ୍ଷିଣ ଆଫ୍ରିକାର 'ଗାନ୍ଧୀ' ବୋଲି କୁହାଯାଏ। ସେ ଦକ୍ଷିଣ ଆଫ୍ରିକାର ପ୍ରଥମ କୃଷ୍ଣକାୟ ରାଷ୍ଟ୍ରପତି ଥିଲେ। ମଣ୍ଡେଲାଙ୍କ ଜୀବନର ମୁଖ୍ୟ ସଂଗ୍ରାମ ଥିଲା କୃଷ୍ଣକାୟ ଓ ଶ୍ୱେତାଙ୍ଗଙ୍କ ମଧ୍ୟରେ ଥିବା ରଙ୍ଗଭେଦ ନୀତିର ବିଲୋପ କରିବା। ତାଙ୍କ ନୀତି ଏବଂ ଆଦର୍ଶକୁ ମନେ ପକାଇବା ତଥା ଭେଦଭାବ ଭୁଲି ବିଶ୍ୱକୁ ଏକତାର ବନ୍ଧନରେ ବାନ୍ଧି ରଖିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଏହି ଦିନ ସମସ୍ତଙ୍କୁ ଦାରିଦ୍ର ତଥା ସାମାଜିକ ଅନ୍ୟାୟ ବିରୁଦ୍ଧରେ ପଦକ୍ଷେପ ନେବାକୁ ଉତ୍ସାହିତ କରାଯାଏ। ମଣ୍ଡେଲା ଆଫ୍ରିକାରେ ସାମାଜିକ ନ୍ୟାୟ ପାଇଁ ୬୭ ବର୍ଷ ଧରି ସଂଗ୍ରାମ ଜାରି ରଖିଥିଲେ। ଏହି ୬୭ ବର୍ଷ ମଧ୍ୟରୁ ୨୭ ବର୍ଷ ସେ ଜେଲରେ ଜୀବନ କାଟିଥିଲେ। ସେ ଦକ୍ଷିଣ ଆଫ୍ରିକାରେ ଜାତିବାଦ ପ୍ରଥାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏହା ସହ ସାମାଜିକ ସମାନତା ପାଇଁ ସେ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କର ଏହି ନିଃସ୍ୱାର୍ଥପର କାମ ପାଇଁ ତାଙ୍କୁ ୨୫୦ରୁ ଅଧିକ ପୁରସ୍କାର ମିଳିଥିଲା। ୧୯୯୦ ମସିହାରେ ତାଙ୍କୁ ଭାରତ ରତ୍ନ ଏବଂ ୧୯୯୩ ମସିହାରେ ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୧୩ ଡିସେମ୍ବର ୫ ତାରିଖରେ ତାଙ୍କର ପରଲୋକ ଘଟିଥିଲା। ୨୦୨୬ ମସିହା ପାଇଁ ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସର ବିଷୟବସ୍ତୁ ରହିଛି "ଦାରିଦ୍ର୍ୟ ଏବଂ ଅସମାନତା ବିରୋଧରେ ଲଢ଼େଇ କରିବା ଏବେ ବି ଆମ ହାତରେ ଅଛି"।

# ଦିଆସିଲି ଖୋଳରେ ଶାଢ଼ି




ପ୍ରାୟ ଅଧିକାଂଶ ମହିଳାଙ୍କର ଅଭିଯୋଗ ଥାଏ ଯେ, ଶାଢ଼ି ରଖିବା ପାଇଁ ଆଲମାରିରେ ଜାଗା ହେଉ ନାହିଁ। ଏହି କ୍ରମରେ ଗୋଟିଏ ୫.୫ ମିଟର ଲମ୍ବା ଶାଢ଼ି ଗୋଟିଏ ଛୋଟ ଦିଆସିଲି ବାକ୍ସରେ ରହିବା କଥା ଅନେକଙ୍କୁ ନିଶ୍ଚୟ ଆଶ୍ଚର୍ଯ୍ୟ କରୁଥିବ। ତେଲେଙ୍ଗାନାର ଜଣେ କାରିଗରଙ୍କ ଏହି ଅନନ୍ୟ କଳା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି କାରିଗର ଜଣକ ଏକ ୫.୫ ମିଟର ଲମ୍ବା ସିଲ୍କ ଶାଢ଼ିକୁ ଗୋଟିଏ ଦିଆସିଲି ଖୋଳରେ ରଖି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ଉକ୍ତ କଳାକାରଙ୍କ ନାମ ନଲ୍ଲା ବିଜୟ କୁମାର। ତାଙ୍କର ଏହି କଳାକାରିତାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି, ଯାହାକୁ ଦେଖି ଲୋକେ ହତବାକ୍ ହୋଇଯାଇଛନ୍ତି। ଏହି ଶାଢ଼ିଟିକୁ ସେ ଶ୍ରୀଭ୍ରାମରାମ୍ବା ମଲ୍ଲିକାର୍ଜୁନ ସ୍ୱାମୀ ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ପୋଥୁଗୁଣ୍ଟା ରମେଶ ନାଇଡୁ ଏବଂ ଟ୍ରଷ୍ଟ ବୋର୍ଡର ସଦସ୍ୟା କୋଡେ କାନ୍ତିବର୍ଦ୍ଧିନୀଙ୍କ ଉପସ୍ଥିତିରେ ପ୍ରସିଦ୍ଧ ଶ୍ରୀଶୈଳମ୍ ମନ୍ଦିରରେ ଦେବୀ ଭ୍ରମରମ୍ବାଙ୍କୁ ଭେଟି ଦେଇଛନ୍ତି। ଏହା ଏବେ ଶ୍ରୀଶୈଳମ୍ ମନ୍ଦିରର ଶୋଭା ବଢ଼ାଉଛି। ମନ୍ଦିର ଟ୍ରଷ୍ଟ ଏହି ଅନନ୍ୟ ଉପହାରକୁ ଆଦରର ସହ ଗ୍ରହଣ କରି ବୁଣାକାରଙ୍କର ପ୍ରଶଂସା କରିଛନ୍ତି। ନଲ୍ଲା ବିଜୟ କୁମାର ନିଜ ବୁଣାକାର କଳାର ଏଭଳି ଭାବେ ପ୍ରଦର୍ଶନ କରିଛନ୍ତି ଯେ, ଆଜି ସାରା ଦେଶରେ ତାଙ୍କୁ ନେଇ ଚର୍ଚ୍ଚା ହେଉଛି।" ୫.୫ ମିଟର ଲମ୍ବା ଏବଂ ୪୮ ଇଞ୍ଚ ଓସାରର ଏହି ଶାଢ଼ିକୁ ଏକ ସାମାନ୍ୟ ଦିଆସିଲି ଖୋଳରେ ଫିଟ୍ କରାଇବା ନଲ୍ଲା ବିଜୟ କୁମାରଙ୍କ ପାଇଁ ଏତେ ସହଜ ନ ଥିଲା। ଏନେଇ ତାଙ୍କର କହିବା କଥା, "ସେ ନିଜ ପରିବାର ଲୋକଙ୍କ ସହ ମିଶି ଏହି ଶାଢ଼ିଟିକୁ ତିଆରି କରିଥିଲେ। ଏଥିପାଇଁ ୭ ଦିନ ସମୟ ଲାଗିଥିଲା। ୨୦୦ ଗ୍ରାମ୍ ଓଜନ ବିଶିଷ୍ଟ ଏହି ଶାଢ଼ିକୁ 'ଇକତ୍' ଡିଜାଇନ୍‌ରେ ବୁଣାଯାଇଛି। ଶାଢ଼ିକୁ ତିଆରି କରିବାରେ ଏଭଳି ସୂକ୍ଷ୍ମ ସୂତା ବ୍ୟବହାର କରାଯାଇଥିଲା, ଯେଉଁଥିପାଇଁ ଏହାକୁ ଭାଙ୍ଗି ଏକ ଛୋଟ ଦିଆସିଲି ଖୋଳ ଭିତରେ ସହଜରେ ରଖାଯାଇପାରୁଛି।"

# ପୁଣି ଏକାଠି ଦେଖାଗଲେ କ୍ରିତି-କବୀର

ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍ ଦେଖିବାକୁ ନିକଟରେ ଇଂଲଣ୍ଡରେ ପହଞ୍ଚିଥିଲେ। ଏହି ସମୟରେ ସେଠାରେ କ୍ରିତିଙ୍କ ସହ ତାଙ୍କର ତଥାକଥିତ ପ୍ରେମିକ ତଥା ବ୍ୟବସାୟୀ କବୀର ବାହିଆ ମଧ୍ୟ ଉପସ୍ଥିତ ଥିଲେ। ଷ୍ଟାଡିୟମର ଷ୍ଟାଣ୍ଡରେ ଉଭୟ ଏକାଠି ମ୍ୟାଚ୍‌ର ମଜା ନେଉଥିବାର ଦେଖିବାକୁ ମିଳିଥିଲା। କ୍ରିତି ଏବଂ କବୀର ନିଜ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଷ୍ଟାଡିୟମ୍‌ର କିଛି ଫଟୋ ମଧ୍ୟ ସେୟାର କରିଛନ୍ତି, ଯେଉଁଥିରେ ଦୁହେଁ ଜଣେ ବନ୍ଧୁଙ୍କ ସହ ପୋଜ୍ ଦେଉଥିବାର ନଜର ଆସୁଛନ୍ତି। ଏହି ଫଟୋଗୁଡ଼ିକ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଫଟୋ ଭାଇରାଲ ହେବା ପରେ ପୁଣିଥରେ ଉଭୟଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କ୍ରିତି ତାଙ୍କର ୩୪ତମ ଜନ୍ମଦିନ ପାଳନ କରିବା ସମୟରେ କବୀରଙ୍କ ସହ ତାଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହେବାକୁ ଲାଗିଲା। ଦୁହେଁ ଏହି ସମୟରେ ଗ୍ରୀସ୍‌ରେ ଛୁଟି କାଟୁଥିଲେ। ଏହା ପରଠାରୁ ଉଭୟଙ୍କୁ ଅନେକ ସମୟରେ ଏକାଠି ଦେଖିବାକୁ ମିଳିଛି। ହେଲେ ଏଯାଏଁ କ୍ରିତି କି କବୀର ଏନେଇ କିଛି ପ୍ରତିକ୍ରିୟା ରଖି ନାହାନ୍ତି। ଏହାପୂର୍ବରୁ କବୀରଙ୍କୁ କ୍ରିତିଙ୍କ ଭଉଣୀ ନୁପୂର ସାନନ୍‌ଙ୍କ ବାହାଘରବେଳେ ମଧ୍ୟ ଦେଖାଯାଇଥିଲା। କବୀର ବ୍ରିଟେନର ଜଣେ ବଡ଼ ବ୍ୟବସାୟୀ। ସେ 'ୱାର୍ଲ୍ଡୱାଇଡ୍ ଏଭିଏସନ୍ ଆଣ୍ଡ ଟୁରିଜିମ୍ ଲିମିଟେଡ୍'ର ପ୍ରତିଷ୍ଠାତା ଅଟନ୍ତି। କବୀରଙ୍କ ପିତା କୁଲଜିନ୍ଦର ବହିଆ ବ୍ରିଟେନର ପ୍ରମୁଖ ଟ୍ରାଭେଲ ଏଜେନ୍ସି 'ସାଉଥଅଲ୍ ଟ୍ରାଭେଲର'ର ମାଲିକ। ଖେଳ ଏବଂ ବଲିଉଡ୍ ଜଗତର ଅନେକ ଜଣାଶୁଣା ସେଲିବ୍ରିଟିଙ୍କ ସହ କବୀରଙ୍କର ଭଲ ପରିଚୟ ରହିଛି। କ୍ରିତିଙ୍କ କାମ କଥା କହିବାକୁ ଗଲେ ସେ ନିକଟରେ 'କକ୍‌ଟେଲ୍ ୨'ରେ ଦେଖାଯାଇଥିଲେ। ଏହି ଫିଲ୍ମରେ ତାଙ୍କ ସହ ଶାହିଦ କପୁର ଏବଂ ରଶ୍ମିକା ମନ୍ଦାନା ମୁଖ୍ୟ ଭୂମିକାରେ ନଜର ଆସିଥିଲେ। 'କକ୍‌ଟେଲ୍ ୨' ରିଲିଜ୍ ପରେ କ୍ରିତି କାମରୁ ବ୍ରେକ୍ ନେଇ ଛୁଟି କାଟୁଛନ୍ତି।





ବଡ଼ଦାଣ୍ଡେ ଦେଖ ବଡ଼ ଠାକୁର,
ମେଲାଇ ଦେଇଛି ବାହୁ ତାହାର।
ଝୁଲିଝୁଲି ଆସି ହୋଇଛି ବିଜେ,
ଭକତ ଜନଙ୍କ ଭାବରେ ଭିଜେ।
ନ'ଦିନ କରିବ ଘୋଷ ଯାତରା,
ଯିବ ମାଉସୀ ମାଆ ମନ୍ଦିର ପରା।
ନନ୍ଦିଘୋଷ ରଥ ତା'ର ଗଡ଼ିବ,
ଭକତ ଦଉଡ଼ି ଟାଣିକି ନେବ।
ସୁଭଦ୍ରା, ବଳିଆ ସଙ୍ଗରେ ନେଇ,
ଆସିଛି ରାଇଜ ବୁଲିବା ପାଇଁ।



**ସୁଜିତ କୁମାର ମିଶ୍ର**

ବୁଝିବ ସବୁରି ମନର କଥା,
ହୋଇଣ ସବୁରି ଜଗତ ନେତା।
ଆଷାଢ଼ ବରଷା ବାରିଧାରାରେ,
ଭିଜୁଥିବ ସିଏ ଭକ୍ତି ସ୍ରୋତରେ।
କରିବ ପୁଣି ସେ ବାହୁଡ଼ା ଯାତ,
ଶ୍ରୀମନ୍ଦିର ହେବ ଶୋଭାର ସ୍ରୋତ। ■

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର

# ସୁମନ

# ଯୁବ ବେପାରୀ ଓ ସାଧୁ





**ନଗେନ୍ଦ୍ର ନାଥ ପଟ୍ଟନାୟକ**

ଜଣେ ଯୁବ ବେପାରୀ ଥିଲେ। ଚାକିରି ଖଣ୍ଡେ ନ ମିଳିବାରୁ ସେ ତା'ଙ୍କ କୁଳ ବେଉସାକୁ ଆପଣାଇ ନେଲେ। ଜେଜେ ବାପା ଓ ବାପା ତ ବେପାର ବଣିଜ କରୁଥିଲେ। ସେମାନଙ୍କ ଅନ୍ତେ ସେ ବେପାର କରିବାକୁ ଲାଗିଲେ। ବେପାର ବଣିଜରେ ତାଙ୍କର ମୋଟେ ଲାଭ ହେଉ ନ ଥିଲା। ବରଂ ବାରମ୍ବାର ତାଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିଥିଲା। ଲଗାତାର କ୍ଷତି ହେଉଥିବାରୁ ତାଙ୍କୁ ଖୁବ୍ ବାଧୁଥିଲା। ନିରାଶା ଓ ଦୁଃଖରେ ସେ ଭାଙ୍ଗିପଡ଼ିଲେ। ହତାଶ ହୋଇ ସେ ଦିନେ ଜଣେ ଜ୍ଞାନୀ ସାଧୁ ମହାତ୍ମାଙ୍କ ନିକଟରେ ପହଞ୍ଚିଲେ। ଦୁଃଖ ମନରେ ହାତଯୋଡ଼ି ନମ୍ରତା ସହକାରେ କହିଲେ- ମହାରାଜ, ମୁଁ ଯେଉଁ କାମ ଆରମ୍ଭ କରୁଛି, ସଫଳ ହୋଇପାରୁନି। ହାତ ଦେଲା ମାତ୍ରେ କାମଟା ବିଗିଡ଼ି ଯାଉଛି। ଆରମ୍ଭରୁ ବେପାରରେ ଲାଭ ପଇସା ତ ଦୂର କଥା ମୂଳ ପୁଞ୍ଜିତକ ବି ବୁଡ଼ି ଯାଉଛି। ମୋ ଜେଜେ ବାପା ଆଉ ବାପା ଏ ବେପାର ବଣିଜ କରି ବେଶ୍ ଦି ପଇସା ରୋଜଗାର କରୁଥିଲେ। ସେମାନେ ସଫଳ ବ୍ୟବସାୟୀ ଥିଲେ, ଆଉ ବ୍ୟବସାୟରୁ ବହୁତ ଲାଭ ଉପାର୍ଜନ କରୁଥିଲେ। ଭାବୁଚି ଏ ବେପାର ବାଣିଜ ଆଉ ମୋ ଦେଇ ହେବନି ବୋଧ ହୁଏ ମୁଁ ଜଣେ ଅଭାଗା; ମୋ ଫଟା କପାଳରେ ସଫଳତା ଲାଭ କରିବା ଲେଖାଯାଇନି। ଏହାଶୁଣି ହସି ଦେଲେ ସାଧୁ ମହାତ୍ମା। ବିନା କୌଣସି ବାକ୍ୟ ବିନିମୟରେ ସେଇ ଯୁବ ବେପାରୀଙ୍କ ହାତକୁ ଗୋଟାଏ କୁନି ମଞ୍ଜି ବଢାଇ ଦେଉ ଦେଉ ସାଧୁ ମହାତ୍ମା କହିଲେ- ହେଇ ନିଅ ଏଇ ଟିକି ମଞ୍ଜିକୁ, ଏଟାକୁ ନିଜ ବଗିଚାରେ ବୁଣିଦେବ। ଯୁବ ବେପାରୀ ଜଣକ ବେଶ୍ ଯତ୍ନର ସହିତ ମଞ୍ଜିଟିକୁ ହାତରେ ତୋଳି ଧରି ସାଧୁ ମହାତ୍ମାଙ୍କୁ ଓଳିଗି ହେଲେ। ତାପରେ ଆଉ କିଛି ନ କହି ଘର ମୁହାଁ ବାଟରେ ଆଗେଇବାକୁ ଲାଗିଲେ। ଘରେ ପହଞ୍ଚିଲା କ୍ଷଣି ଆଉ ସବୁ ଜରୁରି କାମକୁ ପଛ କରି ସେଇ ମଞ୍ଜିଟିକୁ ବଗିଚା ମାଟିରେ ପୋତି ଦେଲେ। ଦିନ କେତେ ପରେ ପ୍ରଚଣ୍ଡ ବେଗରେ ଝଡ଼ ତୋଫାନ ଓ ମୂଷଳ ଧାରାରେ ବର୍ଷା ଅଜାଡ଼ି ଦେବାରୁ ବଗିଚାର ମାଟିତକ ବୋହିଗଲା। ତଥାପି ସେଇ କୁନି ମଞ୍ଜିଟି ସେଇଟି ପୋତି ହୋଇ ରହିଥିବା ଦେଖିବାକୁ ମିଳିଲା। ଏହା ଦେଖି ହଡ଼ବଡ଼େଇ ଗଲା ଯୁବକ। ବଡ଼ ଭାଳେଣିରେ ପଡ଼ି ଅଗତ୍ୟା ସେ ମହାତ୍ମାଙ୍କ ପାଖକୁ ଗଲା। ସାଧୁ ମହାତ୍ମା ତାକୁ ଆଦର ସମାଦର କରି ପାଛୋଟି ନେଲେ। ଯୁବକ ଜଣଙ୍କ ସବୁ ସବୁକଥା ଟିକିଏ ନିଖିଏ କରି ବଖାଣ କରିଲାରୁ ସାଧୁ ମହାତ୍ମା ବେଶ୍ ଶାନ୍ତ ସ୍ଥିର ଭାବେ ବୁଝାଇଲେ – "ହେଉ ଶୁଣ, ପ୍ରଚଣ୍ଡ ବାଆ ବତାସୀ ଆଗରେ ମାଟି ହାର୍‌ମାନି ଧୋଇ ହୋଇ ବହିଗଲା। ଟିକି ମଞ୍ଜିଟି କିନ୍ତୁ ବେଶ୍ ଦମ୍ଭର ସହ ଝଡ଼ତୋଫାନକୁ ସାମନା କଲା; ହେଲେ ମଥାନଇଁ ହାର ମାନିଲା ନାହିଁ। ବରଂ ତା' ମୂଳକୁ ଆହୁରି ମଜଭୁତ କରି ଚାରା ରୂପେ ମାଟି ଫଟେଇ ଉପରକୁ ଉଠିଲା। ପଛଥର କ'ଣ କିଛି ଊଣାପଣ ରହିଛି ବୋଲି ତୁମକୁ ଏ ବିଫଳତା ଶିକ୍ଷା ଦେଇଛି। ବିଫଳତାର ଅନ୍ତ ନ ଥାଏ; ବରଂ ଏହା ଏକ ନୂଆ ସୁଯୋଗ। ଯେଉଁ ଲୋକ ବିଫଳତା ଭୟରେ ଚେଷ୍ଟା କରିବା ଛାଡ଼ିଦିଏ ସେ କେବେ ସଫଳ ହୋଇପାରେ ନାହିଁ।" ■

ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ଼
ଭୁବନେଶ୍ୱର

## ପ୍ରହେଳିକା

- ଆଷାଢ ଶୁକଳ ଦଶମୀ ତିଥିରେ
ଆସିଥାଏ ସେହି ଯାତ
ଜନମ ବେଦୀରୁ ରଥ ପରେ ବସି
ଫେରନ୍ତି କଳା ସାଆନ୍ତ
ଶୁଭେ ଘଣ୍ଟ ଘଣ୍ଟି ସ୍ୱନ
ପୂଣ୍ୟ ବଡ଼ଦାଣ୍ଡ ହୁଏ ଲୋକାରଣ୍ୟ
କୁହ'ତ ସେ ଯାତ ନାମ।

ଉତ୍ତର-ବାହୁଡ଼ା ଯାତ

- ଜନମ ବେଦୀରୁ ଫେରନ୍ତି ସାଆନ୍ତ
ପବିତ୍ର ଦଶମୀ ଦିନ
ନନ୍ଦିଘୋଷ ପରେ ଚମକନ୍ତି ପ୍ରଭୁ
ପୂଣ୍ୟ ଏକାଦଶୀ ଦିନ
ହୁଏ ଜନ ସମାବେଶ
ଅଳଙ୍କାର ପିନ୍ଧି ହସନ୍ତି ଠାକୁର
କୁହ ସିଏ କେଉଁ ବେଶ।

ଉତ୍ତର-ସୁନାବେଶ

- ସୁନାବେଶ ପରେ ତିନି ରଥ ପରେ
ହୁଏ ପଣାଲାଗି ବିଧି
କ୍ଷୀର ସର ଛେନା ଗୁଡ଼ କଦଳୀରେ
ଭରାଯାଏ ମାଟି ହାଣ୍ଡି
ଲାଗି ହୋଇଲେ ସଂପୂର୍ଣ୍ଣ
ରଥ ପରେ ସେହି ହାଣ୍ଡି ଭଙ୍ଗାଯାଏ
କୁହ'ତ ସେ ବିଧି ନାମ।

ଉତ୍ତର-ଅଧରପଣା

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର





# କାଳିଆର ସୁନାବେଶ




**ମହେନ୍ଦ୍ର କୁମାର ଘଡ଼େଇ**

ନଅ ଦିନର ଘୋଷଯାତରା
ଚତୁର୍ଦ୍ଧାମୂର୍ତ୍ତି ସାରି
ଫେରିବା ପରେ ରଥେ ଦୁନିଆ
ଦେଖିବ ମନ ଭରି।
ଆଷାଢ଼ ଶୁକ୍ଳ ଏକାଦଶୀରେ
କାଳିଆ ସୁନାବେଶ
ଦେଖିବା ପାଇଁ ବଡ଼ ଗହଳି
ରଥର ଚଉପାଶ।
ନୀତିରେ ସେବାୟତ ଲଗାନ୍ତି
କିରୀଟି ଚନ୍ଦ୍ରିକା
ଶ୍ରୀପାଦ ଚକ୍ର ଶଙ୍ଖ ପୟର
ଶ୍ରୀଭୁଜ ଶୋଭା ଦେଖା।
ସୁନାର ଗଦା ଲଙ୍ଗଳ ହାର
କୁଣ୍ଡଳ କଣ୍ଠମାଳା
କମରପଟି ଓଡ଼ିଆଣୀର
ତିଳକ ପୁଳା ପୁଳା।
ଏ ଅପରୂପ ଦେଖିଛି ଯିଏ
ଭୁଲିନି ଜମା ସିଏ
ଫେରିବା ବେଳେ ଫିଇବରଷ
ଡୋରିକୁ ଅଳି ଦିଏ।
ମଣିଷ ପରି ନୀତିରେ ବନ୍ଧା
ଆମ ଜଗତ ସାଇଁ
ମାଗିବା ଆଗୁ ଦିଅନ୍ତି ଖୋଲା
ହାତରେ ଦାନ ଚାହିଁ।
ଏମିତି ରଥ ପଥ ଦେବତା
ଆଉ କୋଉଠି ନାହିଁ
ତାହାରି ପଦ ସୁମରଣାରେ
ରହିଲେ ସୁଖ ପାଇ। ■

କଟରପଡ଼ା, ନିଶ୍ଚିନ୍ତକୋଇଲି,
କଟକ

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।



ସ୍ୱରଣିକା ପ୍ରଧାନ
ସପ୍ତମ ଶ୍ରେଣୀ
ସେଣ୍ଟ ଆନିସ୍ କନ୍‌ଭେଣ୍ଟ ସ୍କୁଲ
ସୋନପୁର



ମାନସ ରଞ୍ଜନ ଆଚାର୍ଯ୍ୟ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର



ଶାନ୍ତନୁ ଶାନ୍ତିସ୍ୱରୂପ
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର



ରିଷିକା କାନୁନ୍‌ଗୋ
ଷଷ୍ଠ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



ଇପ୍‌ସିତା ଜେନା
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ନିମାପଡ଼ା








## ସ୍ୱତନ୍ତ୍ର ଟ୍ରଙ୍କ୍‌ରେ ଆସିବ ବିଶ୍ୱକପ୍ ଟ୍ରଫି

ଡଲାସ,୧୭।୭(ଏଜେନ୍ସି): ଆର୍ଜେଣ୍ଟିନା ଓ ସ୍ପେନ୍ ମଧ୍ୟରେ ନ୍ୟୁୟର୍କର ନ୍ୟୁ ଜର୍ସୀ ସ୍ଥିତ ମେଟ୍ ଲାଇଫ୍ ଷ୍ଟାଡିୟମ୍‌ରେ ୨୦୨୬ ଫିଫା ବିଶ୍ୱକପ୍ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଫାଇନାଲ ପୂର୍ବରୁ ଫିଫା ବିଶ୍ୱକପ୍ ଟ୍ରଫି ଏକ ସ୍ୱତନ୍ତ୍ର ଟ୍ରଙ୍କ୍‌ରେ ଷ୍ଟାଡିୟମ୍‌କୁ ଅଣାଯିବ। ଲୁଇସ ଭିଟନ ଦ୍ୱାରା ତିଆରି କରାଯାଇଥିବା ଏହି ଟ୍ରଙ୍କ୍ ବିସ୍ପୋକ୍ (ସ୍ୱତନ୍ତ୍ର ଚମଡ଼ା) ରହିଛି। ଫ୍ରାନ୍ସର ଏହି କମ୍ପାନୀ କ୍ରମାଗତ ୫ମ ବର୍ଷ ଲାଗି ଏଭଳି ଟ୍ରଙ୍କ ତିଆରି କରିଛି। 'ଭି' ସାଇଜ୍‌ରେ ନିର୍ମିତ ଏହି ଟ୍ରଙ୍କ୍‌ର ଅର୍ଥ ହେଉଛି ଭିକ୍ଟ୍ରି ଓ ଭିଟନ। ଲୁଇସ ଭିଟନ ଓ ଫିଫା ମଧ୍ୟରେ ଏହି ସମ୍ପର୍କ ଦୁଇ ଦଶନ୍ଧି ଧରି ତିଷ୍ଠି ରହିଛି।

## ବିଜେତାଙ୍କୁ 'ଏନ୍‌ଏଫ୍‌ଏଲ୍' ଶୈଳୀର ମୁଦି



ନ୍ୟୁୟର୍କ,୧୭।୭(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍ ଫାଇନାଲରେ ସ୍ପେନ୍ ଓ ଆର୍ଜେଣ୍ଟିନା ମଧ୍ୟରେ ହେବାକୁ ଥିବା ମହାଲଢେଇ ପରେ, ଚାମ୍ପିଅନ ଦଳକୁ ଆମେରିକାର ପ୍ରସିଦ୍ଧ 'ନ୍ୟାସନାଲ ଫୁଟବଲ ଲିଗ୍ (ଏନ୍‌ଏଫ୍‌ଏଲ୍) ସୁପର ବାଉଲ' ଶୈଳୀରେ ଚାମ୍ପିଅନ୍‌ସିପ୍ ରିଙ୍ଗ୍ ପ୍ରଦାନ କରାଯିବ। ବିଜେତା ଦଳର ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ମୋଟ ୩୦ଟି ସ୍ୱତନ୍ତ୍ର ରିଙ୍ଗ୍ ପ୍ରସ୍ତୁତ କରାଯିବ। ଫାଇନାଲ ପରେ ଅଧିନାୟକ ଓ କୋଚ୍‌ଙ୍କୁ ଅସ୍ଥାୟୀ ରିଙ୍ଗ୍ ଦିଆଯିବ ଏବଂ ପରେ ସେଗୁଡ଼ିକୁ କଷ୍ଟମାଇଜ୍ କରି ଅଫିସିଆଲ ଭାବେ ପ୍ରଦାନ କରାଯିବ। ରିଙ୍ଗ୍‌ର ଗୋଟିଏ ପାର୍ଶ୍ୱରେ ଫିଫା ବିଶ୍ୱକପ୍ ଟ୍ରଫି ଏବଂ ଅନ୍ୟ ପାର୍ଶ୍ୱରେ ବିଜେତା ଦଳ ଅନୁଯାୟୀ ସ୍ୱତନ୍ତ୍ର କଷ୍ଟମାଇଜେସନ୍ ରହିବ। ସମୁଦାୟ ୧,୯୯୬ଟି ରିଙ୍ଗ୍ ପ୍ରଶଂସକଙ୍କ ପାଇଁ ବଜାରରେ କ୍ରୟ ନିମନ୍ତେ ଉପଲବ୍ଧ କରାଯିବ। ଏହି ନିଷ୍ପତ୍ତି ଆମେରିକାର କ୍ରୀଡ଼ା ପରମ୍ପରାକୁ ବିଶ୍ୱସ୍ତରୀୟ ଫୁଟବଲ୍ ସହ ଯୋଡ଼ିବାକୁ ଏକ ପ୍ରୟାସ ବୋଲି ଫିଫା ପକ୍ଷରୁ ସୂଚନା ଦିଆଯାଇଛି।

## ଫାଇନାଲ୍‌ରେ ବିବାଦୀୟ ରେଫରି

ନ୍ୟୁୟର୍କ,୧୭।୭(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍ ଫାଇନାଲ୍‌ରେ ଆର୍ଜେଣ୍ଟିନା ଓ ସ୍ପେନ୍ ଟାଇଟଲ ପାଇଁ ମୁହାଁମୁହିଁ ହେବାକୁ ଯାଉଥିବା ବେଳେ ସ୍ଲୋଭେନିଆର ସ୍ଲାଭକୋ ଭିନକିକ୍‌ଙ୍କୁ ଫିଫା ରେଫରି ନିଯୁକ୍ତ କରିଛି। ତେବେ ତାଙ୍କ ନାମ ୨୦୨୦ ମସିହାରେ ବୋସନିଆରେ ଏକ ବେଶ୍ୟାବୃତ୍ତି ସମ୍ପର୍କିତ ମାମଲାରେ ପୁଲିସ ଚଢ଼ଉ ସମୟରେ ଚର୍ଚ୍ଚାକୁ ଆସିଥିଲା। ସେହି ଚଢାଉରେ କୋକେନ୍, ବନ୍ଧୁକ ଓ ନଗଦ ଟଙ୍କା ଜବତ ହୋଇଥିଲା। ଭିନ୍‌କିକ୍‌ଙ୍କୁ ପୁଲିସ କେବଳ ସାକ୍ଷୀ ଭାବେ ପଚରାଉଚରା କରିଥିଲା ଏବଂ ତାଙ୍କ ବିରୋଧରେ କୌଣସି ଅପରାଧିକ ପ୍ରମାଣ ନ ମିଳିବାରୁ ମୁକ୍ତ କରିଦେଇଥିଲା। ସେ ଏହାକୁ ଏକ ବ୍ୟବସାୟିକ ମଧ୍ୟାହ୍ନ ଭୋଜନର ନିମନ୍ତ୍ରଣ ବୋଲି ଭାବି ଯାଇଥିବା କହିଥିଲେ। ବିବାଦ ସତ୍ତ୍ୱେ ତାଙ୍କ ରେଫରିଂ କ୍ୟାରିୟର ଜାରି ରହିଥିଲା। ସେ ୨୦୨୪ ୟୁଇଏଫ୍‌ଏ ଚାମ୍ପିଅନ୍ସ ଲିଗ୍ ଫାଇନାଲ୍‌ରେ ମଧ୍ୟ ରେଫରି ଥିଲେ। ବର୍ତ୍ତମାନ ଫିଫା ତାଙ୍କୁ ବିଶ୍ୱକପ୍ ଫାଇନାଲ୍ ପରିଚାଳନାର ଗୁରୁଦାୟିତ୍ୱ ଦେଇଛି।

**ମିଆମିରେ ଏମ୍ବାପେ-ଡେମ୍ବେଲେ-କେନ୍-ବେଲିଂହାମ୍ ମୁକାବିଲା**

# ଫ୍ରାନ୍ସ ବନାମ ଇଂଲଣ୍ଡ ପ୍ଲେ ଅଫ୍ ଆଜି

ମିଆମି,୧୭।୭(ଏଜେନ୍ସି)



ଫିଫା ବିଶ୍ୱକପ୍- ୨୦୨୬ରେ ଆଉ ୨ଟି ମ୍ୟାଚ୍ ଆୟୋଜିତ ହେବାକୁ ବାକି ରହିଛି। ସ୍ଥାନୀୟ ମିଆମି ଷ୍ଟାଡିୟମ୍‌ରେ ଶନିବାର ରାତିରେ ସେମିଫାଇନାଲରେ ପରାଜିତ ହୋଇଥିବା ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ତୃତୀୟସ୍ଥାନ ଲାଗି ପ୍ଲେ ଅଫ୍ ମୁକାବିଲା ଅନୁଷ୍ଠିତ ହେବ। ସ୍ପେନ୍ ନିକଟରୁ ଫ୍ରାନ୍ସ ୨-୦ ଗୋଲରେ ଓ ଆର୍ଜେଣ୍ଟିନା ନିକଟରୁ ଇଂଲଣ୍ଡ ୨-୧ ଗୋଲରେ ପରାଜିତ ହେବା ପରେ ବିଶ୍ୱକପ୍ ଫାଇନାଲ ଖେଳିବା ଆଶା ଧୂଳିସାତ ହୋଇଯାଇଛି। ଏବେ ଶେଷଥର ଲାଗି ଚଳିତ ବିଶ୍ୱକପ୍‌ରେ ଏମାନଙ୍କୁ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ରହିଛି। ୟୁରୋପ ମହାଦେଶର ଏହି ପ୍ରତିଦ୍ୱନ୍ଦ୍ୱୀ ପରସ୍ପର ଖେଳ ଓ ରଣଶୈଳୀ ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ। ଟୁର୍ଣ୍ଣାମେଣ୍ଟ ସାରା ଭଲ ଖେଳି ଗୋଟିଏ ମ୍ୟାଚ୍ ହାରିବା ପରେ ଉଭୟ ଖେଳାଳି ଓ ସମର୍ଥକ ନିରାଶ ହୋଇପଡ଼ିଛନ୍ତି। ବିଶ୍ୱସ୍ତରରେ ଦେଶର ଗୌରବ ତଥା ବ୍ୟକ୍ତିଗତ ଦକ୍ଷତା ପ୍ରଦର୍ଶନ କରିବା ସହ ତୃତୀୟସ୍ଥାନ ଅଧିକାର କରି ଶାନ୍ତ୍ୱନାମୂଳକ ଭାବେ ପ୍ରତିଯୋଗିତାରୁ ବିଦାୟ ନେବାକୁ ନିଶ୍ଚିତ ଚେଷ୍ଟା କରିବେ।

### ବିଦାୟୀ ମ୍ୟାଚ୍ ଓ ଗୋଲ୍ଡେନ ବୁଟ୍ ରେସ୍


ତୃତୀୟସ୍ଥାନ ଲାଗି ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ଏହି ମୁକାବିଲାରେ ଫ୍ରାନ୍ସ ଲାଗି ଦୁଇଟି ଗୁରୁତ୍ୱପୂର୍ଣ୍ଣ କାମ ରହିଛି। ଗୋଟିଏ ହେଉଛି ହେଡ୍ କୋଚ୍ ଡିଡିଏର ଡେସ୍‌ଚାମ୍ପ୍‌ଙ୍କ ଏହା ହେଉଛି ବିଦାୟୀ ମ୍ୟାଚ୍। ୨୦୧୨ରୁ ସେ ଫ୍ରାନ୍ସର ହେଡ୍ କୋଚ୍ ଦାୟିତ୍ୱରେ ରହି ଦଳକୁ ୨ଥର ଫାଇନାଲରେ ପ୍ରବେଶ କରାଇବା ସହ ଥରେ ଚାମ୍ପିଅନ କରାଇଛନ୍ତି। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ତାଙ୍କ ପଦରୁ ଅବ୍ୟାହତି ନେବାକୁ ଘୋଷଣା କରିଥିଲେ। ଫ୍ରାନ୍ସ ଏହି ମ୍ୟାଚ୍ ଜିତି ଡେସ୍‌ଚାମ୍ପଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବେ ବୋଲି ଯୋଜନା କରିଛନ୍ତି। ସେହିପରି ଦଳର ଅଧିନାୟକ କିଲିଆନ୍ ଏମବାପେଙ୍କ ଗୋଲରେ ଫ୍ରାନ୍ସ ୨୦୧୮ରେ ଚାମ୍ପିଅନ ହୋଇଥିଲା। ଚଳିତ ଟୁର୍ଣ୍ଣାମେଣ୍ଟରେ ସେ ୮ଟି ଗୋଲ ଓ ଗୋଲଦେବାରେ ୩ଥର ଆସିଷ୍ଟ କରି ଆର୍ଜେଣ୍ଟିନାର ଲିଓନେଲ ମେସି (୮ଗୋଲ, ୪ ଆସିଷ୍ଟ)ଙ୍କ ପଛକୁ ଗୋଲ୍ଡେନ୍ ବୁଟ୍ ରେସ୍‌ରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ମୁକାବିଲାରେ ସେ ଆଉ କିଛି ଗୋଲ ଦେଇ ଏହି ପୁରସ୍କାର ଜିତିବାକୁ ନିଶ୍ଚିତ ଚେଷ୍ଟା କରିବେ।

### ଲଢ଼େଇ କରିଛି ଇଂଲଣ୍ଡ

ଚଳିତ ବିଶ୍ୱକପ୍‌ରେ ଫ୍ରାନ୍ସକୁ ଫେବରାଇଟ୍ ମନେ କରାଯାଉଥିଲେ ମଧ୍ୟ ଦଳ ସେମିଫାଇନାଲ ରାସ୍ତାରେ ବିଶେଷ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇନାହିଁ। କେବଳ ରାଉଣ୍ଡ -୩୨ରେ ସେନେଗାଲ ବ୍ୟତୀତ ଅନ୍ୟ ସବୁ ମ୍ୟାଚ୍ ସହଜରେ ଜିତିଛି। ପାରାଗୁଏ ବିପକ୍ଷ ରାଉଣ୍ଡ ଅଫ୍ ୧୬ରେ ଦଳ ଅଫ୍ କଲର ହୋଇଯାଇଥିଲା। କ୍ୱାର୍ଟରରେ ମରୋକ୍କୋକୁ ହରାଇବା ଫ୍ରାନ୍ସ ଲାଗି କଷ୍ଟକର ହୋଇ ନ ଥିଲା। ଅନ୍ୟପକ୍ଷରେ ଇଂଲଣ୍ଡ ସମାନ ଫଳାଫଳ ହାସଲ କରିଥିଲେ ମଧ୍ୟ ସେମିଫାଇନାଲ ପ୍ରବେଶ ପୂର୍ବରୁ ଅନେକ ଟିମ୍ ସହ ଟକ୍କର ଦେଇଥିଲା। କ୍ରୋଏସିଆକୁ ୪-୨ରେ ହରାଇବା, ଘାନା ସହ ଗୋଲଶୂନ୍ୟ ଡ୍ର, କଙ୍ଗୋ ବିପକ୍ଷ ରାଉଣ୍ଡ-୩୨ ମୁକାବିଲାରେ ସଂଘର୍ଷ କରି ଦ୍ୱିତୀୟାର୍ଦ୍ଧରେ ବିଜୟୀ ହୋଇଥିଲା। ଦଳକୁ ପ୍ରି-କ୍ୱାର୍ଟର ଫାଇନାଲରେ ମେକ୍ସିକୋ ଓ କ୍ୱାର୍ଟର ଫାଇନାଲରେ ନରୱେ ସହ କଡ଼ା ମୁକାବିଲା କରିବାକୁ ପଡ଼ିଥିଲା। ଫଳରେ ଇଂଲଣ୍ଡ ଖେଳାଳିମାନେ ବିଶେଷ ଦକ୍ଷ ହୋଇଥିଲେ। କିନ୍ତୁ ଆର୍ଜେଣ୍ଟିନା ବିପକ୍ଷ ସେମିଫାଇନାଲରେ ଅତ୍ୟଧିକ ରକ୍ଷଣାତ୍ମକ ଖେଳ ଦଳକୁ ଅଡୁଆରେ ପକାଇଥିଲା। ଦଳର ଦୁଇ ତାରକା ଖେଳାଳି ହ୍ୟାରୀ କେନ୍ ଓ ଜୁଡ୍ ବେଲିଂହାମ୍ ୬ଟି ଲେଖାଏଁ ଗୋଲ ସ୍କୋର କରି ଭଲ ଫର୍ମରେ ଅଛନ୍ତି।

### ଅଧିକ ମ୍ୟାଚ୍ ଜିତିଛି ଇଂଲଣ୍ଡ

ଅନ୍ତର୍ଜାତୀୟ ଫୁଟବଲରେ ଫ୍ରାନ୍ସ ଓ ଇଂଲଣ୍ଡ ସହ ୩୨ଥର ମୁକାବିଲା କରିଛନ୍ତି। ଏହା ମଧ୍ୟରୁ ଇଂଲଣ୍ଡ ୧୭ଟି ମ୍ୟାଚ୍ ଜିତି ଆଗରେ ରହିଛି। ଫ୍ରାନ୍ସ ୧୦ଟି ମ୍ୟାଚ୍‌ରେ ଜିତିଥିଲାବେଳେ ୫ଟି ମ୍ୟାଚ୍‌ର ଫଳାଫଳ ମିଳିପାରିନାହିଁ। ଏହି ୩୨ଟି ମଧ୍ୟରୁ ମାତ୍ର ୩ଥର ବିଶ୍ୱକପ୍‌ରେ ମୁକାବିଲା ହୋଇଛି। ଗତଥର ଅର୍ଥାତ୍ ୨୦୨୨ କତାର ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ଉଭୟ ଦଳ ଭେଟାଭେଟି ହୋଇଥିଲେ। ଏଥିରେ ଫ୍ରାନ୍ସ ୨-୧ ଗୋଲରେ ବିଜୟୀ ହୋଇଥିଲା। ଏହା ପୂର୍ବରୁ ୧୯୮୨ ଓ ୧୯୬୬ ବିଶ୍ୱକପ୍‌ରେ ଖେଳାଯାଇଥିବା ୨ଟି ଯାକ ବିଶ୍ୱକପ୍ ମୁକାବିଲାରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଉଭୟଙ୍କ ମଧ୍ୟରେ ଖେଳାଯାଇଥିବା ଗତ ୫ଟି ମୁକାବିଲା ମଧ୍ୟରେ ଶେଷ ଦୁଇଟିରେ ଫ୍ରାନ୍ସ ଓ ତାହା ପୂର୍ବରୁ ଖେଳାଯାଇଥିବା ୩ଟି ଯାକ ମ୍ୟାଚ୍‌ରେ ଇଂଲଣ୍ଡ ବିଜୟୀ ହୋଇଥିଲା।



**ପ୍ଲେ ଅଫ୍ ମୁକାବିଲା**
**ଫ୍ରାନ୍ସ ବନାମ ଇଂଲଣ୍ଡ**
ଶନିବାର ରାତି | ମିଆମି, ରାତି ୨.୩୦
ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

**ଫାଇନାଲ୍‌ରେ ଆର୍ଜେଣ୍ଟିନା**

## ଖେଳ ଦେଖିବାକୁ ଆସିବେନି ଅନ୍ଧବିଶ୍ୱାସୀ ରାଷ୍ଟ୍ରପତି



ବୁଏନସ ଆଇରିସ୍, ୧୭।୭ (ଏଜେନ୍ସି): ମାନବ ସମାଜ ଯେତେ ଆଧୁନିକ ହେଲେ ମଧ୍ୟ ଅନ୍ଧବିଶ୍ୱାସରୁ ଆର୍ଜେଣ୍ଟିନା ଭଳି ଏକ ଶକ୍ତିଶାଳୀ ଦେଶର ରାଷ୍ଟ୍ରପତି ଜାଭିୟର ମିଲେଇ ମୁକୁଳିପାରି ନାହାନ୍ତି। ନ୍ୟୁୟର୍କ-ନ୍ୟୁ ଜର୍ସୀର ମେଟଲାଇଫ୍ ଷ୍ଟାଡିୟମ୍‌ରେ ରବିବାର ସ୍ପେନ୍ ସହ ଆର୍ଜେଣ୍ଟିନା ଚଳିତଥରର ଫିଫା ବିଶ୍ୱକପ୍ ଫାଇନାଲ ଖେଳିବ। ଏହି ମ୍ୟାଚ୍ ଦେଖିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲେଇ ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ୍‌ଙ୍କୁ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ନିମନ୍ତ୍ରଣ କରିଥିଲେ। ଟ୍ରମ୍ପ୍‌ଙ୍କ ସହ ଘନିଷ୍ଠତା ସତ୍ତ୍ୱେ ଫାଇନାଲ ଖେଳ ଦେଖିବା ଲାଗି ମିଲେଇ ଆସିବେ ନାହିଁ ବୋଲି ଜଣାଇଦେଇଥିଲେ। କିନ୍ତୁ ଟ୍ରମ୍ପ୍‌ଙ୍କ ସହ ଖରାବ ସମ୍ପର୍କ ସତ୍ତ୍ୱେ ସ୍ପେନ୍ ପ୍ରଧାନମନ୍ତ୍ରୀ ସାନ୍‌ଚେଜ୍ ଫାଇନାଲ ଖେଳ ଦେଖିବାକୁ ଆସିବେ ବୋଲି ସମ୍ମତି ଜଣାଇଛନ୍ତି। ମିଲେଇଙ୍କ ଅନୁପସ୍ଥିତିରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍, ସ୍ପେନ୍ ପ୍ରଧାନମନ୍ତ୍ରୀ ସାନ୍‌ଚେଜ୍ ଓ ଫିଫା ସଭାପତି ଇନ୍‌ଫାଣ୍ଟିନୋ ଫାଇନାଲ ମ୍ୟାଚ୍‌ରେ ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିବେ ବୋଲି ଫିଫା ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫାଇନାଲରେ ଟ୍ରମ୍ପ୍ ଅତିଥି ହେବାକୁ କିଛି ବିରୋଧ କରିଛନ୍ତି। କିନ୍ତୁ ୨୦୧୮ରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ୨୦୨୨ରେ କତାର ଅମୀର ଶେଖ ତାମିମ ବିନ୍ ହମାଦ ଅଲି ଥାନି ଫିଫା ସଭାପତିଙ୍କ ସହ ପୁରସ୍କାର ପ୍ରଦାନ କରିଥିଲେ।

### କାହିଁକି ଆସିବେନି ଆର୍ଜେଣ୍ଟିନା ରାଷ୍ଟ୍ରପତି

ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାମିୟର ମିଲେଇ ନ ଆସିବାର କାରଣ ସମ୍ପର୍କରେ ସେ ଆର୍ଜେଣ୍ଟିନା ରେଡିଓକୁ ଦେଇଥିବା ସାକ୍ଷାତକାରରେ କହିଥିଲେ। ସେ ତାଙ୍କ ପ୍ରେସିଡେନ୍ସିଲ ସୁଇଟ୍‌ରେ ଆର୍ଜେଣ୍ଟିନା ଖେଳିଥିବା ୭ଟି ଯାକ ମ୍ୟାଚ୍ ଗୋଟିଏ ନିର୍ଦ୍ଦିଷ୍ଟ ଜ୍ୟାକେଟ୍ ପିନ୍ଧି ଦେଖିଥିଲେ। ଏହି ସବୁ ମ୍ୟାଚ୍‌ରେ ଆର୍ଜେଣ୍ଟିନା ବିଜୟୀ ହୋଇଛି। ଏଣୁ ବିଜୟ ଧାରା ଅବ୍ୟାହତ ରଖିବା ଲାଗି ମିଲେଇ ତାଙ୍କ ସ୍ୱତନ୍ତ୍ର ଜ୍ୟାକେଟ ପିନ୍ଧି ପ୍ରେସିଡେନ୍ସିଆଲ ସୁଇଟ୍‌ରେ ଫାଇନାଲ ଖେଳ ଦେଖିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଏଣୁ ସେ ଫିଫା ସଭାପତି ଇନ୍‌ଫାଣ୍ଟିନୋଙ୍କ ଅନୁରୋଧ ରକ୍ଷା କରିପାରିବେ ନାହିଁ ବୋଲି କହିଛନ୍ତି। ରାଷ୍ଟ୍ରପତି ପୂର୍ବରୁ ଆର୍ଜେଣ୍ଟିନା ଦଳକୁ ସାକ୍ଷାତ କଲେ ଦଳ ପରାଜିତ ହେବାର ନଜିର ମଧ୍ୟ ରହିଛି।

## କେନ୍‌ଙ୍କ ରେକର୍ଡ

ଆର୍ଜେଣ୍ଟିନା ସହ ଏଠାରେ ବୁଧବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍ ଖେଳି ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍ ଦେଶ ପକ୍ଷରୁ ଦ୍ୱିତୀୟ ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ କରିଛନ୍ତି। ଗୋଲକିପର ପିଟର ଶିଲଟନ ସର୍ବାଧିକ ୧୨୫ଟି ଓ ୱାଏନ୍ ରୁନୀ ୧୨୦ଟି ମ୍ୟାଚ୍ ଖେଳିଥିଲେ। ସେମିଫାଇନାଲ ମ୍ୟାଚ୍‌ରେ ପଦାର୍ପଣ କରିବା ପରେ ରୁନୀଙ୍କୁ ଟପିଯାଇଛନ୍ତି କେନ୍। ପୂର୍ବରୁ ସେ ଦେଶ ପକ୍ଷରୁ ସର୍ବାଧିକ ଗୋଲ କରିଛନ୍ତି।

## ଏଲ୍‌ପିଏଲ୍‌ରେ ଲାଞ୍ଚ: ମଞ୍ଜୋତ କାର୍ଲା ଗିରଫ

ନୂଆଦିଲ୍ଲୀ,୧୭।୭(ଏଜେନ୍ସି): ଭାରତର ୨୦୧୮ ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ମଞ୍ଜୋତ କାର୍ଲାଙ୍କୁ ଶ୍ରୀଲଙ୍କାରେ ଲଙ୍କା ପ୍ରିମିୟର ଲିଗ୍ (ଏଲ୍‌ପିଏଲ୍) ସମୟରେ ଜଣେ ଖେଳାଳିଙ୍କୁ ଲାଞ୍ଚ ଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଶୁକ୍ରବାର ଗିରଫ କରାଯାଇଛି। ୨୭ ବର୍ଷୀୟ କାର୍ଲା ଚଳିତ ବର୍ଷ ଜାଫ୍ନା କିଙ୍ଗ୍ସ ଦଳର ସହ-ମାଲିକ ହୋଇଥିଲେ। ଅଭିଯୋଗ ଅନୁସାରେ, ସେ ଜଣେ ଖେଳାଳିଙ୍କୁ ଅର୍ଥ ପ୍ରଲୋଭନ ଦେଇଥିଲେ। ପରେ ଏହି ଘଟଣା ସମ୍ପର୍କରେ ଖେଳାଳି କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ କହିଛି, ଦୁର୍ନୀତି ବିରୋଧରେ ତାହାର 'ଶୂନ ସହନଶୀଳତା' ନୀତି ଜାରି ରହିଛି ଏବଂ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ତେବେ ଏହି ଘଟଣା ସତ୍ତ୍ୱେ ଲଙ୍କା ପ୍ରିମିୟର ଲିଗ୍ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଚାଲୁରହିବ।


## କୋଚ୍ ପଦ ଦୌଡ଼ରୁ ଓହରିଲେ ଫ୍ଲାୱାର

ଲଣ୍ଡନ,୧୭।୭(ଏଜେନ୍ସି): ଇଂଲଣ୍ଡ କ୍ରିକେଟ୍ ଦଳର ପୂର୍ବତନ ମୁଖ୍ୟ କୋଚ୍ ଆଣ୍ଡି ଫ୍ଲାୱାର ନିଜକୁ ଆଗାମୀ ଟେଷ୍ଟ କୋଚ୍ ପଦବୀ ଦୌଡ଼ରୁ ଦୂରେଇ ରଖିଛନ୍ତି। ନିକଟରେ ଇଂଲଣ୍ଡ ଏଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକକୁଲମଙ୍କୁ ଖରାପ ପ୍ରଦର୍ଶନ ଓ କିଛି ବିବାଦ କାରଣରୁ ଟେଷ୍ଟ ଦାୟିତ୍ୱରୁ ବହିଷ୍କାର କରିବା ପରେ ଏହି ପଦବୀ ଖାଲି ପଡ଼ିଛି। ସେ ପୁଣି ଥରେ ଏହି ଦାୟିତ୍ୱ ନେବାକୁ ମନା କରିଦେଇଛନ୍ତି।

## ସେମିରେ ସିନ୍ଧୁ

ଟୋକିଓ,୧୭।୭(ଏଜେନ୍ସି): ଭାରତୀୟ ମହିଳା ବ୍ୟାଡମିଣ୍ଟନ ତାରକା ତଥା ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ 'ଜାପାନ ଓପନ୍ ୨୦୨୬' (ସୁପର ୭୫୦)ର ମହିଳା ଏକକ ସେମିରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯିବାକୁ ଥିବା କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ପୂର୍ବରୁ ଜାପାନର ପୂର୍ବତନ ବିଶ୍ୱ ଚାମ୍ପିଅନ ନୋଜୋମି ଓକୁହାରା ଆହତ ଜନିତ ସମସ୍ୟା କାରଣରୁ ଓହରି ଯାଇଥିଲେ। ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଓକୁହାରାଙ୍କ ଏହି ନିଷ୍ପତ୍ତି ପରେ ସିନ୍ଧୁଙ୍କୁ ୱାକଓଭର ଦିଆଯାଇଛି। ସେମିରେ ସିନ୍ଧୁଙ୍କ ସାମ୍ନା ଚୀନ୍‌ର ଟୋକିଓ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଚେନ୍ ୟୁଫେଇଙ୍କ ସହ ହେବ।

## କିଂବଦନ୍ତୀ କ୍ରିକେଟର ଗ୍ୟାରୀ ସୋବର୍ସଙ୍କ ପରଲୋକ



ବାର୍ବାଡୋସ୍,୧୭।୭(ଏଜେନ୍ସି): ୱେଷ୍ଟଇଣ୍ଡିଜର୍ କିଂବଦନ୍ତୀ କ୍ରିକେଟ୍‌ର, ପ୍ରବାଦ ପୁରୁଷ ତଥା ବିଶ୍ୱ କ୍ରିକେଟ୍ ଇତିହାସର ସର୍ବଶ୍ରେଷ୍ଠ ଅଲ୍‌ରାଉଣ୍ଡର ସାର୍ ଗାରଫିଲ୍ଡ ସୋବର୍ସଙ୍କର ୮୯ ବର୍ଷ ବୟସରେ ବାର୍ବାଡୋସ୍‌ସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କ ପୁତ୍ର ଡାନିଏଲ୍ ସୋବର୍ସ ଏହି ସୂଚନା ଦେଇଛନ୍ତି। ନିଜର ୯୦ତମ ଜନ୍ମଦିନ ପାଳନ କରିବାର ମାତ୍ର ୧୦ ଦିନ ପୂର୍ବରୁ ସେ ଆଖି ବୁଜିଛନ୍ତି। ସୋବର୍ସ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ (୧୯୬୮ ମସିହାରେ ନଟିଂହାମସାୟର ପକ୍ଷରୁ ଖେଳି) ଗୋଟିଏ ଓଭରରେ ୬ଟି ଛକା ମାରିବାର ବିଶ୍ୱର ପ୍ରଥମ କୀର୍ତ୍ତିମାନ ସ୍ଥାପନ କରିଥିଲେ। ୧୯୫୪ରୁ ୧୯୭୪ ମଧ୍ୟରେ ସେ ୯୩ଟି ଟେଷ୍ଟ ମ୍ୟାଚ୍ ଖେଳି ୫୭.୭୮ ହାରରେ ୮,୦୩୨ ରନ୍ (୨୬ ଶତକ, ୩୦ ଅର୍ଦ୍ଧଶତକ) ସଂଗ୍ରହ କରିଥିଲେ। ଏହାସହ ବାମହାତୀ ବୋଲିଂ କରି ସେ ୨୩୫ଟି ଟେଷ୍ଟ ୱିକେଟ୍ ମଧ୍ୟ ଅକ୍ତିଆର କରିଥିଲେ। ବିଶ୍ୱ କ୍ରିକେଟ୍‌ରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ୨୦୦୪ ମସିହାରୁ ଆଇସିସି ପକ୍ଷରୁ ପ୍ରତିବର୍ଷ ବର୍ଷର ଶ୍ରେଷ୍ଠ ପୁରୁଷ କ୍ରିକେଟରଙ୍କୁ 'ସାର୍ ଗାରଫିଲ୍ଡ ସୋବର୍ସ ଟ୍ରଫି' ପ୍ରଦାନ କରାଯାଉଛି। "କ୍ରିକେଟ୍ ଜଗତର ଜଣେ ପ୍ରକୃତ ଆଇକନ୍ ତଥା ସର୍ବଶ୍ରେଷ୍ଠ ଅଲ୍‌ରାଉଣ୍ଡର ସାର୍ ଗାରଫିଲ୍ଡ ସୋବର୍ସଙ୍କ ପରଲୋକରେ ବିସିସିଆଇ ଗଭୀର ଶୋକ ପ୍ରକାଶ କରିଛି। ୱେଷ୍ଟଇଣ୍ଡିଜ୍ କ୍ରିକେଟ୍ ବୋର୍ଡ ଭାବବିହ୍ୱଳ ପୋଷ୍ଟ କରି ଲେଖିଛି, "ଏକ ମହାନ ଇନିଂସର ଅନ୍ତ ଘଟିଲା। ଆମ ହୃଦୟରେ ସାର୍ ଗାରଫିଲ୍ଡ ସୋବର୍ସ ସଦାସର୍ବଦା ଅମର ରହିବେ।' ଗ୍ଲୋବାଲ୍ ଗେମ୍ ଏବଂ କ୍ୟାରିବିଆନ୍ କ୍ରିକେଟ୍ ପ୍ରତି ତାଙ୍କର ଅବଦାନ ଚିରସ୍ମରଣୀୟ ରହିବ।'

**ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍**

## ଭାରତୀୟ ଦଳରେ ସୁନେଲିତା ଏକମାତ୍ର ଓଡ଼ିଆ



ନୂଆଦିଲ୍ଲୀ,୧୭।୭(ଏଜେନ୍ସି)

ଆସନ୍ତା ଅଗଷ୍ଟ ୧୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ନେଦରଲ୍ୟାଣ୍ଡ ଏବଂ ବେଲଜିୟମର ଯୌଥ ଆୟୋଜନରେ ଖେଳାଯିବାକୁ ଥିବା 'ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ୨୦୨୬' ପାଇଁ ହକି ଇଣ୍ଡିଆ ଶୁକ୍ରବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ତାରକା ମିଡ୍‌ଫିଲ୍ଡର ସଲିମା ଟେଟେଙ୍କୁ ଏହି ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ନିକଟରେ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ନେସନ୍ସ କପ୍‌ରେ ଅପରାଜେୟ ରହି ଚାମ୍ପିଅନ୍ ହୋଇଥିବା ଭାରତୀୟ ଦଳ ଏବେ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସରେ ରହିଛି। ଏହି ଦଳରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ତାରକା ମିଡଫିଲ୍ଡର ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ଭାରତକୁ ଚୀନ୍, ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ସହ ପୁଲ୍-ଡି'ରେ ସ୍ଥାନ ଦିଆଯାଇଛି। ଭାରତ ତାର ସମସ୍ତ ପୁଲ୍ ପର୍ଯ୍ୟାୟ ମ୍ୟାଚ୍ ନେଦରଲ୍ୟାଣ୍ଡସର ଆମଷ୍ଟେଲଭିନସ୍ଥିତ 'ୱାଗେନର୍ ହକି ଷ୍ଟାଡିୟମ୍'ରେ ଖେଳିବ।

ଭାରତୀୟ କୋଚ୍ ଜୋଏର୍ଡ ମାରିଜନେଙ୍କ କହିଛନ୍ତି ଯେ, "ଆସନ୍ତା ଗ୍ରୀଷ୍ମ ଋତୁର ଏହି ବଡ଼ ଆହ୍ୱାନ ପାଇଁ ଆମେ ଏକ ଅତି ସନ୍ତୁଳିତ ଦଳ ଚୟନ କରିଛୁ। ବାଙ୍ଗାଲୋର ଜାତୀୟ ଶିବିରରେ ଖେଳାଳିମାନେ କଠିନ ପରିଶ୍ରମ କରିଛନ୍ତି ଏବଂ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ସହ ମୁକାବିଲା କରିବାକୁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ।'

### ଘୋଷିତ ଭାରତୀୟ ମହିଳା ଦଳ

ଗୋଲକିପର-ସବିତା, ବିଚ୍ଛୁ ଦେବୀ ଖାରିବାମ୍, ଡିଫେଣ୍ଡର -ଇଶିକା ଚୌଧୁରୀ, ସୁଶିଲା ଚାନୁ ପୁଖରାମ୍ବାମ୍, ଲାଲଥାନ୍ତଲୁଆଙ୍ଗି, ଜ୍ୟୋତି, ଶିଳ୍ପୀ ଡାବାସ, ମିଡ୍‌ଫିଲ୍ଡର- ନିକ୍କି ପ୍ରଧାନ, ସାକ୍ଷୀ ରାଣା, ସୁନେଲିତା ଟପ୍ପୋ, ସଲିମା ଟେଟେ (ଅଧିନାୟିକା), ନେହା, ଦୀପିକା ସୋରେଙ୍ଗ, ଫରୱାର୍ଡ -ଲାଲରେମସିଆମି, ଋତୁଜା ଦାଦାସୋ ପିସାଲ, ନବନୀତ କୌର, ଦୀପିକା, ଇଶିକା, ବଲଜିତ କୌର, ବିଉଟି ଡୁଙ୍ଗଡୁଙ୍ଗ।

### ପୁଲ୍-ଡି'ରେ ଭାରତର କାର୍ଯ୍ୟସୂଚୀ

ଅଗଷ୍ଟ ୧୬: ବନାମ ଚୀନ୍
ଅଗଷ୍ଟ ୧୮ : ବନାମ ଦକ୍ଷିଣ ଆଫ୍ରିକା
ଅଗଷ୍ଟ ୨୦ : ବନାମ ଇଂଲଣ୍ଡ

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS